# ଧରିତ୍ରୀ DHARITRI

ସମ୍ବଲପୁର, ଶନିବାର, ଫେବୃୟାରୀ ୨୯/୨୦୨୦ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, February 29 / 2020 ★★

୧୬ଶ ଭାଗ ୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-





## ମାଗାଜିନ୍ ପାଇଁ ସୋନାକ୍ଷୀଙ୍କ ଫଟୋଶୁଟ୍

ବଲିଉଡ୍ ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା ପିକକ୍ ମାଗାଜିନ ପାଇଁ ଫଟୋଶୁଟ୍ କରିବା ପରେ ଏହାକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିରେ ତାଙ୍କ ଗ୍ଲାମରସ ଲୁକ୍ ଦେଖିବାକୁ ମିଳିଛି। ୧୦

୧୪

## ମନୀଷାଙ୍କୁ ସ୍ୱର୍ଣ୍ଣ ପଦକ

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହିଳା ଲଙ୍ଗଜମ୍ପ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି ସମ୍ବଲପୁର ବିଶ୍ୱବିଦ୍ୟାଳୟର ମନୀଷା ମେହେର।






ଭବ୍ୟ ଭୋଜନ: ନବୀନ ନିବାସରେ ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସୁସ୍ୱାଦୁ ଓଡ଼ିଆ ଖାଦ୍ୟ ଦେଇ ଆପ୍ୟାୟିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। (ରିପୋର୍ଟ: ପୃଷ୍ଠା-୫)

# ‘ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ରାଜ୍ୟ ମାନ୍ୟତା ଦିଅ’

ଭୁବନେଶ୍ୱର,୨୮।୨(ବ୍ୟୁରୋ)

**ପୂର୍ବାଞ୍ଚଳ ଜୋନ୍ ପରିଷଦ ବୈଠକ**

- କୋଇଲା ରୟାଲ୍‌ଟି ସଂଶୋଧନ, କ୍ଲିନ୍ ଏନର୍ଜି ସେସ୍ ପ୍ରସଙ୍ଗ ଉଠାଇଲେ ନବୀନ
- ଏନ୍‌ଆର୍‌ସି, ଏନ୍‌ପିଆର୍ ଏଜେଣ୍ଡାରେ ନ ଥିଲା: ମମତା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ରାଜ୍ୟ ମାନ୍ୟତା ଦେବାକୁ ଶୁକ୍ରବାର ଲୋକସେବା ଭବନଠାରେ ଅନୁଷ୍ଠିତ ୨୪ ତମ ପୂର୍ବାଞ୍ଚଳ ଜୋନ ବୈଠକରେ ଦାବି କରିଛନ୍ତି। ଓଡିଶା ସବୁ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କ୍ଷତିଗ୍ରସ୍ତ ହେଉଛି। ପ୍ରାକୃତିକ ବିପତ୍ତି ପ୍ରବଣ ମାନଦଣ୍ଡ(କ୍ରାଇଟେରିଆ)କୁ ନେଇ ଓଡିଶାକୁ ସ୍ପେଶାଲ ଫୋକସ ରାଜ୍ୟ ମାନ୍ୟତା ଦେବା ନେଇ ବିଚାର କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଆଗରେ ଦାବି ଉପସ୍ଥାପନ କରିଛନ୍ତି । ବୈଠକ ଆରମ୍ଭରେ ସ୍ୱାଗତ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ ଗତ ଫନୀ ବାତ୍ୟା ବେଳେ ସହଯୋଗ ପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟରେ ରେଳ ପ୍ରକଳ୍ପକୁ ନେଇ ନିଜର ଉଦ୍‌ବେଗ କେନ୍ଦ୍ରକୁ ଜଣାଇଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାର ରେଳ ପ୍ରକଳ୍ପ ପାଇଁ ମାଗଣାରେ ଜମିଦେବା ସହ ପ୍ରକଳ୍ପ ଖର୍ଚ୍ଚର ୫୦ ପ୍ରତିଶତ ଅର୍ଥ ଦେବାକୁ ରାଜି ହୋଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁ ନାହିଁ। ଧାନ ସହାୟତା ରାଶି ମିଳୁ ନ ଥିବାରୁ ଚାଷୀମାନଙ୍କ ପାଇଁ ବଡ ସମସ୍ୟା ସୃଷ୍ଟି ହୋଇଛି। ଟେଲିଯୋଗାଯୋଗକୁ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯଦି ସମଗ୍ର ଦେଶକୁ ଧରାଯାଏ ତେବେ କେନ୍ଦ୍ର ତାଲିକାରେ ପୂର୍ବାଞ୍ଚଳ ଟେଲିଭିତ୍ତିଭୂମି, ବ୍ୟାଙ୍କ, ରେଳ ଏବଂ ରାସ୍ତା ଆଦିର ସାନ୍ଦ୍ରତା କ୍ଷେତ୍ରରେ ବହୁ ପଛରେ ରହିଛି। ଏହି ଅଞ୍ଚଳ ପାଇଁ କେନ୍ଦ୍ରୀୟ ଅନୁଦାନ ଦୁଇଗୁଣା ହେବା ଦରକାର। ଦେଶକୁ ପ୍ରଚୁର ଖଣିଜ ସମ୍ପଦ, ଶକ୍ତି ସୁରକ୍ଷା ଯୋଗାଇବାରେ ପୂର୍ବାଞ୍ଚଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛି। ଏହାର ଫଳ ଏହି ଅଞ୍ଚଳ ଏବଂ ଲୋକମାନଙ୍କର ଆର୍ଥିକ ଅଭିବୃଦ୍ଧିରେ ଯଥେଷ୍ଟ ସହାୟକ ହୋଇପାରିବ। ୨୦୧୨ରୁ କୋଇଲା ରୟାଲ୍‌ଟି ସଂଶୋଧନ କରାଯାଇ ନାହିଁ। ତୁରନ୍ତ କୋଇଲା ରୟାଲ୍‌ଟି ବୃଦ୍ଧି କରିବାକୁ ନବୀନ କେନ୍ଦ୍ର ନିକଟରେ ଦାବି କରିଛନ୍ତି। ଏଥିସହିତ କ୍ଲିନ ଏନର୍ଜି ସେସ୍ ରାଜ୍ୟକୁ ଦେବା ଲାଗି ଦାବି କରିଛନ୍ତି। ପୂର୍ବାଞ୍ଚଳ ରାଜ୍ୟଗୁଡିକ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରିବା ଉପରେ ନବୀନ ଜୋର ଦେଇଥିଲେ। ଆମ ରାଜ୍ୟ ଆଦିବାସୀ ବହୁଳ ହୋଇଥିବାରୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ହୋ, ଭୂମିଜ ଏବଂ ମୁଣ୍ଡାରୀ ଆଦିବାସୀ ଭାଷାକୁ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ଦାବି କରିଛନ୍ତି। ରାଜ୍ୟ-ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଉତ୍ତମ ସମ୍ପର୍କ ଏବଂ ଜାତୀୟ ସଂହତି ବଜାୟ ରଖିବା ହେଉଛି ଏହି ବୈଠକର ମୂଳ ଲକ୍ଷ୍ୟ। ଆର୍ଥିକ, ଭିତ୍ତିଭୂମି, ବୈଷୟିକ ସଂହତି ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଆବେଗପୂର୍ଣ୍ଣ ସଂହତିକୁ ମଜଭୁତ କରିଥାଏ ବୋଲି ନବୀନ କହିଛନ୍ତି।

ବୈଠକରେ ଅଧ୍ୟକ୍ଷତା କରି ଶାହା ପରିଷଦର ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇବା ସହ କେନ୍ଦ୍ର-ରାଜ୍ୟ ଓ ଆନ୍ତଃରାଜ୍ୟ ପ୍ରସଙ୍ଗର ସହମତି ଭିତ୍ତିରେ ସମାଧାନ ଦିଗରେ ଏହି ବୈଠକ ଫଳପ୍ରଦ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଙ୍କଳ୍ପ ଆଧାରରେ ବ୍ୟାପକ ବିଚାର ଆଲୋଚନା ପରେ ସହମତି ଭିତ୍ତିରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହେବା ଉଚିତ। ଏହାଦ୍ୱାରା ଦେଶର ସଂଘୀୟ ଢାଞ୍ଚା ଆହୁରି ସୁଦୃଢ଼ ହୋଇପାରିବ। ଆଞ୍ଚଳିକ ପରିଷଦ ବ୍ୟବସ୍ଥା ଫଳପ୍ରଦ ହୋଇଥିବାରୁ ☞ପୃଷ୍ଠା-୪


## ହୋମଗାର୍ଡଙ୍କୁ ଦୈନିକ ମଜୁରି ୫ଶହ ଟଙ୍କା ଦିଅ: ହାଇକୋର୍ଟ | ପୃଷ୍ଠା ୪


# ଏଥର ରେକର୍ଡ ଭାଙ୍ଗିବ ତାତି

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

**ଭୂ-ବିଜ୍ଞାନ ମନ୍ତ୍ରଣାଳୟ, ଆଇଏମ୍‌ଡିର ପୂର୍ବାନୁମାନ**

- ପଶ୍ଚିମ, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ହେବ ପ୍ରବଳ ଖରା
- ଉପକୂଳ ଓଡ଼ିଶାରେ ଖରା ସାଙ୍ଗକୁ ଗୁଳୁଗୁଳି

ଚଳିତ ବର୍ଷ ରାଜ୍ୟରେ ପ୍ରଚଣ୍ଡ ଖରା ହେବ। କେବଳ ଓଡ଼ିଶା ନୁହେଁ, ଦେଶର କୋର୍ ହିଟ୍ ୱେଭ୍ ଜୋନ୍‌ରେ ଆସୁଥିବା ବିଭିନ୍ନ ରାଜ୍ୟରେ ଏହା ଅନୁଭବ ହେବ। ମାର୍ଚ୍ଚ, ଏପ୍ରିଲ୍ ଓ ମେ'ରେ ପୂର୍ବରୁ ଯେତେ ସବୁ ସର୍ବାଧିକ ତାପମାତ୍ରା ରେକର୍ଡ ହୋଇଛି ତାହା ଚଳିତବର୍ଷ ଟପିଯିବ ବୋଲି କୁହାଯାଉଛି। ଉଭୟ ଭୂ-ବିଜ୍ଞାନ ମନ୍ତ୍ରଣାଳୟ ଓ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଏହି ପୂର୍ବାନୁମାନ କରିଛନ୍ତି। କୋର ହିଟ୍ ୱେଭ୍ ଜୋନ୍‌ରେ ଆସୁଥିବା ରାଜ୍ୟଗୁଡ଼ିକ ହେଲା ରାଜସ୍ଥାନ, ଦିଲ୍ଲୀ, ଗୁଜରାଟ, ଉତ୍ତରପ୍ରଦେଶ, ହରିୟାଣା, ଛତିଶଗଡ଼, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ☞ପୃଷ୍ଠା-୪

# ଦିଲ୍ଲୀ ଦଙ୍ଗା: ମୃତ୍ୟୁସଂଖ୍ୟା ୪୩

ନୂଆଦିଲ୍ଲୀ,୨୮।୨(ପି.ଟି.)

କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଦିଲ୍ଲୀରେ ଚାଲିଥିବା ସଂଘର୍ଷରେ ମୃତ୍ୟୁସଂଖ୍ୟା ୪୩ ଛୁଇଁଛି। ଗୁରୁବାର ସୁଦ୍ଧା ୩୮ ଜଣଙ୍କ ଜୀବନ ଯାଇଥିବାବେଳେ ଶୁକ୍ରବାର ଗୁରୁ ତେଗ୍ ବାହାଦୁର (ଜିଟିବି) ହସ୍ପିଟାଲରେ ଆଉ ୫ ଜଣଙ୍କ ମୃତ୍ୟୁ ଘଟିଛି। ଜାଫରାବାଦ, ମୌଜପୁର, ଚାନ୍ଦବାଗ, ଖୁରେଜି ଖାସ ଓ ଭଜନପୁରା ଅଞ୍ଚଳରେ ଘଟିଥିବା ସାମ୍ପ୍ରଦାୟିକ ଦଙ୍ଗାରେ ୨୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଲୋକନାୟକ ଜୟପ୍ରକାଶ ହସ୍ପିଟାଲ ଓ ଜଗ୍ ପ୍ରବେଶ ଚନ୍ଦ୍ର ହସ୍ପିଟାଲରେ ଆହୁରି ଅନେକ ଗୁଳିବିଦ୍ଧ ପୀଡ଼ିତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆଗକୁ ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା ଶୁକ୍ରବାର ଉତ୍ତର-ପୂର୍ବ ଦିଲ୍ଲୀର ଜାଫରାବାଦର ଦଙ୍ଗାଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେ ମହିଳାମାନଙ୍କ ଅବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ରେଖା କହିଛନ୍ତି, ସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି। କିନ୍ତୁ ଅନେକ ସ୍ଥାନରେ ଉତ୍ତେଜନା ପ୍ରଶମିତ ହୋଇନାହିଁ। ସେ ଶନିବାର ମଧ୍ୟ ଆଉ କେତେକ ଅଞ୍ଚଳକୁ ଯାଇ ସ୍ଥିତି ସମୀକ୍ଷା କରିବେ ବୋଲି କହିଛନ୍ତି। ଦିଲ୍ଲୀ ଉପରାଜ୍ୟପାଳ ଅନିଲ ବୈଜାଲ ମଧ୍ୟ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ଅନ୍ୟପକ୍ଷରେ ସାମ୍ପ୍ରଦାୟିକ ଦଙ୍ଗାରେ ୪୩ ଜଣଙ୍କ ଜୀବନ ଚାଲିଯିବା ପରେ ମଧ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସାଧାରଣରେ ଏହାକୁ ନେଇ କୌଣସି ବକ୍ତବ୍ୟ ରଖି ନ ଥିବାରୁ ଏନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ।


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ବିଜ୍ଞାପନ

ଏତଦ୍‌ଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ବିଭିନ୍ନ ମାର୍ଗମାନଙ୍କରେ ନୂତନ ଅସ୍ଥାୟୀ ପରମିଟ୍ ପ୍ରାପ୍ତି ନିମନ୍ତେ ବସ୍ ମାଲିକମାନେ ପ୍ରସ୍ତାବିତ ସମୟ ସହ ଦରଖାସ୍ତ କରିଅଛନ୍ତି । ଉକ୍ତ ବସ୍‌ଗୁଡିକର ରେଜିଷ୍ଟ୍ରେସନ୍ ନମ୍ବର, ମାଲିକଙ୍କ ନାମ, ଆବେଦନ କରିଥିବା route ଏବଂ timing ପରିବହନ କମିଶନରଙ୍କର Website : www.odishatransport.gov.in / orissatransport.nic.in ରେ ଉପଲବ୍ଧ । ଏହି ପରମିଟ୍ ଦରଖାସ୍ତ ଉପରେ ଯଦି କାହାର କୌଣସି ଆପତି ଥାଏ ତାହେଲେ Odisha Permit Management System (OPMS) ରେ ବସ୍ ମାଲିକମାନେ ଆପତି ଦାଖଲ କରିପାରିବେ । ଏହାଛଡା ଶୁଣାଣୀ ଦିନ ମଧ୍ୟ ଆପତି ଦାଖଲ କରିପାରିବେ ।

ଉପରୋକ୍ତ ଦରଖାସ୍ତଗୁଡିକର ଶୁଣାଣୀ ପରିବହନ କମିଶନରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, ୭ମ ମହଲା, ରାଜସ୍ୱପର୍ଷଦ ଭବନ, କଟକ ଠାରେ ନିମ୍ନମତେ କରାଯିବ ।

| କ୍ରମିକ ସଂଖ୍ୟା | ତାରିଖ | ସମୟ |
|---|---|---|
| ୧ ରୁ ୧୦୦ | ୦୬.୦୩.୨୦୨୦ | ୧ ରୁ ୫୦ – ୧୧ ଘଟିକା<br>୫୧ରୁ ୧୦୦ – ୩ ଘଟିକା |
| ୧୦୧ ରୁ ୨୦୦ | ୦୭.୦୩.୨୦୨୦ | ୧୦୧ ରୁ ୧୫୦ – ୧୧ ଘଟିକା<br>୧୫୧ ରୁ ୨୦୦ – ୩ ଘଟିକା |
| ୨୦୧ ରୁ ୩୦୦ | ୧୬.୦୩.୨୦୨୦ | ୨୦୧ ରୁ ୨୫୦ – ୧୧ ଘଟିକା<br>୨୫୧ରୁ ୩୦୦ – ୩ ଘଟିକା |
| ୩୦୧ ରୁ ୩୮୭ | ୧୭.୦୩.୨୦୨୦ | ଦିବା ୧୧ ଘଟିକା |

ରାଜ୍ୟ ପରିବହନ ପ୍ରାଧିକାରୀଙ୍କ ଦ୍ୱାରା ଆୟୋଜିତ ୨୮୭ ତମ ବୈଠକର ନିଷ୍ପତି ଅନୁଯାୟୀ ନିର୍ଦ୍ଦିଷ୍ଟ ଆନ୍ତଃଜିଲ୍ଲା ମାର୍ଗ ସବିରାମ ଯାତ୍ରୀବାହୀ ଯାନ ଅସ୍ଥାୟୀ ଅନୁମତି ପତ୍ର ନିମନ୍ତେ ପ୍ରଥମ ଦରଖାସ୍ତ ଦାଖଲ ହେବା ଦିନଠାରୁ ୩ ମାସ ମଧ୍ୟରେ ଦାଖଲ ହୋଇଥିବା ଆବେଦନ ପତ୍ରଗୁଡିକୁ କିମ୍ବା ଶୁଣାଣୀ ଦିବସ ଧାର୍ଯ୍ୟ ଦିନ ପର୍ଯ୍ୟନ୍ତ ପାଇଥିବା (ଯେଉଁଟି ଆଗ) ଆବେଦନ ପତ୍ରଗୁଡିକ ଏକ ସଙ୍ଗେ ବିଚାରକୁ ନିଆଯବ । ଉକ୍ତ ଦିବସ ପରେ ଦାଖଲ ହୋଇଥିବା ଦରଖାସ୍ତ ଏକ ସଙ୍ଗେ ବିଚାରକୁ ନିଆଯିବ ନାହିଁ । ଏଥି ନିମନ୍ତେ ଦରଖାସ୍ତ ଏବଂ ଆପତି କରିଥିବା ବସ୍‌ମାଲିକମାନେ ଉକ୍ତ ଦିନ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ନିଜର ପକ୍ଷ ଲିଖିତ ଭାବେ ଏବଂ ମୌଖିକ ଭାବେ ରଖିପାରିବେ । ଦରଖାସ୍ତ କରିଥିବା ବସ୍‌ର Operational Staus ପ୍ରମାଣପତ୍ର, ଦରଖାସ୍ତ ଏବଂ ଆପତି କରିଥିବା ବ୍ୟକ୍ତି ଏବଂ କ୍ଷମତାପ୍ରାପ୍ତ ବ୍ୟକ୍ତି ନିଜର ମୂଳ ପରିଚୟପତ୍ର ଏବଂ କ୍ଷମତା ପତ୍ର ସହ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା ।

ସଚିବ,
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ


**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

## ସମ୍ପର୍କର ଫାଇଦା

**ଆଜିର ମନ୍ତବ୍ୟ**

“ ବେରୋଜଗାରି ଭାରତର ସବୁଠୁ ବଡ଼ ସମସ୍ୟା। ଏଥିରୁ ଧ୍ୟାନ ହଟାଇବାକୁ ଉଦ୍ୟମ କରୁଥିବା ଲୋକେ ଦେଶର ବଡ଼ ଶତ୍ରୁ।

**-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ**





Vencobb FRESH CHICKEN — Taste the difference!

28.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 37 | 76 | 86 |
| CTC | 38 | 77 | 87 |
| DKL | 39 | 79 | 89 |
| BDK | 40 | 80 | 90 |
| BLS | 42 | 83 | 93 |
| ANG | 40 | 80 | 90 |
| BMP | 37 | 76 | 86 |

*Conditions Apply

Issued in the Interest of Consumers





ଚାଇନା ପରେ ଇରାନ କରୋନା ଭୂତାଣୁ ଦ୍ୱାରା ସର୍ବାଧିକ ସଂକ୍ରମିତ ହୋଇଛି। ଗୁରୁବାର ସେଠାରେ ୧୦୬ ନୂଆ ରୋଗୀ ଚିହ୍ନଟ ହେବା ଯୋଗୁ ମୋଟ ସଂକ୍ରମଣଙ୍କ ସଂଖ୍ୟା ୨୪୫ରେ ପହଞ୍ଚିଛି। ଇରାନ ଉପରାଷ୍ଟ୍ରପତି ମାସୁମେ ଏବତେକାର ମଧ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡିଛି। ଇତିମଧ୍ୟରେ ସେଠାରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୨୬ରେ ପହଞ୍ଚିଲାଣି।



ଦିଲ୍ଲୀର ଚାନ୍ଦବାଗରେ ସ୍ୱାଭାବିକ ହେଉଛି ଜୀବନଯାତ୍ରା।



ଏକ ମାର୍କେଟ ଏରିଆ ଜନଶୂନ୍ୟ ହୋଇଯାଇଥିବାବେଳେ ସେଠାରେ ଜାତୀୟ ପତାକା ଉଡୁଛି।



ମୁସ୍ତାଫା ଅଞ୍ଚଳରେ ଦଙ୍ଗା ପ୍ରଭାବିତଙ୍କ ପାଇଁ ଚା ତିଆରି କରୁଛନ୍ତି ସ୍ୱେଚ୍ଛାସେବୀ।

# ବିସ୍ଫୋରଣରେ ୩ ମୃତ

ଚଣ୍ଡିଗଡ଼,୨୮।୨(ପି.ଟି.)

ହରିୟାଣାର ଝାଜ୍ଜର ଜିଲା ଅନ୍ତର୍ଗତ ବାହାଦୁରଗଡ଼ରେ ଥିବା ଏକ ଫ୍ୟାକ୍ଟ୍ରିରେ ଶୁକ୍ରବାର ବଡ଼ ଧରଣର ବିସ୍ଫୋରଣ ହୋଇଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ହେବା ସହ ୨୫ ଆହତ ହୋଇଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ପ୍ରଭାବରେ ଉକ୍ତ ଫ୍ୟାକ୍ଟ୍ରି ପାଖରେ ଥିବା ଅନ୍ୟ ୫ଟି କାରଖାନା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଫ୍ୟାକ୍ଟ୍ରି ମଧ୍ୟରେ କେତେଜଣ ଫସି ରହିଥିବା ଆଶଙ୍କା କରାଯାଉଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବିସ୍ଫୋରଣର କାରଣ ଜଣାପଡିନାହିଁ।

# ରାଜଧାନୀ ଏକ୍ସପ୍ରେସ୍‌ରେ ବୋମା ଗୁଜବ

ନୂଆଦିଲ୍ଲୀ,୨୮।୨(ପି.ଟି.)

ନୂଆଦିଲ୍ଲୀରୁ ଡିବ୍ରୁଗଡ଼ ଯାଉଥିବା ରାଜଧାନୀ ଏକ୍ସପ୍ରେସରେ ୫ଟି ବୋମା ରହିଥିବା ଜଣେ ଯାତ୍ରୀ ଟୁଇଟ୍ କରି ଜଣାଇବା ପରେ ଏହାକୁ ନେଇ ଆତଙ୍କ ଖେଳିଯାଇଥିଲା। ସୂଚନା ପାଇବା ପରେ ରେଳ କର୍ତ୍ତୃପକ୍ଷ ଦାଦ୍ରି ନିକଟରେ ଟ୍ରେନ୍‌କୁ ରୋକିଥିଲେ। ଘଟଣାସ୍ଥଳକୁ ସୁରକ୍ଷା ବଳ ପଠାଯାଇଥିଲା। ଯାଞ୍ଚ ପରେ ଏହା ଏକ ଗୁଜବ ବୋଲି ଜଣାପଡିଛି। ଟୁଇଟ୍ କରିଥିବା ଯାତ୍ରୀ ଜଣକ ସଞ୍ଜୀବ ସିଂ ଗୁର୍‌ଜାର ବୋଲି ପରିଚୟ ଦେଇଛନ୍ତି। ମିଛ ସୂଚନା ଦେଇଥିବା ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରେଲୱେ ମୁଖପାତ୍ର କହିଛନ୍ତି।

# ଟ୍ରାକ୍‌କୁ ଫେରୁଛି ଦିଲ୍ଲୀ

ନୂଆଦିଲ୍ଲୀ,୨୮।୨

ପାଞ୍ଚଦିନ ପରେ ଦିଲ୍ଲୀବାସୀଙ୍କୁ ମିଳିଛି ସାମାନ୍ୟ ଆଶ୍ୱସ୍ତି। ସାମ୍ପ୍ରଦାୟିକ ଦଙ୍ଗାରେ ୪୩ ଜଣଙ୍କ ଜୀବନ ଚାଲିଯିବା ଉତ୍ତାରୁ କେତେକ ଅଞ୍ଚଳରେ ଧୀରେ ଧୀରେ ଶାନ୍ତି ଫେରୁଥିବା ପରିଲକ୍ଷିତ ହୋଇଛି। ସମୟ ଗଡ଼ିଚାଲିବା ସହ ଟ୍ରାକ୍‌କୁ ଫେରୁଛି ଜାତୀୟ ରାଜଧାନୀ। ଲୋକେ ନିଜ ନିଜ କର୍ମକ୍ଷେତ୍ରକୁ ବାହାରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ରାସ୍ତାଘାଟରେ ଦେଖିବାକୁ ମିଳୁଛି ଧ୍ୱଂସର ବିଭୀଷିକା। ଦଙ୍ଗାକାରୀମାନେ କେଉଁଠି ଘର, ସ୍କୁଲ ଓ ଯାନବାହାନ ଆଦି ପୋଡ଼ି ଦେଇଥିବାବେଳେ ଆଉ କେଉଁ ସ୍ଥାନରେ ଦଙ୍ଗାରେ ବ୍ୟବହାର ପାଇଁ ରଖାଯାଇଥିବା ଟେକାପଥର, ପେଟ୍ରୋଲ ବୋମା ଓ ଅନ୍ୟ ମାରଣାସ୍ତ୍ର ଦେଖିବାକୁ ମିଳିଛି। ସିସିଟିଭି ଓ ଡ୍ରୋନ୍ କ୍ୟାମେରାରୁ ସଂଗୃହୀତ ଦୃଶ୍ୟର ଫୁଟେଜକୁ ଛାନଭିନ କରାଯାଉଛି। ଦଙ୍ଗା ପୀଡ଼ିତମାନେ କାନ୍ଦି କାନ୍ଦି ନିଜ ନିଜ ଦୁଃଖର କାହାଣୀ ବଖାଣୁଥିବାବେଳେ ବିଗତ ୬୦ ଘଣ୍ଟା ମଧ୍ୟରେ କେଉଁଠି ବି ହିଂସା ଘଟି ନ ଥିବା ଦାବି କରିଛି ଦିଲ୍ଲୀ ପୋଲିସ। ବର୍ତ୍ତମାନ ଦିଲ୍ଲୀକୁ ପୂର୍ବ ଭଳି ଶାନ୍ତ କରିବା ଓ ଦଙ୍ଗା ପ୍ରଭାବିତ ଲୋକଙ୍କ ପୁନର୍ବାସ ଓ ଥଇଥାନ ପୋଲିସ ପ୍ରଶାସନ ପାଇଁ ପାଲଟିଛି ସବୁଠୁ ବଡ଼ ଚ୍ୟାଲେଞ୍ଜ।

ରାଜଧାନୀ ଦିଲ୍ଲୀରେ ଏପରି ଦଙ୍ଗା ୩ ଦଶନ୍ଧି ମଧ୍ୟରେ ଦେଖିବାକୁ ମିଳି ନ ଥିଲା। ଦୁଇ ସମ୍ପ୍ରଦାୟ ମଧ୍ୟରେ ଘଟିଥିବା ସଂଘର୍ଷ, ହିଂସା ଓ ଜଳାପୋଡ଼ାରେ କେତେ କ୍ଷୟକ୍ଷତି ହୋଇଛି ତା' ଉପରୁ କ୍ରମଶଃ ଧୂଆଁର ବାଦଲ ଉଠୁଛି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ବୁଲି ମସ୍‌ଜିଦଗୁଡ଼ିକର ଇମାମ ଓ ମୌଲବୀମାନଙ୍କୁ ଭେଟୁଛନ୍ତି। ଶୁକ୍ରବାର ମସ୍‌ଜିଦଗୁଡ଼ିକରେ ପ୍ରାର୍ଥନା ଅବସରରେ କଡ଼ା ନଜର ରଖାଯାଇଛି। ସେମାନେ ଖୁବ୍‌ଶୀଘ୍ର ଶାନ୍ତି ଫେରାଇ ଆଣିବାର ପ୍ରତିଶ୍ରୁତି ମଧ୍ୟ ଦେଉଛନ୍ତି। ଇତିମଧ୍ୟରେ ପ୍ରାୟ ୧୫୦ ମାମଲା ରୁଜୁ କରାଯାଇଥିବାବେଳେ ୬୩୦ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି କିମ୍ବା ଅଟକ ରଖାଯାଇଛି। ବରିଷ୍ଠ ଆଇପିଏସ୍ ଅଫିସର ଏସ୍.ଏନ୍. ଶ୍ରୀବାସ୍ତବଙ୍କୁ ଦିଲ୍ଲୀ ପୋଲିସର ନୂଆ କମିଶନର ଭାବେ ଦାୟିତ୍ୱ ଦିଆଯାଉଛି। ଅବସର ନେବାକୁ ଯାଉଥିବା ବରିଷ୍ଠ ଓଡ଼ିଆ ଆଇପିଏସ୍ ଅଧିକାରୀ ଅମୂଲ୍ୟ ପଟ୍ଟନାୟକଙ୍କ ସ୍ଥାନରେ ତାଙ୍କୁ ଅବସ୍ଥାପିତ କରାଯାଇଛି। ଶ୍ରୀବାସ୍ତବ ପୋଲିସ କମିଶନର ସହ ସ୍ୱତନ୍ତ୍ର ସିପି ଭାବେ ଅତିରିକ୍ତ ଦାୟିତ୍ୱ ବହନ କରିବାକୁ ଯାଉଛନ୍ତି। କେତେକ ସ୍ଥାନରେ ଦୋକାନ ବଜାର ଖୋଲିଥିବାବେଳେ ରାସ୍ତାରେ ଅଟୋ ଓ ରିକ୍ସା ଗଡ଼ିଛି। ମସ୍‌ଜିଦଗୁଡ଼ିକ ପକ୍ଷରୁ ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍ଭାବନା ଲାଗି ଗୁଜବକୁ ବିଶ୍ୱାସ ନ କରିବା ପାଇଁ ଲୋକଙ୍କୁ ଅନୁରୋଧ କରାଯାଇଛି। କୌଣସି ପ୍ରକାର ଅପ୍ରୀତିକର ସ୍ଥିତିକୁ ଏଡ଼ାଇବା ଲାଗି ଉତ୍ତର-ପୂର୍ବ ଦିଲ୍ଲୀ, ପୂର୍ବ ଦିଲ୍ଲୀ ଓ ଶାହଦରା ଅଞ୍ଚଳରେ ୭ ହଜାର ଅର୍ଦ୍ଧସାମରିକ ବଳ ଯବାନଙ୍କୁ ମୁତୟନ କରାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓଡ଼ିଶା ଗସ୍ତ ପୂର୍ବରୁ ଗୁରୁବାର ରାତିରେ ଏକ ବୈଠକରେ ସ୍ଥିତି ସମୀକ୍ଷା କରିଥିଲେ।

ସେହିପରି ଦିଲ୍ଲୀ ଉପରାଜ୍ୟପାଳ ଅନିଲ ବୈଜାଲ ଉତ୍ତର-ପୂର୍ବ ଦିଲ୍ଲୀର ଦଙ୍ଗା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ସେ ମୌଜପୁର, ଜାଫରାବାଦ ଓ ଗୋକୁଲପୁରୀ ଅଞ୍ଚଳରେ ସ୍ଥାନୀୟ ଲୋକଙ୍କ ସହ ଭାବ ବିନିମୟ କରିଛନ୍ତି। ଏହି ୩ ସ୍ଥାନ ସହ ଚାନ୍ଦବାଗ, ଖୁଜେରି ଓ ଭଜନପୁରା ସବୁଠୁ ବେଶି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ସରକାର ଦଙ୍ଗା ପ୍ରଭାବିତ ଲୋକଙ୍କ ରହିବା ଖାଇବା ପାଇଁ ସବୁ ବ୍ୟବସ୍ଥା କରିଛନ୍ତି। ୯ଟି ଆଶ୍ରୟସ୍ଥଳୀ ଓ ସ୍ଥାନୀୟ କମ୍ୟୁନିଟି ସେଣ୍ଟର ଖୋଲାଯାଇଛି। ଯେଉଁମାନଙ୍କ ଘରଦ୍ୱାର ସମ୍ପୂର୍ଣ୍ଣ ଭାଙ୍ଗିରୁଜି କିମ୍ବା ପୋଡ଼ିଯାଇଛି, ସେମାନେ ଏହି ଅସ୍ଥାୟୀ ଶିବିରରେ ଆଶ୍ରୟ ନେଇପାରିବେ। ଅନେକ ସ୍ଥାନରେ ଲୋକଙ୍କ ପାଇଁ ଖାଦ୍ୟ ବଣ୍ଟନ ଚାଲିଛି ବୋଲି କେଜ୍‌ରିୱାଲ ସୂଚନା ଦେଇଛନ୍ତି। ସେପଟେ ଦଙ୍ଗା ଅଞ୍ଚଳ ପରିଦର୍ଶନ ପାଇଁ କଂଗ୍ରେସ ପକ୍ଷରୁ ଏକ ୫ ଜଣିଆ ପ୍ରତିନିଧି ଦଳ ଗଠନ କରାଯାଇଛି। ଏଥିରେ ବରିଷ୍ଠ ନେତା ମୁକୁଲ ୱାସ୍‌ନିକ, ତାରିକ୍ ଅନ୍‌ୱର, ସୁସ୍ମିତା ଦେବ, ଶକ୍ତିସିଂ ଗୋହିଲ ଓ କୁମାରୀ ସେଲ୍‌ଜା ସାମିଲ ଅଛନ୍ତି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାବେଳେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ତଥା ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଘୃଣା ମନ୍ତବ୍ୟ ଦେଇଥିବାରୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିଶନ ଦାଏର ହୋଇଛି। ହାଇକୋର୍ଟ ଏନେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଓ ଦିଲ୍ଲୀର ଏଏପି ସରକାରଙ୍କୁ ଜବାବ ମାଗିଛନ୍ତି।



୨୪ ତାରିଖରୁ ନିଖୋଜ ଥିବା ଦିଲଶାଦ୍‌ଙ୍କ ସନ୍ଧାନରେ ୬ ବର୍ଷୀୟା ଝିଅ ଆଦିବା ।

**ଦଙ୍ଗା ମୃତ୍ୟୁସଂଖ୍ୟା ୪୩**

- ସବୁଠି ଛାରଖାର, ଧ୍ୱଂସର ଦୃଶ୍ୟ
- ପୋଲିସ-ପ୍ରଶାସନ ପାଇଁ ଥଇଥାନ ବଡ଼ ଚ୍ୟାଲେଞ୍ଜ
- ଗୁଜବ ବିଶ୍ୱାସ ନ କରିବାକୁ ମସ୍‌ଜିଦର ଆହ୍ୱାନ
- ଦଙ୍ଗା ଅଞ୍ଚଳ ବୁଲିଲେ ଉପରାଜ୍ୟପାଳ ବୈଜାଲ
- ପୀଡ଼ିତଙ୍କ ପାଇଁ ଖୋଲାଗଲା କମ୍ୟୁନିଟି ସେଣ୍ଟର

# ଗାନ୍ଧିଜୀଙ୍କ ବିଚାରଧାରା ଆବଶ୍ୟକ

ଜାତିସଂଘ୨୮।୨(ପି.ଟି.)

**ଦିଲ୍ଲୀ ହିଂସାକୁ ନେଇ ଦୁଃଖପ୍ରକାଶ କଲେ ଜାତିସଂଘ ମୁଖ୍ୟ**

ଦିଲ୍ଲୀ ଦଙ୍ଗା ଘଟଣାରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଦୁଃଖ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ବାସ୍ତବ ସାମ୍ପ୍ରଦାୟିକ ସଦ୍ଭାବ ଫେରାଇ ଆଣିବାରେ ମହାତ୍ମା ଗାନ୍ଧୀଙ୍କ ବିଚାରଧାରାର ଅଧିକ ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଛନ୍ତି। ହିଂସାରୁ ଦୂରେଇ ରହିବା ଲାଗି ସର୍ବାଧିକ ଧୈର୍ଯ୍ୟ ରଖିବା ଲାଗି ଗୁଟେରେସ୍ ଦିଲ୍ଲୀବାସୀଙ୍କୁ ଆହ୍ୱାନ ଦେଇଛନ୍ତି।



ଆଣ୍ଟୋନିଓ ଗୁଟେରେସ୍

# ପୋଲିସ କମିଶନର ଭାବେ ଶ୍ରୀବାସ୍ତବଙ୍କୁ ଅତିରିକ୍ତ ଦାୟିତ୍ୱ



ନୂଆଦିଲ୍ଲୀ,୨୮।୨(ପି.ଟି.)

ଦିଲ୍ଲୀ ପୋଲିସରେ ସ୍ୱତନ୍ତ୍ର ପୋଲିସ କମିଶନର(ଆଇନ ଶୃଙ୍ଖଳା) ଭାବେ ଗତ ସପ୍ତାହରେ ନିଯୁକ୍ତି ପାଇଥିବା ବରିଷ୍ଠ ଆଇପିଏସ୍ ଅଫିସର ଏସ୍.ଏନ୍. ଶ୍ରୀବାସ୍ତବ ରବିବାର ଦିଲ୍ଲୀ ପୋଲିସ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୋଲିସ କମିଶନର ପଦରୁ ଶନିବାର ଅବସର ଗ୍ରହଣ କରିବାକୁ ଥିବା ଅମୂଲ୍ୟ ପଟ୍ଟନାୟକଙ୍କଠାରୁ ୧୯୮୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ଶ୍ରୀବାସ୍ତବ ଦାୟିତ୍ୱ ଗ୍ରହଣ କରିବେ। ସିଏଏକୁ ନେଇ ଦିଲ୍ଲୀରେ ସୃଷ୍ଟ ସାମ୍ପ୍ରଦାୟିକ ଦଙ୍ଗା ନିୟନ୍ତ୍ରଣ ପାଇଁ ଶ୍ରୀବାସ୍ତବଙ୍କୁ ଗତ ସୋମବାର ଦିଲ୍ଲୀ ପୋଲିସରେ ସ୍ୱତନ୍ତ୍ର କମିଶନର ଭାବେ ନିଯୁକ୍ତି ଦିଆଯାଇଥିଲା। ପୂର୍ବରୁ ସେ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସରେ କାର୍ଯ୍ୟରତ ଥିଲେ।



## ଇତିହାସର ଆଇନାରେ

**ଫେବୃୟାରୀ ୨୯ର ପ୍ରମୁଖ ଘଟଣା**

୧୯୬୦ ଫେବୃୟାରୀ ୨୯ରେ ପଶ୍ଚିମ ମରକ୍କୋର ଅଗାଦିରରେ ଭୟଙ୍କର ଭୂକମ୍ପ ଦେଖିବାକୁ ମିଳିଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୫.୭ ଥିଲା। ଏହାର ପ୍ରଭାବରେ ପ୍ରାୟ ୧୨ ହଜାର ଲୋକ ପ୍ରାଣ ହରାଇଥିବାବେଳେ ୧୪ ହଜାର ଆହତ ହୋଇଥିଲେ। ମରକ୍କୋର ଉପକୂଳ ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ପାଇଯାଇଥିଲା।

୨୦୧୨ ଫେବୃୟାରୀ ୨୯ରେ ଜାପାନର ଟୋକିଓ ସ୍କାଏଟ୍ରି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଏହା ବିଶ୍ୱର ସବୁଠାରୁ ଉଚ୍ଚ ଟାୱାର ଭାବେ ଜଣାଶୁଣା। ଏହାର ଉଚ୍ଚତା ୬୩୪ ମିଟର। ୨୦୦୮ ଜୁଲାଇ ୧୪ରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୨ ମେ ୨୨ରେ ଏହା ସର୍ବସାଧାରଣଙ୍କ ଲାଗି ଖୋଲାଯାଇଥିଲା।

# ଆମକୁ ପଢ଼ାଅନି ରାଜଧର୍ମ ପାଠ

ନୂଆଦିଲ୍ଲୀ, ୨୮।୨

**କଂଗ୍ରେସକୁ ଭାଜପାର ଜବାବ**



ସୋନିଆ ଗାନ୍ଧୀ



ରବିଶଙ୍କର ପ୍ରସାଦ

ଦିଲ୍ଲୀ ହିଂସାକୁ ନେଇ ଭାଜପା ରାଜଧର୍ମ ପାଳନ କରୁ ବୋଲି କଂଗ୍ରେସ କହିବା ପରେ ଏହାର ଜବାବ ଦେଇଛି ଶାସକ ଦଳ। ଆମକୁ ରାଜଧର୍ମ ପାଠ ପଢ଼ାଅନି ବୋଲି ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଶୁକ୍ରବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଟାର୍ଗେଟ କରି କହିଛନ୍ତି। କଂଗ୍ରେସ ପ୍ରତିନିଧିଦଳ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ରାଜଧର୍ମ ପାଳନ କରିବାକୁ ସରକାରଙ୍କୁ ପରାମର୍ଶ ଦେବାକୁ କହିଥିଲେ। ଇନ୍ଦିରା ଗାନ୍ଧୀ ଉଗାଣ୍ଡାରୁ ଆସିଥିବା ଲୋକଙ୍କୁ ସହଯୋଗ କରିଥିଲେ। ଶ୍ରୀଲଙ୍କା ତାମିଲଙ୍କୁ ରାଜୀବ ଗାନ୍ଧୀ ସହଯୋଗ କରିଥିଲେ। ମନମୋହନ ସିଂ, ତରୁଣ ଗୋଗୋଇ, ଅଶୋକ ଗେହଲଟ ନାଗରିକତା ପ୍ରଦାନ ଲାଗି ସେମାନଙ୍କ ସ୍ୱର ଶାଣିତ କରିଛନ୍ତି। ତେବେ କଂଗ୍ରେସ କାହାକୁ ରାଜଧର୍ମ କହୁଛି ବୋଲି ପ୍ରସାଦ ସୋନିଆଙ୍କୁ ପ୍ରଶ୍ନ କରିଛନ୍ତି। ସିଏଏ ବିରୋଧୀ ରାଲିରେ 'ଏପଟେ ନ ହେଲେ ସେପଟେ' ବୋଲି ସୋନିଆ କହିବା ହିଂସାକାଣ୍ଡକୁ ବଢ଼ାଇବା ଲାଗି ଉଦ୍ଦିଷ୍ଟ। ପାର୍ଲାମେଣ୍ଟରେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରାଯାଇଥିବା ବେଳେ ଦଙ୍ଗା ସୃଷ୍ଟି ଲାଗି ଏମିତି ଉସୁକାଯିବାର ମାନେ କ'ଣ ବୋଲି ରବିଶଙ୍କର କହିଛନ୍ତି। ୨୦୧୦ ମାର୍ଚ୍ଚ ୧୫ରେ ୟୁପିଏ ସରକାର ଏନ୍‌ପିଆର୍ ଲାଗି ବିଜ୍ଞପ୍ତି ଜାରି କରିଥିଲା। ଏବେ କଂଗ୍ରେସ ଏହାକୁ ବିରୋଧ କରୁଛି। ଦିଲ୍ଲୀ ଦଙ୍ଗାକୁ ରାଜନୈତିକ ରୂପ ଦେଉଥିବା କଂଗ୍ରେସର ପ୍ରୟାସକୁ ଭାଜପା ନିନ୍ଦା କରୁଥିବା ସେ ପ୍ରକାଶ କରିଛନ୍ତି।

# ପ୍ରଭାବିତ ଅଞ୍ଚଳ ବୁଲିବ କଂଗ୍ରେସ

**୫ ଜଣିଆ ଟିମ୍ ଗଠିତ**

କଂଗ୍ରେସ ଦିଲ୍ଲୀର ଦଙ୍ଗା ପ୍ରଭାବିତ ୩ ଜିଲା ପରିଦର୍ଶନ କରିବ। ଏଥିପାଇଁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶୁକ୍ରବାର ଏକ ୫ ଜଣିଆ କମିଟି ଗଠନ କରିଛନ୍ତି। ଉକ୍ତ କମିଟିରେ ଏଆଇସିସି ସାଧାରଣ ସମ୍ପାଦକ ମୁକୁଲ ୱାସ୍‌ନିକ, ଦିଲ୍ଲୀ ପ୍ରଭାରୀ ଶକ୍ତିସିଂ ଗୋହିଲ, ହରିୟାଣା କଂଗ୍ରେସ ମୁଖ୍ୟ କୁମାରୀ ସେଲ୍‌ଜା, ପୂର୍ବତନ ଏମ୍‌ପି ତାରିକ୍ ଅନ୍‌ୱର ଓ ମହିଳା କଂଗ୍ରେସ ମୁଖ୍ୟ ସୁସ୍ମିତା ଦେବ ସାମିଲ ଅଛନ୍ତି। ଏମାନେ ଦଙ୍ଗା ଅଞ୍ଚଳ ବୁଲି ଲୋକଙ୍କୁ ଭେଟିବେ। ସ୍ଥିତି ଅନୁଧ୍ୟାନ ପରେ ସେମାନେ କଂଗ୍ରେସ ଅଧ୍ୟକ୍ଷାଙ୍କୁ ତୁରନ୍ତ ଏକ ରିପୋର୍ଟ ପ୍ରଦାନ କରିବେ।

# ପୁଲ୍‌ୱାମା ଆକ୍ରମଣ: ଜଣେ ଗିରଫ

ପୁଲ୍‌ୱାମା,୨୮।୨(ପି.ଟି.)

**ଏନ୍‌ଆଇଏକୁ ପ୍ରଥମ ସଫଳତା**



ଶାକିର ବଶିର ମାଗ୍ରେ

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଶୁକ୍ରବାର ପ୍ରଥମ ବଡ଼ ସଫଳତା ମିଳିଛି। ଗତବର୍ଷ ଫେବୃୟାରୀ ୧୪ରେ ହୋଇଥିବା ଏହି ଆତ୍ମଘାତୀ ଆକ୍ରମଣରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହି ମାମଲାରେ ଜୈଶ-ଇ-ମହମ୍ମଦ (ଜେଇଏମ୍)ର ଜଣେ ସମର୍ଥକ (ଓଭରଗ୍ରାଉଣ୍ଡ ୱାର୍କର)ଙ୍କୁ ଗିରଫ କରାଯାଇଛି। ଶାକିର ବଶିର ମାଗ୍ରେ ନାମକ ଏହି ଅଭିଯୁକ୍ତଙ୍କ ଘର ପୁଲ୍‌ୱାମା ଜିଲାର କାକପୋରା ଅନ୍ତର୍ଗତ ହାଜିବାଲରେ। ସେ ଆତ୍ମଘାତୀ ଆଦିଲ ଅହମଦ ଦର୍‌ଙ୍କୁ ଆଶ୍ରୟ ଦେବା ସହ ଅନ୍ୟାନ୍ୟ ସହାୟତା ଯୋଗାଇଦେଇଥିଲେ। ୨୦୧୮ ମଧ୍ୟଭାଗରେ ଶାକିରଙ୍କର ଆଦିଲଙ୍କ ସହ ପରିଚୟ ହୋଇଥିଲା। ପୁଲ୍‌ୱାମା ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କ ସମେତ ଅନ୍ୟମାନଙ୍କୁ ସେ ବିଭିନ୍ନ ସମୟରେ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା, ଟଙ୍କା ଓ ବିସ୍ଫୋରକ ସାମଗ୍ରୀ ଯୋଗାଇଦେଉଥିଲେ ବୋଲି ଜେରା ବେଳେ ସ୍ୱୀକାର କରିଛନ୍ତି। ସେ ପାକିସ୍ତାନୀ ଆତଙ୍କବାଦୀ ମହମ୍ମଦ ଉମର ଫାରୁକ୍‌ଙ୍କୁ ମଧ୍ୟ ନିଜ ଘରେ ଆଶ୍ରୟ ଦେବା ସହ ଆଇଇଡି ପ୍ରସ୍ତୁତିରେ ସହାୟତା କରିଥିଲେ। ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ସିଆର୍‌ପିଏଫ୍ ଗାଡ଼ି ଚଳାଚଳ ଉପରେ ନଜର ରଖି ଏ ସମ୍ପର୍କରେ ଉମର ଓ ଆଦିଲଙ୍କୁ ସୂଚନା ଦେଉଥିଲେ। ବିସ୍ଫୋରଣ ପୂର୍ବରୁ ମାରୁତି ଇକୋ କାର୍‌ରେ ଆଇଇଡି ଖଞ୍ଜିବାରେ ମଧ୍ୟ ସେ ସହାୟତା କରିଥିଲେ ବୋଲି ଜେରା ବେଳେ କହିଛନ୍ତି।

# କ୍ୟୁରେଟିଭ୍ ପିଟିଶନ ଦାଏର କଲେ ପବନ

ନୂଆଦିଲ୍ଲୀ,୨୮।୨(ପି.ଟି.)

**ନିର୍ଭୟା ମାମଲା**

**ଫାଶୀରୁ ବର୍ତ୍ତିବା ପାଇଁ ଅପରାଧୀଙ୍କ ଶେଷ ଉଦ୍ୟମ**



ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଅପରାଧୀ ଫାଶୀ ପାଇବାକୁ ଆଉ ୩ ଦିନ ବାକି ଥିବାବେଳେ ଅନ୍ୟତମ ଦୋଷୀ ପବନ ଗୁପ୍ତା ଶୁକ୍ରବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ ପାଇଁ ସେ ସର୍ବୋଚ୍ଚ ଅଦାଲତରେ କ୍ୟୁରେଟିଭ୍ ପିଟିଶନ ଦାଏର କରିଛନ୍ତି। ତାଙ୍କ ମହକିଲ ପବନଙ୍କୁ ମୃତ୍ୟୁଦଣ୍ଡ ମିଳିବା ଉଚିତ ନୁହେଁ ବୋଲି ଓକିଲ ଏ.ପି. ସିଂ କହିଛନ୍ତି। ଫାଶୀରୁ ବର୍ତ୍ତିବା ପାଇଁ ଅନ୍ୟ ତିନି ଅଭିଯୁକ୍ତଙ୍କ ସମସ୍ତ ଆଇନଗତ ଉପାୟ ଶେଷ ହୋଇଥିବାବେଳେ ପବନ ଗୁପ୍ତା ଆଜି ପର୍ଯ୍ୟନ୍ତ କ୍ୟୁରେଟିଭ୍ ପିଟିଶନ ଦାଏର କରି ନ ଥିଲେ ଓ ରାଷ୍ଟ୍ରପତିଙ୍କ ପାଖରେ କ୍ଷମା ଆବେଦନ କରିନାହାନ୍ତି।

୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀର ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଚଳନ୍ତା ବସ୍ ଭିତରେ ଗଣବଳାତ୍କାର ପରେ ଗୁରୁତର ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ଫିଙ୍ଗିଦିଆଯାଇଥିଲା। ୧୫ ଦିନ ମୃତ୍ୟୁ ସହ ସଂଗ୍ରାମ କରିବା ପରେ ଡିସେମ୍ବର ୨୯ରେ ସିଙ୍ଗାପୁରର ଏକ ହସ୍ପିଟାଲରେ ଆଖିବୁଜିଥିଲେ ନିର୍ଭୟା। ମାମଲାରେ ୪ ଅଭିଯୁକ୍ତଙ୍କୁ କୋର୍ଟ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ, ଯାହାକୁ ଦିଲ୍ଲୀ ହାଇକୋର୍ଟ ଓ ସୁପ୍ରିମକୋର୍ଟ କାଏମ ରଖିଥିଲେ। ସେମାନଙ୍କୁ ମାର୍ଚ୍ଚ ୩ ତାରିଖ ସକାଳ ୬ଟାରେ ଫାଶୀ ଦିଆଯିବାକୁ ଡେଥ୍ ୱାରେଣ୍ଟ ଜାରି ହୋଇଛି।

# ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ କରୁ ପାକ୍

ଜେନେଭା,୨୮।୨(ପି.ଟି.)

**ଜାତିସଂଘରେ ଭାରତର ଦାବି**



ବିମର୍ଶ ଆର୍ଯ୍ୟନ୍

ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାକିସ୍ତାନ ପାଣ୍ଠି ଯୋଗାଣ ବନ୍ଦ କରୁ। ଏଥିସହିତ ସେଠାରୁ କାର୍ଯ୍ୟ କରୁଥିବା ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିବା ପାଇଁ ଜାତିସଂଘରେ ପାକିସ୍ତାନର ଶୀର୍ଷ ନେତୃତ୍ୱକୁ ଭାରତ ପରାମର୍ଶ ଦେଇଛି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାରେ ବିଫଳ ହୋଇଥିବା ଇସ୍‌ଲାମାବାଦକୁ ଗତ ସପ୍ତାହରେ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଧୂସର ତାଲିକାରେ ରଖିବା ସହ ୪ ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲା।

ଜାତିସଂଘ ମାନବାଧିକାର ପରିଷଦର ୪୩ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ପାକିସ୍ତାନ କହିଥିଲା ଜମ୍ମୁ-କଶ୍ମୀରରେ ମାନବାଧିକାର ଉଲ୍ଲଂଘନ ହେଉଛି। ଉତ୍ତର ରଖିବା ଅଧିକାର ବଳରେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ବିମର୍ଶ ଆର୍ଯ୍ୟନ୍ ଉପରୋକ୍ତ ମତ ରଖିଛନ୍ତି। ଭାରତକୁ ନିନ୍ଦିତ କରିବା ଲାଗି ପାକିସ୍ତାନ ସମସ୍ତ ଅନ୍ତର୍ଜାତୀୟ ଫୋରମରେ ଉତ୍ତେଜନାପୂର୍ଣ୍ଣ ବିବୃତି ରଖୁଛି। ଏଭଳି ମନ୍ତବ୍ୟ ରଖି ଅନ୍ତର୍ଜାତୀୟ ସମୁଦାୟକୁ ବିଭ୍ରାନ୍ତ କରାଯାଇପାରିବ ନାହିଁ ବୋଲି ଆର୍ଯ୍ୟନ୍ କହିଛନ୍ତି। ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାକିସ୍ତାନର ସମର୍ଥନ ମାଧ୍ୟମରେ ଜମ୍ମୁ-କଶ୍ମୀରର ବିକାଶ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ଲାଗି ପାକିସ୍ତାନ ଉଦ୍ୟମ ଜାରି ରଖିଛି। ଏହା ସତ୍ତ୍ୱେ ସେଠାରେ ଦ୍ରୁତଗତିରେ ସ୍ୱାଭାବିକ ଅବସ୍ଥା ଫେରୁଥିବା ଆର୍ଯ୍ୟନ୍ କହିଛନ୍ତି। ପାକିସ୍ତାନକୁ ୧୦ ସୂତ୍ରୀ ପରାମର୍ଶ ତାଲିକା ଦେଇ ଭାରତୀୟ କୂଟନୀତିଜ୍ଞ କହିଛନ୍ତି, ଇସ୍‌ଲାମାବାଦ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ କରିବା ସହ ସେଠାରେ ଥିବା ଆତଙ୍କବାଦୀ ସଂଗଠନଗୁଡ଼ିକୁ ଲଗାମ ଦେଉ। ଆତଙ୍କବାଦକୁ ସମର୍ଥନ ବନ୍ଦ କରିବା ଲାଗି ଭାରତ ଆହ୍ୱାନ ଦେଇଛି।

# ତୀର୍ଥଯାତ୍ରାରେ ଗଲେ ୯୭୬ ବରିଷ୍ଠ ନାଗରିକ

- ବ୍ରହ୍ମପୁରରୁ ଯାତ୍ରା ଆରମ୍ଭ କଲା ସ୍ୱତନ୍ତ୍ର ଟ୍ରେନ
- ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିଛି ଯୋଜନା: ପର୍ଯ୍ୟଟନ ମନ୍ତ୍ରୀ




ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ତୀର୍ଥଯାତ୍ରୀଙ୍କୁ ଟିକେଟ ଓ କିଟ୍ ପ୍ରଦାନ କରୁଛନ୍ତି ।

ବ୍ରହ୍ମପୁର ଅଫିସ,୨୮।୨

ଗରିବ ଲୋକମାନଙ୍କ ପାଇଁ ତୀର୍ଥଯାତ୍ରା ସ୍ୱପ୍ନ ଥିଲା। ଅର୍ଥାଭାବରୁ ତୀର୍ଥସ୍ଥାନକୁ ଯାଇ ପୁଣ୍ୟ ଅର୍ଜନ କରିବା ଆଶା ମଉଳି ଯାଉଥିଲା। ରାଜ୍ୟରେ ଗରିବ ଶ୍ରେଣୀର ବରିଷ୍ଠ ନାଗରିକମାନଙ୍କ ଏହି ସ୍ୱପ୍ନକୁ ସାକାର କରିବା ପାଇଁ ୨୦୧୬ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବ୍ରହ୍ମପୁରରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଶୁଭାରମ୍ଭ ହୋଇଥିଲା। ଏହି ଯୋଜନାରେ ୧୩ଟି ପର୍ଯ୍ୟାୟରେ ୧୨,୦୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କରିବାର ସୁଯୋଗ ପାଇଲେଣି। ଏହା ସେମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରୁଛି ବୋଲି ଶୁକ୍ରବାର ବ୍ରହ୍ମପୁର ରେଳ ଷ୍ଟେଶନରେ ୧୪ତମ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ ଶୁଭାରମ୍ଭ କରିବା ଅବସରରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି।

ବ୍ରହ୍ମପୁର ରେଳଷ୍ଟେଶନର ୪ନଂ. ପ୍ଲାଟଫର୍ମରୁ ଏହି ସ୍ୱତନ୍ତ୍ର ଟ୍ରେନ ଦକ୍ଷିଣ ଓଡ଼ିଶାର ୮ଟି ଜିଲାରୁ ୯୭୬ ବରିଷ୍ଠ ନାଗରିକଙ୍କୁ ନେଇ ରାମେଶ୍ୱରମ୍, ମଦୁରାଇ, ତିରୁପତି ଅଭିମୁଖେ ଯାତ୍ରା ଆରମ୍ଭ କରିଛି । ମନ୍ତ୍ରୀ ପାଣିଗ୍ରାହୀ ତୀର୍ଥଯାତ୍ରୀମାନଙ୍କୁ ମିଠା, ଟିକେଟ, କିଟ୍ ପ୍ରଦାନ କରିଥିଲେ। ଆଗକୁ ଅଧିକରୁ ଅଧିକ ବରିଷ୍ଠ ନାଗରିକଙ୍କୁ ଏଥିରେ ସାମିଲ କରିବା ଲାଗି ପ୍ରୟାସ ଜାରି ରହିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ତୀର୍ଥଯାତ୍ରୀ ଟ୍ରେନ ଯାତ୍ରା ଆରମ୍ଭ କରିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଗଞ୍ଜାମ ଜିଲା ବିଜେଡି ସଭାପତି ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀକାନ୍ତ ସାହୁ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଟ୍ରେନରେ କୋରାପୁଟ ଜିଲାରୁ ୧୧୩, ନବରଙ୍ଗପୁରରୁ ୮୩, ମାଲକାନଗିରିରୁ ୫୩, କନ୍ଧମାଳରୁ ୫୩, ବୌଦ୍ଧରୁ ୩୦, ରାୟଗଡାରୁ ୯୭, ଗଜପତିରୁ ୫୯, ବ୍ରହ୍ମପୁର ମହାନଗର ସମେତ ଗଞ୍ଜାମ ଜିଲାରୁ ୪୮୮ ତୀର୍ଥଯାତ୍ରୀଙ୍କ ସହ ୩୦ ପ୍ରଶାସନିକ ଅଧିକାରୀ ଦକ୍ଷିଣ ଭାରତ ଅଭିମୁଖେ ଯାତ୍ରା କରିଛନ୍ତି। ୫ ଦିନ ଯାତ୍ରା ଶେଷ କରି ଏମାନେ ଆସନ୍ତା ୫ ତାରିଖରେ ଫେରିବେ।

# ନବଜାତ ଶିଶୁପୁତ୍ରକୁ ଘରକୁ ନେଲେନି ମା' ବାପା

### ଆପଣେଇ ନେଲା ଚାଇଲ୍ଡଲାଇନ

ଝୁମ୍ପୁରା, ୨୮।୨(ଡି.ଏନ.ଏ.)

ଘରେ ସନ୍ତାନଟିଏ ଜନ୍ମ ହେଲେ, ମା' ବାପାଙ୍କ ଖୁସି କହିଲେ ନ ସରେ। ଆଖପାଖରେ ଦେଖାଦିଏ ଖୁସିର ମାହୋଲ। ହେଲେ କେନ୍ଦୁଝର ଜିଲା ଝୁମ୍ପୁରାରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦାରିଦ୍ର୍ୟର ତାଡନାରେ ଜର୍ଜରିତ ହେଉଥିବା ଏକ ଦମ୍ପତି ନିଜର ଜନ୍ମିତ ପୁତ୍ର ସନ୍ତାନକୁ ଡାକ୍ତରଖାନାରୁ ଘରକୁ ନେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଶେଷରେ ନବଜାତକକୁ ଚାଇଲ୍ଡଲାଇନ କର୍ତ୍ତୃପକ୍ଷ ଆପଣେଇ ନେଇଛନ୍ତି। ଝୁମ୍ପୁରା ଡାକ୍ତରଖାନାରେ ଏଭଳି ଏକ ହୃଦୟବିଦାରକ ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି।

ଝୁମ୍ପୁରା ବ୍ଲକ ଅର୍ଶଳା ପଞ୍ଚାୟତ ମୁଣ୍ଡାସାହିର ବାସିନ୍ଦା ଶଙ୍ଖାଳି ଗାଗରାଇ ମୂଲ ମଜୁରି ଲାଗି ପେଟ ପୋଷନ୍ତି। ଶଙ୍ଖାଳିଙ୍କର ୨ ସ୍ତ୍ରୀ। ପ୍ରଥମ ସ୍ତ୍ରୀ ସାବିତ୍ରୀଙ୍କର ପୂର୍ବରୁ ୫ବର୍ଷର ଝିଅଟିଏ ଥିବା ବେଳେ ଗତ ୨୬ତାରିଖରେ ଝୁମ୍ପୁରା ଡାକ୍ତରଖାନାରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି। ନବଜାତକ ସୁସ୍ଥ ଥିବା ଡାକ୍ତରଖାନା ପକ୍ଷରୁ ଜଣାପଡିଛି। ଦ୍ୱିତୀୟ ସ୍ତ୍ରୀ ବୁଧୁନିଙ୍କର ୩ଟି ପୁତ୍ର ସନ୍ତାନ ଅଛନ୍ତି। ପୂର୍ବରୁ ୪ଟି ସନ୍ତାନସନ୍ତତି ଥିବାରୁ ଏବେ ନବଜାତକକୁ ଘରକୁ ନେବା ପାଇଁ ଶଙ୍ଖାଳି ଅନିଚ୍ଛା ପ୍ରକାଶ କରିଛନ୍ତି। ଏଭଳି ନିଷ୍ପତ୍ତିରେ ସାବିତ୍ରୀ ଦୁଃଖରେ ଭାଙ୍ଗିପଡିଥିଲେ ମଧ୍ୟ ସ୍ୱାମୀଙ୍କ କଥାକୁ ସେ ଟାଳି ପାରିନାହାନ୍ତି। ଏନେଇ ଚାଇଲ୍ଡଲାଇନକୁ ସୂଚନା ଦିଆଯିବା ପରେ ଚାଇଲ୍ଡଲାଇନରୁ ଦମୟନ୍ତୀ ମହାନ୍ତ ଝୁମ୍ପୁରା ଡାକ୍ତରଖାନାରେ ପହଞ୍ଚିଥିଲେ। ସେ ଅଙ୍ଗନୱାଡି କର୍ମୀ ଓ ଡାକ୍ତରଙ୍କ ସହିତ ଯୋଗାଯୋଗ କରି ଦମ୍ପତିଙ୍କଠାରୁ ଲିଖିତ ଭାବେ ନେବା ସହିତ ଆବଶ୍ୟକ କାଗଜପତ୍ର କାମ ସାରି ଶୁକ୍ରବାର ଅପରାହ୍ନରେ ନବଜାତକକୁ ଚାଇଲ୍ଡଲାଇନ ନିଜ ହେପାଜତକୁ ନେଇଯାଇଛି। ନବଜାତକର ସ୍ୱାସ୍ଥ୍ୟାବସ୍ଥା ପୁଣି ଥରେ ପରୀକ୍ଷା କରିବା ପରେ ତାକୁ କେନ୍ଦୁଝର ଶିଶୁ ଭବନରେ ରଖାଯିବ ବୋଲି କୁହାଯାଇଛି।

# ଚେନ୍ନାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

- ମୋ ପରିବାର କଲା ସହାୟତା
- ଶେଷକୃତ୍ୟ ସମ୍ପନ୍ନ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ତାମିଲନାଡୁର ଚେନ୍ନାଇର ଗେଣ୍ଡି ରେଳଷ୍ଟେଶନରେ ଗଞ୍ଜାମ ଜିଲାର ସିଦ୍ଧଖଣ୍ଡି ଗାଁର ଜଣେ ଶ୍ରମିକ(ପର୍ଶୁ ଜେନା) ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଏନେଇ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର 'ଓଡ଼ିଶା: ମୋ ପରିବାର' ସଙ୍ଗଠନର ଆବାହକ ଅରୂପ ପଟ୍ଟନାୟକଙ୍କୁ ଅବଗତ କରିଥିଲେ। ଅରୂପ ଏହି ଖବର ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ର ଦୃଷ୍ଟିକୁ ଆଣିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ତଥା ଓଏସ୍‌ଡି ଗୋପବନ୍ଧୁ ଦାଶ ଓଡ଼ିଶା ଶ୍ରମ ଆୟୁକ୍ତଙ୍କ ସହ ଯୋଗାଯୋଗ କରିଥିଲେ। ଏହା ପରେ ବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ପୂର୍ଣ୍ଣଚନ୍ଦ୍ର ଦଳେଇ ମୃତକଙ୍କ ପରିବାରକୁ ଯୋଗାଯୋଗ କରିଥିଲେ। ସେମାନେ ତାଙ୍କ ଶେଷକୃତ୍ୟ ଚେନ୍ନାଇରେ ସାରିବା ପାଇଁ ଇଚ୍ଛା ପ୍ରକାଶ କରିଥିବା ଜଣାପଡିଛି। ଓଡ଼ିଶା ଶ୍ରମ ଆୟୁକ୍ତଙ୍କ ପରାମର୍ଶଦାତା ଡ. ବି.ବି ଆଚାର୍ଯ୍ୟଙ୍କ କହିବାନୁଯାୟୀ, ସେମାନେ ଚେନ୍ନାଇ ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ସମସ୍ତ ଆଇନଗତ ପ୍ରକ୍ରିୟା ସାରି ମୃତଦେହ ହସ୍ତାନ୍ତର କରିବା ପରେ ସେମାନେ ଶେଷକୃତ୍ୟ ସମ୍ପନ୍ନ କରିବେ ବୋଲି କହିଥିଲେ। ଚେନ୍ନାଇଠାରେ ଅବସ୍ଥିତ ଉତ୍କଳ ଆସୋସିଏଶନ୍‌ର ଡ. ବୀରେନ୍ ସାହୁ ଓ ପଞ୍ଚାନନ ଜେନା ଏହି ପ୍ରକ୍ରିୟା ଶୀଘ୍ର ସମ୍ପନ୍ନ ସହ ମରଶରୀର ମୃତକଙ୍କ ସମ୍ପର୍କୀୟ ମହେନ୍ଦ୍ର ଜେନାଙ୍କୁ ସୁରୁଖୁରୁରେ ମିଳିପାରିବ, ସେ ନେଇ ମାମ୍ବାଲାମ୍ ରେଲୱେ ପୋଲିସ ଷ୍ଟେଶନରେ ଭାରପ୍ରାପ୍ତ ଅଧିକାରୀଙ୍କ ସହଯୋଗ ଲୋଡିଥିଲେ। ଶୁକ୍ରବାର ଅପରାହ୍ନ ୩ଟା ୫୦ ମିନିଟ୍‌ରେ ମରଶରୀର ବ୍ୟବଚ୍ଛେଦ ହେବା ସହ ୫ଟାରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଏହା ପରେ ସନ୍ଧ୍ୟାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA

ଭାରତର ସବୁଠାରୁ ବଡ଼ ଓ ସବୁଠାରୁ ଭରସାଯୋଗ୍ୟ ଜୀବନ ବୀମା ପ୍ରଦାନକାରୀ
ଭାରତୀୟ ଜୀବନ ବୀମା ନିଗମ
ଉତ୍ସାହୀ ଏବଂ କର୍ମଠ ଯୁବ ସ୍ନାତକମାନଙ୍କଠାରୁ ନିମ୍ନଲିଖିତ ପଦବୀରେ ଯୋଗ ଦେବା ପାଇଁ ଦରଖାସ୍ତ ଆହ୍ୱାନ କରୁଛି
ସହକାରୀ ଯନ୍ତ୍ରୀ
(ସିଭିଲ/ଇଲେକ୍ଟ୍ରିକାଲ/ଷ୍ଟ୍ରକ୍‌ଚରାଲ/ଏମ୍‌ଇପି/ଆର୍କିଟେକ୍ଟ)
ଏବଂ
ସହକାରୀ ପ୍ରଶାସନିକ ଅଧିକାରୀ (ଏଏଓ)
(ଚାର୍ଟାର୍ଡ ଆକାଉଣ୍ଟାଣ୍ଟ/ ଆକ୍ଚୁଆରିଆଲ/ ଲିଗାଲ୍/ ରାଜଭାଷା/ ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି)
ମୋଟ ଖାଲି ପଦବୀ ସଂଖ୍ୟା: ୨୧୮
ମନୋନୀତ ପ୍ରାର୍ଥୀମାନେ ଦେଶର ସବୁଠାରୁ ବଡ଼ ଜୀବନ ବୀମା ପ୍ରଦାନକାରୀ ତଥା ଅନ୍ୟତମ ସୁଦୃଢ଼ ଆର୍ଥିକ ଅନୁଷ୍ଠାନ ଏଲ୍‌ଆଇସି ସହିତ ଅଭିବୃଦ୍ଧି ଓ ଶିକ୍ଷାଲାଭର ଅତୁଳନୀୟ ମାର୍ଗ ପାଇବେ ।
**ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆର୍ଥିକ ସଂସ୍ଥାମାନଙ୍କ ପରି ପ୍ରଯୁଜ୍ୟ ଦରମା ଓ ଅନ୍ୟାନ୍ୟ ସୁବିଧା ରହିଛି ।**
କାର୍ଯ୍ୟକ୍ରମର ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| | |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ/ ଦେୟ ପୈଠ | ତା୨୫।୦୨।୨୦୨୦ରୁ ୧୫।୦୩।୨୦୨୦ରିଖ |
| ଅନ୍‌ଲାଇନ୍ ପ୍ରିଲିମିନାରୀ ପରୀକ୍ଷାର ସମ୍ଭାବ୍ୟ ତାରିଖ | ୪ ଏପ୍ରିଲ, ୨୦୨୦ |

ବିସ୍ତୃତ କର୍ମନିଯୁକ୍ତି ଅଧିସୂଚନା ଆମ ୱେବ୍‌ସାଇଟ୍ www.licindia.inରେ "କ୍ୟାରିୟର୍ସ" ଅଧୀନରେ ଉପଲବ୍ଧ ।
ତାରିଖ: ୨୬।୦୨।୨୦୨୦
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କାର୍ମିକ)



**କିଛି ତଥ୍ୟ**
ଜାନୁୟାରୀ ଶେଷ ସୁଦ୍ଧା ଦେଶର ବିତ୍ତୀୟ ନିଅଣ୍ଟ ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୧୨୮.୫% ଛୁଇଁଛି।
– କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସୁନ୍ଦର ମୋହନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ହୋମଗାର୍ଡଙ୍କୁ ଦୈନିକ ମଜୁରି ୫ଶହ ଟଙ୍କା ଦିଅ: ହାଇକୋର୍ଟ

**ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଲେ**

- **ଜାନୁୟାରୀରୁ ପିଛିଲା ଭାବେ ଦିଆଯିବ**
- **୩ମାସ ଭିତରେ ସପ୍ତମ ବେତନ କମିଶନ ଲାଗୁ ହେବ**

କଟକ ଅଫିସ,୨୮।୨

ଓଡ଼ିଶା ପୋଲିସ ବିଭାଗରେ କାର୍ଯ୍ୟ କରୁଥିବା ହୋମଗାର୍ଡମାନଙ୍କ ପାଇଁ ଖୁସି ଖବର। ଏଣିକି ହୋମଗାର୍ଡମାନଙ୍କୁ ଦୈନିକ ୫୦୦ ଟଙ୍କା ମଜୁରି ମିଳିବ। ଶୁକ୍ରବାର ରାଜ୍ୟ ସରକାରଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ। ଜଷ୍ଟିସ୍ ବିଶ୍ୱନାଥ ରଥ ଏ ସମ୍ପର୍କିତ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବର୍ଦ୍ଧିତ ମଜୁରି ଗତ ଜାନୁୟାରୀଠାରୁ ପିଛିଲା ଭାବେ ପ୍ରଦାନ କରିବାକୁ ନିର୍ଦ୍ଦେଶରେ କୁହାଯାଇଛି। ଏତଦ୍‌ବ୍ୟତୀତ ଆସନ୍ତା ତିନି ମାସ ଭିତରେ ହୋମଗାର୍ଡମାନଙ୍କ କ୍ଷେତ୍ରରେ ସପ୍ତମ ବେତନ କମିଶନ ଲାଗୁ କରିବାକୁ ବିଚାରପତି ରାୟରେ ଜଣାଇଛନ୍ତି। ଏହି ନିର୍ଦ୍ଦେଶର ଲାଭ ରାଜ୍ୟରେ କାର୍ଯ୍ୟରତ ୧୭, ୬୭୫ଜଣ ହୋମଗାର୍ଡ଼ ପାଇପାରିବେ।

ଆବେଦନକାରୀ ପ୍ରକାଶ କୁମାର ଜେନା ଏବଂ ଅନ୍ୟ ଦୁଇଜଣଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ବେଳେ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ଜଷ୍ଟିସ୍ ରଥ। ଆବେଦନରେ ଦର୍ଶାଯାଇଥିଲା, ହୋମଗାର୍ଡମାନେ ଅନ୍ୟ ପୋଲିସ କର୍ମଚାରୀଙ୍କ ଭଳି କାର୍ଯ୍ୟ କରୁଛନ୍ତି। ଏପରି କି ହୋମଗାର୍ଡମାନଙ୍କ ବିନା କୌଣସି କାମ ହୋଇପାରୁନି। ହେଲେ ଅନ୍ୟ ପୋଲିସ କର୍ମଚାରୀଙ୍କ ଭଳି ହୋମଗାର୍ଡମାନଙ୍କୁ ଦରମା ଦିଆଯାଉନି। ସେମାନେ ଜଣେ ଦିନମଜୁରିଆଙ୍କ ଠାରୁ ମଧ୍ୟ କମ୍ ଦରମା ପାଉଛନ୍ତି। ପୂର୍ବରୁ ହୋମ୍‌ଗାର୍ଡଙ୍କୁ କନଷ୍ଟେବଳଙ୍କ ଭଳି ଦରମା ଦେବାକୁ ସୁପ୍ରିମ୍‌କୋର୍ଟ ୨୦୧୬ ମସିହାରେ ନିର୍ଦ୍ଦେଶ ଦେଇଥିଲେ। ୮ଟି ରାଜ୍ୟ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରି କରିଥିବାବେଳେ ଓଡ଼ିଶାରେ ଏହାକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଏପରି କି ଓଡ଼ିଶା ଅଗ୍ନିଶମ ଏବଂ ହୋମ୍‌ଗାର୍ଡ ଡିଜି ଏନେଇ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। ତଥାପି ଏହାକୁ ଓଡ଼ିଶାରେ କାର୍ଯ୍ୟକାରୀ କରାଯାଇ ନ ଥିଲା। ଏଣୁ ହୋମଗାର୍ଡ ସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

## ପ୍ରଥମ ପୃଷ୍ଠାରୁ...

### ଏଥର ରେକର୍ଡ ..

ଗୋଆ ଏବଂ ଓଡ଼ିଶା। ଏହି ସବୁ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ଗତଥର ଅପେକ୍ଷା ଏବର୍ଷ ଆହୁରି ୦.୫ରୁ ୧ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବା ସମ୍ଭାବନା ରହିଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଯଦି ଏହିଭଳି ଖରା ହୁଏ ତେବେ ପଶ୍ଚିମ, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶା ପ୍ରଚଣ୍ଡ ତାତିରେ ସିଝିବ। ଆଉ ଉପକୂଳ ଓଡ଼ିଶାରେ ମୁଣ୍ଡଫଟା ଖରା ସାଙ୍ଗକୁ ଅସମ୍ଭାଳ ଗୁଳୁଗୁଳି ହେବ। ସୂଚନାଯୋଗ୍ୟ, ୨୦୦୩ ଜୁନ୍ ୩ରେ ଓଡ଼ିଶାର ତିତିଲାଗଡ଼ ଓ ୨୦୧୯ ଜୁନ୍ ପହିଲାରେ ରାଜସ୍ଥାନର ଚୁରୁରେ ୫୦ ଡିଗ୍ରୀ ତାପମାତ୍ରା ସହ ତାତିରେ ରେକର୍ଡ କରିଥିଲେ। ଗତବର୍ଷ ମେ' ମାସ ୨୬ରେ ତିତିଲାଗଡ଼ ୪୬.୫ ଡିଗ୍ରୀ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ରହିଥିଲା। ଏବର୍ଷ ଏଠାରେ ତାପମାତ୍ରା ଆହୁରି ୧ ଡିଗ୍ରୀ ବଢ଼ିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏଥିସହ ଦେଶର ୪୩ ପ୍ରତିଶତ ଅଞ୍ଚଳ କୋର୍ ହିଟ୍ ୱେଭ୍ ଜୋନ୍‌ରେ ଗଣାଯିବ।

ଅନ୍ୟପଟେ ରାଜ୍ୟରେ କିଛିଦିନ ତଳେ ବର୍ଷା ହୋଇଥିବାରୁ ସେଭଳି ଗରମ ଅନୁଭବ ହୋଇନାହିଁ। ଶୁକ୍ରବାର ମାଲକାନଗିରିରେ ସର୍ବାଧିକ ୩୫ଡିଗ୍ରୀ ତାପମାତ୍ର ରେକର୍ଡ କରାଯାଇଛି। ଶୁକ୍ରବାର ରାଜ୍ୟର ବିଭିନ୍ନ ଜିଲାରେ ଘନକୁହୁଡ଼ି ପରିଲକ୍ଷିତ ହୋଇଥିଲା। ଭଦ୍ରକ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ଅନୁଗୋଳ, ବଲାଙ୍ଗୀର, କଳାହାଣ୍ଡି ଆଦି ସ୍ଥାନରେ ସକାଳୁ ସକାଳୁ ପ୍ରବଳ କୁହୁଡ଼ି ଦେଖାଯାଇଥିଲା। ସକାଳ ପ୍ରାୟ ୯ଟା ପର୍ଯ୍ୟନ୍ତ କୁହୁଡ଼ି ରହିଥିଲା। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଉପକୂଳ ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ କୁହୁଡ଼ି ଦେଖାଯିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି। ଆସନ୍ତା ୨ତାରିଖରୁ ପୁଣି ବର୍ଷା ହେବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ୨ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି ଓ ବାଲେଶ୍ୱରର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବା ସହିତ କୋହଲା ପବନ ବହିବ। ସେହିଦିନ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି ଓ ବାଲେଶ୍ୱରରେ ବଜ୍ରପାତ ହେବ ବୋଲି ସତର୍କ ସୂଚନା ଜାରି କରାଯାଇଛି। ବଜ୍ରପାତ ସମ୍ପର୍କରେ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୩ ତାରିଖ ଦିନ ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ାର କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ହେବ ବୋଲି ପୂର୍ବାନୁମାନେ କରାଯାଇଛି। ଆସନ୍ତା ୪ଦିନ ପର୍ଯ୍ୟନ୍ତ ସାରା ରାଜ୍ୟରେ ଦିନର ତାପମାତ୍ରା ୨ରୁ ୪ଡିଗ୍ରୀ ବଢ଼ିବା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

### 'ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ...

ସ୍ୱରାଷ୍ଟ୍ରମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ନିକଟରେ ଅନୁଷ୍ଠିତ ଆଞ୍ଚଳିକ ପରିଷଦ ବୈଠକଗୁଡ଼ିକରେ ୭୦% ପ୍ରସଙ୍ଗର ସମାଧାନ କରାଯାଇଛି ଏବଂ ଅନ୍ୟ ପ୍ରସଙ୍ଗଗୁଡ଼ିକ ସମାଧାନ ପ୍ରକ୍ରିୟାରେ ଅଛି ବୋଲି ଶାହା ସୂଚନା ଦେଇଥିଲେ।

ପୂର୍ବାଞ୍ଚଳ ଜୋନ୍ ବୈଠକରେ ଆଇନ ଓ କାନୁନ୍ ବିଷୟରେ କୌଣସି ଆଲୋଚନା ହୋଇନାହିଁ। ଏନ୍‌ଆରସି କିମ୍ବା ଏନ୍‌ପିଆର ଏଜେଣ୍ଡାରେ ନ ଥିବାରୁ ବୈଠକରେ ଆଲୋଚନା ହୋଇନାହିଁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୈଠକ ପରେ କହିଛନ୍ତି। ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ବାବଦ ଅର୍ଥ ଠିକ୍ ଭାବେ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହିତ ତିତ୍‌ଲି, ଫନୀ ବାବଦ ଅର୍ଥ ପଶ୍ଚିମବଙ୍ଗକୁ ମିଳି ନ ଥିବା ସେ କହିଛନ୍ତି।

ଏହି ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବୈଠକରେ ଅଧକ୍ଷତା କରିଥିବା ବେଳେ ନବୀନ ବୈଠକରେ ସ୍ୱାଗତ ଭାଷଣ ଦେବା ସହ ରାଜ୍ୟର ଦାବି ଉପସ୍ଥାପନ କରିଥିଲେ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମେତ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ଯୋଗଦେଇ ନିଜ ନିଜ ରାଜ୍ୟର ଦାବି ଉପସ୍ଥାପନ କରିଛନ୍ତି।

# କାର୍ କାଚ ଭାଙ୍ଗି ନେଇଗଲେ ୪ ଲକ୍ଷ

କଟକ ଅଫିସ,୨୮।୨

ଏକ କାରର କାଚି ଭାଙ୍ଗି ଏଥିରେ ଥିବା ୪ ଲକ୍ଷ ଟଙ୍କା ଭର୍ତ୍ତି ବ୍ୟାଗକୁ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତିଜଣଙ୍କ ହେଲେ ପ୍ରଶାନ୍ତ କୁମାର ସେନାପତି। ଏ ନେଇ ସେ ଚାଉଳିଆଗଞ୍ଜ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ କହ୍ନେଇପୁର ଅଞ୍ଚଳରେ ପ୍ରଶାନ୍ତଙ୍କର ଏକ ସିକ୍ୟୁରିଟି ସଂସ୍ଥା ରହିଛି। କର୍ମଚାରୀଙ୍କୁ ଦରମା ଦେବା ଲାଗି ପ୍ରଶାନ୍ତ ବ୍ୟାଙ୍କରୁ ଟଙ୍କା ଉଠାଇ ତାଙ୍କ କାରରେ ଘରକୁ ଫେରୁଥିଲେ। ମହାନଦୀବିହାର ଅଞ୍ଚଳ ରାସ୍ତା କଡରେ କାର ପାର୍କିଂ କରି ଏକ ହୋଟେଲକୁ ବିରିୟାନୀ ଆଣିବା ପାଇଁ ଯାଇଥିଲେ। ହୋଟେଲ କ୍ୟାସ୍ କାଉଣ୍ଟର ନିକଟରେ ଦୋକାନୀଙ୍କୁ ଟଙ୍କା ଦେଉଥିବା ବେଳେ ହଠାତ୍ ପଛପଟୁ ଜଣେ ଯୁବକ ତାଙ୍କୁ ଡାକିଥିଲେ। ତୁମ ଟଙ୍କା ତଳେ ପଡିଯାଇଛି ବୋଲି ଯୁବକ ଜଣଙ୍କ କହିଥିଲେ। ପ୍ରଶାନ୍ତ ପଛପଟକୁ ବୁଲି ଦେଖିବା ବେଳକୁ କିଛି ଟଙ୍କା ମଧ୍ୟ ପଡ଼ିଥିଲା। ତାଙ୍କ ପର୍ସରୁ ଖସି ପଡ଼ିଛି ବୋଲି ଭାବି ସେ ଏହାକୁ ଉଠାଇଥିଲେ। ହେଲେ କାର ପାଖକୁ ଫେରିବାବେଳକୁ କାଚ ଭାଙ୍ଗି ପଡ଼ିଥିବା ସହ ଟଙ୍କା ଭର୍ତ୍ତି ବ୍ୟାଗ ଲୁଟ୍ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଆଇଆଇସି ତାପସ ପ୍ରଧାନ କହିଛନ୍ତି, ଅଭିଯୁକ୍ତଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

କର୍ମାଦରପ ସ୍ୱଗୃହୀ ଯୋଗୁ ଦୀର୍ଘ ଦିନରୁ ଅଟକି ରହିଥିବା କାମଗୁଡ଼ିକ ସମ୍ପନ୍ନ ହୋଇପାରିବା ଯୋଗୁ ମନ ପ୍ରଫୁଲ୍ଲିତ ରହିବ। ପୂର୍ବ ଯୋଜନା ଅନୁଯାୟୀ କର୍ମରେ ପ୍ରବୃତ୍ତ ହୁଅନ୍ତୁ ଅବଶ୍ୟ ସଫଳତା ପାଇବେ। ପାଖ ପଡ଼ୋଶୀଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। ଶାରୀରିକ କ୍ଳାନ୍ତି ଓ ଅବସନ୍ନତା ଅନୁଭବ କରିପାରନ୍ତି।

**ବୃଷ**

ଧନାଧିପଙ୍କ ଶୁଭତ୍ୱରୁ ଅଭାବ ପୂରଣ ଦିଗରେ ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସାହାଯ୍ୟ କାମକୁ ଆସିବ। ଉପରିସ୍ଥ କର୍ମଚାରୀମାନଙ୍କ ଅନୁକମ୍ପାରୁ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ପିଲାମାନଙ୍କ ପଢ଼ା ସମସ୍ୟା, ପରିବହନରେ ଝଗଡ଼ା, ସଭାସମିତିରେ ବିତର୍କ ଜନିତ ସାମୟିକ ଅସ୍ଥିରତାର ସୂଚନା ମଧ୍ୟ ରହିଛି।

**ମିଥୁନ**

ଏକାଦଶସ୍ଥ ଗ୍ରହ ପ୍ରଭାବରୁ ଆଜିର ପ୍ରତ୍ୟୁଷ ଯାତ୍ରା ଦୀର୍ଘ ଦିନର ଆଶା ଓ ଅଭିଳାଷକୁ ସାକାର କରାଇବ। ସ୍ୱାସ୍ଥ୍ୟରେ ଉନ୍ନତି, ଗୃହ, ଜମିଜମା, ବ୍ୟବସାୟ, ପରିବହନରୁ ସୁଫଳ ପାଇବେ। ସଭାସମିତି ଓ ପାରିବାରିକ ଦିଗରୁ ଦିନଟି ମନ୍ଦ ହେବନି। କିନ୍ତୁ ମାଲିମକଦ୍ଦମା ଆଲୋଚନା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ।

**କର୍କଟ**

କର୍ମଭାବସ୍ଥ ଶୁକ୍ର ଓ ଚନ୍ଦ୍ର ପ୍ରଭାବରେ କୌଣସି ଏକ ନୂତନ ପରିବେଶରେ ଭିନ୍ନ ପ୍ରକାର ସ୍ୱାଦର ଅନୁଭୂତି ଲାଭ କରିବେ। ଭ୍ରମଣ ସୁଯୋଗ, ଦୂରଯାତ୍ରା ଓ ବନ୍ଧୁମିଳନ ଜନିତ ମନ ଏକପ୍ରକାର ଖୁସି ରହିବ। ପୁଷ୍ୟା ନକ୍ଷତ୍ରର ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ଅପରାହ୍ଣଟି କଟାଇବେ।

**ସିଂହ**

ପକ୍ଷପାତିତା ଓ ଦାୟିତ୍ୱହୀନତାକୁ କେନ୍ଦ୍ରକରି ପାରିବାରିକ ସମସ୍ୟା ବୃଦ୍ଧିପାଇବ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବା ସହ ସଦାବେଳେ ହାତ ଖାଲି ରହିବା କାରଣରୁ ମନରେ ସରସତା ରହିବ ନାହିଁ। ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**କନ୍ୟା**

ପାରସ୍ପରିକ ସହଯୋଗର ଅଭାବ ଏବଂ ପାରିବେଶିକ ବ୍ୟତିକ୍ରମ କର୍ମକ୍ଷେତ୍ରର ଯୋଜନାକୁ ବଦଳାଇ ଦେଇପାରେ। ହଠାତ୍ ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ ତଥାପି ମନରେ ଶାନ୍ତି ଆସିବ ନାହିଁ। ଶିଳ୍ପ, ବ୍ୟବସାୟ ଓ ଯାତ୍ରା କ୍ଷେତ୍ରରେ ଆଂଶିକ ସଫଳତାର ଆଶା ରହିଛି।

**ତୁଳା**

ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବା ସହ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ମନୋବଳ ସମସ୍ୟା ସମାଧାନରେ ସହାୟକ ହେବ।

**ବିଛା**

ପରିବାର କିମ୍ବା ବନ୍ଧୁବର୍ଗରେ କଥାଭାଷାର କଠୋରତା ସମ୍ପର୍କକୁ ହ୍ରାସ କରାଇବ। ଏହିଭଳି ପରିସ୍ଥିତିର ସମ୍ମୁଖୀନ ହେବେ ଯେପରିକି କେତେକ କ୍ଷେତ୍ରରେ କିଛି କହିପାରିବେ ନାହିଁ। ବ୍ୟବସାୟ, ପରିବହନାଦିରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ନିର୍ମାଣ, ପ୍ଲଟିଂ ବ୍ୟବସାୟ କ୍ଷେତ୍ରରେ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ**

ଅର୍ଥନୈତିକ ଦୃଷ୍ଟିକୋଣରୁ ଦିନଟି ଶୁଭଙ୍କରୀ ରହିବ ଏବଂ ହାତକୁ ନେଇଥିବା କାମରେ ଅଗ୍ରଗତି ଘଟିବ। ବ୍ୟବସାୟ, ଆଲୋଚନା, ଯାତ୍ରା କ୍ଷେତ୍ରରେ ଠିକ୍ ବିଚାର ବିନା ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ପାରିବାରିକ କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟାଶୀଳ ହେଲେ ସମସ୍ୟାକୁ ନିମନ୍ତ୍ରଣ କରିବା ପରି ହୋଇପାରେ।

**ମକର**

ସତର୍କତା ଅଭାବରୁ ଧନହାନି, କଳହ କିମ୍ବା ଆକସ୍ମିକ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନର ଆଶା ରହିଛି। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି।

**କୁମ୍ଭ**

ଶୁକ୍ରଙ୍କ ଶୁଭ ପ୍ରଭାବରୁ ବିଭିନ୍ନ ପ୍ରକାର ସୁଖ ସମ୍ଭୋଗ ଓ ବିଳାସବ୍ୟସନ ଦିଗକୁ ମନ ଚାହିଁବ। ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ଶତଭିଷା ନକ୍ଷତ୍ରର ଆର୍ଥିକ ସମସ୍ୟା, ମାମଲା, ଜମିଜମା ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିପାରେ।

**ମୀନ**

କୌଣସି କ୍ଷେତ୍ରରୁ ଆଶାଜନକ ଅର୍ଥ, ସମ୍ମାନ, ଉପଢୌକନ, ବସ୍ତ୍ର ଭୂଷଣାଦି ପ୍ରାପ୍ତି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ଉତରଭାଦ୍ରପଦ୍ ନକ୍ଷତ୍ରର ସାମୟିକ ସ୍ୱାସ୍ଥ୍ୟହାନୀ ଓ ପ୍ରିୟଜନଙ୍କ ବିଚ୍ଛେଦାତ୍ମକ ଖବର ମନକୁ ଶୋକାକୁଳ କରାଇପାରେ।

ଆଜି ଫାଲ୍‌ଗୁନ ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ ଶନିବାର, ଫେବୃୟାରୀ ୨୯ ତାରିଖ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, ଷଷ୍ଠୀରଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୦୩ମି. ଗତେ ଘ୧।୦୯ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୩୭ମି. ଗତେ ଘ୯।୦୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୯।୦୫ମି. ଗତେ ଘ୧୦।୩୨ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ boundarywall, 30ft road ଏବଂ ବାସଉପଯୋଗୀ plot ଦିଆଯାଉଅଛି Sqft. 650/-. 7008045582, 9692003948. D-16940

Plots gharabari demarcated low cast ready registration and boundary wall at Balianta, Bhingarpur, Bhubaneswar, Mob: 9938466916. D-16918

Gharabari Sthitiban land 3k.m. from Hanspal (Rasulgarh). Call: 9937816565, 9937568585. D-69227

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16587

30'road boundary, gharabari fully developed plot Gudiapokhari (KEC) 9937166932. D-68599

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16586

Under construction 2BHK flat 3rd floor for sale at Jharpada, Bhubaneswar. 7978751719. D-67541

ଭୁବନେଶ୍ୱର ବାଳକାଟି ବଜାରରୁ **2km sqft.-550/-,** (ଘରବାରି) କଟଣୀଗେଟ୍‌ଠାରେ **sqft.-200/-,** କଟକ ତ୍ରିଶୁଳିଆରୁ **4km sqft.-300/-** ପ୍ଲଟ୍ ମିଳୁଅଛି। **7978939440, 9178004547.** D-68489

Flat sales 2bhk/ 3bhk, Patia Big Bazar, front (RERA) Approved. 7978867139. D-16925

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

Plot for sale near AIIMS Hospital, Bhubaneswar, yellow zone, gharabari & other. Contact: 9348721088, 9938670164. D-69228

3900 sqft. boundary wall gharabari plot sale near 2nd Infosys Road, Janla, Bhubaneswar. Contact only owner 9238699541. D-53648

ସୁନ୍ଦରପଦା **Hitech Plaza** ପାଖରେ **30'ରାସ୍ତା,** ଘରବାରି, **boundary,** ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। **6370292040.** D-68495

Gharabari plot sale Sundarpada near Hi-Tec Plaza sqft-920/.9337766961, 9439364818. D-16939

1600 sqft. gharabari residential plot for sale near Rabi Talkies,Tankapani Road, Bhubaneswar. Price- 51 lakh. Contact: 7504392698. D-69231

**Email** ମାଧ୍ୟମରେ
କ୍ଲାସିଫାଏଡକୁ ବିଜ୍ଞାପନ
ପଠାଇବାର ଠିକଣା:–
classifieddharitri@gmail.com

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68791

ଦୋକାନ ଘର ସହିତ **commercial** ପ୍ଲଟ୍ ବିକ୍ରି ହେବ **Jankia** ଥାନା ସମ୍ମୁଖରେ **NH** କୁ ଲାଗି। **9437041063, 9938499755.** D-16924

Residential plot & duplex available near Puri Canal, Hanspal. Mob: 9438296153. D-16942

ଭୁବନେଶ୍ୱର **Tamando**ରେ **30'**ରାସ୍ତା ଥାଇ/ ପିତାପଲ୍ଲି **NH**କୁ ଲାଗି ପ୍ଲଟ୍ କିଣନ୍ତୁ। **9348767829.** D-68499

2BHK simplex 35,00,000/- finishing Hanspal, low cost plot Atala- 6370140491. D-68673

1000 sqft. gharabari residential with semi commercial land for sale at Mahadev Nagar, Jharapara, Bhubaneswar. Price 33 lakh. Contact: 7504392698. D-69229

Book a 3BHK duplex having land area 1400 sqft. and construction area 2100 sqft. at Nandan Vihar, Patia, Bhubaneswar. Price- 77 lakhs, 7504392698. D-69230

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Construction residential, commercial for 450/- & 850/-. 8018961216.** D-16856

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16719




2BHK flat with parking at Lingipur rent family. Contact: 7894381416. D-59945

Independent bungalow, six rooms and 800sqft. centre room. Parking area 1500sqft. Suitable for bank, office, officer's quarter, office cum godown. Very near to Mahanadi-Zobra barrage at Nimpur Canal road. Contact: 9937547222, 9338112817. D-16893




Hindustan Packers & Movers shifting of household goods, office & bike (all over India). 9437045552, 9937288024. D-16608




Ayurvedic full body massage by ladies, gents therapist. 7008773793 D-60873

Newly open full body massage by ladies, gents therapist. 8018656899 D-60872

Sai herbal spa refresh your body with smart, expert therapist. 7608062524. D-69222

Ayurvedic refreshment massage therapy refresh mind and body. Appointment: 7894855541. D-68598

**LOST**

I Prahallad Rai Agrawal, S/o. Late Balmukund Agrawal, residing At- Thikadarpara, PO- Titilagarh, Dist.- Bolangir (Odisha) do hereby declare that I am residing in my own building plot no. 1225, khata no. 463/235. That the original R.O.R. copy of the said building was missed somewhere. D-16941

**AFFIDAVIT**

By virtue of an affidavits before Executive Magistrate Nimapara, I have changed my Name from Sunil Parida to Jyotiranjan Parida on dated 28.02.2020 for all purposes. D-16946

By an affidavit sworn before the Notary, Sundargarh I Libnus Kujur, R/o. Village/ PO- Deogaon, Dist. Sundargarh (Odisha) declare that I am working under General Reserve Engineer Force, HQ-32 BRTF (GREF) C/o. 56APO, Srinagar. In service record the surname of my wife is entered as Minz i.e Salomi Minz instead of Salomi Kujur and date of birth of my wife is entered as 29.12.2070 instead of 20.12.1970. I am swearing this affidavit before the concerned authority for necessary correction. D-16945

Affidavit before Executive Magistrate, Cuttack Sadar, I Mohan Lal Dharewa, S/o- Late Budhmal Dharewa of Jhola Sahi, Buxibazar, Dist.- Cuttack- 753001, Odisha changed my surname from Jain to Dharewa. Henceforth I shall be known as Mohan Lal Dharewa for all purposes. D-16944

Your Classified Advertisement published in Dharitri will be listed free in Dharitri Online Edition:
**dharitriepaper.in**




# ନବୀନ ନିବାସରେ ଭବ୍ୟ ମଧ୍ୟାହ୍ନଭୋଜନ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

- ଏକାଠି ଭୋଜନ କଲେ ନବୀନ, ଶାହା, ମମତା, ନୀତୀଶ, ଧର୍ମେନ୍ଦ୍ର
- କେବଳ ରାଇତା ଖାଇଲେ ମମତା
- ପରଷା ଗଲା ସୁସ୍ୱାଦୁ ଓଡ଼ିଆ ବ୍ୟଞ୍ଜନ
- ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି ଫଟୋ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଏକତ୍ର ମଧ୍ୟାହ୍ନଭୋଜନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ବାସଭବନ ନବୀନ ନିବାସରେ ଏହି ଭବ୍ୟ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରରେ ପୂର୍ବାଞ୍ଚଳ ରାଜ୍ୟ ପରିଷଦ ବୈଠକ ପାଇଁ ଉପରୋକ୍ତ ସମସ୍ତ ନେତା ଏକାଠି ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନଙ୍କ ପକ୍ଷରୁ ଏହି ବିଶିଷ୍ଟ ଅତିଥିମାନଙ୍କ ପାଇଁ ଭବ୍ୟ ମଧ୍ୟାହ୍ନଭୋଜନର ବ୍ୟବସ୍ଥା ହୋଇଥିଲା।

ପରିଷଦ ବୈଠକ ପରେ ସମସ୍ତ ଅତିଥି ନବୀନ ନିବାସରେ ଏକାଠି ହୋଇଥିଲେ ଡାଇନିଂ ଟେବୁଲରେ। ଅତିଥିଙ୍କୁ ପରଷା ଯାଇଥିଲା ସୁସ୍ୱାଦୁ ଓଡ଼ିଆ ବ୍ୟଞ୍ଜନ। ଏହା ମଧ୍ୟରେ ଭାତ, ଡାଲି, ପନିର, ବାଇଗଣଭଜା, ଟମାଟୋ ଚଟଣି, ଦହି ବୁନ୍ଦି, ଆଳୁ-ମଟର ମସଲା(ଓଡ଼ିଶା ଷ୍ଟାଇଲ), ରୁଟି, ମାଛ ବେସର, ରାଇତା, ଛେନାପୋଡ ଇତ୍ୟାଦି ରହିଥିଲା। ସେହିଭଳି ମିଠାରେ ରସଗୋଲା, ଗୋଲାପଜାମୁନ୍, ରସ ମଲାଇ ଇତ୍ୟାଦି ପରଷା ଯାଇଥିଲା। ସମସ୍ତ ଅତିଥି ମଧ୍ୟାହ୍ନଭୋଜନକୁ ଭରପୂର ଉପଭୋଗ କରି ଖାଉଥିବା ଲକ୍ଷ୍ୟ କରାଯାଇଥିଲା। ଏ ସମ୍ପର୍କିତ କେତେକ ଫଟୋ ଉପସ୍ଥିତ ଅତିଥିମାନେ ନିଜ ଟୁଇଟର୍ ଏବଂ ଫେସ୍‌ବୁକ୍ ଆକାଉଣ୍ଟରେ ଛାଡିଥିଲେ। ଗୋଟିଏ ଫଟୋରେ ମମତା ଖାଇବା ଥାଳି ସାଇଡ୍ କରି ନିଜ ମୋବାଇଲକୁ ଦେଖିବାକୁ ଲକ୍ଷ୍ୟ କରାଯାଇଥିଲା। ଏ ସମ୍ପର୍କରେ ତାଙ୍କୁ ପରେ ଗଣମାଧ୍ୟମ ପ୍ରତିନିଧିମାନେ ବାହାରେ ପ୍ରଶ୍ନ କରିଥିଲେ। ଏ ସମ୍ପର୍କରେ ମମତା କହିଥିଲେ ଯେ, ଅଧିକାଂଶ ସମୟରେ ସେ ମଧ୍ୟାହ୍ନଭୋଜନ ଗ୍ରହଣ କରନ୍ତି ନାହିଁ। ତେଣୁ ପରଷା ଯାଇଥିବା ରାଇତା ଅଳ୍ପ ଖାଇଥିବା ମମତା କହିଥିଲେ। ମଧ୍ୟାହ୍ନଭୋଜନ ପରେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଏହା ବହୁତ ଖୁସିର କଥା। ନବୀନ ନିବାସରେ ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ସୁସ୍ୱାଦୁ ଓଡ଼ିଆ ଖାଦ୍ୟ ଭୋଜନ କରାଗଲା। ଏହି ସମୟରେ ସମସ୍ତଙ୍କ ସହ ଉତ୍ତମ ଭାବ ବିନିମୟ ହୋଇଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ବଦଳିଲା ଶାହାଙ୍କ ସ୍ୱର

ଭୁବନେଶ୍ୱର,୨୮।୨(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନ ପରେ ଶୁକ୍ରବାର ପ୍ରଥମ ଥର ପାଇଁ ଓଡ଼ିଶା ଆସିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଆଭିମୁଖ୍ୟରେ ବ୍ୟାପକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ନିର୍ବାଚନ ପୂର୍ବରୁ ଏକାଧିକ ଥର ଆସି ଓଡ଼ିଶାରେ ସରକାର ଗଠନ କରିବାର ଦମ୍ଭୋକ୍ତି ଦେଖେଇବା ସାଙ୍ଗକୁ ବିଜେଡିକୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରିଥିଲେ। ନବୀନ ପଟ୍ଟନାୟକଙ୍କ ସରକାରକୁ ବଙ୍ଗୋପସାଗରେ ଫିଙ୍ଗିଦେବାକୁ ଆହ୍ୱାନ ଦେଇଥିଲେ। ଏଥର କିନ୍ତୁ ତାଙ୍କ ସ୍ୱର ବଦଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଏବଂ ଗତ ନିର୍ବାଚନରେ ହୋଇଥିବା ଜନମତକୁ ସମ୍ମାନ ଜଣାଉଥିବା ସେ କହିଛନ୍ତି। ଏହାସହ କେନ୍ଦ୍ରରୁ ଆସୁଥିବା ଯୋଜନା ଗରିବଙ୍କ ନିକଟରେ କିଭଳି ପହଞ୍ଚିପାରିବ ସେଦିଗରେ ଗୁରୁତ୍ୱ ଦେବାକୁ ନବୀନଙ୍କୁ ସେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ସେ କଂଗ୍ରେସ ଉପରେ ବର୍ଷିଛନ୍ତି। ସ୍ଥାନୀୟ ଜନତା ମଇଦାନରେ ଶୁକ୍ରବାର ଭାଜପା ପକ୍ଷରୁ ଆୟୋଜିତ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ସପକ୍ଷ ଜନସମାବେଶରେ ସେ ଯୋଗଦେଇଥିଲେ। ସିଏଏକୁ ନେଇ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳ ଲୋକଙ୍କୁ ବିଭ୍ରାନ୍ତି କରି ଦେଶରେ ହିଂସା କରାଉଥିବାର ସେ କହିଥିଲେ।

ଜଗନ୍ନାଥଙ୍କୁ ପ୍ରଣାମ ଜଣାଇ ଶାହା ନିଜ ବକ୍ତବ୍ୟ ଆରମ୍ଭ କରି କହିଥିଲେ। ଗୁଜରାଟଠାରୁ ଓଡ଼ିଶା ଅଲଗା ନୁହେଁ। ଗୁଜରାଟ ପରେ ଓଡ଼ିଶା ତାଙ୍କୁ ଦ୍ୱିତୀୟ ଘର ଭଳି ଲାଗେ। ଏହି ଦୁଇ ରାଜ୍ୟକୁ ମହାପ୍ରଭୁ ଜଗନ୍ନାଥ ଯୋଡ଼ିଛନ୍ତି। ଜଗନ୍ନାଥ ଏହି ଦୁଇ ରାଜ୍ୟକୁ ଆଶୀର୍ବାଦ କରିଛନ୍ତି ବୋଲି ସେ କହିଥିଲେ। ଗତ ସାଧାରଣ ନିର୍ବାଚନରେ ଭାଜପା ଦେଶରେ ୩୦୩ ଲୋକ ସଭା ଆସନରେ ବିଜୟୀ ହୋଇଥିବା ବେଳେ ଓଡ଼ିଶାରୁ ୮ ଆସନରେ ଜିତିଥିଲା। ଏତେଦିନ ପରେ ରାଜ୍ୟରୁ କଂଗ୍ରେସ ପ୍ରଥମ ଥର ଲାଗି ମୁଖ୍ୟ ବିରୋଧୀ ଦଳ ଆସନରୁ ହଟି ଏହି ଜାଗାରେ ଭାଜପାକୁ ସ୍ଥାନ ମିଳିଛି। ଗତ ନିର୍ବାଚନରେ ଭାଜପାକୁ ମୋଟ ୯୧ ଲକ୍ଷ ଭୋଟ ମିଳିଥିବା ବେଳେ ବିଜେଡିକୁ ୧.୧ କୋଟି ଭୋଟ ମିଳିଛି। ଓଡ଼ିଶାରେ ଭାଜପା ଶୀର୍ଷ ସ୍ଥାନକୁ ପହଞ୍ଚିବା ପାଇଁ ଆଉ ଗୋଟିଏ ବଡ଼ ଲମ୍ଫ ଦରକାର। ରାଜ୍ୟର ୩୭ ହଜାର ବୁଥ୍‌ରୁ ୧୪ ହଜାର ବୁଥ୍‌ରେ ଭାଜପା ବଢ଼ିଥିବା ବେଳେ ଅନ୍ୟ ବୁଥ୍‌ରେ ଦ୍ୱିତୀୟ ନମ୍ବରରେ ରହିଛି। ଏହା ଦଳର ବୁଥ୍ କାର୍ଯ୍ୟକର୍ତ୍ତାଙ୍କ ଯୋଗୁ ସମ୍ଭବ ହୋଇପାରିଛି। ଯଦି ପୂର୍ବ ଭାରତକୁ ଦେଖାଯାଏ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରକୁ ମଜଭୁତ କରିବାରେ ଓଡ଼ିଶା ଏକ ନମ୍ବର ବୋଲି ଶାହା କହିଥିଲେ।

ପୂର୍ବ ଭାରତର ବିକାଶ ସମ୍ପର୍କରେ ସେ କହିଥିଲେ ଯେ, ନରେନ୍ଦ୍ର ମୋଦିଙ୍କ ସରକାର ଗତ ୫ ବର୍ଷରେ ଯାହା କରିଛିନ୍ତି, କଂଗ୍ରେସ ୫୫ବର୍ଷରେ ତାହା କରିନାହିଁ। ମନମୋହନ ସିଂଙ୍କ ସରକାର ୨୦୦୯ରୁ ୨୦୧୪ ମଧ୍ୟରେ ଓଡ଼ିଶାକୁ ମୋଟ ୭୯ ହଜାର କୋଟି ଟଙ୍କା ଅନୁଦାନ ଦେଇଥିଲେ। ମାତ୍ର ୨୦୧୪ରେ ମୋଦି ସରକାର ଆସିବା ପରେ ୨୦୧୯ ମଧ୍ୟରେ ଓଡ଼ିଶାକୁ ୨.୧୧ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି। ମୋଦିଙ୍କ ପ୍ରତିନିଧି ଭାବେ ବିଶ୍ୱାସ ଦେବାକୁ ଆସି ପ୍ରତିଶ୍ରୁତି ଦେଉଛି, ଆସନ୍ତା ୫ବର୍ଷ ମଧ୍ୟରେ ଓଡ଼ିଶାର ବିକାଶରେ କୌଣସି ହେଳା କରାଯିବନାହିଁ। ଗୁଜରାଟ ଭଳି ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ବିକାଶ ପହଞ୍ଚିବ। ମୋଦିଙ୍କ ୨ୟ ପାଳି ସରକାରରେ ବଡ଼ ନିଷ୍ପତ୍ତି ନିଆଯାଇଛି। ୨୦୨୪ ସୁଦ୍ଧା ସବୁ ଲୋକଙ୍କ ଘରେ ପାଇପ ଜରିଆରେ ସ୍ୱଚ୍ଛ ପାଣି ପହଞ୍ଚାଇବା ଲକ୍ଷ୍ୟ ରଖିଛୁ। ଏହାଦ୍ୱାରା ଓଡ଼ିଶାର ସବୁଠାରୁ ଅଧିକ ଲାଭ ହେବ। ରାଜ୍ୟରେ ୩୦ ପ୍ରତିଶତ ଘରେ ଖୁବ୍‌ଶୀଘ୍ର ଏହା ପହଞ୍ଚିବ ବୋଲି ସେ କହିଛନ୍ତି।

ସିଏଏ ସମ୍ପର୍କରେ ଶାହା କହିଛନ୍ତି ଯେ, ମୋଦି ପ୍ରଧାନମନ୍ତ୍ରୀ ହେବାପରେ ୭୦ବର୍ଷ ହେଲା ଅସମାହିତ ଥିବା ବହୁ ପ୍ରସଙ୍ଗକୁ ସମାଧାନ କରିଛନ୍ତି। କଶ୍ମୀରକୁ ଭାରତର ମୁକୁଟ କରିବା ପାଇଁ ଅନୁଚ୍ଛେଦ ୩୭୦ ହଟାଇ ଦିଆଯାଇଛି। ରାମମନ୍ଦିର ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଏକ ଟ୍ରଷ୍ଟ ଗଠନ କରିଛନ୍ତି। ଅଳ୍ପଦିନ ମଧ୍ୟରେ ଆକାଶକୁ ଛୁଇଁବା ଭଳି ଏକ ଭାବ୍ୟ ରାମମନ୍ଦିର ନିର୍ମାଣ କରାଯିବ। ସିଏଏ ପ୍ରସଙ୍ଗରେ ସବୁ ବିପକ୍ଷ ଦଳ ତଥା କଂଗ୍ରେସ, ସିପିଏମ୍, ସିପିଆଇ, ବିଏସ୍‌ପି, ଏସ୍‌ପି ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ଦିଦି ଭୁଲ୍ ତଥ୍ୟ ଦେଉଛନ୍ତି। ସିଏଏ ଦ୍ୱାରା ନାଗରିକତା ଚାଲିଯିବା ନେଇ ଅପପ୍ରଚାର କରାଯାଉଛି। କଂଗ୍ରେସ ଏହି ଆଇନ ଲାଗୁ କରିବାକୁ ୨୭ଟି ଭିନ୍ନଭିନ୍ନ ସ୍ଥାନରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହା ଲାଗୁ କରିପାରି ନ ଥିଲା। ସିଏଏ ଦେଶରେ ଲାଗୁ କଲେ ବିରୋଧୀ ବଦନାମ କରିବେ ବୋଲି ପ୍ରଧାନମନ୍ତ୍ରୀ ଜାଣିଥିଲେ। କିନ୍ତୁ ବଦନାମକୁ ଖାତିର ନ କରି ଦେଶର ବିକାଶ ଏବଂ ସତ୍ୟ ପାଇଁ ମୋଦି ସିଏଏ ଲାଗୁ କଲେ। ପୂର୍ବରୁ ସଂଖ୍ୟାଲଘୁଙ୍କ ମାନବାଧିକାର କ୍ଷୁଣ୍ଣ ହେଉଥିଲା, ତାହା ଆଉ ହେବନାହିଁ। ସିଏଏ ଦ୍ୱାରା କୌଣସି ସଂଖ୍ୟାଲଘୁଙ୍କ ନାଗରିକତା ଯିବନାହିଁ। ହେଲେ ସିଏଏ ଦ୍ୱାରା ପ୍ରପୀଡ଼ିତଙ୍କ ନାଗରିକତା ସୁରକ୍ଷିତ ହେବ। କଂଗ୍ରେସ ସରକାର ସମୟରେ ଭାରତ ଅର୍ଥନୀତିରେ ବିଶ୍ୱରେ ୧୧ ନମ୍ବର ସ୍ଥାନରେ ଥିଲା। ମୋଦି ସରକାର ସମୟରେ ଭାରତ ଏହି କ୍ଷେତ୍ରରେ ୫ ନମ୍ବରରେ ପହଞ୍ଚିବା ସହ ୫ ଟ୍ରିଲିୟନ ଅର୍ଥନୀତି ଦିଗରେ ଗତି କରୁଛି ବୋଲି ଶାହା କହିଛନ୍ତି।

ଏହି ସମାବେଶରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଧାନସଭାର ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଭାଜପା ବିଧାୟକ ଦଳ ଉପନେତା ବିଷ୍ଣୁ ସେଠୀ ପ୍ରମୁଖ ବକ୍ତବ୍ୟ ରଖି ସିଏଏ ସପକ୍ଷରେ କହିଥିଲେ।


ଜନସମାବେଶରେ ଉଦ୍‌ବୋଧନ ଦେଉଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା।

**ସିଏଏ ସପକ୍ଷରେ ଭାଜପାର ଜନସମାବେଶ**

- 'ବିରୋଧୀ ଦେଶରେ ହିଂସା ବଢ଼ାଉଛନ୍ତି'
- ଓଡ଼ିଶାରେ ଶୀର୍ଷକୁ ଆସିବା ପାଇଁ ବଡ଼ ଲମ୍ଫ ଦରକାର
- ଖୁବ୍‌ଶୀଘ୍ର ଆରମ୍ଭ ହେବ ଭବ୍ୟ ରାମମନ୍ଦିର ନିର୍ମାଣ

# ଦିଲ୍ଲୀରେ ଶାନ୍ତି ବଜାୟ ରହୁ: ମମତା

**ଭୁବନେଶ୍ୱର, ୨୮।୨ (ବ୍ୟୁରୋ):** ଓଡ଼ିଶାରେ ପୂର୍ବାଞ୍ଚଳ ରାଜ୍ୟଗୁଡିକର ୨୪ତମ ଆଞ୍ଚଳିକ ପରିଷଦ ବୈଠକ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ୩ ପ୍ରମୁଖ ମୁଖ୍ୟମନ୍ତ୍ରୀ(ନବୀନ ପଟ୍ଟନାୟକ, ମମତା ବାନାର୍ଜୀ, ନୀତିଶ କୁମାର) ଏବଂ ଜଣେ କେନ୍ଦ୍ରମନ୍ତ୍ରୀ(ଧର୍ମେନ୍ଦ୍ର ପ୍ରଧାନ)ଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ତେଣୁ ବିଭିନ୍ନ ପ୍ରସଙ୍ଗରେ ଦେଶର ରାଜନୀତି ବର୍ତ୍ତମାନ ସରଗରମ ରହିଛି। ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ନେଇ ନିକଟରେ ଦିଲ୍ଲୀରେ ଭୟାନକ ଦଙ୍ଗା ସଂଘଟିତ ହୋଇଥିଲା। ଏଥିରେ ଅନେକ ବ୍ୟକ୍ତିବିଶେଷଙ୍କ ମୃତ୍ୟୁ ହୋଇଥିଲା। ଏହି ପ୍ରସଙ୍ଗରେ ପରିଷଦ ବୈଠକରେ ବୟାନବାଜି ଦେଖିବାକୁ ମିଳିବ ବୋଲି ଆଶା କରାଯାଉଥିଲା। ହେଲେ ସେପରି କିଛି ହୋଇ ନ ଥିଲା।

ଅପରପକ୍ଷରେ ନବୀନ ନିବାସରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏନେଇ ମନ୍ତବ୍ୟ ଦେଇଥିଲେ। ମମତା କହିଥିଲେ ଯେ, ଦିଲ୍ଲୀରେ ଯାହା ହୋଇଗଲା ତାହା ଦୁର୍ଭାଗ୍ୟଜନକ। ଏଥିରେ ସାଧାରଣ ଜନତାଙ୍କ ସମେତ ପୋଲିସ, ଗୋଇନ୍ଦା ଅଧିକାରୀଙ୍କ ମୃତ୍ୟୁ ହୋଇଛି। ତେଣୁ ଦିଲ୍ଲୀରେ ଶାନ୍ତି ଫେରିବା ଆବଶ୍ୟକ । ସମସ୍ତଙ୍କୁ ଶାନ୍ତି ବଜାୟ ରଖିବା ପାଇଁ ମମତା ଅପିଲ୍ କରିଥିଲେ। ସେହିଭଳି ଆଞ୍ଚଳିକ ପରିଷଦ ବୈଠକରେ ସିଏଏ, ଏନ୍‌ଆରସି ଏବଂ ଏନ୍‌ପିଆର ପ୍ରସଙ୍ଗରେ ଆଲୋଚନା ହୋଇ ନାହିଁ। ଏହି ବୈଠକ କାର୍ଯ୍ୟସୂଚୀରେ ଏସବୁ ନ ଥିଲା। ପଶ୍ଚିମବଙ୍ଗର ସ୍ୱାର୍ଥ ସମ୍ବଳିତ ପ୍ରଶ୍ନ, କୋଇଲା ରୟାଲ୍‌ଟି ବୃଦ୍ଧି ପ୍ରସଙ୍ଗରେ ବୈଠକରେ ଉପସ୍ଥାପନ କରିଥିବା ମମତା କହିଥିଲେ। ନବୀନ ନିବାସ ବାହାରେ ଉପସ୍ଥିତ କେତେକ ଗଣମାଧ୍ୟମ ପ୍ରତିନିଧି ଦେଶର ସିଏଏ ବିରୋଧୀ ହିଂସା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବି କରିବେ କି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତର ଦେଇ ମମତା କହିଥିଲେ ଯେ, ସବୁ ପ୍ରଶ୍ନର ଯେ ଉତ୍ତର ଦିଆଯିବ ତାହା ନୁହେଁ, ସେ ଯାହା ଉଚିତ ଭାବିବେ, ତାହା ହିଁ କହିବେ ।

# ମାଟ୍ରିକ ପରୀକ୍ଷା: କପି କରି ୨୫୭ ପରୀକ୍ଷାର୍ଥୀ ଏମ୍‌ପି

**କଟକ ଅଫିସ,୨୮।୨:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ମାଟ୍ରିକ ପରୀକ୍ଷାରେ ଶୁକ୍ରବାର ୨୫୭ ଜଣ ପରୀକ୍ଷାର୍ଥୀ କପି କରି ଧରାପଡ଼ିବା ସହ ମାଲପ୍ରାକ୍ଟିସ(ଏମ୍‌ପି) ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମାଟ୍ରିକ ପରୀକ୍ଷାର ୨୩୧ଜଣ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ୨୬ଜଣ ଅଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ମାଟ୍ରିକ ପରୀକ୍ଷାର ସାଧାରଣ ବିଜ୍ଞାନ, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ସାମାଜିକ ବିଜ୍ଞାନ ଓ ମଧ୍ୟମା ପରୀକ୍ଷାରେ ଇଂଲିଶ ପ୍ରଶ୍ନପତ୍ର ରହିଥିଲା।




# ଜମି ରେକର୍ଡ ଡିଜିଟାଇଜ କରିବାରେ ଓଡ଼ିଶା ଦ୍ୱିତୀୟ

**ଭୁବନେଶ୍ୱର, ୨୮।୨ (ବ୍ୟୁରୋ):** ଜମିଜମା ରେକର୍ଡ ଡିଜିଟାଇଜିଂ କରିବା କ୍ଷେତ୍ରରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ନ୍ୟାଶନାଲ କାଉନ୍‌ସିଲ ଅଫ ଆପ୍ଲାଏଡ ଇକୋନୋମିକ୍ସ ରିସର୍ଚ୍ଚ(ଏନସିଏଇଆର) ଲ୍ୟାଣ୍ଡ ରେକର୍ଡସ ଆଣ୍ଡ ସର୍ଭିସ ଟ୍ୟାକ୍ସ ସର୍ଭିସେସ ଇଣ୍ଡେକ୍ସରୁ ଏହା ଜଣାପଡିଛି। ଏ କ୍ଷେତ୍ରରେ ମଧ୍ୟ ପ୍ରଦେଶ ପ୍ରଥମ ସ୍ଥାନରେ ଥିବା ବେଳେ ମହାରାଷ୍ଟ୍ର, ଛତିଶଗଡ, ତାମିଲନାଡୁ, ପଶ୍ଚିମବଙ୍ଗ, ଝଡଖଣ୍ଡ, ରାଜସ୍ଥାନ, ତେଲଙ୍ଗାନା ଏବଂ ଆନ୍ଧ୍ର ପ୍ରଦେଶ ତୃତୀୟରୁ ଦଶମ ସ୍ଥାନ ଅଧିକାରୀ କରିଛନ୍ତି। ଏନସିଏଇଆର ପକ୍ଷରୁ ୨୦୧୯-୨୦ ଲ୍ୟାଣ୍ଡ ରେକର୍ଡ ସଂଗ୍ରହ କରାଯାଇଥିଲା। ପ୍ରଥମତଃ ରାଜ୍ୟର ସମସ୍ତ ଜମିଜମା ରେକର୍ଡ ଲୋକଙ୍କ ନିକଟରେ ଡିଜିଟାଲ ପଦ୍ଧତିରେ ଉପଲବ୍ଧ ଅଛି କି ନାହିଁ, ଅଫିସିଆଲ ମ୍ୟାପ ଲ୍ୟାଣ୍ଡ ରେକର୍ଡ ସହ ଅଛି କି ନାହିଁ ଏବଂ ଜମି ବିକ୍ରି ଖରିଦର ପଦ୍ଧତିକୁ ନେଇ ଏହି ସର୍ଭେ କରାଯାଇଥିଲା। ଏନସିଏଇଆରର ଡାଇରେକ୍ଟର ଜେନେରାଲ ଶେଖର ଶାହ କହିଛନ୍ତି ଯେ, ଡିଜାଇନ ଆକ୍ସନ ପ୍ଲାନ ଜମି ରେକର୍ଡ ଗ୍ରହଣକୁ ସୁନିଶ୍ଚିତ କରିଥାଏ।

# ୫୬୩ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

- ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ ବୈଠକ
- ୧୨୭୩ ରୋଜଗାର ସୃଷ୍ଟି ଲକ୍ଷ୍ୟ

ରାଜ୍ୟ ସରକାର ଶୁକ୍ରବାର ୨ଟି ମେଗା ପ୍ରକଳ୍ପର ଅନୁମୋଦନ କରିଛନ୍ତି। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ୫୬୩ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି(ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ)ର ୯୦ତମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରାୟ ୧୨୭୩ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହୋଇପାରିବ। ଅନୁମୋଦିତ ହୋଇଥିବା ଅଧିକାଂଶ ପ୍ରକଳ୍ପ ମଧ୍ୟରେ ଡାଉନ୍‌ଷ୍ଟ୍ରିମ୍ ଆଲୁମିନିୟମ୍, ପ୍ଲାଷ୍ଟିକ ଇତ୍ୟାଦି ରହିଛି। ଗ୍ଲେନ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିଃ ପକ୍ଷରୁ ପ୍ଲାଷ୍ଟିକ ଖାଦ୍ୟଥାଳି ଏବଂ ମୋଲ୍‌ଡେଡ୍ ପେପର ପ୍ରସ୍ତୁତି କରାଯିବ। ବାର୍ଷିକ ପ୍ରାୟ ୯୨୬୧ ମେଟ୍ରିକ ଟନ୍ ଉତ୍ପାଦନ ଲକ୍ଷ୍ୟ ରଖାଯାଇ ଏହି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପରେ ୬୩ କୋଟି ଟଙ୍କା ନିବେଶ କରାଯାଇ ୨୭୩ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ଲକ୍ଷ୍ୟ ରଖାଯାଇଛି। ସେହିଭଳି ରାଜ୍ୟରେ ଡାଉନଷ୍ଟ୍ରିମ୍ ଆଲୁମିନିୟମ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ପଦକ୍ଷେପ ନିଆଯାଇଛି। ଜିନ୍ଦଲ ଆଲୁମିନିୟମ ଲିଃ ପକ୍ଷରୁ ବାର୍ଷିକ ୭୫,୦୦୦ ମେଟ୍ରିକ୍ ଟନ୍ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏହା ପୂର୍ବ ପ୍ରକଳ୍ପର ଏକ ସମ୍ପ୍ରସାରଣ ବୋଲି ଜଣାପଡିଛି। ୫୦୦ କୋଟି ଟଙ୍କାର ନିବେଶରେ କରାଯାଉଥିବା ଏହି ସମ୍ପ୍ରସାରଣ ଅତିରିକ୍ତ ୧୦୦୦ଜଣଙ୍କ ପାଇଁ ରୋଜଗାର ସୃଷ୍ଟି କରିବ ବୋଲି କୁହାଯାଇଛି। ଏହି ବୈଠକରେ ଶିଳ୍ପ ପ୍ରମୁଖ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ରହିଥିଲେ।

ୟୁରୋପୀୟ ସମାଜର ସୁନ୍ଦର ବାହ୍ୟ ସଭ୍ୟତା ତଳେ, ଏକ ଗଭୀର ନୈତିକ ରୋଗ ତା'ର ପ୍ରାଣକୁ ଗ୍ରାସ କରୁଛି – ଯାହାର ସହସ୍ର ସହସ୍ର ଲକ୍ଷଣ ଆମ ଆଖିରେ ପଡୁଛି। ଭାରତ ଯଦି ତା'ର ରାଜନୈତିକ ଆଦର୍ଶ, ସାମାଜିକ ପ୍ରଣାଳୀ ଓ ଆର୍ଥିକ ନିୟମକୁ ଗ୍ରହଣ କରେ– ତେବେ ସେ ମଧ୍ୟ ସେ ସବୁ ରୋଗ ଦ୍ୱାରା ଆକ୍ରାନ୍ତ ହେବ।
–ଶ୍ରୀଅରବିନ୍ଦ



# ସମ୍ପର୍କର ଫାଇଦା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗତମାସରେ କ୍ଷମତା ଅଳିନ୍ଦରେ ଦେଖିବା ଭଳି ଏକ କାର୍ଯ୍ୟ ନଜରକୁ ଆସିଥିଲା। ଜଣେ ବାବୁ ତାଙ୍କ ଝିଅ ପାଇଁ ମୁଣ୍ଡନ ଉତ୍ସବର ଆୟୋଜନ କରିଥିଲେ। ଏହି ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଅନେକ କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ଅନେକ ସଚିବ ତଥା ବିଭିନ୍ନ ବିଭାଗର ପୂର୍ବତନ ମନ୍ତ୍ରୀମାନେ ଯୋଗଦେଇଥିଲେ। ବାସ୍ତବରେ ଅତିଥି ତାଲିକାରେ ରାଜଧାନୀର କ୍ଷମତାଶାଳୀ ତଥା ମାଣ୍ୟଗଣ୍ୟ ବ୍ୟକ୍ତିମାନେ ହିଁ ଥିଲେ। ସେମାନଙ୍କ ଉପସ୍ଥିତି ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। କିନ୍ତୁ ଦିବାକରନାଥ ମିଶ୍ର କୌଣସି ସାଧାରଣ ଯୁଗ୍ମ ସଚିବ ନୁହନ୍ତି। ସେ ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ୍ ଏ.କେ. ମିଶ୍ରଙ୍କ ଜ୍ୱାଇଁ ଏବଂ ଏହି ପାର୍ଟି ବିଚାରପତିଙ୍କ ଘରେ ଆୟୋଜିତ ହୋଇଥିଲା। ଏଭଳି ଏକ ସଂଯୋଗରୁ ଅତିଥିମାନଙ୍କର ଅଭୂତପୂର୍ବ ଉପସ୍ଥିତି ବୁଝାପଡେ। ମିଶ୍ର ହେଉଛନ୍ତି ୨୦୦୦ ବ୍ୟାଚ୍ ଆସାମ–ମେଘାଳୟ କ୍ୟାଡର୍‌ର ଜଣେ ଆଇଏଏସ୍ ଅଧିକାରୀ ଏବଂ ଏବକାର କାର୍ଯ୍ୟଭାର ପୂର୍ବରୁ ସେ ପେଟ୍ରୋଲିୟମ୍ ମନ୍ତ୍ରଣାଳୟରେ କାର୍ଯ୍ୟ କରିଥିଲେ। ସେ ମଧ୍ୟ ତୈଳ ଉଦ୍ୟୋଗ ବିକାଶ ପରିଷଦର ସଚିବ ଥିଲେ। କିନ୍ତୁ ଏବେ ବାଣିଜ୍ୟ ମନ୍ତ୍ରଣାଳୟରେ କାର୍ଯ୍ୟରତ ମିଶ୍ର କେବଳ ଉଚ୍ଚ ମହଲରେ ଭଲ ସମ୍ପର୍କ ଥିବା ଏକମାତ୍ର ଜ୍ୱାଇଁ ନୁହନ୍ତି। ଆଉ ଜଣେ ଶ୍ୟାମଳ ମିଶ୍ର ଅଛନ୍ତି ଯେ କି ନୃପେନ୍ଦ୍ର ମିଶ୍ରଙ୍କ ଜ୍ୱାଇଁ। ନୃପେନ୍ଦ୍ର ମିଶ୍ର ଏକଦା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଭାବେ ସବୁଠୁ କ୍ଷମତାଶାଳୀ ଥିଲେ।

### କାହାକୁ ଯିବାକୁ ଦିଆଯାଉନି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଳୟ ବା ପିଏମ୍‌ଓ ହେଉଛି ଏପରି ଏକ କାର୍ଯ୍ୟାଳୟ, ଯାହାକୁ ଜଣେ ଯେତେବେଳେ ଚାହିଁବ ଛାଡ଼ିପାରିବ, କିନ୍ତୁ କେବେ ଛାଡ଼ିବ ନାହିଁ। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଭାବେ କାର୍ଯ୍ୟକାଳ ଶେଷ ହେବା ପରେ ପିଏମ୍‌ଓ ଛାଡିବା ସତ୍ତ୍ୱେ ନୃପେନ୍ଦ୍ର ମିଶ୍ର ମୋଦିଙ୍କର ଜଣେ ପ୍ରିୟଲୋକ ହୋଇ ରହିଛନ୍ତି। ମୋଦି ସରକାରଙ୍କ ପ୍ରଥମ ପାଳି ଶେଷରେ ସେ ଯେତେବେଳେ ପିଏମ୍‌ଓ ଛାଡିଲେ ସେତେବେଳେ ଭାଙ୍ଗିପଡି ନ ଥିଲେ। କିଛିମାସ ପରେ ପ୍ରଧାନମନ୍ତ୍ରୀ ମିଶ୍ରଙ୍କୁ ସମ୍ମାନଜନକ ନେହେରୁ ସ୍ମାରକୀ ସଂଗ୍ରହାଳୟ ଏବଂ ପୁସ୍ତକାଳୟର କାର୍ଯ୍ୟନିର୍ବାହୀ ପରିଷଦର ମୁଖ୍ୟ ଭାବେ ନିଯୁକ୍ତି ଦେଇଥିଲେ। ଏବେ ତାଙ୍କୁ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରିବାକୁ ଗଠିତ ହୋଇଥିବା କମିଟିର ମୁଖ୍ୟ କରାଯାଇଛି। ନିଃସନ୍ଦେହ, ଉତ୍ତରପ୍ରଦେଶରେ ପ୍ରଶାସକଭାବେ ମିଶ୍ରଙ୍କର ଦୀର୍ଘ ଅଭିଜ୍ଞତା ରହିଛି ଏବଂ ସେ ମୋଦିଙ୍କ ବିଶ୍ୱାସଭାଜନ ହୋଇ ଯେଉଁ ଅନୁଭୂତି ହାସଲ କରିଛନ୍ତି ତାହା ଏ କ୍ଷେତ୍ରରେ କାମରେ ଆସିବ। ସେହିପରି ଆଉ ଜଣେ ପୂର୍ବତନ ପିଏମ୍‌ଓ ବାବୁ ତଥା ୧୯୮୩ ବ୍ୟାଚ୍ ପଶ୍ଚିମବଙ୍ଗ କ୍ୟାଡର ଆଇଏଏସ୍ ଅଧିକାରୀ ଭାସ୍କର ଖୁଲ୍‌ବେ ପ୍ରଧାନମନ୍ତ୍ରୀଙ୍କ ସଚିବ ପଦରୁ ଅବସର ନେବା ପରେ ପୁଣି ପିଏମ୍‌ଓକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ସଚିବସ୍ତରୀୟ ପାହ୍ୟା ଓ ବେତନ ପାଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମୋଦିଙ୍କର ଏବେ ଦୁଇଜଣ ପରାମର୍ଶଦାତା ହେଲେ। ଦ୍ୱିତୀୟ ଜଣକ ହେଉଛନ୍ତି ଖୁଲ୍‌ବେଙ୍କ ବ୍ୟାଚ୍‌ମେଟ ତଥା ବିହାର କ୍ୟାଡର୍‌ର ଅମରଜିତ୍ ସିହ୍ନା, ଯିଏ କି ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ ପଦରୁ ଅବସର ନେଇଛନ୍ତି। ବର୍ତ୍ତମାନ ଉଭୟେ ପିଏମ୍‌ଓର ସ୍ଥାୟୀ ସମ୍ପ୍ରସାରଣ ମଧ୍ୟରେ ରହିବେ। ଏବେ ପିଏମ୍‌ଓରେ ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ପି.କେ. ସିହ୍ନା ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚଳାଉଥିବା ଅନ୍ୟ ୪୮ ଜଣ ବରିଷ୍ଠ ଅଧିକାରୀ। ମୋଦିଙ୍କ ଆନୁଗତ୍ୟ ଓ ବିଶ୍ୱାସସମ୍ପନ୍ନ ବାବୁମାନଙ୍କୁ ପିଏମ୍‌ଓରେ ନିଯୁକ୍ତି ଦେବାକୁ ମୋଦି କେତେ ଭଲ ପାଆନ୍ତି ତାହା ଏଥିରୁ ସ୍ପଷ୍ଟ ବୁଝାପଡୁଛି।

### କେବଳ ପାରିଭାଷିକ ନା ଆଉ କିଛି

ଅର୍ଦ୍ଧସାମରିକ ବଳକୁ ପ୍ରଶାସନିକ ସେବା ମର୍ଯ୍ୟାଦା ଦିଆଯାଇ ପାରେ କି? 'ହଁ' ବୋଲି ଦୃଢ଼ତାର ସହ ଏହାର ଉତ୍ତର ଦେଇଛନ୍ତି ମୋଦି ସରକାର। ସରକାର ସବୁ କେନ୍ଦ୍ରୀୟ ସଶସ୍ତ୍ର ଆରକ୍ଷୀ ବଳକୁ ଗୋଟିଏ ଭାରତୀୟ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ସେବା (ଆଇସିଏପିଏସ୍) ଅଧୀନକୁ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ପୁଣି ଅର୍ଦ୍ଧସାମରିକ ବଳ ପାଇଁ ନିଯୁକ୍ତି କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ସଂଚାଳିତ ପ୍ରଶାସନିକ ସେବା ପରୀକ୍ଷା ମାଧ୍ୟମରେ କରାଯିବ। ସୂଚନା ଅନୁସାରେ, ଏହି ନାମ ପରିବର୍ତ୍ତନର ଉଦ୍ଦେଶ୍ୟ ହେଉଛି ଏହାଦ୍ୱାରା କେନ୍ଦ୍ରୀୟ ଆରକ୍ଷୀ ବଳର ଷ୍ଟାଟସ୍‌ରେ ପରିବର୍ତ୍ତନ କରି ଏହାକୁ ଅନ୍ୟ ପ୍ରଶାସନିକ ସେବା ସହ ସମାନ କରିବା। ଗତବର୍ଷ ଡିସେମ୍ବରରେ ଏଭଳି ପରିବର୍ତ୍ତନ କରିବା ଲାଗି ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟର ସୀମା ପରିଚାଳନା ସଚିବଙ୍କ ନେତୃତ୍ୱରେ ଗଠିତ କମିଟି ସୁପାରିସ କରିଥିଲା ଏବଂ ମନ୍ତ୍ରଣାଳୟ ୨୦୧୭ରେ ୟୁପିଏସ୍‌ସିଠାରୁ ଏଭଳି ପ୍ରସ୍ତାବ ପାଇଥିଲା। ପ୍ରଶାସନିକ ଅଧିକାରୀ ଓ କେନ୍ଦ୍ରୀୟ ପୋଲିସ ଅଧିକାରୀମାନଙ୍କ ମଧ୍ୟରେ ଥିବା ତାରତମ୍ୟ ଦୂର କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ତେବେ କେତେଜଣ ଆଇପିଏସ୍ ଅଧିକାରୀ ମତ ଦେଇଛନ୍ତି ଯେ, ଏହି ନାମ ପରିବର୍ତ୍ତନ କେବଳ ପାରିଭାଷିକ ଏବଂ ଯେପର୍ଯ୍ୟନ୍ତ ପ୍ରସ୍ତାବିତ ଆଇସିଏପିଏସ୍ କ୍ୟାଡର୍‌ରେ ଅନ୍ତର୍ବଦଳି ବ୍ୟବସ୍ଥା ଲାଗୁ ନ ହୋଇଛି, ଅର୍ଥାତ୍ ଗୋଟିଏ ଅର୍ଦ୍ଧସାମରିକ ବଳରୁ ଆଉ ଏକ ବଳକୁ ବଦଳି ହେବାର ବ୍ୟବସ୍ଥା ନ ହୋଇଛି ସେତେବେଳ ଯାଏ ଏଥିରେ ବିଶେଷ କିଛି ଫରକ ପଡିବ ନାହିଁ।

Email: dilipcherian@gmail.com

# ଜୀବନର ସାୟାହ୍ନରେ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

୨୦୧୯ ମସିହାରେ ରସାୟନ ବିଜ୍ଞାନରେ ଯେଉଁ ତିନିଜଣ ନୋବେଲ ବିଜୟୀ ହୋଇଥିଲେ, ସେମାନଙ୍କ ମଧ୍ୟରେ ଅଛନ୍ତି ଜନ୍ ଗୁଡ୍‌ଏନଫ୍, ଷ୍ଟାନ୍‌ଲେ ହ୍ୱିଟିଙ୍ଗହମ୍ ଓ ଆକିରା ୟାସିନୋ। ଲିଥିୟମ–ଆୟନ–ବ୍ୟାଟେରି କ୍ଷେତ୍ରରେ ଅଭିନବ ଅବଦାନ ପାଇଁ ସେମାନେ ଏହି ଗୌରବ ପ୍ରାପ୍ତ ହୋଇଥିଲେ। ଉକ୍ତ ବ୍ୟାଟେରିର ବ୍ୟବହାର ଦ୍ୱାରା ଖଣିଜ–ତୈଳର ଚାହିଦା ଯଥେଷ୍ଟ ହ୍ରାସ ହେବ ଓ ଆମ ସମାଜ ଉତ୍କଟ ପ୍ରଦୂଷଣରୁ କେତେକାଂଶରେ ନିସ୍ତାର ପାଇବ। ତେବେ ଏମିତି ସୌଭାଗ୍ୟପ୍ରାପ୍ତ ତିନି ବିଜେତାଙ୍କ ମଧ୍ୟରେ ଯେଉଁ ଜଣକ ସମଗ୍ର ବିଶ୍ୱବାସୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି ସେ ହେଉଛନ୍ତି ବୟୋଜ୍ୟେଷ୍ଠ ରସାୟନବିତ୍ ଗୁଡ୍‌ଏନଫ। ଜୁଲାଇ ୧୯୨୨ରେ ଜର୍ମାନୀର ଜେନାରେ ଜନ୍ମିତ ଗବେଷକ ସତାନବେ ବର୍ଷ ବୟସରେ ପୁରସ୍କୃତ ହୋଇଛନ୍ତି। ଅଦ୍ୟାବଧି ସମସ୍ତ ନୋବେଲ ବିଜେତାଙ୍କ ମଧ୍ୟରେ ସେ ହେଉଛନ୍ତି ସବୁଠାରୁ ବୟସ୍କ ବ୍ୟକ୍ତି।

ଏହି ଅବସରରେ ତାଙ୍କୁ ଯେତେବେଳେ ବର୍ତ୍ତମାନ କେମିତି ସମୟ ବିତାଉଥିବା ବିଷୟରେ ପ୍ରଶ୍ନ କରାଗଲା, ସେ ଉତ୍ତର ଦେଇଥିଲେ– "ଏ ବୟସରେ ଆଉ କ'ଣ ଅବସର ନେଇଯିବି, ଆଉ ମୃତ୍ୟୁକୁ ଅପେକ୍ଷା କରିବି– ମୁଁ ଏମିତି ଭାବେ ନାହିଁ। ଏବେ ବି ମୁଁ ଗବେଷଣାରେ ନିଜକୁ ନିମଗ୍ନ କରେ। ଯେଉଁ ପାଞ୍ଚ ଦିନ ପ୍ରତି ସପ୍ତାହରେ ଗବେଷଣାଗାର ଖୋଲା ରହେ, ମୁଁ ପୂରାପୂରି ଗବେଷଣା ଓ ଛାତ୍ରୀଛାତ୍ରଙ୍କ ସହ ବିଚାର ଆଲୋଚନାରେ ବ୍ୟସ୍ତ ରହେ। ଏପରି କି ଶନିବାର ପରି ଛୁଟି ଦିନରେ ଘରୁ କାମ କରେ।"

ଗୁଡ୍‌ଏନଫଙ୍କ ଏହି ଅକ୍ଳାନ୍ତ, ଏକନିଷ୍ଠ ପରିଶ୍ରମର ଏକମାତ୍ର ଲକ୍ଷ୍ୟ ହେଉଛି, ସମ୍ପ୍ରତି ସମାଜରେ ବହୁଳ ବ୍ୟବହୃତ ଜୀବାଶ୍ମ ଇନ୍ଧନ ପରିବର୍ତ୍ତେ ପ୍ରଦୂଷଣମୁକ୍ତ ଶକ୍ତିର ବିକାଶ ପାଇଁ ବ୍ରତୀ ହେବା। ତାଙ୍କୁ ବିଶ୍ୱର ଯେଉଁ ସର୍ବୋଚ୍ଚ ସ୍ୱୀକୃତି ମିଳିଛି, ସେ ଏହାର କାରଣ ଭାବେ ଦର୍ଶାଇଥିଲେ ଯେ, ସଫଳତା ଦୁଃସାଧ୍ୟ ହେଲେ ମଧ୍ୟ ଜଣେ ଯଦି ଆଶା ନ ହରାଇ ଚେଷ୍ଟା କରେ, ସେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ।

କିନ୍ତୁ ପ୍ରଶ୍ନ ଉଠେ କେବଳ ଅବିରତ ଉଦ୍ୟମ ଦ୍ୱାରା ଜଣେ ସାଫଲ୍ୟମଣ୍ଡିତ ହୋଇପାରିବ କି? ଏହା ଅନସ୍ୱୀକାର୍ଯ୍ୟ ଯେ, ଉଦ୍ଭାବନ କ୍ଷେତ୍ରରେ ଅଗ୍ରଣୀ ହୋଇ ଶୀର୍ଷ ସ୍ଥାନରେ ଉପନୀତ ହେବାକୁ ଜଣେ ଧୀଶକ୍ତିସମ୍ପନ୍ନ ହେବା ନିହାତି ଆବଶ୍ୟକ। ପୁଣି ପ୍ରତ୍ୟେକଟି ଗବେଷଣା କ୍ଷେତ୍ରରେ ଯେମିତି ଏଇ ଯୁଗରେ କ୍ଷିପ୍ର ଅଗ୍ରଗତି ଘଟୁଛି, ସେଥି ସହିତ ତାଳ ଦେବାକୁ ପଡିବ। ଜଣେ ପରିଣତ ବୟସରେ ଏମିତି ସର୍ତ୍ତମାନ ପୂରଣ କରିବା ଏକ ବିରଳ ଓ ବିସ୍ମୟକର ଘଟଣା। ଗୁଡ୍‌ଏନଫଙ୍କ ଜୀବନରେ ଘଟିଥିବା ଏମିତି ଅସାଧାରଣ କାର୍ଯ୍ୟକଳାପ ଓ ତଦନୁସାରେ କୃତିତ୍ୱ ଆମ ସମସ୍ତଙ୍କୁ ଆଚମ୍ବିତ କରିଥାଏ।

ଏହି ମର୍ମରେ ଆମ ମନ ବିଭିନ୍ନ ବାର୍ଦ୍ଧକ୍ୟଜନିତ ଦୁର୍ବଳତା ସମ୍ବନ୍ଧରେ ଆନ୍ଦୋଳିତ ହୋଇପାରେ। ଆମେ ଦେଖୁଛେ, ବୟସ ବଢିଲେ ଜଣକର ସ୍ମୃତିଶକ୍ତି ହ୍ରାସ ପାଏ। ଶାରୀରିକ ଦୌର୍ବଲ୍ୟ ଜଣକୁ ନିଷ୍କ୍ରିୟ କରିଥାଏ। ବୃଦ୍ଧମାନଙ୍କ ପଞ୍ଚେନ୍ଦ୍ରିୟ ଶିଥିଳ ହୋଇଯାଏ। କାମ କରିବାକୁ ସ୍ପୃହା ଜାତ ହୋଇ ନ ଥାଏ। ଇଚ୍ଛା ଥିଲେ ମଧ୍ୟ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଏଥିରେ ସହଯୋଗ କରି ନ ଥାନ୍ତି। ତେବେ ମୋଟାମୋଟି ଭାବେ ବାର୍ଦ୍ଧକ୍ୟର କିଛି ବିଶେଷତ୍ୱ ସମ୍ବନ୍ଧରେ ମଧ୍ୟ ଅନୁଶୀଳନ କରାଗଲେ, ଏକ ସ୍ପଷ୍ଟ ଓ ସାମଗ୍ରିକ ଚିତ୍ରର ସନ୍ଧାନ ଆମେ ପାଇପାରିବା।

ଶରୀରବିଜ୍ଞାନୀଙ୍କ ଅନୁସାରେ ବୟସ ବୃଦ୍ଧି ଘଟି ବୃଦ୍ଧାବସ୍ଥାରେ ପହଞ୍ଚିଲେ, ଆମ ମସ୍ତିଷ୍କର ଆୟତନ କମିଯାଏ। ଏହାର ପ୍ରଭାବ ମସ୍ତିଷ୍କର ଭିନ୍ନ ଭିନ୍ନ ଅଂଶ ଉପରେ ପଡିଥାଏ। ମସ୍ତିଷ୍କର କେତୋଟି ଭାଗ ହେଉଛି ହିପୋକ୍ୟାମ୍ପସ, ଯାହା କି ଆମ ସ୍ମୃତିକୁ ସାଇତି ରଖିଥାଏ। ଅନ୍ୟ ଏକ ଅଂଶ ହେଉଛି ସେରେବେଲମ୍, ଯାହାଦ୍ୱାରା ଆମ ଶରୀର ଗତି ଓ ଚଳପ୍ରଚଳ ପରି କାର୍ଯ୍ୟମାନ ସମ୍ପାଦନ କରେ। ତୃତୀୟ ଭାଗଟି ହେଉଛି ଫ୍ରଣ୍ଟାଲ ଲୋବ୍ ବା ଅଗ୍ରମସ୍ତିଷ୍କ। ଏହାଦ୍ୱାରା ଆମେ ସମସ୍ୟାର ସମାଧାନ କରୁ, ବିଭିନ୍ନ ଯୋଜନା ପ୍ରସ୍ତୁତ କରି ଉପଯୁକ୍ତ ନିଷ୍ପତ୍ତି ନେଉ। ଆବାଳବୃଦ୍ଧବନିତା ସମସ୍ତଙ୍କ ପାଇଁ ଏହି ପ୍ରତ୍ୟେକଟି ବିଭାଗ ଖୁବ୍ ଉପାଦେୟ।

ଯେତେବେଳେ ଜଣେ ଷାଠିଏ–ସତୁରି ବର୍ଷରେ ପହଞ୍ଚେ ତା'ର ମସ୍ତିଷ୍କର ଫ୍ରଣ୍ଟାଲ ଲୋବ୍ ଓ ହିପୋକ୍ୟାମ୍ପସ ସଙ୍କୁଚିତ ହୁଏ। ଫଳରେ ବୟସ୍କମାନଙ୍କ ସ୍ମୃତି–ଶକ୍ତି କମିଯାଏ। ତତ୍ ସହ ବୋଧ–ଶକ୍ତି ବା ବୁଝିପାରିବା ସଂକ୍ରାନ୍ତ କାର୍ଯ୍ୟ ବିଘ୍ନିତ ହୁଏ।

ମସ୍ତିଷ୍କରେ ଏତାଦୃଶ ଅବନତି ଘଟିବା ସତ୍ତ୍ୱେ ପରିଣତ ବୟସରେ ଏକ ଶୁଭସୂଚକ ଲକ୍ଷଣ ଦେଖିବାକୁ ମିଳେ। ଏହି ବୟସରେ ମସ୍ତିଷ୍କରେ ବିଦ୍ୟମାନ ଡିଫଲ୍ଟ ନେଟ୍‌ୱର୍କ (ନିଷ୍କ୍ରିୟ ନେଟ୍‌ୱର୍କ) ସକ୍ରିୟ ହୁଏ। ଯେତେବେଳେ ଜଣେ ବ୍ୟକ୍ତି କୌଣସି କାର୍ଯ୍ୟ ନ କରି ବସି ରହେ ସେତେବେଳେ ଏହି ନେଟ୍‌ୱର୍କ କାର୍ଯ୍ୟକ୍ଷମ ହୁଏ। ତେଣୁ ଶାରୀରିକ ପରିଶ୍ରମ କମ୍ କରୁଥିବା ବ୍ୟକ୍ତି କର୍ମଚଞ୍ଚଳ ବ୍ୟକ୍ତିଙ୍କଠାରୁ ଅପେକ୍ଷାକୃତ ଅଧିକ ସୁବିଧାଜନକ ସ୍ଥିତିରେ ରହିଥାଏ ନିଷ୍କ୍ରିୟ ନେଟ୍‌ୱର୍କ କ୍ଷେତ୍ରରେ। ସାଧାରଣତଃ ଯୁବକମାନେ ବିଭିନ୍ନ କାର୍ଯ୍ୟ କରିବାରେ ଅତ୍ୟଧିକ ସମୟ ବିତାଇଥାନ୍ତି। ସେମାନେ ବୟସ୍କଙ୍କ ପରି ସଂକୀର୍ଣ୍ଣ ସ୍ଥାନରେ ନିଜକୁ ଆବଦ୍ଧ କରି ରଖି ନ ଥାନ୍ତି। ତେଣୁ ତରୁଣମାନଙ୍କ ଅପେକ୍ଷା ବୃଦ୍ଧମାନଙ୍କ ନିଷ୍କ୍ରିୟ ନେଟ୍‌ୱର୍କର ପରିସର ଅଧିକ ବିସ୍ତୃତ ରହେ। ଫଳ ସ୍ୱରୂପ ବରିଷ୍ଠମାନେ ଦୀର୍ଘସମୟ ଧରି ବସି ରହୁଥିବାରୁ ସେମାନେ ଲାଭବାନ୍ ହୁଅନ୍ତି। ଏହାଦ୍ୱାରା ଅତୀତର ବିଭିନ୍ନ କାର୍ଯ୍ୟକଳାପ ସେମାନେ ରୋମନ୍ଥନ କରନ୍ତି। ପ୍ରକାରାନ୍ତରେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ, ସେମାନଙ୍କ ବିସ୍ତୃତ ଅନୁଭୂତି ଉଚିତ ମାର୍ଗ ପ୍ରଦର୍ଶନ କରିଥାଏ ଏବଂ ସେମାନଙ୍କ ଉପଦେଶ ବା ପରାମର୍ଶ କାର୍ଯ୍ୟକାରୀ କରାଗଲେ ସୁଫଳ ପ୍ରାପ୍ତ ହୁଏ। ତେଣୁ ସେମାନଙ୍କ ତଥାକଥିତ ଆଳସ୍ୟ ଅନାଦରଣୀୟ ନୁହେଁ।

ଅବଶ୍ୟ ମସ୍ତିଷ୍କର ଏହି ବିଶେଷତ୍ୱ ସତ୍ତ୍ୱେ ଜଣେ ଯଦି ବୟସ ବଢିଲେ ସୁଦ୍ଧା ସ୍ଥାଣୁଭାବେ ଘରେ ବସି ସମୟ ଅତିବାହିତ ନ କରି ପ୍ରାତଃଭ୍ରମଣ, ବ୍ୟାୟାମ ନିୟମିତ କରେ ତଥା ସାଙ୍ଗସାଥୀ, ବନ୍ଧୁବାନ୍ଧବଙ୍କ ସହ ସମ୍ପର୍କ ରଖେ ତେବେ ମସ୍ତିଷ୍କର ବୟସଜନିତ ଜୈବିକ କ୍ଷୟିଷ୍ଣୁ ଭାଗମାନ କିଛିମାତ୍ରାରେ ସୁରକ୍ଷିତ ହୋଇଥାଏ। ଏହାଦ୍ୱାରା ଜଣେ କର୍ମପ୍ରବଣ ବୟସ୍କ ବ୍ୟକ୍ତିର ହିପୋକ୍ୟାମ୍ପସ ସେରେବେଲମ୍ ଇତ୍ୟାଦି ଅଂଶ ମଧ୍ୟ କେତେକାଂଶରେ ସତେଜ ରହିବା ସହ ଅତିରିକ୍ତ ଭାବେ ସେ ନିଷ୍କ୍ରିୟ ନେଟ୍‌ୱର୍କ ଦ୍ୱାରା ଉପକୃତ ହୁଏ।

ରସାୟନଶାସ୍ତ୍ରରେ ନୋବେଲ ବିଜୟୀ ବୟୋଜ୍ୟେଷ୍ଠ ଗୁଡ୍‌ଏନଫ୍‌ଙ୍କ ଜୀବନରେ ଆମେ ମସ୍ତିଷ୍କର ଏମିତି ସମ୍ମିଶ୍ରିତ ଓ ସୁଷମ ସଂଯୋଗର ଉପସ୍ଥିତି ଲକ୍ଷ୍ୟ କରୁ। ସମ୍ପ୍ରତି ସେ ଅଷ୍ଟିନସ୍ଥିତ ଟେକ୍ସାସ ବିଶ୍ୱବିଦ୍ୟାଳୟର ମେକାନିକାଲ ଇଞ୍ଜିନିୟରିଂ ଓ ମେଟେରିଆଲ ସାଇନ୍ସ ବିଭାଗରେ କାର୍ଯ୍ୟରତ।

ଏତଦ୍‌ବ୍ୟତୀତ ବୁଢା ହୋଇଗଲେ ଜଣେ ମୃତ୍ୟୁ ବିଷୟରେ ଅବଶ୍ୟ ଅତିଶୟ ଚିନ୍ତିତ ହୋଇଥାଏ। ବାଳ ପାଚିଗଲେ ଜଣେ ଅନୁଭବ କରେ ସତେ ଯେମିତି ମଶାଣିରେ ତା'ର ଗୋଟିଏ ଗୋଡ ପହଞ୍ଚିଗଲାଣି ଓ ମୃତ୍ୟୁ ଆସନ୍ନ। ଏହି ଦୁଶ୍ଚିନ୍ତାରୁ ମୁକ୍ତ ହେବା ସକାଶେ ସକାରାତ୍ମକ ମନୋଭାବ ଦରକାର। ନିମ୍ନ କାହାଣୀର ମର୍ମାର୍ଥ ଜଣେ ହୃଦୟଙ୍ଗମ କଲେ ଭଲ ହେବ। ଏଥିରେ ନିହିତ ଆଧ୍ୟାତ୍ମିକ ଭାବନା।

ଏକଦା ବାପା ସହ ତାଙ୍କ ଛୋଟ ପୁଅ ଗୋଟିଏ ମେଳାକୁ ବୁଲି ଯାଇଥିଲେ। ମେଳାର ଭୀଷଣ ଭିଡ ମଧ୍ୟରେ ପୁଅଟି ବାପାର ହାତ ଦୈବାତ୍ ଛାଡି ନିଃସଙ୍ଗ ହୋଇଗଲା। ସେ ବାପାକୁ ଖୋଜି ଏଣେତେଣେ କାନ୍ଦି କାନ୍ଦି ବୁଲୁଥିବା ବେଳେ ପୋଲିସ ତାକୁ ଧରି ଥାନାକୁ ନେଲା। ପୋଲିସ ତାକୁ ନେବାବେଳେ ପିଲାଟି ଅଧିକ ବିକଳ ହେଉଥାଏ। କାରଣ ତା' ମନରେ ଧାରଣା ଥିଲା ଯେ ପୋଲିସମାନେ ମାଡ ଦିଅନ୍ତି। କିନ୍ତୁ ଥାନାରେ ପହଞ୍ଚି ପିଲାଟି ଦେଖିଲା ଯେ ଥାନାରେ ରିପୋର୍ଟ କରି ତା' ବାପା ସେଠାରେ ବସିଛନ୍ତି। ସେ ଆନନ୍ଦରେ ନାଚିଉଠିଲା।

ଠିକ୍ ସେମିତି ଈଶ୍ୱର ଆମକୁ ଦୁନିଆର ଏହି ମେଳାକୁ ପଠାଇଛନ୍ତି। ଜୀବନର ନାନା ବାଧାବିଘ୍ନ ଆମ ପାଇଁ ଉକ୍ତ ଗପର ଭୟସୂଚକ ଘଟଣାବଳୀ। ତେବେ ମୃତ୍ୟୁ ପରେ ଆମେ ସେଇ ଈଶ୍ୱରଙ୍କ ପାଖକୁ ଯାଉ, ଯିଏ ଆମକୁ ଏଠାକୁ ପଠାଇଛନ୍ତି– ପିଲାଟି ଥାନାରେ ତା' ବାପାଙ୍କୁ ଭେଟିବା ପରି।

ମୋ–୯୪୩୭୦୨୬୬୫୧

# ଅଜଗରର ସ୍ନେହ



ଡ. ପଦ୍ମାରବିନ୍ଦ ରଥ

ଥରେ ଜଣେ ଆମେରିକୀୟ ପଶୁପ୍ରେମୀ ମହିଳା ଗୋଟିଏ ଶିଶୁ ଅଜଗରକୁ ପାଳିବାର ନିଷ୍ପତ୍ତି ନେଲେ। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥିରୀକୃତ ନିୟମ ଅନୁଯାୟୀ ସମସ୍ତ ଔପଚାରିକତା ପରେ ଅଜଗର ଛୁଆଟିକୁ ଘରକୁ ଆଣି ଆସିଲେ। ପଶୁ ହେଉ ବା ମଣିଷ, ଶିଶୁମାନଙ୍କ ଭିତରେ ଏକ ଅଦ୍ଭୁତ ଆକର୍ଷଣ ରହିଥାଏ। ତାଙ୍କର ଶିଶୁସୁଲଭ କାର୍ଯ୍ୟକଳାପ ଦେଖି ସାଧାରଣ ଲୋକେ ବି ବିମୋହିତ ହୁଅନ୍ତି। ମହିଳା ତ ସହଜେ ପଶୁପ୍ରେମୀ ଥିଲେ। ତେଣୁ ତାଙ୍କର ଶିଶୁ ଅଜଗରଟିର ଦିନଚର୍ଯ୍ୟାସବୁ ଦେଖି ବିହ୍ୱଳିତ ହେବା କିଛି ନୂଆ ନ ଥିଲା। ତାଙ୍କର ଦିନର ଅଧିକାଂଶ ସମୟ ଅଜଗରଟି ସହିତ ବିତୁଥିଲା। ଅଜଗରଟି ମହିଳାଙ୍କୁ ଏତେ ଭଲ ପାଉଥିଲା ଯେ ପାଖଛାଡି ବେଶି ଦୂରକୁ ଯାଉ ନ ଥିଲା। ମହିଳା ଜଣକ କୁହନ୍ତି, ନିଃସର୍ତ୍ତ ସ୍ୱାର୍ଥବିହୀନ ସ୍ନେହ ମଣିଷ କେବଳ ପଶୁମାନଙ୍କଠାରୁ ହିଁ ପାଇପାରିବ। ଅଜଗରଟି ଯେତିକି ବଡ ହେଉଥିଲା ମହିଳା ଜଣକ ସେତିକି ତା' ପ୍ରତି ସ୍ନେହର ବନ୍ଧନରେ ବାନ୍ଧି ହୋଇ ଯାଉଥିଲେ।

ଅଜଗରଟି ଧୀରେ ଧୀରେ ବଡ ହେବାକୁ ଲାଗିଲା। ମହିଳା ଜଣକ ତାକୁ ଆଉ ପୂର୍ବପରି ହାତରେ ଧରି ଗୋଟେ ଜାଗାରୁ ଅନ୍ୟ ଜାଗାକୁ ନେଇପାରୁ ନ ଥିଲେ। ହାତରେ ଉଠାଇ ପ୍ରଥମେ କାନ୍ଧରେ ରଖୁଥିଲେ, ତା'ପରେ ଯାଇ ଯୁଆଡେ ଯାଉଥିଲେ। ବେଳେବେଳେ ଅଧିକ ବାଟ ଚାଲିବାକୁ ହେଲେ କାନ୍ଧ କାଟୁଥିଲା, ଥକି ଯାଉଥିଲେ। ହେଲେ ଅଜଗରର ସ୍ନେହରେ ସେ ଏତେ ବାନ୍ଧିହୋଇ ପଡିଥିଲେ ଯେ, ସେ ତାକୁ ଛାଡି କୁଆଡେ ଯାଇ ବି ପାରୁ ନ ଥିଲେ। ଏମିତି କି, ତା' ବିନା ସେ ନିଜ ଭବିଷ୍ୟତ ଜୀବନ କଳ୍ପନା ବି କରିପାରୁ ନ ଥିଲେ। କିଛିଦିନ ପରେ ମହିଳା ଜଣକ ଲକ୍ଷ୍ୟ କଲେ, ଅଜଗରଟି ଆଉ ଆଗଭଳି ଖାଉନାହିଁ। ଦେହ ଖରାପ ଥିବ ବୋଲି ଭାବି ଡାକ୍ତରଙ୍କ ପାଖକୁ ନେଇ ଦେଖାଇଲେ। ଡାକ୍ତର ପରୀକ୍ଷା ନିରୀକ୍ଷା କରି କହିଲେ ସବୁ ଠିକ ଥିଲାଭଳି ଲାଗୁଛି। ଖାଦ୍ୟ କମିବାର କାରଣ ବୁଝି ହେଉନି। ତେବେ ଆଉ ଦିନେ ଦୁଇଦିନ ଅପେକ୍ଷା କରାଯାଉ। ହୁଏତ ଆଉ କିଛି ସଂକେତ ମିଳିବ।

ଆଉ ଦୁଇଦିନ ପରେ ମହିଳା ଜଣକ ପୁଣି ଥରେ ଡାକ୍ତରଙ୍କ ପାଖକୁ ଅଜଗରଟିକୁ ନେଇକରି ଗଲେ। ଏଥର ବି ସବୁ ପରୀକ୍ଷାର ରିପୋର୍ଟ ଠିକ୍ ବାହାରିଲା। ଏଣେ ଅଜଗରଟିର ଖାଦ୍ୟ କମିବାରେ ଲାଗିଛି। ଡାକ୍ତର ପଚାରିଲେ, ଏଇ କିଛିଦିନ ଭିତରେ ତା'ର କିଛି ନୂଆ ଗତିବିଧି ଲକ୍ଷ୍ୟ କରିଛନ୍ତି କି? ମହିଳା ଜଣକ କହିଲେ, ହଁ, ସେ ମୋତେ ଆଗଠୁ ଆହୁରି ଅଧିକ ଭଲ ପାଇଲା ଭଳି ଲାଗୁଛି। ମଝିରେ ମଝିରେ ମୋ ପାଖକୁ ଆସି ଦେହଠୁ ମୁଣ୍ଡ ପର୍ଯ୍ୟନ୍ତ ଖାଲି ଗୁଡେଇ ହେଉଛି। ଡାକ୍ତର ଜଣକ ତଟସ୍ଥ ହୋଇ ମହିଳା ଜଣକୁ ଚାହିଁ ରହିଲେ। କହିଲେ ଏତେ ବଡ କଥା ଆପଣ ମୋତେ ଏତେ ବେଳ ଯାଏ କହି ନ ଥିଲେ କେମିତି? ଆପଣ ଭାବୁଛନ୍ତି ସେ ସ୍ନେହରେ ଆପଣଙ୍କ ଦେହରେ ଗୁଡେଇ ହେଉଛି। ହେଲେ ବାସ୍ତବରେ ସେ ଆଉ ଆପଣଙ୍କୁ ଭଲ ପାଉନି। ସେ ଆପଣଙ୍କ ଦେହରେ ଗୁଡେଇ ହୋଇ ଆପଣଙ୍କ ଦେହର ମାପ ନେଉଛି ଏବଂ ଭୋକରେ ରହି ଆପଣଙ୍କୁ ସହଜରେ ଗିଳିପାରିବାର ଯୋଜନା କରୁଛି। ଏବେ ବି ଡେରି ହୋଇନାହିଁ। ତାକୁ ନେଇ ଅଭୟାରଣ୍ୟରେ ଛାଡି ଦିଅନ୍ତୁ। ମହିଳା ଜଣକ ଡାକ୍ତରଙ୍କ କଥାକୁ ବିଶ୍ୱାସ କରିପାରୁ ନ ଥିଲେ, ସେ ଯାହାକୁ ନିଃସର୍ତ୍ତ ସ୍ୱାର୍ଥବିହୀନ ସ୍ନେହ ବୋଲି ଭାବୁଥିଲେ ତା' ପଛରେ ଯେ ଏତେବଡ ସ୍ୱାର୍ଥ, ଏତେବଡ ଷଡ଼ଯନ୍ତ୍ର ଲୁଚି ରହିଛି ଏକଥାକୁ ସେ ଗ୍ରହଣ କରିପାରୁ ନ ଥିଲେ।

ତା'ପରେ ମହିଳା ଜଣକ କି ନିଷ୍ପତ୍ତି ନେଲେ ସେ ବିଷୟରେ ଲେଖକ ଅଜ୍ଞ। ହେଲେ ଘଟଣାଟିର ଗୋଟିଏ ବଳିଷ୍ଠ ସମ୍ପର୍କ ରହିଛି ଆମର ବର୍ତ୍ତମାନର ଦୈନନ୍ଦିନ ଜୀବନ ସହିତ। ଆମେ ସମସ୍ତେ ସେମିତି ଗୋଟିଏ ଗୋଟିଏ ଛୁଆ ଅଜଗରକୁ ପାଳି ଆସୁଛେ ଯିଏ ଆମକୁ ଆଜି ଗିଳିବାକୁ ବସିଛି। ଆଉ ଆମେ ଭାବୁଛେ ସେ ଆମକୁ ବହୁତ ସ୍ନେହ କରୁଛି ବୋଲି। ତାକୁ ଆମେ ସବୁବେଳେ ହାତରେ ଧରି ବୁଲୁଛେ। ଶାରୀରିକ ଭାବରେ ହାତରେ ଧରିଥିଲେ ବି ସବୁବେଳେ ଆମ ମୁଣ୍ଡଉପରେ ବସି ଆମେ ଯୁଆଡେ ଯାଉଛୁ ସେ ବି ଯାଉଛି। ମହିଳା ଜଣକ ଭଳି ଅଧିକ ସମୟ ତା' ସାଙ୍ଗରେ ରହିଲେ ଆମ ମୁଣ୍ଡ ଭାରି ଲାଗୁଛି, ବିନ୍ଧୁଛି, ଆମେ ଚିଡଚିଡା ହେଉଛେ। ତଥାପି ଆମେ ତା' ସ୍ନେହର ବନ୍ଧନରେ ଏମିତି ବାନ୍ଧି ହୋଇ ପଡିଛେ ଯେ ତା' ବିନା ଆମେ ଆମ ଜୀବନର ପରିକଳ୍ପନା ବି କରି ପାରୁନେ। ହଁ, ସେ ହେଉଛି ଆମ ହାତରେ, ପକେଟରେ ବା ବ୍ୟାଗରେ ଥିବା ମୋବାଇଲ ଫୋନ୍। ବେଳେବେଳେ ମନରେ ପ୍ରଶ୍ନ ଉଠେ, ଆମେ ମୋବାଇଲ ବ୍ୟବହାର କରୁଛେ କି ମୋବାଇଲ ଆମକୁ ବ୍ୟବହାର କରୁଛି?

ଦିନ ଥିଲା ଯେତେବେଳେ ଆମେ ମୋବାଇଲକୁ ବ୍ୟବହାର କରି ଜ୍ଞାତି ପରିଜନଙ୍କ ସହିତ କଥା ହେଉଥିଲେ। ଗୋଟିଏ ମିନିଟ କଥା ହେବାପାଇଁ କୋଡିଏ ଟଙ୍କା ଲାଗୁଥିଲେ ମଧ୍ୟ ପ୍ରତି ସପ୍ତାହରେ ଅନ୍ତତଃ ଥରେ ମା–ବାପାଙ୍କ ସହିତ କଥା ହେଉଥିଲେ। ଆଜି କଥାବାର୍ତ୍ତା ହେବାପାଇଁ ପଇସା ପଡୁନି ହେଲେ ଆମ ପାଖରେ ସେଇ ଗୋଟେ ମିନିଟ ସମୟ ବି ନାହିଁ ନିଜ ଲୋକମାନଙ୍କ ସହିତ କଥା ପଦେ ହେବାପାଇଁ। ସମୟ ଥିଲାବେଳେ ବି ଆମେ ବ୍ୟସ୍ତ ରହୁଛେ ଆମେ ପାଳିଥିବା ସେଇ ଛୋଟ ଅଜଗର ଛୁଆଟି ସହିତ। ରାସ୍ତାରେ ଚାଲିଗଲା ବେଳକୁ କାହା ସହିତ ପିଟି ହୋଇଗଲେଣି ତ କେଉଁଠି ପଥର ଅଛି ଦେଖି ନ ପାରି ଝୁଣ୍ଟି ପଡିଲେଣି। ପୁଣି କେଉଁଠି ପାହାଚ ସରିଗଲାଣି ଜାଣି ନ ପାରି ତଳେ ପଡିଗଲେଣି ତ ଆଉ କେବେ ଗାଡି ଚଳାଉ ଚଳାଉ ନିଜ ଘର ଟପି ଅନେକ ଆଗକୁ ଚାଲି ଗଲେଣି। ଏପରି କି ଅନେକ ଥର ଖବରକାଗଜରେ ପଢିଲେଣି ମୋବାଇଲରେ କଥା ହୋଇ ଗାଡ଼ି ଚଳାଇବା ବା ରାସ୍ତା ପାରି ହେବା ଯୋଗୁ ଦୁର୍ଘଟଣାରେ କେତେ ଲୋକଙ୍କ ଜୀବନ ଗଲାଣି। ତଥାପି ଆମେ ଭାବୁ ମୋବାଇଲରୂପୀ ଅଜଗର ଛୁଆଟି, ଯିଏ ଆମକୁ ଏତେ ଭଲପାଏ, କେମିତି ତାକୁ ଆମେ ଅନାଥ କରିଦେବୁ?

ଫେସ୍‌ବୁକ୍ ବା ହ୍ୱାଟ୍ସ୍‌ଆପ୍‌ରେ ଖାଲିଗୋଟେ ନୀତିବାଣୀ ଶେୟାର କରିଦେଇ ଆମେ ଆତ୍ମସନ୍ତୋଷ ଲାଭକରିବା ଅପେକ୍ଷା କେଉଁ ଗୋଟିଏ ନୀତିବାଣୀ ଉପରେ ନିଜେ କାମକରି ସମାଜ ଆଗରେ ଦୃଷ୍ଟାନ୍ତ ହେବା ଅଧିକ ଭଲ। ନିଜର ସମୟକୁ ଅଧିକରୁ ଅଧିକ ରଚନାତ୍ମକ କାର୍ଯ୍ୟରେ ବ୍ୟସ୍ତ ରଖିପାରିଲେ ଅଜଗର ତା' ସ୍ନେହର ମୁଖାପିନ୍ଧି ଆମଦେହର ମାପ ନେଇପାରିବନି କି ଆମକୁ ଗିଳିପକାଇବାର ଯୋଜନା କରିପାରିବନି।

ଉପନିର୍ଦ୍ଦେଶକ, ଭାରତର ମହାରେଜିଷ୍ଟ୍ରାରଙ୍କ
କାର୍ଯ୍ୟାଳୟ, ନୂଆଦିଲ୍ଲୀ,
ମୋ – ୮୮୦୦୬୩୬୫୭୬

## ଏଇ ଭାରତରେ

ଗାଁଗାଁରେ ଏବେ କଥା କଥାକେ ଝଗଡା ହୋଇ ମାମଲା ଥାନାରେ ପହଞ୍ଚିଯାଉଛି। କିନ୍ତୁ ହରିୟାଣାର ଜିନ୍ଦ୍ ଜିଲାର ଏକ ଗାଁରେ ଆଜକୁ ୫୦ ବର୍ଷ ହେବ କୌଣସି ମାମଲା ଥାନାକୁ ନ ଯିବା ଏବେ ସାମ୍ନାକୁ ଆସିଛି। ପାନିପଥ ଜିଲାର ଉଚାନା ବ୍ଲକ୍ ଅନ୍ତର୍ଗତ ରୋଜଖେଡା ଗାଁରେ କୌଣସି ଝଗଡା ହେଲେ ତାହାକୁ ପଞ୍ଚାୟତ ବୈଠକରେ ସମାଧାନ କରାଯାଉଛି। ଏହି କାରଣରୁ ଗତ ୫୦ ବର୍ଷ ମଧ୍ୟରେ କୌଣସି ମାମଲା ପୋଲିସ ପାଖରେ ନ ପହଞ୍ଚାଇ ଏହି ଗାଁ ଭାଇଚାରା ଓ ଶାନ୍ତି ସହାବସ୍ଥାନର ଏକ ଉଦାହରଣ ସୃଷ୍ଟି କରିଛି। ଉକ୍ତ ଗାଁରେ କାହା ନାମରେ କୌଣସି ଆପରାଧିକ ରେକର୍ଡ ମଧ୍ୟ ନାହିଁ। ରୋଜଖେଡାରେ ଜାଠଙ୍କ ବ୍ୟତୀତ ମୁସଲମାନ ଓ ବାଲ୍ମୀକି ସମ୍ପ୍ରଦାୟର ଲୋକେ ବାସ କରୁଛନ୍ତି। ଜନସଂଖ୍ୟା କମ୍ ହେଲେ ବି ଏହାର ସାକ୍ଷରତା ହାର ଅଧିକ। ଏଣୁ ଭାଇଚାରା ବଜାୟ ରଖିବା ଲାଗି ଏହି ଗାଁରୁ ପ୍ରେରଣା ନେବା ଦରକାର ବୋଲି କୁହନ୍ତି ସରପଞ୍ଚ ରଣଧୀର ସିଂ।

## ଚିରନ୍ତନୀ

ମାନବର କୋଳାହଳ
ନ କରେ ଯହିଁ ବିକଳ
 ସୃଜି ଯିବା ସେହି ଦେଶ ଏକ ଆଲିଙ୍ଗନେ,
ଯହିଁ ମିଳନର ଗୀତି
ତୁଟାଏ ସକଳ ଭୀତି
 ରଖିଯିବା ଅକ୍ଷୟ ସେ କୀରତି ଭୁବନେ।
 ବରଷୁ ତପତ କଣା ପଛେ ମାରତଣ୍ଡ
 ଆସୁ ପଛେ ଗରଜନ ବଜ୍ର ପରଚଣ୍ଡ
ଗହନ ଝଞ୍ଜା ବତାସି ଆସୁ ପଛେ ବେଗେ ଭାସି
 ସେ ରାଇଜେ ନାହିଁ ତାର ପଥ
ଗୋଟିଏ ଆଶ୍ଳେଷେ ଯହିଁ ପୂରେ ମନୋରଥ।
 ସହସ୍ର ଅଭାବ ମୋର ଶତ ଅପରାଧ
 ଅପମାନ ସଂଖ୍ୟାହୀନ କୋଟି ଅପବାଦ
ତବ ଆଲିଙ୍ଗନ ତଳେ ଶୁଭ୍ର ପୂତ ଏ ଅଞ୍ଚଳେ
 ପୋଛିଦିଅ ଜୀବନର ସବୁ ପରମାଦ
 ନିଭୃତକ୍ଷଣେ ବିଶ୍ୱର ଅସୀମ ଅବସାଦ।
 (ଆଶ୍ଳେଷ ସ୍ୱର୍ଗ)
ପଉଷ–ଶେଷ ସନ୍ଧ୍ୟା ଘେନ ବନ୍ଦନ!
ପକ୍ୱ ଧାନେ ପରଶି ମଧୁ
 ଚୁମ୍ବନ ହେ ଚୁମ୍ବନ
ପଉଷ–ଶେଷେ ସନ୍ଧ୍ୟା ଘେନ ବନ୍ଦନ!
 (ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | | | E | 0 | | 8 | 5 | B | | 4 | | | 7 |
| | | | 9 | 5 | A | | | E | | 7 | 3 | | | |
| | | | | | 2 | | 9 | | | | | E | | 4 |
| E | | | 8 | B | 7 | | | | | | | | D | |
| | | | | | | | | | | | 0 | 6 | 9 | 2 |
| 7 | | | | | | | | | | 6 | | | 1 | 3 |
| A | | | | | | | | 1 | | 2 | B | 9 | | 8 |
| 5 | | | | 8 | | 7 | | | | A | | | 6 | |
| 9 | | 8 | | | | D | B | | 3 | | | 2 | | |
| | 1 | | 3 | 2 | | | C | 8 | | | | | | D |
| | | | | 7 | | | D | | | | 9 | | | C |
| | C | | | | 5 | 3 | | | | | | 7 | | 9 |
| | | | | | C | | 5 | 0 | | 4 | | | 8 | 6 |
| 8 | | | E | | | | | | 6 | 5 | D | | 3 | B |
| | | 0 | | | | | A | 4 | E | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 6 | 0 | 7 | 9 | 2 | D | 3 | 8 | 1 | C | 4 | 5 | B | E |
| 3 | 9 | 7 | 4 | 1 | D | 2 | E | 0 | B | A | 5 | 8 | 6 | C |
| 2 | 8 | 4 | 3 | C | 6 | B | 1 | 5 | E | D | 9 | 0 | 7 | A |
| 5 | D | B | E | A | 8 | C | 7 | 4 | 6 | 0 | 2 | 9 | 3 | 1 |
| 1 | E | C | 5 | B | 0 | 9 | A | 6 | 7 | 3 | 8 | 4 | D | 2 |
| 0 | B | E | 9 | 3 | A | 4 | 6 | C | D | 7 | 1 | 2 | 8 | 5 |
| 6 | C | 3 | 8 | 4 | B | 7 | 2 | 1 | 9 | 5 | E | A | 0 | D |
| 9 | A | 2 | 6 | D | 1 | 8 | 5 | E | 0 | 4 | B | 7 | C | 3 |
| 8 | 1 | 5 | 2 | 0 | 7 | 3 | D | B | C | 6 | A | E | 9 | 4 |
| 4 | 7 | D | C | E | 5 | 0 | 9 | A | 2 | 8 | 3 | 6 | 1 | B |
| B | 3 | 8 | D | 5 | E | 1 | 0 | 2 | A | 9 | 7 | C | 4 | 6 |
| D | 2 | 1 | B | 8 | C | 6 | 4 | 9 | 5 | E | 0 | 3 | A | 7 |
| E | 4 | 9 | 1 | 6 | 3 | A | B | 7 | 8 | 2 | C | D | 5 | 0 |
| C | 5 | A | 0 | 7 | 4 | E | 8 | D | 3 | 1 | 6 | B | 2 | 9 |
| 7 | 0 | 6 | A | 2 | 9 | 5 | C | 3 | 4 | B | D | 1 | E | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଇନ ବ୍ୟବସ୍ଥା ହିଁ ଦାୟୀ

ମହାଶୟ,

ଆମ ଦେଶରେ ମୁଦାଲା ମୁଦେଇ ମରିଗଲେ ବି ମାମଲା ସରୁନି। ଅପରାଧୀ ଜଘନ୍ୟ ଅପରାଧ କରିଥିଲେ ବି ଆଗୁଆ ଜାମିନ ପାଇଯାଉଛି। ଓକିଲ ମୋଟା ଅଙ୍କର ଅର୍ଥ ନେଇ ନିଜର ବୁଦ୍ଧି ବଳରେ ଅପରାଧୀକୁ ଜିତେଇ ଦିଅନ୍ତି। ପୋଲିସର ଚାର୍ଜଶିଟ ଦେବାରେ ଡେରି, ଓକିଲ ତାରିଖ ମାଗିବାରେ ମାହିର ଆଉ ଜଜ୍ ତାରିଖ ଦେବାରେ ଉଦାର। ଫଳରେ ଲକ୍ଷ ଲକ୍ଷ ମାମଲା ବିଭିନ୍ନ କୋର୍ଟରେ ବର୍ଷ ବର୍ଷ ଧରି ପଡିରହୁଛି। ପୁଣି ମାମଲାଗୁଡିକ ତଳୁ ଉପର କୋର୍ଟ, ଶେଷରେ ସୁପ୍ରିମ୍‌କୋର୍ଟକୁ ଶିଡି ଚଢି ଚଢି ଗଲା ଭିତରେ ମୁଦାଲା ମୁଦେଇଙ୍କ ମଧ୍ୟରୁ କାହାରି ବି ଦେହାନ୍ତ ହୋଇଯାଇଥାଏ। ହାଇକୋର୍ଟଙ୍କ ରାୟକୁ ସୁପ୍ରିମ୍‌କୋର୍ଟ କାଏମ ରଖିଲେ ତାହା ପୁଣି ରାଜକ୍ଷମା ପାଇଁ ଯିବାର ବ୍ୟବସ୍ଥା ଅଛି। ଅପରାଧୀ ଫାଶୀ ଦଣ୍ଡାଦେଶ ପାଇଥିଲେ ବି ଫାଶୀ ଖୁଣ୍ଟ ପାଖରୁ ଫେରି ଆସୁଛନ୍ତି। ଏହାଦ୍ୱାରା ଅନ୍ୟ ଅପରାଧୀଙ୍କ ଉପରେ ଦଣ୍ଡର କିଞ୍ଚିତ୍ ପ୍ରଭାବ ପଡୁନାହିଁ। ସେମାନେ ଅଧିକ ବଳାତ୍କାର ଓ ହତ୍ୟା କରୁଛନ୍ତି। ଏଥିପାଇଁ ଦାୟୀ କିଏ? ମନେହୁଏ ଆମର ଆଇନ ବ୍ୟବସ୍ଥା ହିଁ ଦାୟୀ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ଶତ୍ରୁତା ଯୁଦ୍ଧରେ ପରିଣତ ନ ହେଉ

ବିଶ୍ୱର ଯେକୌଣସି ଦେଶ ଆତ୍ମବଡିମାରେ ନିଷ୍ପତ୍ତି ନ ନେଇ ନିଜ ଦେଶବାସୀଙ୍କୁ ପଚାରନ୍ତୁ, ସେମାନେ କ'ଣ ଚାହାନ୍ତି– ଯୁଦ୍ଧ ନା ଶାନ୍ତି? ଅତୀତ କଥା ମନେପକାନ୍ତୁ? ଜାପାନର ହିରୋଶିମା, ନାଗାସାକି ଆଜି ବିକଳାଙ୍ଗ। କୌଣସି ମହାଶକ୍ତି ଯୁଦ୍ଧ ଆରମ୍ଭ କଲେ, ବିଶ୍ୱର କେତେ କ୍ଷତି ହେବ କଳନା କରିହେବ ନାହିଁ। ଯୁଦ୍ଧ ହେଲେ ଏ ବିଶ୍ୱ ମାନବଶୂନ୍ୟ ହୋଇଯିବ, ଅନ୍ଧକାରମୟ ହୋଇଯିବ। ଏ ବିଶାଳ ପୃଥିବୀର ସୌନ୍ଦର୍ଯ୍ୟ କ୍ଷଣକେ ଉଭେଇଯିବ। ଦ୍ୱିତୀୟ ବିଶ୍ୱଯୁଦ୍ଧର କ୍ଷତି ଏ ପର୍ଯ୍ୟନ୍ତ ଭରଣା ହୋଇପାରିନାହିଁ। ତେଣୁ ଆମେରିକା ଓ ଇରାନର ଶତ୍ରୁତା ଯୁଦ୍ଧରେ ପରିଣତ ନ ହେଉ।

ଆଦିକନ୍ଦ ସାହୁ, ଦୁର୍ଗାନର୍ସିଂ ହୋମ, ସାନ୍ତସାଇ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୯ ଫେବୃୟାରୀ, ୨୦୨୦



ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଚାରେ ନାହିଁ।
-ଭଲ୍‌ଟାୟାର



## ଓଡ଼ିଶା ରାଜ୍ୟ ପ୍ରଦର୍ଶନ କଳାକାର ସଂଘର ନୂଆ କର୍ମକର୍ତ୍ତା

ସମ୍ବଲପୁର, ୨୮।୨ (ବ୍ୟୁରୋ)

ଓଡିଶା ରାଜ୍ୟ ପ୍ରଦର୍ଶନ କଳାକାର ସଂଘ ବୈଠକ ଓ କର୍ମକର୍ତ୍ତା ଚୟନ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପସଭାପତି ଓ ସମ୍ବଲପୁର ଜିଲା ସମ୍ପାଦକ ଭାବେ ନୃତ୍ୟଗୁରୁ ଆଲୋକ କୁମାର ପଣ୍ଡା ମନୋନୀତ ହୋଇଛନ୍ତି । ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର କଳାକାରମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେହିପରି ପ୍ରତିଭା ପଣ୍ଡା ରାଜ୍ୟ ସଭାପତି, ଗୋପାଳ ମହାପାତ୍ର କାର୍ଯ୍ୟକାରୀ ସଭାପତି, ବାସୁଦେବ ନାଥ ସମ୍ପାଦକ, ବିକ୍ରମକେଶରୀ ମହାନ୍ତି ଯୁଗ୍ମ ସମ୍ପାଦକ, ଚିତ୍ରସେନ ସ୍ୱାଇଁ କୋଷାଧ୍ୟକ୍ଷ, ଦୁର୍ଗାପ୍ରସାଦ ବାରିକ ହିସାବ ରକ୍ଷକ ଭାବେ ମନୋନୀତ ହୋଇଛନ୍ତି । ବଲାଙ୍ଗୀର, ଢ଼େଙ୍କାନାଳ, ସୁନ୍ଦରଗଡ, କଳାହାଣ୍ଡି, ବରଗଡ, ଜଗତସିଂପୁର, କଟକ, ଖୋର୍ଦ୍ଧା, ବାଲେଶ୍ୱର, ମୟୁରଭଞ୍ଜ ଜିଲାର ସମ୍ପାଦକ ଚୟନ ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି । ପରବର୍ତ୍ତୀ ସମୟରେ ଭଦ୍ରକ, ପୁରୀ ଓ ଜୟପୁର ଜିଲା ସମ୍ପାଦକଙ୍କ ନାମ ଘୋଷଣା କରାଯିବ ବୋଲି ଏକ ପ୍ରେସ ବିବୃତିରେ ସୂଚୀତ କରାଯାଇଛି।

# ସିଏଏ ସମର୍ଥନରେ ୪୫୦କିମି ତ୍ରିରଙ୍ଗା ପଦଯାତ୍ରା

### ପୁରୀରେ ପଦଯାତ୍ରା ଶେଷ କଲେ ଯୁବକ

ପୁରୀ ଅଫିସ,୨୮।୨: ନାଗରିକତ୍ୱ ସଂଶୋଧିତ ଆଇନ (ସିଏଏ)କୁ ନେଇ ଜଳୁଛି ଦିଲ୍ଲୀ। ସପକ୍ଷ ଏବଂ ବିପକ୍ଷବାଦୀଙ୍କ ମଧ୍ୟରେ ସଂଘର୍ଷ ଫଳରେ ୪୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ବିଭିନ୍ନ ସ୍ଥାନରେ ସିଏଏ ସମର୍ଥକ ଏବଂ ବିରୋଧୀ ମୁହାଁମୁହିଁ ହେଉଛନ୍ତି। ତେବେ ଏଭଳି ସ୍ଥଳେ ସିଏଏ ସମର୍ଥନରେ ୪୫୦ କିମି ତ୍ରିରଙ୍ଗା ପଦଯାତ୍ରା କରିଛନ୍ତି ଜଣେ ଯୁବକ। ଝାରସୁଗୁଡ଼ା ଜିଲା ବ୍ରଜରାଜନଗରରୁ ତ୍ରିରଙ୍ଗା ପଦଯାତ୍ରାରେ ବାହାରିଥିବା ଯୁବକ ରବି କୁମାର ସୋନି ଶୁକ୍ରବାର ପୁରୀରେ ପହଞ୍ଚିଛନ୍ତି। ପୂର୍ବାହ୍ନରେ ସେ ଏଠାରେ ପହଞ୍ଚିବା ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ତାଙ୍କ ପଦଯାତ୍ରା ଶେଷ କରିଛନ୍ତି। ଓଡ଼ିଶା ଯୁଥ୍ ଏଗ୍‌ନେଷ୍ଟ କରପ୍‌ସନର ସଂଯୋଜକ ଥିବା ରବିକୁମାର ଗତ ୧ ତାରିଖରୁ




ବ୍ରଜରାଜନଗରର ମା' ରାମଚଣ୍ଡୀ ଶକ୍ତିପୀଠରୁ ଏହି ପଦଯାତ୍ରା ଆରମ୍ଭ କରିଥିଲେ। ସିଏଏକୁ ସମର୍ଥନ, ଭ୍ରଷ୍ଟାଚାରକୁ ବିରୋଧ ଏବଂ ତୃତୀୟ ଲିଙ୍ଗଙ୍କୁ ଆରକ୍ଷଣ ଦାବି କରି ସେ ଏହି ପଦଯାତ୍ରାରେ ବାହାରିଥିଲେ । ୨୮ ଦିନରେ ୪୫୦ କିମି ଯାତ୍ରା କରି ପୁରୀରେ ପହଞ୍ଚିଛନ୍ତି। ଏହି ସମୟରେ ସେ ୭ଟି ଜିଲା (ଝାରସୁଗୁଡା, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା ଓ ପୁରୀ)କୁ ଅତିକ୍ରମ କରିବା ସହ ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନ କରିବା ସହ ସେମାନଙ୍କଠାରୁ ଦସ୍ତଖତ ସଂଗ୍ରହ କରିଛନ୍ତି। ପ୍ରାୟ ୪୫୦ ଲୋକଙ୍କଠାରୁ ସେ ଦସ୍ତଖତ ସଂଗ୍ରହ କରିପାରିଛନ୍ତି । ଏହି ଦସ୍ତଖତର ଜେରକ୍ସ କପିକୁ ସେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ ଭାଜପା ସଭାପତିଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି ରବିକୁମାର। ଏହି ଯାତ୍ରା ସମ୍ପର୍କରେ ସେ କହିଛନ୍ତି, ଜଣେ ସାଥୀ ସାହେବ କୁମାର ମାଝି ବାଇକ୍ ଧରି ତାଙ୍କ ସହିତ ଆସିଥିଲେ। ସେ ଦିନକୁ ପ୍ରାୟ ୨୨ କିମି ଚାଲିଥାନ୍ତି । ରାତିରେ ଧର୍ମଶାଳା କିମ୍ବା ମନ୍ଦିରରେ ରହିଥାନ୍ତି। ଏମିତି କି ଦୁଇରାତି ତାଙ୍କୁ ଗଛ ତଳେ ରହିବାକୁ ପଡିଥିଲା ବୋଲି କହିଛନ୍ତି ରବିକୁମାର।

### ଫଟୋରେ ଖବର



ସମ୍ବଲପୁର ମହାନଗର ନିଗମ ଅଧୀନ ରାସନପୁର ନିକଟରେ ଘଟିଥିବା ଦୁର୍ଘଟଣାରେ ଜଣେ ମୃତକଙ୍କ ପରିବାରର ସଦସ୍ୟଙ୍କୁ ରେଡକ୍ରସ ପକ୍ଷରୁ ଚେକ୍ ପ୍ରଦାନ କରାଯାଉଛି।

## ଆଉଁଳିରେ ମା ଭଦ୍ରକାଳୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ରିଆମାଳ,୨୮।୨(ଡି.ଏନ.ଏ.)

ରିଆମାଳ ବ୍ଲକ ଅନ୍ତର୍ଗତ ଆଉଁଳି ଗ୍ରାମରେ ମା' ଭଦ୍ରକାଳୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଉଁଳି ଗ୍ରାମର ସଭାପତି ପ୍ରହ୍ଲାଦ ପ୍ରଧାନ ସମ୍ପାଦକ ସୁରେଶ ନାୟକ ଓ ମନ୍ଦିର କମିଟି ମ୍ୟାନେଜର ଅକ୍ଷୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ପ୍ରଭାତରେ ଗ୍ରାମର ନଦୀରୁ ୧୦୦୮ ମହିଳା କଳସରେ ପୂର୍ଣ୍ଣକୁମ୍ଭ ଜଳ ଧରି ମନ୍ଦିର ପ୍ରାଙ୍ଗଣରେ ସ୍ଥାପନା କରିଥିଲେ। ଦେବଗଡ଼, ଅନୁଗୋଳ, ଆଠମଲ୍ଲିକ, ରେଢ଼ାଖୋଲ ଅଞ୍ଚଳରୁ ୨୩୦ ଗ୍ରାମରୁ ୩୦୦ ନାମ ସଂକୀର୍ତ୍ତନ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ବିରାଟ କଳସ ଯାତ୍ରା ସହ ପୂଜା ମଣ୍ଡପକୁ ଭକ୍ତିମୟ କରିଥିଲେ। ହୋମଯଜ୍ଞ କର୍ତ୍ତା ଭାବେ ପ୍ରହ୍ଲାଦ ପ୍ରଧାନ ଓ ପତ୍ନୀ ରୁନିଲତା ପ୍ରଧାନ, ପୂଜକ ଭାବେ ବିନୋଦ ଶତପଥୀ, ପବିତ୍ର ମୋହନ ଶତପଥୀ, ପୂଜକ ଦୁର୍ଯୋଧନ ବେହେରା, ହାଡ଼ିବନ୍ଧୁ ବେହେରା, ପ୍ରମୋଦ କୁମାର ମହାପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ। ଚଢ଼େଇମରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାଶରଥୀ ପ୍ରଧାନ, ସୋସାଇଟି ସମ୍ପାଦକ ପୁରସ୍ତମ ବେହେରା, ନୂଆପଡ଼ା ସରପଞ୍ଚ ରୀନା ସାହୁ, ତୁଙ୍ଗାମାଳ ସରପଞ୍ଚ ଅଜୟ କୁମାର ମହାପାତ୍ର, ସୁମନ୍ତ କୁମାର ସାହୁ, ଦେବରାଜ ସାହୁ ତଥା କମିଟିର ସମସ୍ତ ସଦସ୍ୟ ଓ ଆଉଁଳି ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# କୁମ୍‌ଝରିଆ ଯୁଜି ହାଇସ୍କୁଲକୁ ମିଳିଲା ଉତ୍କର୍ଷ ଶିକ୍ଷାକେନ୍ଦ୍ରର ମାନ୍ୟତା






ଉତ୍କର୍ଷ ଶିକ୍ଷାକେନ୍ଦ୍ର ମାନ୍ୟତା ପାଇଥିବା କୁମ୍‌ଝରିଆ ସରକାରୀ ଯୁଜି ହାଇସ୍କୁଲ।

କୁଆଁରମୁଣ୍ଡା,୨୮।୨(ଡି.ଏନ.ଏ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟରେ ଥିବା ବିଭିନ୍ନ ସରକାରୀ ହାଇସ୍କୁଲ ଓ ଯୁଜି ହାଇସ୍କୁଲଗୁଡିକ ମଧ୍ୟରୁ ୧୦୧ ସ୍କୁଲକୁ ଉତ୍କର୍ଷ ଶିକ୍ଷା କେନ୍ଦ୍ରଭାବେ ବଛା ଯାଇଛି। ଏଥି ମଧ୍ୟରୁ ସୁନ୍ଦରଗଡ଼ ଜିଲାରେ ଥିବା ସମସ୍ତ ଯୁଜି ହାଇସ୍କୁଲଗୁଡିକ ମଧ୍ୟରୁ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁମ୍‌ଝରିଆ ସରକାରୀ ଯୁଜି ହାଇସ୍କୁଲକୁ ଉତ୍କର୍ଷ ଶିକ୍ଷାକେନ୍ଦ୍ର ମାନ୍ୟତା ମିଳିଛି। ଗତ ସୋମବାର ୨୪ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚିଠି ନଂ ୪୩୦୬ରେ ଯୁଗ୍ମ ଶାସନ ସଚିବ ଡ.ପି.କେ ମିଶ୍ର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ସୂଚନା ପ୍ରଦାନ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଶୁକ୍ରବାର କୁମ୍‌ଝରିଆ ସରକାରୀ ଯୁଜି ହାଇସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲଙ୍କୁ ସ୍କୁଲ ପରିଚାଳନା ସମିତି ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସମଗ୍ର ବ୍ଲକ ଓ ଜିଲାସ୍ତରରେ ସରକାରୀ ଯୁଜି ହାଇସ୍କୁଲଭାବେ କୁମ୍‌ଝରିଆ ଯୁଜି ହାଇସ୍କୁଲ ଏହି ଗୌରବ ହାସଲ କରିପାରିଥିବାରୁ ଆଗାମୀ ଦିନରେ ଜାତି/ଜନଜାତି ବହୁଳ କୁଆଁରମୁଣ୍ଡା ବ୍ଲକ ସମେତ ସମଗ୍ର ଜିଲା ଓ ଜିଲା ବାହାରର ଛାତ୍ରୀଛାତ୍ର ଶିକ୍ଷା କ୍ଷେତ୍ରରେ ବିଶେଷଭାବେ ଅଗ୍ରଗତି କରିପାରିବେ। ଉତ୍କର୍ଷ ଶିକ୍ଷା କେନ୍ଦ୍ରର ମାନ୍ୟତା ଲାଭ ପରେ ଏହି ସ୍କୁଲରେ ସ୍ୱତନ୍ତ୍ର ବିଜ୍ଞାନାଗାର, ପ୍ରଗତିଶୀଳ ଇଂରାଜୀ ଶିକ୍ଷା ଓ କ୍ରୀଡା କ୍ଷେତ୍ରର ବିକାଶ ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉନ୍ନତ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ସ୍କୁଲର ଏହି ଗୌରବ ହାସଲ ପାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା ସମିତି ସଦସ୍ୟ ଓ ଶୁଭେଚ୍ଛୁମାନଙ୍କର ସମ୍ମିଳିତ ଉଦ୍ୟମ ଯୋଗୁ ସମ୍ଭବ ହୋଇଛି ବୋଲି ପ୍ରଧାନ ଶିକ୍ଷକ ସାମଲ ଖୁସିରେ କହିଛନ୍ତି।

## ଭଲିବଲରେ ରେଳ ମଣ୍ଡଳର ସଫଳତା

ସମ୍ବଲପୁର, ୨୮।୨ (ବ୍ୟୁରୋ)

ସର୍ବଭାରତୀୟ ଓ ଆଞ୍ଚଳିକସ୍ତରରେ ଆୟୋଜିତ ଭଲିବଲ ଟୁର୍ନାମେଣ୍ଟରେ ସମ୍ବଲପୁର ରେଳମଣ୍ଡଳ ଦଳ ସଫଳତା ହାସଲ କରିଛି । ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଖେଳାଳୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସୂଚନାଯୋଗ୍ୟ, ଭଲିବଲ ଦଳ ସୟଦ ସୁଲେମାନ୍‌ଙ୍କ ନେତୃତ୍ୱରେ ନବରଙ୍ଗପୁର ଓ କେନ୍ଦ୍ରାପଡାରେ ହୋଇଥିବା ସର୍ବଭାରତୀୟ ଟୁର୍ନାମେଣ୍ଟରେ ଚାମ୍ପିୟାନ ହୋଇଥିଲେ । ସେହିପରି ବୁର୍ଲା, ବାଲେଶ୍ୱର ଓ ଭଦ୍ରକ ଟୁର୍ନାମେଣ୍ଟରେ ରନର୍ସଅପ୍ ଟ୍ରଫି ହାସଲ କରିଛନ୍ତି । କ୍ରୀଡା ଅଧିକାରୀ ଡ. ମିଲିନ ହିରୱେ, କ୍ରୀଡା ସଚିବ ଆଲୋକ ପଣ୍ଡା ଉପସ୍ଥିତ ଥିଲେ ।



ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ଭଲିବଲ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

## ଫେରାର ଡକାୟତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ

ଲହୁଣୀପଡା, ୨୮।୨ (ଡି.ଏନ.ଏ)

ଚାନ୍ଦିପୋଷ ଥାନା ଅଞ୍ଚଳରେ ବିଭିନ୍ନ ସମୟରେ ଭିନ୍ନଭିନ୍ନ ସ୍ଥାନରେ ଡକାୟତି କରି ଫେରାର ଥିବା ତିନି ଜଣ ଡକାୟତଙ୍କୁ ଚାନ୍ଦିପୋଷ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ଚାନ୍ଦିପୋଷ ଥାନା ଅନ୍ତର୍ଗତ ବିଭିନ୍ନ ଦିନରେ ଭିନ୍ନ ଭିନ୍ନ ସ୍ଥାନରେ ୧୪୩ ନମ୍ବର ଜାତୀୟ ରାଜପଥ ଏବଂ ଗୁରୁଣ୍ଡିଆ, କୁଲୁଙ୍ଗା ରାସ୍ତାରେ ଏହି ଡକାୟତମାନେ ମାରଣାସ୍ତ୍ର ଦେଖାଇ ଗାଡି ଚାଳକ ଓ ଜନସାଧାରଣଙ୍କଠାରୁ ଡକାୟତି କରିଥିବାର ମାମଲା ରୁଜୁ ହୋଇଥିଲା। ପୋଲିସ ଗୋଟିଏ ମାମଲାରେ ଅନ୍ୟ ଡକାୟତମାନଙ୍କ ସହିତ ଏହି ତିନି ଜଣଙ୍କୁ ମଧ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଚାନ୍ଦିପୋଷ ପୋଲିସ ତଦନ୍ତ କରି ମାମଲା ରୁଜୁ କରିଥିଲା। ପୋଲିସ ଏମାନଙ୍କୁ ଗିରଫ କରିବା ପାଇଁ ଯୋଜନା ଚଳାଇ ଆସୁଥିଲେ ମଧ ଡକାୟତମାନେ ପୋଲିସକୁ ଚକମା ଦେଖାଇ ଫେରାର ହୋଇଯାଇଥିଲେ। ତଥାପି ଚାନ୍ଦିପୋଷ ପୋଲିସ ଏମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିଲା। ଏହି ତିନି ଡକାୟତ କୌଣସି କାମରେ ବଣାଇର ବସଷ୍ଟାଣ୍ଡରେ ବୁଲାବୁଲି କରୁଥିବା ଖବରପାଇ ଚାନ୍ଦିପୋଷ ପୋଲିସ ପହଞ୍ଚି ପଚରାଉଚରା କରିବା ସହିତ ତିନି ଜଣଙ୍କୁ ଚାନ୍ଦିପୋଷ ଥାନାକୁ ଆଣି ପୁନଶ୍ଚ ତଦନ୍ତ କରିଥିଲେ। ବିଭିନ୍ନ ମାମଲାରେ ଜଡିତ ଥିବା ଅପରାଧିମାନଙ୍କ ଫଟୋ ସହିତ ଚେହେରା ମିଶାଇ ଥିଲେ । ଫଳରେ ଏହି ତିନି ଜଣ ଡକାୟତଙ୍କ ଚେହେରା ମେଳ ଖାଇଥିବାରୁ ଗିରଫ କରାଯାଇଥିଲା।

## କେନ୍ଦୁପତ୍ର କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ରାସ୍ତାରୋକୋ ମାର୍ଚ୍ଚ ୧୧ରେ

ରିଆମାଳ,୨୮।୨(ଡି.ଏନ.ଏ.)–ରିଆମାଳ ବ୍ଲକ ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡଠାରେ ଶୁକ୍ରବାର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଂଜିତ ମହାନ୍ତିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଦାବି ନେଇ ଆସନ୍ତା ମାର୍ଚ୍ଚ ୧୧ରେ ଓଡ଼ିଶାର ୨୧ ଜିଲାରେ ରାସ୍ତାରୋକୋ କରାଯିବାକୁ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ମହମ୍ମଦ ମୃତୁଜା, ରିଆମାଳ ରେଞ୍ଜ ସମ୍ପାଦକ ଗନ୍ଧର୍ବ ପ୍ରଧାନ, କୁଣ୍ଢେଇଗୋଳା ରେଞ୍ଜ ସମ୍ପାଦକ ଜ୍ଞାନେନ୍ଦ୍ର ଗଡ଼ନାୟକ,ରେଙ୍ଗାଳବେଡ଼ା ରେଞ୍ଜ ସମ୍ପାଦକ ଅରୁଣ ସାହୁ, ତିଲେଇବଣିର ଯୋଗେଶ୍ୱର ନାହା, ରମେଶ ନାୟ, ପରକ୍ଷିତ ବେହେରା, ସନ୍ତୋଷ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ମାର୍ଚ୍ଚ ୨ ଓ ୩ ତାରିଖରେ ପତେକ ରେଞ୍ଜରେ ଶତାଧିକ ତୋଳାଳି ଓ କର୍ମଚାରୀଙ୍କୁ ନେଇ ଧାରଣା ଦିଆଯିବା ସହତ ୧୧ ତାରିଖରେ ତିଲେଇବଣି, ଦେବଗଡ଼, ରିଆମାଳ, କୁଣ୍ଢେଇଗୋଳାରେ ରାସ୍ତାରୋକୋ କରାଯିବ ବୋଲି ଉକ୍ତ ବୈଠକରେ ସ୍ଥିର କରାଯାଇଛି।

## ଦିଲ୍ଲୀ ହିଂସା, ସୁବର୍ଣ୍ଣପୁରରେ କଂଗ୍ରେସର ବିକ୍ଷୋଭ

ସୋନପୁର,୨୮।୨(ନି.ପ୍ର.): ସିଏଏକୁ ନେଇ ଦେଶର ରାଜଧାନୀ ଅଶାନ୍ତ ହୋଇପଡିଛି। ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ସଂଘର୍ଷ ଲାଗିରହିଛି । ତେବେ ହିଂସା ରୋକିବା କ୍ଷେତ୍ରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ବିଫଳ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଶୁକ୍ରବାର କଂଗ୍ରେସ ନେତୃବୃନ୍ଦ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ପ୍ରାକ୍ତନ ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶ, ମାଧବ କୁମ୍ଭାର, ଟାଉନ ସଭାପତି ସୁଧୀରପଣ୍ଡା, ରାଜେଶ ମିଶ୍ର, ନିମାଇଁ ପାଣିଗ୍ରାହୀ, ସଂଗ୍ରାମ କେଶରୀ ନାଏକ, ଦୟାନିଧି ସାହୁ, ଧର୍ମେନ୍ଦ୍ର ମେହେର, ରାଜୁ ମେହେର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ଫଟୋରେ ଖବର






ସମ୍ବଲପୁର ଆଇନ୍ କଲେଜ ସଭା କକ୍ଷରେ ଶୁକ୍ରବାର ଡ. ବିକ୍ରମ କୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି (ବାମ) । ବାଗଡିହାପଡା ଖେଳ ପଡିଆରେ ଚାଲିଥିବା ହକି ଚାମ୍ପିୟନଶିପ୍‌ର ଶୁକ୍ରବାର ମ୍ୟାଚରେ ଅତିଥିଙ୍କ ସହ ଦେବଗଡ କରଡୋପାଲ ଓ ଧୁବେନଟିକ୍ରା ଦଳର ଖେଳାଳିମାନେ

## ସଂକ୍ଷେପରେ

### ଜଳ ଯୋଗାଣ ପାଇପରେ ମିଶୁଛି ଡ୍ରେନ୍ ପାଣି

ସମ୍ବଲପୁର,୨୮।୨(ବ୍ୟୁରୋ): ଅଇଁଠାପାଲି ପିଏଚଡି ପଡିଆ ନିକଟରେ ଜନ ସ୍ୱାସ୍ଥ୍ୟବିଭାଗର ପାଇପ୍ ପାଣିରେ ଡ୍ରେନ ପାଣି ମିଶୁଛି । ପ୍ରାୟ ଏକ ମାସ ହେବ ପାଇପ ଫାଟି ଯିବାରୁ ଡ୍ରେନ୍ ପାଣି ଏହା ଭିତରକୁ ଯାଉଛି। ଲୋକେ ଏହାକୁ ବ୍ୟବହାର କରୁଛନ୍ତି। ଫଳରେ ଜଣ୍ଡିସ ଓ ଅନ୍ୟ ରୋଗ ହେବାର ଆଶଙ୍କା ରହୁଛି। ଏହାକୁ ନେଇ ଆଦର୍ଶନଗର ଓ ଏହି ପାଇପ ଲାଇନ ଉପରେ ନିର୍ଭର କରୁଥିବା ପଡାବାସୀ ଅଭିଯୋଗ କରିଛନ୍ତି । ହେଲେ ଅଭିଯୋଗ ପାଇବା ପରେ ମଧ ବିଭାଗ ମରାମତି କରୁନାହିଁ। ସହର ଅନେକ ପଡାରେ ଏଭଳି ଦେଖିବାକୁ ମିଳୁଛି। ଏଥିପ୍ରତି କିନ୍ତୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଚିନ୍ତା ନାହିଁ।

### ରେଳଧାରଣାରୁ ଅଜଣା ମୃତଦେହ ଉଦ୍ଧାର

ସମ୍ବଲପୁର,୨୮।୨(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ଥାନା ମୁଣ୍ଡେର ଗ୍ରାମ ନିକଟସ୍ଥ ରେଳ ଧାରଣାରୁ ଜିଆରପି ପୋଲିସ ଏକ ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି । ଜିଆରପି ଥାନାରେ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ କରାଯାଉଛି । ପୋଲିସ କହିବା ଅନୁସାରେ ବୃଦ୍ଧଙ୍କ ବୟସ ପ୍ରାୟ ୭୦ ବର୍ଷରୁ ଅଧିକ ହେବ। ସେ କୌଣସି ଟ୍ରେନରେ କଟିଯାଇଥିବା ଅନୁମାନ କରାଯାଉଛି।

### ସାମ୍ବିଧାନିକ ଅଧିକାର ଆଇନ ସଚେତନତା ଶିବିର

ସମ୍ବଲପୁର, ୨୮।୨ (ବ୍ୟୁରୋ)- ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସାମ୍ବିଧାନିକ ଅଧିକାର ଆଇନ ସଚେତନତା ଶିବିର କାଇଁଶିର ପ୍ରାଥମିକ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି । ନାଗରିକମାନଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ବକ୍ତାମାନେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ସଚିବ ଲିଲି ସେନାପତି ଅଧକ୍ଷତା କରିଥିଲେ । ବିଜୟଲକ୍ଷ୍ମୀ ମହାପାତ୍ର ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ପ୍ରାଧିକରଣ ତାଲିକା ଭୁକ୍ତ ଆଇନଜୀବୀ, ପାରାଲିଗାଲ ସାମାଜିକ କର୍ମୀ ମଧ ଯୋଗଦେଇଥିଲେ ।

### ଅନନ୍ତରାମ କ୍ଲବରେ ଜର୍ସି ବଣ୍ଟନ

ସମ୍ବଲପୁର, ୨୮।୨ (ବ୍ୟୁରୋ)- ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଅନନ୍ତରାମ କ୍ଲବଠାରେ ଜର୍ସି ବଣ୍ଟନ କରାଯାଇଛି। ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର ଯୋଗଦେଇ କବାଡି ଖେଳାଳିଙ୍କୁ ଜର୍ସି ପ୍ରଦାନ କରିଥିଲେ । ଇନ୍ଦ୍ରଜିତ ତନସନା, ମହେନ୍ଦ୍ର ବିଶି, ରାଜା ଦାଶ, ପିଣ୍ଟୁ ବଡ୍ଢେଇ, ଅଚ୍ୟୁତ ବାରିକ, ମହମ୍ମଦ ଜି ଅଲ୍ଲିଖାନ୍ ଯୋଗ ଦେଇଥିଲେ ।

### ମାର୍ଚ୍ଚ ୧ରୁ ସମ୍ବଲପୁରୀ ନ୍ୟୁଜ୍

ସମ୍ବଲପୁର, ୨୮।୨ (ବ୍ୟୁରୋ) ଆକାଶବାଣୀ ସମ୍ବଲପୁର ଆଞ୍ଚଳିକ ନ୍ୟୁଜ ବିଭାଗ ମାର୍ଚ୍ଚ ୧ ତାରିଖରୁ ସମ୍ବଲପୁରୀ ଭାଷାରେ ଖବର ପ୍ରସାରଣ ଆରମ୍ଭ କରିବ। ସକାଳ ୬ଟା ୪୭ରୁ ୬ଟା ୫୨ ପର୍ଯ୍ୟନ୍ତ ୫ ମିନିଟ ଲାଗି ଏହା ପ୍ରସାରଣ କରାଯିବ । ଏହାସହ ବର୍ତ୍ତମାନ ଚାଲୁଥିବା ଆଞ୍ଚଳିକ ନ୍ୟୁଜ ରାତି ୮ ଟା ୧୭ ରୁ ୮ଟା ୨୭ ପର୍ଯ୍ୟନ୍ତ ପ୍ରସାରିତ ହେବ । ଏହି ନ୍ୟୁଜ ଏଫ୍ଏମ୍, ମିଡ଼ିୟମ୍ ୱେଭ୍ ତଥା ଡିଜିଟାଲ୍ ୱେଭ୍‌ରେ ମଧ ପ୍ରସାରଣ କରାଯିବ। ସୂଚନାଯୋଗ୍ୟ ଯେ, ୨୦୧୬ ଜାନୁୟାରୀ ୨୩ରେ ସମ୍ବଲପୁର ଆକାଶବାଣୀ କେନ୍ଦ୍ରରୁ ସମ୍ବଲପୁରୀ ଭାଷାରେ ଖବର ପ୍ରସାରଣ ଆରମ୍ଭ କରାଯାଇଥିଲା।

### ମାଛରୁ ପୋକ ବାହାରିଲା

ସମ୍ବଲପୁର,୨୮।୨(ବ୍ୟୁରୋ) ସମ୍ବଲପୁରରେ ଶୁକ୍ରବାର ମାଛରୁ ପୋକ ବାହାରିଛି। ଏ ନେଇ ଅଭିଯୋଗ ପାଇବା ପରେ ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇ ଉଠିଛି। ଅିଭଯୋଗ ଅନୁସାରେ କାଉଁଶିର ଗ୍ରାମର ଶଙ୍କର ପ୍ରସାଦ ବହିଦାର ଅଇଁଠାପାଲି ପିଏଚଡି ପଡିଆ ନିକଟରୁ ୧ କେଜି ମାଛ କିଣି ଘରକୁ ନେଇଥିଲେ। ହେଲେ ଘରେ ତାହାକୁ ଛାଣିବା ପରେ ପୋକ ଥିବା ଦେଖିବାକୁ ପାଇଥିଲେ। ଏହାକୁ ନେଇ ସେ ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ମହାନଗର ନିଗମ କର୍ମଚାରୀମାନେ ମାଛ ବଜାରରେ ଚଢାଉ କରିଥିଲେ। ମାଛ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ସେହିଭଳି ଶଙ୍କର ଦେଇଥିବା ଭଜା ମାଛକୁ ମଧ ଯାଞ୍ଚ ପାଇଁ ଭୁବନେଶ୍ୱର ପଠା ଯାଇଛି ।

# ଶ୍ରାଦ୍ଧ ଦିବସରେ ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୨୮।୨ (ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ ବୀରସୁରେନ୍ଦ୍ର ସାଏଙ୍କ ୧୩୬ତମ ଶ୍ରାଦ୍ଧ ଦିବସ ଶୁକ୍ରବାର ପାଳିତ ହୋଇଛି । ଓଡିଶା ସାଂସ୍କୃତିକ ସମାଜ କର୍ମକର୍ତ୍ତା ଓ ସଭ୍ୟମାନେ ସକାଳ ୮ଟାରେ ଜେଲ ଛକସ୍ଥିତ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ବୀର ସୁରେନ୍ଦ୍ର ସାଏ ଅମର ରହେ ଧ୍ୱନୀରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ସାଂସ୍କୃତିକ ସମାଜ ସଭାପତି ପ୍ରଫୁଲ୍ଲ କୁମାର ହୋତା, ଅରବିନ୍ଦ ମହାପାତ୍ର, ଅଶୋକ ପ୍ରଧାନ, ଯଦୁମଣୀ ବେହେରା, ଅଶୋକ ମିଶ୍ର, ଦେବେନ୍ଦ୍ର ପଟେଲ, ରଘୁନାଥ ମିଶ୍ର, ଡ. ହରିଶଙ୍କର ପଣ୍ଡା, ଡ. ବିଜୟ କୁମାର ପ୍ରଧାନ, ସୁରଞ୍ଜନ ମହାପାତ୍ର, ଡ. ସିଦ୍ଧାର୍ଥ ପଣ୍ଡା, ସତ୍ୟନାରାୟଣ ଠାକୁର ପ୍ରମୁଖ କାଯର୍ୟକ୍ରମ ପରିଚାଳନା କରିଥିଲେ । ଅପରାହ୍ନ ୧୦ଟାରେ ବୁଢ଼ାରଜା ପାହାଡ ଶୀର୍ଷରେ ଥିବା ଉଲଗୁଲାନ ସ୍ମାରକୀରେ ସହରର ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ସାମିଲ ହୋଇ ପୁଷ୍ପ ଅପର୍ଣ କରିଥିଲେ ।

**ରେଙ୍ଗାଲି, (ଡି.ଏନ.ଏ.)**–ରେଙ୍ଗାଲି ବ୍ଲକ ଖିଣ୍ଡା ଛକରେ ମଧ ଶୁକ୍ରବାର ବୀରସୁରେନ୍ଦ୍ର ସାଏଙ୍କ ୧୩୬ତମ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ଲାଲଫକୀର ସାଏ, ଶଶିଭୂଷଣ ସାଏ, ଖିଣ୍ଡା ହାଇସ୍କୁଲର ଶିକ୍ଷକ ଗୌରିଦାଶ ପ୍ରଧାନ, ଠେଲକଲୋଇ ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ, ରେଙ୍ଗାଲି ବ୍ଲକ ଉପାଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ତଳାବିରା କୋଇଲା ଖଣି ପ୍ରକଳ୍ପ ମୁଖ୍ୟ ପ୍ରସନ୍ନ ପଣ୍ଡା, ଶିକ୍ଷକ ପଦ୍ମନାଭ ନାୟକ, ବୋମାଲୋଇ ସରପଞ୍ଚ ଶେଷଦେବ ପଧାନ ପ୍ରମୁଖ ଯୋଗ ଦେଇ ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଉପରେ କହିଥିଲେ। ମୋତିଲାଲ ତନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଖିଣ୍ଡା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ସାହୁ ସଭା ପରିଚାଳନା କରିଥିଲେ । ଶେଷରେ ଯଦୁମଣି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। କେଶବ ରୋହିଦାସ, ଚନ୍ଦ୍ରଶେଖର ରାଉତ, ନିତ୍ୟାନନ୍ଦ ପଶାୟତ ଏବଂ ସଂଗଠନର କର୍ମକର୍ତ୍ତା ସହଯୋଗ କରିଥିଲେ।





ଶୁକ୍ରବାର ସମ୍ବଲପୁର ଜେଲ ଛକସ୍ଥିତ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି (ବାମ)। ରେଙ୍ଗାଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଖଣି ପରିଦର୍ଶନ କଲେ କୋଲ୍ ଇଣ୍ଡିଆ ଅଧକ୍ଷ

## ୨୦୨୪ ସୁଦ୍ଧା ୧ ମିଲିୟନ ଟନ୍ କୋଇଲା ଉତ୍ପାଦନ ଲକ୍ଷ୍ୟ



ଶୁକ୍ରବାର ଇବ୍ ଭ୍ୟାଲି ଅଞ୍ଚଳର ବିଭିନ୍ନ କୋଇଲା ଖଣିକୁ କୋଲ ଇଣ୍ଡିଆ ଅଧକ୍ଷ ପରିଦର୍ଶନ କରୁଛନ୍ତି।

ସମ୍ବଲପୁର, ୨୮।୨ (ବ୍ୟୁରୋ)

କୋଲ ଇଣ୍ଡିଆ ଅଧକ୍ଷ ପ୍ରମୋଦ ଅଗ୍ରୱାଲ ଶୁକ୍ରବାର ଇବ୍ ଭ୍ୟାଲି ଅଞ୍ଚଳର ସମଲେଶ୍ୱରୀ ଓ ଲାଜକୁରା ଖୋଲା ମୁହଁ ଖଣି ପରିଦର୍ଶନ କରିଛନ୍ତି। ଏଥିସହ ଇବ୍ ଭ୍ୟାଲି ମହାପ୍ରବନ୍ଧକ, ପ୍ରକଳ୍ପ ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ସେ ଆଲୋଚନା କରିଥିଲେ । ଆଗାମୀ ଦିନରେ କୋଇଲା ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ୨୦୨୪ ଆର୍ଥିକ ବର୍ଷ ସୁଧା ୧ ମିଲିୟନ ଟନ୍ କୋଇଲା ଉତ୍ପାଦନ ଲକ୍ଷ୍ୟ ରହିଛି। ତେଣୁ କୋଲ୍ ଇଣ୍ଡିଆ ଏ ଦିଗରେ ରୋଡ ମ୍ୟାପ୍ ମଧ ପ୍ରସ୍ତୁତ କରିଥିବା ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ। ତେଣୁ ସମସ୍ତ ଅଧିକାରୀମାନେ ଏ ଦିଗରେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଏମସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଲାନାଥ ଶୁକ୍ଲା, ସିଆଇଏଲର ମାର୍କେଟିଂ ନିର୍ଦ୍ଦେଶକ ଏସ.ଏନ. ତିୱାରୀ, ଏମସିଏଲ ବୈଷୟିକ ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂ, ଯୋଜନା ଓ ପରିଯୋଜନା ନିର୍ଦ୍ଦେଶକ କେ.କେ. ମିଶ୍ର ଉପସ୍ଥିତ ଥିଲେ। ଏହାପରେ ଅଧକ୍ଷ ପ୍ରମୋଦ ସବଡେଗା ରେଲୱେ ସାଇଡିଂ ପରିଦର୍ଶନ କରି କୋଇଲା ଡେସ୍‌ପାଚ୍ ଓ ଅନ୍ୟାନ୍ୟ ସୁବିଧା ଅସୁବିଧା ଉପରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅପରପକ୍ଷେ ସେ ବସୁନ୍ଧରା କ୍ଷେତ୍ରର ଗର୍ଜନବାହାଲ ଓ କୁଲଦା ଖୋଲା ମୁହଁ ଖଣି ପରିଦର୍ଶନ କରିବା ସହ କୋଇଲା ଉତ୍ପାଦନ ଏବଂ ଓବି ରିମୁଭାଲ ଉପରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ଶାହାଙ୍କ କୁଶପୁତ୍ତଳିକା ଦାହ

ସମ୍ବଲପୁର,୨୮।୨(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି ଡାକରାରେ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳା ଦାହ କରାଯିବା ସହ ମନ୍ତ୍ରୀପଦରୁ ତାଙ୍କର ଇସ୍ତଫା ଦାବି କରାଯାଇଛି। ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ କେନ୍ଦ୍ରର ଭାଜପା ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଧର୍ମ ନାମରେ ରାଜନୀତି କରାଯାଉଛି । ନିଜର ସ୍ୱାର୍ଥ ପାଇଁ ସାଂପ୍ରଦାୟିକ ହିଂସା ସୃଷ୍ଟି କରାଯାଉଛି । ଏଥିରେ ଭାଜାପର ନେତା ଓ କର୍ମକର୍ତ୍ତା ସଂପୃକ୍ତି ରହିଥିବା ଅଭିଯୋଗ ହେଉଛି । ଦିଲ୍ଲୀ ହିଂସା ପାଇଁ ଭାଜପାକୁ ସୁତାପା ମିତ୍ର, ନିରଞ୍ଜନ ତ୍ରିପାଠି, ବିଜୟଲକ୍ଷ୍ମୀ ବେହେରା ଦାୟି କରିଛନ୍ତି।

## ଜିଲାପାଳଙ୍କ ଯୁଯୁମୁରା ବ୍ଲକ୍ ଗସ୍ତ

ସମ୍ବଲପୁର,୨୮।୨(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍‌ର କଣ୍ୟାକୁଦ, ବୀରସିଂଗଡ, ବାହାମ, ଜୟନ୍ତପୁର ପଞ୍ଚାୟତକୁ ଜିଲାପାଳ ଶୁଭମ୍ ସକ୍‌ସେନା ଶୁକ୍ରବାର ଗସ୍ତ କରଛନ୍ତି। ସରକାରଙ୍କ ପକ୍ଷରୁ ପଞ୍ଚାୟତରେ ନିର୍ମାଣ ହେଉଥିବା ଉଦ୍ୟାନ ତଥା ପାର୍କ ଗୁଡିକ କାମର ତଦାରଖ କରିଛନ୍ତି। ସମସ୍ତ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାହାମ ପଞ୍ଚାୟତରେ ସ୍ଥାୟୀ ମାର୍କେଟ ନିର୍ମାଣ କାମ ମଧ ଦେଖିଥିଲେ । ଏହି ଅବସରରେ ଯୁଯୁମୁରା ବିଡିଓ ସୁରଜ ବିଶ୍ୱାଳ, ଭାରପ୍ରପ୍ତ ସହକାରୀ ଯନ୍ତ୍ରୀ ପ୍ରଭାଷ ମିଶ୍ର ଉପସ୍ଥିତ ଥିଲେ। ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ରହି କାମର ସ୍ଥିତି ଓ ସମସ୍ୟା ଉପରେ ଜିଲାପାଳଙ୍କୁ ଜଣାଇଥିଲେ।

## ଜିଏମ୍ୟୁ ବାଣିଜ୍ୟ ବିଭାଗର ଆଲୋଚନାଚକ୍ର

ସମ୍ବଲପୁର, ୨୮।୨ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ) ବାଣିଜ୍ୟ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଶୁକ୍ରବାର ଅଧାପନା ପ୍ରକୋଷ୍ଠ-୧ରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ଶ୍ୟାମାଚରଣ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଦେବା ସହ ନିବନ୍ଧ ଉପସ୍ଥାପନ କରିଥିଲେ। ଅଧାପକ ଡ. ପ୍ରଦୀପ କୁମାର ହରପାଲ, ଡ. ପ୍ରିୟବ୍ରତ ପଣ୍ଡା, ସୁବାଷ ଚନ୍ଦ୍ର ଝାଙ୍କର, ଜ୍ଞାନରଞ୍ଜନ ବଳ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରିୟଙ୍କା ରାଉତ, ନେଲସି ଖାଲକୋ, ଶୁଭ୍ରା ମହାରଣା, ବିକାଶ ସେଠୀ, ମନିଷା ଶତପଥି ପ୍ରମୁଖ ନିବନ୍ଧ ଉପସ୍ଥାପନ କରିଥିଲେ। ସାଇପ୍ରସାଦ ସାହୁ, ଶିବାଶିଷ ନନ୍ଦ, ରୋଶନ ଅଗ୍ରୱାଲ, ପ୍ରିତମ ମହାପାତ୍ର, ଅଙ୍କିତା ପଣ୍ଡା, ସଂଗୀତା ବାଗ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶେଷରେ ସୁଜାତା କେର୍କେଟା ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କରାଯାଉଛି ।

# ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ

ସମ୍ବଲପୁର, ୨୮।୨ (ବ୍ୟୁରୋ)

ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ଶୁକ୍ରବାର ଚେରୁଆପଡା ନିକଟସ୍ଥ ମ୍ୟୁନିସିପାଲ ବାଳକ ବିଦ୍ୟାଳୟ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ବିଜ୍ଞାନ କୁଇଜ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା । କୁଇଜରେ ବୁଢ଼ାରଜା ସରକାରୀ ହାଇସ୍କୁଲର ଶକ୍ତିରାମ ପାଣିଗ୍ରାହୀ ପ୍ରଥମ ଓ ଅଞ୍ଜଳି ସିଂ ଦ୍ୱିତୀୟ, ନୃସିଂହଗୁରୁ ଟାଉନ ହାଇସ୍କୁଲର ଦିବ୍ୟରଞ୍ଜନ ପ୍ରଧାନ ଏବଂ ଏସଡିଏସ ସରକାରୀ ହାଇସ୍କୁଲର ନନ୍ଦିନୀ ମେହେର ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ବକ୍ତୃତାରେ ଲେଡି ଲୁଇସ ଗର୍ଲ୍ସ ହାଇସ୍କୁଲର ଶୋଭନା ସାହୁ ପ୍ରଥମ, ବୁଢ଼ାରଜା ସରକାରୀ ହାଇସ୍କୁଲର ଅମରଜିତ ପାଇକ ଦ୍ୱିତୀୟ ଓ ଗୌରବ ଦାଶ ତୃତୀୟ ସ୍ଥାନ ହାସଲ କରିଛନ୍ତି । ମ୍ୟୁନିସିପାଲ ବାଳକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ନାୟକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ମାନେଶ୍ୱର ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ମୁଖ୍ୟବକ୍ତା ଓ ଶିକ୍ଷାବିତ ବିମଳେଶ କୁମାର ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ କୁମାର ମେଣ୍ଡୋଲି ସୂଚନା ପ୍ରଦାନ କରିଥିଲେ । ଶିକ୍ଷୟତ୍ରୀ ଲକ୍ଷ୍ମୀ ସେଠ ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ଦେବକୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।




ଶୁକ୍ରବାର ସମ୍ବଲପୁରରେ ଆୟୋଜିତ ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ଉତ୍ସବରେ ଅତିଥି ଓ ବକ୍ତାମାନେ।

## ଜାଲ କାଗଜପତ୍ର ଦେଇ ଧରାପଡିଲେ ଯୁବକ

ରେଙ୍ଗାଲି, ୨୮।୨ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲରେ ଜାଲ କାଗଜପତ୍ରରେ ଜମି ବିକ୍ରି ବେଳେ ଜଣେ ଯୁବକ ଧରା ପଡିଛନ୍ତି। ସେ ହେଲେ କୈଳାସ ପ୍ରଧାନ। ମା’ କଳ୍ପନା ପ୍ରଧାନ ଏବଂ ମାଉସୀ ସନ୍ତୋଷିନୀ ପ୍ରଧାନଙ୍କ ନାମରେ ମାଝିପାଲିରେ ଥିବା ୫ ଏକର ୭୪ ଡିସ୍‌ମିଲ ଜମିକୁ ସେ ବିକ୍ରି କରିବାକୁ ବାହାରିଥିଲେ। ମା’ ଓ ମାଉସୀଙ୍କ ମୃତ୍ୟୁ ହୋଇଯାଇଥିବା ଦର୍ଶାଇ ନିଜକୁ ଉତ୍ତରାଧିକାରୀ ଭାବେ ପ୍ରମାଣ କରିବାକୁ ନକଲି ପ୍ରମାଣପତ୍ର ମଧ ଯୋଗାଡ କରିଥିଲେ। ହେଲେ ତହସିଲରେ ଏ ସବୁ ନକଲି କାଗଜପତ୍ର ଦେଇ ଜମି ବ୍ରିକ୍ରି କରିବାକୁ ଗଲାବେଳେ ଆଧାର କାର୍ଡ ହିଁ ତାଙ୍କୁ ଧରା ପକାଇ ଦେଇଥିଲା। ତେବେ ରେଙ୍ଗାଲି ତହସିଲଦାର ସୁନୀଲ ମେହେର କହିଛନ୍ତି ଯେ, ଏଥିରେ ଯେଉଁମାନେ ଜଡିତ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା

■ଶୁଣ୍ଠିମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟ

■୨୫ରୁ ଅଧିକ ଛାତ୍ରୀ ରକ୍ତହୀନତାର ଶିକାର ହେବା ଘଟଣା

ରେଢାଖୋଲ,୨୮।୨(ଡି.ଏନ.ଏ)

ରେଢାଖୋଲ ସହରର ଶୁଣ୍ଠିମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଉପଜିଲାପାଳ ତୋଳାମଣି ପଟେଲଙ୍କ ନିର୍ଦ୍ଦେଶ କ୍ରମେ ଉପଖଣ୍ଡ ଡାକ୍ତରଖାନାର ଏକ ଡାକ୍ତରୀ ଦଳ ସ୍କୁଲକୁ ଯାଇ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରଛନ୍ତି। ଏହା ସହିତ ସେମାନଙ୍କ ରକ୍ତ ନମୁନା ସଂଗ୍ରହ କରିଛନ୍ତି। ଡାକ୍ତର ବିପିନ ବିହାରୀ ସାହୁ, ଶିଶୁ ବିଶେଷଜ୍ଞ ରାମକୃଷ୍ଣ ପତି ଓ ମଦନମୋହନ ତ୍ରିପାଠୀ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ସମୟରେ ଉପଜଲାପାଳ, ବିଡିଓ ପରିକ୍ଷିତ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ଏଜେଲିନ ବାରା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୧୫ ଦିନ ହେବ ଏହି ବିଦ୍ୟାଳୟର ୨୫ରୁ ଅଧିକ ଛାତ୍ରୀ ଜଣକ ପରେ ଜଣେ ଅସୁସ୍ଥ ହୋଇ ରେଢାଖୋଲ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ୪/୫ ଜଣ ଛାତ୍ରୀଙ୍କୁ ରକ୍ତ ନେବାକୁ ପଡିଛି। ଚିକିତ୍ସିତ ହୋଇଥିବା ଛାତ୍ରୀମାନଙ୍କ ରକ୍ତ ପରୀକ୍ଷା ପରେ ସେମାନେ ରକ୍ତହୀନତାର ଶିକାର ହୋଇଥିବା ଜଣାପଡିଥିଲା। ହେଲେ ସ୍କୁଲ କର୍ତ୍ତୃପକ୍ଷ ଏହାକୁ ହାଲୁକା ଭାବେ ନେଇଥିଲେ। ଘଟଣା ଲୁଚାଇବାକୁ ସାମାନ୍ୟ ଅସୁସ୍ଥତା ଯୋଗୁ ପିଲାମାନେ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ସଫେଇ ଦେଇଥିଲେ। ହେଲେ ଧରିତ୍ରୀ ସମେତ ଅନ୍ୟ ଗଣମାଧମରେ ଏହି ଖବର ପ୍ରକାଶିତ ହେବା ପରେ ପ୍ରଶାସନର ଦୃଷ୍ଟି ପଡିଥିଲା। ୨୫ ତାରିଖ ଦିନ ବିଡିଓ ସ୍କୁଲକୁ ଯାଇ ଅସୁସ୍ଥ ଛାତ୍ରୀମାନଙ୍କୁ ଭେଟିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଚାରି ବୁଝିଥିଲେ।



ରେଢାଖୋଲ ସହରର ଶୁଣ୍ଠିମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।



ହେଜଲଙ୍କୁ ପସନ୍ଦ କରିବା ପରେ ଡେଟ୍‌ରେ ନେବାକୁ ଇଚ୍ଛା କରିଥିଲି। ଅନେକ ଥର ହେଜେଲ୍ ହଁ ଭରୁଥିଲେ ହେଁ ନିଜ ଫୋନକୁ ବନ୍ଦ କରିଦେଉଥିଲେ। ବାରମ୍ବାର ଏଭଳି ହେବା ପରେ ମୁଁ ରାଗି ଯାଇଥିଲି। ଏପରିକି ତାଙ୍କ ମୋବାଇଲ ନମ୍ବର ମଧ୍ୟ ଡିଲିଟ୍ କରିଦେଇଥିଲି। ଏହାର ଅନେକ ଦିନ ପରେ ସୋସିଆଲ ମିଡିଆରେ ପୁଣି ଆମର ବନ୍ଧୁତା ହୋଇଥିଲା। ଦୀର୍ଘ ତିନିବର୍ଷ ପରେ ଉଭୟ ଡେଟ୍‌ରେ ଯାଇଥିଲୁ।

- ଯୁବରାଜ ସିଂ, ପୂର୍ବତନ ଭାରତୀୟ କ୍ରିକେଟର

# ମୁସଲମାନ ବିବାହ ନିମନ୍ତ୍ରଣପତ୍ରରେ ଭଗବାନ ଗଣେଶ





**ମିରଟ:** ଉତ୍ତର ପ୍ରଦେଶ ମିରଟରେ ଏକ ମୁସଲମାନ ପରିବାରର ବିବାହ ପାଇଁ ନିମନ୍ତ୍ରଣ ପତ୍ର ଛପା ଯାଇଛି। ଯେଉଁଥିରେ ହିନ୍ଦୁ ଦେବତା ଗଣେଶଙ୍କ ଫଟୋ ଦେଖିବାକୁ ମିଳିଛି। ଏହା ଉଭୟ ସମ୍ପ୍ରଦାୟ ପାଇଁ ଏକ ଭଲବାର୍ତ୍ତା ଦେଉଛି ବୋଲି ଆଲୋଚନା ହେଉଛି। ଉକ୍ତ ବିବାହ ନିମନ୍ତ୍ରଣପତ୍ରରେ ଭଗବାନ ଗଣେଶ ଗଣେଶଙ୍କ ସହ ରାଧା କୃଷ୍ଣଙ୍କର ଫଟୋ ମଧ୍ୟ ରହିଛି। କେବଳ ସେତିକି ନୁହେଁ, ଏଥିରେ ଚାନ୍ଦ ମୁବାରକ ବୋଲି ପ୍ରିଣ୍ଟ୍ କରାଯାଇଛି। ଏହି ନିମନ୍ତ୍ରଣପତ୍ର ଦୁଇ ମୁସଲ୍‌ମାନ ପରିବାର ମଧ୍ୟରେ ତ ବନ୍ଧୁତା ସ୍ଥାପନ କରୁଛି, ଏହାସହ ଦୁଇ ସମ୍ପ୍ରଦାୟ ମଧ୍ୟରେ ବି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରୁଛି। ହସ୍ତିନାପୁରର ମହମ୍ମଦ ଶରାଫତ୍ ତାଙ୍କ ଝିଅ ଆସମା ଖାତୁନ୍‌ଙ୍କ ନିକାହ ପାଇଁ ଏହି ବିଶେଷ ଧରଣର ବିବାହ କାର୍ଡ ପ୍ରସ୍ତୁତ କରିଥିବା ଜଣାପଡିଛି। ଆଉ ଏହାକୁ ଦେଖିବା ପରି ଅନେକ କହୁଛନ୍ତି, ମୁସଲ୍‌ମାନଙ୍କ ବିବାହରେ ହିନ୍ଦୁ ଦେବତା ଗଣେଶ ନିମନ୍ତ୍ରଣ ଦେଉଛନ୍ତି। ଏହି ବିବାହ ମାର୍ଚ୍ଚ ୪ରେ ଅନୁଷ୍ଠିତ ହେବ।

# ମୁକ୍ତବାୟୁ ଶିଶୁଙ୍କୁ ନକାରାତ୍ମକ ଭାବନାରୁ ଦୂରରେ ରଖିଥାଏ

ଏବେକା ସମୟରେ ଶିଶୁମାନେ ଖୋଲା ପରିବେଶରେ ଖେଳିବା ଏବଂ ବୁଲିବା ବଦଳରେ ଘର ମଧ୍ୟରେ ମୋବାଇଲ୍ ଏବଂ କମ୍ପ୍ୟୁଟର୍‌ରେ ଖେଳିବା ଦେଖିବାକୁ ମିଳୁଛି। ତେବେ ମୁକ୍ତ ବାୟୁ ଶିଶୁମାନଙ୍କୁ ବିଭିନ୍ନ ପ୍ରକାର ନକାରାତ୍ମକ ଭାବନାଠାରୁ ଦୂରରେ ରଖିବାରେ ସାହାଯ୍ୟ କରିଥାଏ। ଏହା ଏକ ଗବେଷଣାରୁ ସ୍ପଷ୍ଟ ହୋଇଥିବା ଜଣାପଡ଼ିଛି। ପିଲାଙ୍କ ମନରେ ଅନେକ ସମୟରେ ନକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ। ଯଦ୍ଦ୍ୱାରା ସେମାନେ ମାନସିକ ଚାପର ଶିକାର ହେବା ସହ ସ୍ୱାସ୍ଥ୍ୟ ଖରାପ ହେବା ଆଶଙ୍କା ମଧ୍ୟ ରହିଛି। ଏପରି ସ୍ଥିତିରେ ସେମାନଙ୍କ ମନୋବଳ ମଧ୍ୟ ଦୁର୍ବଳ ହୋଇଥାଏ। ସାଉଥ୍ ଚିଲିରେ ୨୭୧ ମାତାପିତା ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଗବେଷଣା କରାଯାଇଥିବାବେଳେ ଏଥିମଧ୍ୟରୁ ୧୦୬ ଜଣ ସ୍ଥାନୀୟ ଆଦିମ ମାପୁଚେ ଗୋଷ୍ଠୀର ଥିଲେ। ଅଧ୍ୟୟନ ପାଇଁ ପିଲା ଏବଂ ସେମାନଙ୍କ ଭାବନାକୁ ନେଇ ପ୍ରଶ୍ନପତ୍ର ପ୍ରସ୍ତୁତ ହୋଇଥିବାବେଳେ ସେମାନେ ଏହାର ଉତ୍ତର ଦେଇଥିଲେ। ଆମେରିକାର ନର୍ଥ କାରୋଲିନା ଷ୍ଟେଟ୍ ୟୁନିଭର୍ସିଟିର ପ୍ରଫେସର୍ ଏମି ହୋଲ୍‌ବର୍ଷ୍ଟଙ୍କ କହିବା ହେଲା, ପ୍ରକୃତିର ଖୋଲା ପରିବେଶ ତଥା ମୁକ୍ତ ବାୟୁ ମଧ୍ୟରେ ରହିବା ଦ୍ୱାରା ଶିଶୁମାନେ ଶାନ୍ତ ରହୁଥିବା ମାପୁଚେ ସମ୍ପ୍ରଦାୟର ଅଭିଭାବକମାନଙ୍କ ବିଶ୍ୱାସ। ଏହାଦ୍ୱାରା ପିଲାମାନେ ଶାନ୍ତ ରହିବା ସହ ଚାପ ଓ ନକାରାତ୍ମକ ଭାବନାକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥାନ୍ତି ବୋଲି ସେମାନେ କହିଛନ୍ତି। ତେଣୁ ଶିଶୁଙ୍କ ବିକାଶ ଓ ସଫଳତା ପାଇଁ ଅଭିଭାବକମାନେ ଏହାକୁ ଅପଣାଇବା ଉଚିତ୍ ବୋଲି ପ୍ରଫେସର୍ ହୋଲ୍‌ବର୍ଷ୍ଟ କହିଛନ୍ତି।

# ଆସିଲା ‘ହିରୋପନ୍ତି–୨’ର ପ୍ରଥମ ଲୁକ୍



ଟାଇଗର୍ ଶ୍ରଫ୍

**ମୁମ୍ବାଇ:** ବଲିଉଡ୍ ଅଭିନେତା ଟାଇଗର୍ ଶ୍ରଫ୍‌ଙ୍କ ପ୍ରଶଂସକଙ୍କ ପାଇଁ ଖୁସି ଖବର। ଖୁବ୍‌ଶୀଘ୍ର ତାଙ୍କ ଅଭିନୀତ ସଫଳ ଫିଲ୍ମ ‘ହିରୋପନ୍ତି’ର ଦ୍ୱିତୀୟ ପାର୍ଟ ନିର୍ମାଣ ହେବାକୁ ଯାଉଛି। ଏଥିପାଇଁ ଅଫିସିଆଲ ଆନାଉନ୍‌ସ ମଧ୍ୟ ସରିଛି। ଇତିମଧ୍ୟରେ ଫିଲ୍ମରେ ଟାଇଗରଙ୍କ ପ୍ରଥମ ଲୁକ୍ ସମ୍ମୁଖକୁ ଆସିଛି। ନିଜେ ଟାଇଗର ଫଟୋଟିକୁ ନିଜ ଟ୍ୱିଟର ଆକାଉଣ୍ଟ୍‌ରେ ଶେୟାର କରିଛନ୍ତି। ଏଥିରେ ତାଙ୍କୁ ଆକ୍ସନ୍ ମୁଡ୍‌ରେ ଦେଖିବାକୁ ମିଳୁଛି। ପୋଷ୍ଟରରେ ସେ ବନ୍ଧୁକ ଧରିଛନ୍ତି। ‘ହିରୋପନ୍ତି–୨’ ଜୁଲାଇ ୨୦୨୧ରେ ରିଲିଜ୍ ହେବ ବୋଲି ଜଣାପଡ଼ିଛି। ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ରହିଛନ୍ତି ଅହମ୍ମଦ ଖାନ୍।



# ଗିଟାର ଆକୃତିର ହୋଟେଲ

**ୱାଶିଂଟନ:** ବିଭିନ୍ନ ପ୍ରକାର ହୋଟେଲ ଦେଖିଥିବେ। ମାତ୍ର ଗିଟାର ଆକୃତିର ହୋଟେଲ କେବେ ଦେଖିଛନ୍ତି କି? ଏପରି ହୋଟେଲ ଆମେରିକାର ଫ୍ଲୋରିଡ଼ାର ହଲିଉଡ୍‌ରେ ରହିଛି। ୩୨ ମହଲା କୋଠା ବିଶିଷ୍ଟ ଏହି ହୋଟେଲଟି ୪୫୦ଫୁଟ ଉଚ୍ଚର ହୋଇଥିବା ବେଳେ ଏଥିରେ ୬୩୮ଟି ବିଳାସପୂର୍ଣ୍ଣ କୋଠରି ରହିଛି। ଗୋଟିଏ କୋଠରିରେ ରାତିରେ ରହିବାକୁ ହେଲେ ଗ୍ରାହକଙ୍କୁ ୭୦ ହଜାର ଟଙ୍କା ଦେବାକୁ ପଡ଼ିଥାଏ। ଏହି ହୋଟେଲ ନିର୍ମାଣରେ ୧.୫ ବିଲିୟନ ଡଲାର ଖର୍ଚ୍ଚ ହୋଇଛି। ଖାଲି ଗିଟାର ଆକୃତିର ନୁହେଁ, ଏଠାରେ ସଙ୍ଗୀତର ମୂର୍ଚ୍ଛନା ପାଇଁ ମଧ୍ୟ ସୁବ୍ୟବସ୍ଥା କରାଯାଇଛି। ଏଥିରେ ଏକ ବଡ଼ ହଲ୍ ରହିଛି, ଯେଉଁଠାରେ ୬,୫୦୦ ଅତିଥି ଏକାଠି ବସି କାର୍ଯ୍ୟକ୍ରମ ଉପଭୋଗ କରିପାରିବେ। ଏଥିସହିତ କ୍ୟାମ୍ପସ୍‌ର ୧୩ ଏକର ଜମିରେ ଏକ ଲାଗୁନ ପୁଲ୍, ୩୨ ହଜାର ବର୍ଗଫୁଟରେ ସ୍ପା ଏବଂ ସେଲୁନ୍ ଆଦି ରହିଛି। ହୋଟେଲ କାନ୍ଥରେ ଛୋଟଛୋଟ ଗଛ ମଧ୍ୟ ଲଗାଯାଇଛି। ଏଠାରେ ୧୯ଟି ରେଷ୍ଟୁରାଣ୍ଟ ରହିଛି। ହୋଟେଲର ନିର୍ମାଣଶୈଳୀ ବେଶ୍ ଆକର୍ଷଣୀୟ ହୋଇଛି।

**ରାତିକୁ ଦେବାକୁ ପଡ଼େ ମାତ୍ର ୭୦ ହଜାର**

## ବିମାନରେ ସ୍ଲିପିଂ ପ୍ୟାଡ୍

# ଆରାମରେ ଶୋଇ ଯାତ୍ରା କରିପାରିବେ

**ଅକ୍‌ଲାଣ୍ଡ:** ବିମାନ ଯାତ୍ରା ସମୟରେ ଯାତ୍ରୀମାନେ ଶୋଇବା ପାଇଁ ଏୟାର ନ୍ୟୁଜିଲାଣ୍ଡ ଇକୋନୋମି କ୍ଲାସରେ ସ୍ଲିପିଂ ପ୍ୟାଡ୍ ତିଆରି କରାଯାଇଛି। ଏହାର ନାମ ‘ସ୍କାଇନେଷ୍ଟ’ ଦିଆଯାଇଛି। ବୁଧବାର ବିମାନ କମ୍ପାନୀ ପେଣ୍ଟେଟ୍ ଏବଂ ଟ୍ରେଡ୍‌ମାର୍କ ପାଇଁ ଆବେଦନ କରାଯାଇଛି। ୩ ବର୍ଷ ଧରି ୨୦୦ ଗ୍ରାହକଙ୍କ ଉପରେ ପରୀକ୍ଷା କରାଯିବା ପରେ ଏହା ପ୍ରସ୍ତୁତ କରାଯାଉଛି।

ଏୟାର ନ୍ୟୁଜିଲ୍ୟାଣ୍ଡ୍‌ର ଘୋଷଣା ଅନୁଯାୟୀ, ବିମାନ ଇକୋନୋମି କ୍ୟାବିନ୍‌ରେ ୬ ଫୁଟ ଲମ୍ବର ଫ୍ଲାଟ୍ ସ୍ଲିପ୍ ପ୍ୟାଡ୍ (ଶୋଇବା ପାଇଁ ବେଡ୍) କରାଯିବ। ବିମାନ ଭିତର ସ୍କାଇନେଷ୍ଟ ବାସ୍ତବିକ ସ୍ଥିତି ପୂରା ହେବାକୁ ଆହୁରି ସମୟ ଲାଗିବ। ପ୍ରତ୍ୟେକ ବେଡ୍ ୬.୫ ଫୁଟ ଲମ୍ବ ଏବଂ ୧.୮ ଫୁଟ ଚଉଡ଼ା ରହିଛି। ଏହା ଭିତରେ ତକିଆ, ବେଡ୍‌ସିଟ୍, କମ୍ବଳ, ଏୟାର ପ୍ଲଗ୍‌ସ ଏବଂ ଏକ ସ୍କ୍ରିନ୍ ବା ପର୍ଦ୍ଦା ରହିବ। ଏହା ବ୍ୟତୀତ ବହି ପଢ଼ିବା ପାଇଁ ଲାଇଟ୍ ମଧ୍ୟ ଲଗାଯିବ। ଅକ୍ଟୋବରରୁ ବିମାନଯାତ୍ରୀଙ୍କୁ ଏହି ସେବା ଯୋଗାଇ ଦିଆଯିବ। ଗୋଟିଏ ବିମାନରେ ୬ଟି ବେଡ୍ ରହିବ। ଏ ସମ୍ପର୍କରେ ଏୟାରଲାଇନ୍ ଜେନେରାଲ ମ୍ୟାନେଜର ନିକ୍କି ଗୁଡ୍‌ମ୍ୟାନ୍ କୁହନ୍ତି, ଅଧିକ ଦୂର ଯାତ୍ରା କରୁଥିବା ବିମାନଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ଫଳରେ ଯାତ୍ରୀମାନେ ଥକ୍କା ଅନୁଭବ ନ କରି ଆରାମରେ ଶୋଇ ଯାଇପାରିବେ। ଏହି ବେଡ୍ ପାଇଁ ଯାତ୍ରୀମାନଙ୍କୁ କେତେ ଟଙ୍କା ଅଧିକ ଦେବାକୁ ପଡ଼ିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।





ଜେନିଫର ଏଟିକ୍

# ଓଜନ କମାଇ ଜିତିଲେ ‘ମିସ୍ ଗ୍ରେଟ ବ୍ରିଟେନ’

**ଲଣ୍ଡନ:** ଅତ୍ୟଧିକ ମେଦବହୁଳତା ସମସ୍ତଙ୍କ ପାଇଁ ସମସ୍ୟାର କାରଣ ପାଲଟିଥାଏ। ଏଥିଯୋଗୁ ବସିବା, ଉଠିବା ବା କାମ କରିବା କଷ୍ଟକର ହୋଇପଡିଥାଏ। ବେଳେ ବେଳେ ଲୋକମାନେ ଏଥିଯୋଗୁ ଡିପ୍ରେସନ୍‌କୁ ପଳାଇଥାନ୍ତି। ବ୍ରିଟେନ୍ ଲିନ୍‌କୋଲନଶାୟରର ଅଲକେବି ସହରରେ ରହୁଥିବା ୨୬ ବର୍ଷୀୟ ଜେନିଫର ଏଟିକ୍ ନିକଟରେ ମିସ୍ ଗ୍ରେଟ୍ ବ୍ରିଟେନ–୨୦୨୦ର ଖ୍ୟାତି ହାସଲ କରିଛନ୍ତି। ବହୁ ପରିଶ୍ରମ ବଳରେ ସେ ଏହି ଖ୍ୟାତି ହାସଲ କରିଥିବା ଜଣାପଡ଼ିଛି। ଗତ ୨ବର୍ଷ ପୂର୍ବରୁ ଜେନିଫର ବହୁ ମୋଟା ଥିଲେ। ସେତେବେଳେ ତାଙ୍କର ଓଜନ ୧୦୯ ଥିବା ବେଳେ ଏବେ ତାଙ୍କର ଓଜନ ହ୍ରାସ ହୋଇ ୫୬ କିଲୋ ରହିଥିବା ଜଣାପଡ଼ିଛି। ଏଥିପାଇଁ ତାଙ୍କୁ ୨ବର୍ଷ ସମୟ ଲାଗିଥିଲା। ଏଭଳି କରିବା ପାଇଁ ଜେନିଫରଙ୍କୁ ଭାବି ସ୍ୱାମୀ ଓ ତାଙ୍କର ପସନ୍ଦର ଡ୍ରେସ୍‌ଠାରୁ ପ୍ରେରଣା ମିଳିଥିଲା ବୋଲି ସେ କୁହନ୍ତି। ସୂଚନା ମୁତାବକ ତାଙ୍କର ମେଦବହୁଳତା ଯୋଗୁ ତାଙ୍କ ଭାବି ସ୍ୱାମୀ ତାଙ୍କଠାରୁ ଦୂରେଇ ଯାଇ ବିବାହ ଭାଙ୍ଗି ଦେଇଥିଲେ। ସେହିଦିନ ସେ ଭାଙ୍ଗି ନ ପଡ଼ିବା ସହ ଓଜନ ହ୍ରାସ କରିବାକୁ ନିଷ୍ପତି ନେଇଥିଲେ। ଏହାପରେ ସେ ଡାଏଟ୍ କଣ୍ଟ୍ରୋଲ କରିବା ସହ ଲଗାତର ଜିମ୍‌ରେ ଝାଳ ବୁହାଇଥିଲେ। ଫଳରେ ଜେନିଫର ୨ବର୍ଷ ଭିତରେ ନିଜର ୧୦୦ ପାଉଣ୍ଡ ବା ପ୍ରାୟ ୪୬ କିଲୋ ଓଜନ ହ୍ରାସ କରିଥିଲେ। ଯାହା ଆଜି ତାଙ୍କ ଜୀବନକୁ ଏକ ଦିଗ ଦେବା ସହ ସମ୍ପୂର୍ଣ୍ଣ ବଦଳାଇଦେଇଛି। ଏହି ପରିଶ୍ରମ ପାଇଁ ଜେନିଫର ଆଜି ମିସ୍ ଗ୍ରେଟ୍ ବ୍ରିଟେନ–୨୦୨୦। ଏହା ପୂର୍ବରୁ ସେ ମିସ୍ ସ୍କିନଥର୍ପ ଓ ମିସ୍ ଇଂଲଣ୍ଡ–୨୦୧୮ର ରନର୍ସ ଅପ୍ ରହିସାରିଛନ୍ତି।



# ମାଗାଜିନ୍ ପାଇଁ ସୋନାକ୍ଷୀଙ୍କ ଫଟୋଶୁଟ୍

**ମୁମ୍ବାଇ:** ବଲିଉଡ୍ ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନାଙ୍କ ହାତରେ ଏବେ ଭଲ ଅଫର୍ ନାହିଁ ବୋଲି ଶୁଣିବାକୁ ମିଳିଛି। ହେଲେ ତାଙ୍କର ଗ୍ଲାମରସ୍ ଲୁକ୍ ଆଜି ବି ଦର୍ଶକଙ୍କୁ କିମିଆ କରେ। ବଲଉଡ୍‌ର ଏହି ଆଗଧାଡିର ନାୟିକା ଏବେ ଏକ ମାଗାଜିନ୍ ପାଇଁ ଫଟୋ ଶୁଟ୍ କରିଥିବା ଜଣାପଡିଛି। ପିକକ୍ ମାଗାଜିନ ପାଇଁ ଫଟୋଶୁଟ୍ କରିବା ପରେ ସେ ଏହାକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଯେଉଁଥିରେ ସୋନାକ୍ଷୀଙ୍କ ଗ୍ଲାମାରସ ଲୁକ୍ ଦେଖିବାକୁ ମିଳିଛି। ଏହାକୁ ଦେଖି ଦର୍ଶକେ କହିଛନ୍ତି, ଏବେ ସୋନାକ୍ଷୀ ହଟ୍ ଅବତାରକୁ ଆପଣାଇ ସାରିଛନ୍ତି। ଶେଷଥର ପାଇଁ ‘ଦବଙ୍ଗ ୩’ରେ ଦେଖାଦେଇଥିବା ଏହି ନାୟିକାଙ୍କ ଫଟୋଶୁଟ୍ ତାଙ୍କ ପ୍ରଶଂସକଙ୍କୁ ବେଶ୍ ଆନନ୍ଦ ଦେଇଛି।



## ଷ୍ଟାଚ୍ୟୁ, ଷ୍ଟାଡିୟମ୍ ପରେ

# ଗୁଜରାଟରେ ହେବ ସର୍ବୋଚ୍ଚ ମନ୍ଦିର

**ଅହମଦାବାଦ:** ବିଶ୍ୱର ସବୁଠାରୁ ବଡ଼ କ୍ରିକେଟ ଷ୍ଟାଡିୟମ୍ ମୋଟେରା ଓ ବିଶ୍ୱର ସବୁଠାରୁ ଉଚ୍ଚ ପ୍ରତିମା ଷ୍ଟାଚ୍ୟୁ ଅଫ୍ ୟୁନିଟି ପରେ ଏବେ ଗୁଜରାଟରେ ସବୁଠାରୁ ଉଚ୍ଚ ମନ୍ଦିର ତିଆରି ହେବାକୁ ଯାଉଛି। ଏହା ସହିତ ଗୁଜରାଟ ଇତିହାସରେ ଆଉ ଏକ ରେକର୍ଡ ଯୋଡ଼ା ହେବାକୁ ଯାଉଛି। ଗୁଜରାଟର ଏହି ମନ୍ଦିର ବୈଷ୍ଣୋଦେବୀ–ଜାସପୁର ନିକଟ ପଟିଦାର ସମ୍ପ୍ରଦାୟର କୁଳଦେବୀ ମା’ ଉମିଆଙ୍କ ହେବ ବୋଲି ଜଣାପଡ଼ିଛି। ଏହି ମନ୍ଦିର ପ୍ରାୟ ୧୦୦ ବର୍ଗଫୁଟ୍ ଜମିରେ ତିଆରି କରାଯିବ। ଏହାର ଉଚ୍ଚତା ୪୩୧ ଫୁଟ୍ ଥିବା ବେଳେ ନିର୍ମାଣ ପାଇଁ ୧ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଜର୍ମାନ ଓ ଭାରତୀୟ ଆର୍କିଟେକ୍ ମିଶି ଏହି ମନ୍ଦିରର ଡିଜାଇନ୍ କରିଥିବା ଜଣାପଡ଼ିଛି। ମନ୍ଦିର ଭିତର ଭାଗର ଦର୍ଶକ ଗ୍ୟାଲେରୀରୁ ଅହମଦାବାଦ ସହରର ପୂରା ଦୃଶ୍ୟ ଦେଖାଯିବ। ଏହି ଗ୍ୟାଲେରୀ ପ୍ରାୟ ୮୨ ମିଟର ଉଚ୍ଚ ରହିବ। ସେହିପରି ଏହାର ଗର୍ଭଗୃହକୁ ଭାରତୀୟ ସଂସ୍କୃତି ଅନୁସାରେ ତିଆରି କରାଯିବ ଓ ମନ୍ଦିର ଗର୍ଭଗୃହରେ ମା’ ଉମିଆଙ୍କ ପ୍ରତିମୂର୍ତ୍ତି ୫୨ ମିଟର ଉଚ୍ଚରେ ସ୍ଥାପନ କରାଯିବ। ଏଥିସହ ମନ୍ଦିରରେ ଶିବଲିଙ୍ଗ ମଧ୍ୟ ସ୍ଥାପନା କରାଯିବ। ମନ୍ଦିରର ଶିଳାନ୍ୟାସରେ ସାରା ବିଶ୍ୱରୁ ୨ଲକ୍ଷ ଭକ୍ତ ଯୋଗଦେବେ ବୋଲି ସୂଚନା ମିଳିଛି।



"ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

# ଅସଦାଚରଣ ମାମଲାରେ ୧୩ ମାସ କାରାଦଣ୍ଡ

## ୧୩ ବର୍ଷ ପରେ ଆସିଲା ରାୟ

ଅନୁଗୋଳ ଅଫିସ୍, ୨୮।୨

୧୩ ବର୍ଷ ତଳେ ଅନୁଗୋଳ ବସ୍ଷ୍ଟାଣ୍ଡରେ ଜଣେ ମହିଳାଙ୍କୁ କରାଯାଇଥିବା ଅସଦାଚରଣ ମାମଲାର ବିଚାର କରି ଅନୁଗୋଳ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ବିଚାରପତି ତାରିଣୀ ପ୍ରସାଦ ସାହୁ ଅଭିଯୁକ୍ତ ବିଜୟ କୁମାର ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୩ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଗତ ୨୬ ତାରିଖରେ ଏହି ରାୟ ପ୍ରକାଶ ପାଇଥିବା ଅତିରିକ୍ତ ପିପି ରୋହିତ କୁମାର ବେହେରା ସୂଚନା ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ସମ୍ପୃକ୍ତା ମହିଳାଙ୍କ ଘର ନବରଙ୍ଗପୁରରେ ହୋଇଥିବାବେଳେ ସେ କଣିହାଁ ଅଞ୍ଚଳରେ ବିବାହ କରିଥିଲେ। କୌଣସି କାରଣରୁ ସ୍ୱାମୀଙ୍କ ସହ ମନାନ୍ତର ପରେ ସେ ବାପଘରକୁ ଚାଲିଯାଇଥିଲେ। ଏପରି କି ନବରଙ୍ଗପୁର ଥାନାରେ ସେ ଶାଶୁଘର ବିରୋଧରେ ନିର୍ଯାତନା ଅଭିଯୋଗ ମଧ୍ୟ କରିଥିଲେ। ଏ ନେଇ ନବରଙ୍ଗପୁର ପୋଲିସ ନଂ. ୫୬/୦୭ରେ ଏକ ମାମଲା ରୁଜୁ କରିଥିଲା। ତେବେ ୨୦୦୭ ମସିହାରେ ଅଭିଯୁକ୍ତ ବିଜୟ କୌଣସି ପ୍ରକାରେ ସମ୍ପୃକ୍ତା ମହିଳାଙ୍କ ମୋବାଇଲ ନଂ ଯୋଗାଡ଼ କରି ତାଙ୍କୁ ପ୍ରଥମେ ଧମକଚମକ ଦେଉଥିଲେ। ଏହାପରେ ଏକ ସଂସ୍ଥାରେ ଥଇଥାନ କରିଦେବାକୁ କହି ତାଙ୍କୁ ଅନୁଗୋଳ ଡାକିଥିଲେ। ମହିଳା ଜଣକ ତାଙ୍କ ମା'ଙ୍କ ସହ ଅନୁଗୋଳ ବସ୍ଷ୍ଟାଣ୍ଡରେ ପହଞ୍ଚିବା ପରେ ବିଜୟ ତାଙ୍କୁ ଲଜ୍‌କୁ ନେବାକୁ ଟଣାଓଟରା କରିଥିଲେ। ମହିଳାଙ୍କ ମା' ପାଟି କରିବାରୁ ସେଠାରେ ସାଦା ପୋଷାକରେ ଥିବା ଜଣେ ପୋଲିସ କର୍ମଚାରୀ ମହିଳାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ମହିଳାଙ୍କ ଅଭିଯୋଗକ୍ରମେ ଅନୁଗୋଳ ପୋଲିସ ନଂ. ୭୯୬/୦୭ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିଜୟଙ୍କୁ ଗିରଫ କରିଥିଲା। ମୋଟ୍ ୬ ଜଣଙ୍କ ସାକ୍ଷ୍ୟ ପ୍ରମାଣଙ୍କୁ ଭିତ୍ତିକରି ଅଦାଲତ ଦୀର୍ଘ ୧୩ ବର୍ଷ ପରେ ଏହି ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ରୋହିତ କୁମାର ବେହେରା, ସୁନୀଲ କୁମାର ସାହୁ ପରିଚାଳନା କରିଥିଲେ।

# ସୂର୍ଯ୍ୟମଣିଙ୍କୁ ଜାତୀୟ ପୁରସ୍କାର

## ବିଜ୍ଞାନ କ୍ଷେତ୍ରରେ ଅବଦାନ ଲାଗି ପୁରସ୍କୃତ କଲେ ରାଷ୍ଟ୍ରପତି

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଲାଗି ଓଡ଼ିଶାର ସୂର୍ଯ୍ୟମଣି ବେହେରାଙ୍କୁ ମିଳିଛି ଜାତୀୟ ପୁରସ୍କାର। ଜାତୀୟ ବିଜ୍ଞାନ ଦିବସ ଅବସରରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବେହେରାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ବେହେରା ପୁସ୍ତକ ଏବଂ ଗଣମାଧ୍ୟମ ମାଧ୍ୟମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପ୍ରଚାର ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ୨୦୧୯ ଲାଗି ତାଙ୍କୁ ଏହି ସମ୍ମାନ



ମିଳିଛି। ରାଷ୍ଟ୍ରପତି କୋବିନ୍ଦ ତାଙ୍କୁ ୫ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରିଥିଲେ।

ପ୍ରଫେସର ବେହେରା ବିଜ୍ଞାନ ସମ୍ବନ୍ଧରେ ଓଡ଼ିଆ ଏବଂ ଇଂଲିଶରେ ମୋଟ ୪୦ ପୁସ୍ତକ ଲେଖିଥିବା ବେଳେ ବିଭିନ୍ନ ଖବରକାଗଜରେ ତାଙ୍କର ଏକ ହଜାରରୁ ଊର୍ଦ୍ଧ୍ୱ ଲେଖା ପ୍ରକାଶିତ ହୋଇଛି। ତାଙ୍କର ପୁସ୍ତକ ମଧ୍ୟରେ 'ବିଜ୍ଞାନରୁ ଜ୍ଞାନ', 'ଯନ୍ତ୍ର କରୁଛି ମନ୍ତ୍ର', 'ବିଜ୍ଞାନ ସାହିତ୍ୟ ଦର୍ପଣ', 'ବିଜ୍ଞାନ ମେଳା' ଆଦି ରହିଛି। ଏହାବ୍ୟତୀତ ଔଷଧୀୟ ବୃକ୍ଷ ଉପରେ ସେ ଲେଖିଥିବା ପୁସ୍ତକ ବିଶେଷଭାବେ ଆଦୃତ ହୋଇଛି। ସେହିଭଳି ଖାଦ୍ୟ ପ୍ରକ୍ରିୟାକରଣ ଏବଂ ସଂରକ୍ଷଣ ଉପରେ ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ଏକ୍ଷେତ୍ରରେ କାମ କରୁଥିବା ଅନେକ ଲୋକଙ୍କୁ ସହାୟକ ହୋଇଛି। ଜନପ୍ରିୟ ବିଜ୍ଞାନ ମଞ୍ଚ ଗଠନ କରି ସେ ଲେଖକ ଏବଂ ଖବରଦାତାମାନଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ଲେଖା ଲେଖିବା ପାଇଁ ପ୍ରଶିକ୍ଷଣ ଦେବା ସହ ଉତ୍ସାହିତ କରୁଛନ୍ତି।

## ଆଜି କ'ଣ କେଉଁଠି

**ସୁବର୍ଣ୍ଣପୁର**
- ରବି ଆଣ୍ଡ ଅନାଦି ଫୁଟବଲ ଟୁର୍ନାମେଣ୍ଟ ବରଗଡ ୟୁନାଇଟେଡ ସ୍ପୋର୍ଟିଂ ବନାମ ରାଉରକେଲା ଜଲଦା ଫଟ୍‌ବଲ ଏକାଡେମୀ, ଗାନ୍ଧୀ ପଡିଆ, ଅପରାହ୍ଣ ସାଢେ ୩ଟା।

**ଖପ୍ରାଖୋଲ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ବ୍ଲକ ପରିସର, ପୂର୍ବାହ୍ଣ ୧୧ଟା।

**ଲୋଇସିଂହା**
- ଆଚାର୍ଯ୍ୟ ବିକାଶ ଦିବସ, ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିର, ସକାଳ ୭ଟା।

**ଜାମଟିକ୍ରା**
- ବହିହାଟ ଆରମ୍ଭ, ଅତାବିରା ପ୍ରାଣୀ ଚିକିତ୍ସାଳୟ ପଡିଆ, ସନ୍ଧ୍ୟା ୬ଟା।

**ସମ୍ବଲପୁର**
- ହକି ଚାମ୍ପିୟନଶିପ୍-୨୦୨୦ ଫାଇନାଲ ମ୍ୟାଚ୍, ବାଗଡିଆପଡା ଖେଳପଡିଆ, ପୂର୍ବାହ୍ଣ ୧୦ଟା।
- ଦ୍ୱିତୀୟ ଆନ୍ତଃ ୟୁନିଟ୍ ଓଏସପିସି କ୍ରିକେଟ ଟୁର୍ନାମେଣ୍ଟ, ବୁର୍ଲା ଭିମ୍‌ସାର ଖେଳପଡିଆ, ପୂର୍ବାହ୍ଣ ୧୦ଟା।
- କେଶବ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ, କୁଞ୍ଜେଲପଡା ସଂସ୍କୃତି ଭବନ, ପୂର୍ବାହ୍ଣ ୧୧ଟା।
- ଜିଏମ୍‌ୟୁ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର, ଅଧ୍ୟାପନା ପ୍ରକୋଷ୍ଠ-୧, ପୂର୍ବାହ୍ଣ ୧୦ଟା।

**ଟିଟିଲାଗଡ**
- ଭୂମିହୀନଙ୍କୁ ପଟ୍ଟା ବଣ୍ଟନ, ରାଜ କନ୍ୱାର ପାର୍କ, ପୂର୍ବାହ୍ଣ ୧୧ଟା।

## ଅନାହାରରେ ବୃଦ୍ଧାଙ୍କ ମୃତ୍ୟୁ ଅଭିଯୋଗ

**ଭାପୁର, ୨୮।୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା ସଦର ବ୍ଲକ ଚନ୍ଦ୍ରଶେଖରପ୍ରସାଦ ପଞ୍ଚାୟତ ଗଞ୍ଜେଇଡିହ ଗ୍ରାମରେ ଅନାହାର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଖାଇବାକୁ ନ ପାଇ ଗ୍ରାମର ରୁମା ବେହେରା(୬୫)ଙ୍କ ଶୁକ୍ରବାର ସକାଳେ ମୃତ୍ୟୁ ଘଟିଥିବା ତାଙ୍କ ସ୍ୱାମୀ ମାଟିଆ ବେହେରା ଅଭିଯୋଗ କରିଛନ୍ତି। ଏକ ଭଙ୍ଗା ଘରେ ଜୀବନ ବିତାଉଥିବା ଏହି ଦମ୍ପତିଙ୍କୁ କେବଳ ରାଶନକାର୍ଡରେ ଚାଉଳ ମିଳୁଥିବାବେଳେ ଇନ୍ଦିରାଆବାସ କିମ୍ବା ଅନ୍ୟ କୌଣସି ସରକାରୀ ସହାୟତା ମିଳି ନ ଥିବା ମାଟିଆ ପ୍ରକାଶ କରିଛନ୍ତି। ମୂଲମଜୁରି ଖଟି ପାରୁ ନ ଥିବାରୁ ଘରେ ୪ ଦିନ ହେବ ଚୁଲି ଜଳି ନାହିଁ। ଏପରି ଅବସ୍ଥାରେ ଖାଦ୍ୟାଭାବରୁ ରୁମାଙ୍କ ମୃତ୍ୟୁ ଘଟିଥିବା ମାଟିଆ ଅଭିଯୋଗ କରିଛନ୍ତି। କିନ୍ତୁ ଅନାହାର ମୃତ୍ୟୁ ଅଭିଯୋଗକୁ ସରପଞ୍ଚ ଆଲୋକରଶ୍ମି ପରିଡା ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ବାର୍ଦ୍ଧକ୍ୟ କାରଣରୁ ରୁମାଙ୍କ ମୃତ୍ୟୁ ହୋଇଛି। ଅନାହାର ଜନିତ ମୃତ୍ୟୁ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ରାଶନ କାର୍ଡରେ ଉକ୍ତ ପରିବାରକୁ ଚାଉଳ ମିଳୁଛି। ଭତ୍ତା ପାଇଁ ମାଟିଆ ଆବେଦନ କରିଛନ୍ତି।

## ମୂଳିଆପୁରରେ ଦନ୍ତା, ଗ୍ରାମବାସୀ ଆତଙ୍କିତ

**ଢେଙ୍କାନାଳ ଅଫିସ,୨୮।୨:** ଢେଙ୍କାନାଳ ଜିଲା ଷଡଙ୍ଗୀ ରେଞ୍ଜ୍ ବଣସିଂହ ନିକଟସ୍ଥ ମୂଳିଆପୁର ଗ୍ରାମକୁ ଶୁକ୍ରବାର ଭୋର ସମୟରେ ପଶି ଆସିଥିବା ଏକ ଦନ୍ତା ହାତୀକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ସକାଳୁ ଘନ କୁହୁଡି ହୋଇଥିବା ବେଳେ ଉକ୍ତ ଦନ୍ତା ଗାଁ ଭିତରକୁ ପଶି ଆସିଥିଲା। ଫଳରେ ଜୀବନ ବିକଳରେ ଲୋକେ ଏଣେତେଣେ ଦୌଡିବାକୁ ଲାଗିଥିଲେ। ଏପରି କି ଘଉଡାଇବା ପାଇଁ ଉଦ୍ୟମ କରୁଥିବା ବେଳେ ହାତୀ ଲୋକଙ୍କୁ ପାଲଟା ଆକ୍ରମଣ କରୁଥିବା ଅଞ୍ଚଳବାସୀଙ୍କ ସୂତ୍ରରୁ ପ୍ରକାଶ। ଖବରପାଇ ଷଡଙ୍ଗୀ ରେଞ୍ଜ୍ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ସନ୍ଧ୍ୟା ପରେ ହାତୀ ଏକ ବିଲ ମଧ୍ୟରେ ଥିବା ଷଡଙ୍ଗୀ ରେଞ୍ଜର ଅଶୋକ କୁମାର ଭଞ୍ଜଙ୍କ ସୂଚନାରୁ ଜଣାପଡିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବାଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବାସକାଶେ ଧରିତ୍ରୀର ପ୍ରୟାସ)

**ବାଳ ଶୁଖାଉଛି ପୋଖରୀ ତୁଠରେ**
**ପିନ୍ଧିଛି କୁସୁମୀ ପାଟ**
**ଯାଆନ୍ତି ପାଖକୁ ଚିହ୍ନନ୍ତି ଅବା ସେ**
**ସଳଖ ତ ନାହିଁ ବାଟ ।**

ଦୂରରୁ ଅଜଣା ନାରୀକୁ ଦେଖିଲେ ମନରେ ସ୍ୱତଃଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ। ପାଖକୁ ଯାଇ ଭଲମନ୍ଦ ବୁଝିବାରେ ଅନେକେ ପଛଘୁଞ୍ଚା ଦେଇଥାନ୍ତି ବା ସାହସ ଜୁଟାଇ ପାରି ନ ଥାନ୍ତି। ପରୋକ୍ଷରେ ପ୍ରେମୀଯୁଗଳ ପାଇଁ ଏ ସମାଜ ବା ଦୁନିଆ ସେତେଟା ସହଜ ହେଉ ନ ଥିବାର ଦେଖିବାକୁ ମିଳିଥାଏ। ଉଚ୍ଚ, ନୀଚ ଜାତି ପ୍ରଥା ଭଳି ଅନେକ ପ୍ରତିବନ୍ଧକ ତା' ଆଗରେ ପ୍ରାଚୀର ଭଳି ଦଣ୍ଡାୟମାନ ହୋଇଥାଏ, ଯାହାକୁ ମୁକାବିଲା କରିବା ଅନେକ କଷ୍ଟକର ହୋଇପଡ଼ିଥାଏ। ପ୍ରେମର ବାଟ ସଳଖ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ


## DISTRICT MINERAL FOUNDATION, KEONJHAR

(2nd Floor, DRDA Building, Keonjhar- 758001)
e-mail: dmfkeonjhar@gmail.com

**Advertisement No. 398 / DMF** **Dt. 27.02.2020**

Applications are invited from the eligible aspirants for filling up the following vacancies of Specialist Doctors in Keonjhar district (DHH/SDHs/CHCs only).

| Sl. No. | Description of Posts | Vacancy | Essential Qualification | Monthly Consolidated remuneration |
|---|---|---|---|---|
| 1 | 2 | 3 | 4 | 5 |
| 1 | Radiology | 2 | MD-Radiology | Rs. 2,00,000/- |
| 2 | MD-Radiotherapy | 1 | MD-Radiotherapy | Rs. 2,00,000/- |
| 3 | Anaethesist | 2 | MD-Anaethesia* | Rs. 2,00,000/- |
| 4 | MS-O&G | 2 | MS-O&G* | Rs. 1,50,000/- |
| 5 | MD-General Medicine | 2 | MD-General Medicine | Rs. 1,50,000/- |
| 6 | MS-Orthopaedics | 2 | MS-Orthopaedics* | Rs. 2,00,000/- |
| 7 | MD-Skin/ VD | 2 | MD-Skin/ VD* | Rs. 1,50,000/- |
| | Total | 13 | | |

* Or equivalent, from an institution recognised by MCI.

2. Applications are also invited from eligible candidates having following qualification for filling up the vacancies in DHH, Keonjhar on weekly basis. The selected Doctors are required to attend the DHH, Keonjhar once a week in a convenient days as will be decided by the undersigned.

| Sl. No. | Description of Posts | Vacancy | Essential Qualification | Consolidated remuneration per visit |
|---|---|---|---|---|
| 1 | 2 | 3 | 4 | 5 |
| 1 | Neurologist | 01 | MD-DM-Neurology* | Rs. 30,000/- |
| 2 | Nephrologist | 01 | MD-DM-Nephrology* | Rs. 30,000/- |
| 3 | Paediatrict Opthalmologist | 01 | MD-DM-Paediatrict Opthalmology* | Rs. 30,000/- |
| | | 03 | | |

* Or equivalent, from an institution recognised by MCI.

The candidates are requested to submit their application in the enclosed format to the undersigned in the above mentioned address through Regd/Speed Post/E-mail only. The application form can be downloaded from district website **"www.kendujhar.nic.in". The consolidated remuneration as mentioned above is negotiable and will be finalised during the counselling session to be held on 22nd March between 10.30 AM & 01.30 PM at the Durbar Hall, Collectorate, Keonjhar.** Commensurately higher consolidated remuneration will be offered to the candidates passed out from Govt. Medical Colleges, candidates with higher experience and those willing to serve in rural areas (SDHs/ CHCs/ PHCs only).

The jobs offered are contractual for a tenure of 1 year only from the date of joining & agreement executed with the CDM & PHO. Thereafter, the contract may be renewed for another year after successful completion of agreement period upon mutual consent. The general transfer rules of the State Government will not be applicable and on deployment, no subsequent transfer will be administered except on mutual consent.

The appointed doctors will be entitled to avail leave at par with regular employees of Govt. of Odisha. Other conditions of service shall be as such, as has been provided in the relevant recruitment rules.

Interested candidates are requested to report at 10.00 AM on 22nd March 2020 at Collectorate, Keonjhar for the above walk-in-interview along with their updated C.V., original and one set of self attested copy of all certificates and testimonials. Candidates who are presently working in Health & Family Welfare Department either on regular/adhoc or contractual basis, must submit "No Objection" certificate from the employer at the time of walk-in-interview.

The undersigned reserves the right to cancel or reject the advertisement without assigning any reason thereof. For any enquiry, candidates can also contact the following mobile numbers during office hours- 9437084590/ 9348363247.

**Sd./-**
**Chairperson-cum-Chairman & Managing Trustee,**
**District Mineral Foundation, Keonjhar**



## ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର

**ପତ୍ର ସଂଖ୍ୟା ୭୨୨ / ତା. ୨୮।୦୨।୨୦୨୦**

**ସଂଶୋଧନ ନୋଟିସ**

ଏତଦ୍ୱାରା **ସମାଜ ଓ ଧରିତ୍ରୀ**ରେ ତା. ୨୮।୦୨।୨୦୨୦ ସୁବର୍ଣ୍ଣପୁର ପୌର ପରିଷଦର ପ୍ରକାଶ ପାଇଥିବା ନୋଟିସ୍ ନଂ. ୭୦୧ ତା. ୨୬।୦୨।୨୦୨୦ ନିଲାମ ନୋଟିସର କ୍ର.ନଂ. ୧୧ (କଲ୍ୟାଣ ମଣ୍ଡପ)କୁ ଅନିବାର୍ଯ୍ୟ କାରଣବଶତଃ ନିଲାମରୁ ବାଦ୍ ଦିଆଗଲା ଏବଂ କ୍ର.ନଂ. ୧୨ (ହୋର୍ଡିଂ)ର ଅମାନତ ଜମା ଟଙ୍କାର ମୂଲ୍ୟ ଭୁଲ୍‌ବଶତଃ ଟ.୨,୪୦,୦୦୦/- ହେବା ପରିବର୍ତ୍ତେ ଟ.୩୦,୦୦୦/- ହୋଇଛି। ତାହା ଟ.୨,୪୦,୦୦୦/- ପଢ଼ିବା ପାଇଁ ଜଣାଇ ଦିଆଗଲା। ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଲା।

**ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୁବର୍ଣ୍ଣପୁର**



## GOVERNMENT OF ODISHA
## OFFICE OF THE EXECUTIVE ENGINEER
## PHULBANI (R&B) DIVISION, PHULBANI

e-mail-eeplbrb@gmail.com

**INVITATIONS FOR BIDS (IFB)**
**'e' procurement Notice** No.B-773
**Bid Identification No. EE-R&B-PLB-29-2019-20.**

1) (a) Name of the work : Road work-1 No.
Estimated Cost : Rs.12.94 lakhs
2) Period of Completion : As notified in Tender Call Notice.
3) Date & Time of availability of Bid documents in the portal : From 03.03.2020, 10.00 A.M. to 12.03.2020, 5.00P.M.
4) Last date / time for receipt of bids in the portal : Up to 5.00 P.M. of dated 12.03.2020.
5) Name and address of the O.I.T. : Executive Engineer, Phulbani (R&B) Division.

Further details can be seen from the website www.tendersodisha.gov.in Corrigendum if any shall be published only in the above website.

**Sd./- Executive Engineer,**
**Phulbani (R&B) Division**
**OIPR-34066/11/0019/1920**



## NOTIFIED AREA COUNCIL, PATNAGARH

**No.: 691** **Date: 28.02.2020**

**QUOTATION CALL NOTICE**

Sealed quotations are invited from intending Suppliers/ Authorized Dealer to supply the solar light with penal and Water Proof LED strip light for temporary pole as per the specified size and length mentioned below. The details quotation should be quoted in plain paper separately. The EMD amount 1% of quoted price shall be deposited in shape of Bank Draft drawn in favour of the Executive Officer, NAC, Patnagarh along with quotation paper. The quotation paper should be reach to this office of the undersigned on or before Dt.12.03.2020 upto 4.00 P.M. and it will be opened on the next day on 13.02.2020 at 11.00 A.M. in presence of the quotationers or their authorized representative. Quotation paper will be available at N.A.C. office during office hour except Govt. holidays on cash payment of Rs.2000/- (Rupees two thousand) only. The original documents be submitted in Dropping Box during the office hour from Dt.29.02.2020 to Dt.12.03.2020 upto 5 P.M.

The authority reserves right to accept/reject any or all quotations without assigning any reason thereof.

| Sl. No. | Specified Size/Items | Quantity |
|---|---|---|
| 1. | 6 Mtr. Pole 3" × 0" G.I. Pole with concrete foundation all in one automatic 30 Watt solar light with penal and all accessories for solar light per each. | Per each |
| 2. | 5 Mtr. Water Proof LED strip light for fixing of temporary pole per each. | Per each |

N.B.: Payment will be made after through observation & satisfaction of N.A.C. authority.

**Sd./- Executive Officer, N.A.C., Patnagarh**



## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING) **CAD-1030**
OFFICE OF THE SR. GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

**No.-CHEP/TW-130/621** **Date: 27.02.2020**

**TENDER CALL NOTICE NO.-CHEP-26/2019-20**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes for below mentioned works from the 'D' & 'C' Class of contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Sl. No | Description | Cost of Tender Paper (Non-refundable) | Estimated Cost / EMD (Refundable) |
|---|---|---|---|
| 1 | Construction of Toilet & Bath of Head Regulator, CHEP, Chiplima | Rs.2,360/- (Rs.2,000/- + GST @18%) | Rs.2,81,016/- EMD=Rs.2,820/- |
| 2 | Construction of a new Chamber for Finance Wing at SGM Office, CHEP, Chiplima | Rs.472/- (Rs.400/- + GST @18%) | Rs.42,910/- EMD=Rs.430/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from **dtd.04.03.2020 up to 12:30 PM of dtd.17.03.2020.**

**Sd/- Unit Head, CHEP, Chiplima**
**OIPR-04006/11/0015/1920**



## OFFICE OF THE NOTIFIED AREA COUNCIL, BANPUR

**E-PROCUREMENT NOTICE**
**Bid Reference No: E.O-N.A.C-BNR- 05/2019-20**
**Tender Call Notice No: 568 / Dt. 27.02.2020**

The Executive Officer on behalf of NAC, Banpur invites percentage Bid through e-procurement in double cover system according to norm of e-procurement.

| | | | |
|---|---|---|---|
| 1. | Type of Works | : | Civil construction works as in the D.T.C.N. |
| 2. | Total No. of works | : | 01 No. |
| 3. | Tender Amount cost | : | Rs. 9,80,942.00 |
| 4. | Period of Completion | : | 60 days |
| 5. | Date and time of availability of Bid Documents in the Portal | : | From 10.00 AM of Dt. 29.02.2020 to 5.00 PM of Dt. 07.03.2020 |
| 6. | Original Bid documents submission in Tender Box | : | Dt. 11.03.2020 up to 5.00 PM |
| 7. | Date & Time of Opening of Tender | : | Dt. 12.03.2020 at 11.30 AM |

Further, the details of e-tender documents can be had from the E-Procurement portal www.tendersodisha.gov.in. Corrigendum if any shall only be published in above website.

**Sd./- Executive Officer,**
**N.A.C., Banpur**



## NANDANKANAN
## NANDANKANAN ZOOLOGICAL PARK

**TENDER NOTICE**

**No.26 of 2019-20** **Date : 28.02.2020**

No.MM-160 :- Deputy Director, Nandankanan Zoological Park invites sealed tender in prescribed form from interested individuals / firms / entrepreneurs for following tender of Nandankanan Zoological Park.

| Sl. No. | Name of the Tender | Last date of submission of sealed tender | Opening of the sealed tender |
|---|---|---|---|
| 1. | Animal Feed | 5.30 P.M. of 16.03.2020 | 11.30 A.M. of 17.03.2020 |
| 2. | Outsourcing of Safari Service | 5.30 P.M. of 16.03.2020 | 3.00 P.M. of 18.03.2020 |
| 3. | Security Service to N.K.Z.P and State Botanical Garden | 5.30 P.M. of 16.03.2020 | 11.30 A.M. of 18.03.2020 |

Detailed terms and conditions along with the tender papers will be available in the website of Nandankanan Zoological Park (www.nandankanan.org) from 02.03.2020. The downloaded tender papers must be accompanied with a Bank Draft for Rs.5900/- (inclusive of 18% GST) for each tender drawn in favour of "Deputy Director, Nandankanan Zoological Park" in any nationalized bank payable at Bhubaneswar.

**Sd./- Deputy Director**
**Nandankanan Zoological Park**
**OIPR-08070/11/0008/1920**



## Odisha Industrial Infrastructure Development Corporation

idco Your power to grow ISO 9001 & 14001
(A Government of Odisha Undertaking)
CAD-1038 :-

**NOTICE INVITING 'SHORT TENDER CALL NOTICE'**

**No. IDCO/HO-MIS/A-10033/01/2020/V-1 /4537** **Date: 27.02.2020**

The Dy. General Manager (MIS) , IDCO, IDCO Towers, Janpath, Bhubaneswar invites sealed tenders from authorized dealers/ distributers with valid PAN, Firm Registration, GST Registration, Dealership / Distributor ship certificate of HP IT materials and peripherals . The Tender Documents can be downloaded from IDCO website( www.idco.in) from dated 29.02.2020 to 05.3.2020 up to 5:00PM .The last date of receipt of tender (By Registered Post/ Speed Post only) is on or before 6.03.2020 up to 5:00PM and the same will be opened on 7.03.2020 at 11:00AM. For further details, please visit our website or contact Shri K.S.Singh, Telephone No. 9658506450 during office hours.

IDCO reserves the right to accept /reject /cancel any or all the bids without assigning any reason thereof.

Sd/- Dy. General Manager (MIS)
OIPR-14003/11/0074/1920



## ODISHA COAL AND POWER LTD.
**(A GOVT. OF ODISHA COMPANY)**

Odisha Coal and Power Limited OCPL
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

**NOTICE INVITING TENDER**

**NIT No: OCPL/CIVIL-111/2020Date: 29/02/2020**

Sealed bids in prescribed format are invited from Companies/Contractors / agencies / firms forthe following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale/Download of Tender Document | Last date of Submission/ Opening of bid |
|---|---|---|---|---|---|---|
| 01 | Construction of bituminous road connecting Diversion road to road near Transfer House-03 (TH-03) of Coal Handling Plant (CHP) at Manoharpur, Sundargarh, Odisha | Rs.11,800/- (Rupees Eleven Thousand and Eight Hundred Only) inclusive of GST @ 18% | Rs.10,00,000/- (Rupees Ten Lakhs Only) | 29/02/2020 | 16/03/2020 | 3:00 PM on 30/03/2020<br>3:30 PM on 30/03/2020 |

For further details, bidders may visit our website, i.e www.ocpl.org.in. Any clarification mayplease be addressed to the undersigned at the above address or by email to: a.kanungo@ocpl.org.in.

**Sd/- Addl. General Manager (Commercial & Contracts)**



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ






ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ତୁହିନକାନ୍ତ


ମଦନ


ଚନ୍ଦୁ


ଉଦୟ


ସୁରଜ

ସେଲ୍‌ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ସପ୍ତାହରେ ଦିନଟିଏ ଖଦି

**ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ଅଭିନବ ପ୍ରୟାସ**

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଯୁବପିଢ଼ିଙ୍କୁ ଖଦି ପ୍ରତି ଆକର୍ଷିତ କରିବାକୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ। ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ଖଦି ପରିଧାନ କରିବା ପାଇଁ ବୋର୍ଡ ପକ୍ଷରୁ ଯୁବବର୍ଗଙ୍କୁ ନିବେଦନ କରାଯାଇଛି। ଏନେଇ 'ସପ୍ତାହରେ ଦିନଟିଏ ଖଦି' ଶୀର୍ଷକ ରାଜ୍ୟସ୍ତରୀୟ ଖଦି ସଚେତନତା ସମାରୋହ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଖଦି ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସମାରୋହରେ ଖଦିର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋଚନା କରାଯିବା ସହ ଖଦିବସ୍ତ୍ର ପରିଧାନର ଉପାଦେୟତା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉଚ୍ଚଶିକ୍ଷା ଓ କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇ ଦେଶ ପାଇଁ ଗାନ୍ଧିଜୀଙ୍କ ବଳିଦାନ ଓ ଖଦି ପ୍ରତି ଉତ୍ସର୍ଗୀକୃତ ଅବଦାନ ସମ୍ପର୍କରେ କହିଥିଲେ। ଖଦି ବ୍ୟବହାର ପାଇଁ ଜନସାଧାରଣଙ୍କୁ ନିବେଦନ କରିବା ସହ ଯୁବବର୍ଗ ଏଥିପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିବାକୁ କହିଥିଲେ। ଶକ୍ତି ଓ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ସମାରୋହକୁ ଉଦ୍‌ଘାଟନ କରି ଖଦିର ବହୁଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭବାନୀଚରଣ ପଟ୍ଟନାୟକ ଯୋଗଦେଇ ଖଦି ସହିତ ଗାନ୍ଧିଜୀଙ୍କର ଥିବା ଆତ୍ମିକ ସମ୍ପର୍କ ବିଷୟରେ ଅବତାରଣା କରିଥିଲେ। ଗାନ୍ଧିଜୀ ନିଜେ ଚରଖାରେ ସୂତା କାଟି ତାହାକୁ ପିନ୍ଧୁଥିଲେ। ନିଜ ରୁଚିରେ ପରିବର୍ତ୍ତନ ଆଣି ଖଦି ପରିଧାନ କରିବା ସହିତ ଜଣେ ଜଣେ ସଚ୍ଚା ଭାରତୀୟ ଭାବେ ଗର୍ବ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଖଦିକୁ ଜନସାଧାରଣଙ୍କ ଅଧିକ ନିକଟତର କରିବା ପାଇଁ ଖଦିବୋର୍ଡର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ତଥା ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଥିଲେ, ଖଦି ଆମର ପରିଚୟ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଖଦିକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଇଥିଲା। ସପ୍ତାହରେ ଅନ୍ତତଃ ଦିନଟିଏ ଖଦି ପରିଧାନ କରିପାରିଲେ ତାହା ଗାନ୍ଧିଜୀଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମନ୍ତ୍ରୀ ଦାସ କହିଥିଲେ। ସରକାରୀ ଓ ବେସରକାରୀ କର୍ମଚାରୀ, ସମସ୍ତ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରମାନେ ସପ୍ତାହରେ ଦିନଟିଏ ଖଦିବସ୍ତ୍ର ପରିଧାନ କରିବାକୁ ବିଧାୟକ ସୁଶାନ୍ତ କୁମାର ରାଉତ ଆହ୍ୱାନ ଦେଇଥିଲେ। ସମାରୋହରେ ଖଦିବୋର୍ଡ ଦ୍ୱାରା ଆର୍ଥିକ ସହାୟତାପ୍ରାପ୍ତ ସଫଳ ଉଦ୍ୟୋଗୀମାନଙ୍କର ଏକ ପ୍ରାମାଣିକ ଚିତ୍ର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୋର୍ଡର ସଦସ୍ୟ ସୌଭାଗ୍ୟ ରାଉତ, ପୃଥ୍ୱୀରାଜ ସାହୁ, ବୋର୍ଡ ଉପସଚିବ ରେଣୁପ୍ରଭା ନାୟକ ଉପସ୍ଥିତ ଥିବାବେଳେ ଶେଷରେ ବୋର୍ଡ ସଚିବ ଅବଦୁଲ ଅଲିମ୍ ଖାନ୍ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମକୁ ଶକ୍ତି ଓ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଉଦ୍‌ଘାଟନ କରୁଛନ୍ତି।

## କହ୍ନେୟା କୁମାରଙ୍କ ବିରୋଧରେ ଚାଲିବ ଦେଶଦ୍ରୋହ ମାମଲା

ନୂଆଦିଲ୍ଲୀ,୨୮।୨(ପି.ଟି.):

ଜବାହରଲାଲ ନେହେରୁ ଛାତ୍ର ସଂସଦ (ଜେଏନ୍‌ୟୁଏସ୍‌ୟୁ)ର ପୂର୍ବତନ ସଭାପତି କହ୍ନେୟା କୁମାର ଓ ଅନ୍ୟ ଦୁଇଜଣଙ୍କ ବିରୋଧରେ ଦେଶଦ୍ରୋହ ମୋକଦ୍ଦମା ଚାଲିବ। ଏଥିପାଇଁ ଦିଲ୍ଲୀ ସରକାର ପୋଲିସକୁ ଅନୁମତି ଦେଇଛନ୍ତି। ୨୦୧୬ ଦେଶଦ୍ରୋହ ମାମଲାରେ କହ୍ନେୟାଙ୍କ ସମେତ ଜେଏନ୍‌ୟୁ ଛାତ୍ର ଉମର ଖଲିଦ ଏବଂ ଅନିର୍ବାଣ ଭଟ୍ଟାଚାର୍ଯ୍ୟ ସମ୍ପୃକ୍ତ ଥିବାନେଇ ଜାନୁୟାରୀ ୧୪ରେ ଦିଲ୍ଲୀ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା। ୨୦୧୬ ଫେବୃୟାରୀ ୯ରେ ଜେଏନ୍‌ୟୁ କ୍ୟାମ୍ପସ୍‌ରେ ଏକ ଉତ୍ସବ ଚାଲିଥିବାବେଳେ ସେମାନେ ପହଞ୍ଚି ଦେଶ ବିରୋଧୀ ସ୍ଲୋଗାନ ଦେଇଥିଲେ। କହ୍ନେୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ତୁରନ୍ତ ସରକାର ନିଷ୍ପତ୍ତି ନେବେ ବୋଲି ୯ ଦିନ ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରତିଶ୍ରୁତି ଦେଇଥିଲେ। ଦିଲ୍ଲୀର ଏକ ଅଦାଲତ ମଧ୍ୟ ଜେଏନ୍‌ୟୁ ଦେଶଦ୍ରୋହ ମାମଲାରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ଲାଗି ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

## ଶାହାଙ୍କ ରୁଦ୍ଧଦ୍ୱାର ବୈଠକରେ ସାଙ୍ଗଠନିକ ପାଠ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୨୦୧୯ ସାଧାରଣ ନିର୍ବାଚନ ପରେ ଶୁକ୍ରବାର ପ୍ରଥମ ଥର ପାଇଁ ଓଡ଼ିଶା ଆସି ଭାଜପା ପକ୍ଷରୁ ଏଠାରେ ଆୟୋଜିତ ସିଏଏ ସପକ୍ଷ ସମାବେଶରେ ଯୋଗଦେଇଥିଲେ। ରାଜ୍ୟରେ ଭାଜପାର ଭୋଟ ପ୍ରତିଶତ ବଢ଼ିଥିବାରୁ ସେ ଓଡ଼ିଶାବାସୀ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ରାଜ୍ୟରେ ଭାଜପା ଶୀର୍ଷ ସ୍ଥାନକୁ ଯିବା ପାଇଁ ଏକ ବଡ଼ ଲମ୍ଫ ଦରକାର ବୋଲି ସେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଉଦ୍ଦେଶ୍ୟରେ କହିଥିଲେ। ସମାବେଶ ଶେଷ ହେବା ପରେ ଶାହା ସ୍ଥାନୀୟ ଏକ ଘରୋଇ ହୋଟେଲକୁ ସିଧା ଯାଇଥିଲେ। ସେଠାରେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଏକ ରୁଦ୍ଧଦ୍ୱାର ବୈଠକ କରିଥିଲେ। ବୈଠକରେ ବିଧାୟକ, ଏମ୍‌ପି ସମେତ ପୂର୍ବତନ ବିଧାୟକ, ଏମ୍‌ପି ଏବଂ ଟିକେଟ ପାଇଥିବା ନେତାମାନେ ସାମିଲ ହୋଇଥିଲେ। ସାଙ୍ଗଠନିକ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିବାବେଳେ ବୈଠକର କୌଣସି ଖବର ଯେପରି ଗଣମାଧ୍ୟମକୁ ନ ଯାଏ ସେଥିପ୍ରତି ଶପଥ କରାଇଥିବା ଜଣାପଡ଼ିଛି। ଶାହା ମନା କରିଥିବାରୁ ବୈଠକ ସମ୍ପର୍କରେ ମୁହଁ ଖୋଲିବା ପାଇଁ ଅଧିକାଂଶ ନେତା ମନା କରିଥିଲେ। ତେବେ ମିଳିଥିବା ସୂଚନା ମୁତାବକ ଶାହା ୪୦ ମିନିଟ୍ କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ବୁଥ୍, ମଣ୍ଡଳ ଏବଂ ଜିଲାସ୍ତରରେ କିଭଳି ସକ୍ରିୟ ସଦସ୍ୟ କରାଯିବ ସେନେଇ କହିଥିଲେ। ବିଶେଷ କରି ପ୍ରତ୍ୟେକ ବୁଥ୍‌ରେ ଅତିକମ୍‌ରେ ୧୦୦ଜଣ ଲେଖା ସକ୍ରିୟ କାର୍ଯ୍ୟକର୍ତ୍ତା ସୃଷ୍ଟି ଉପରେ ସେ ଗୁରୁତ୍ୱ ଦେଇଥିବା ଜଣାପଡ଼ିଛି। ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମକୁ ସବୁ ବୁଥ୍‌ରେ ଜଣାଇବା ଓ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସମ୍ପର୍କରେ ଲୋକଙ୍କ ପାଖକୁ ଯାଇ ବୁଝାଇବା ଉପରେ ଧ୍ୟାନ ଦେବାକୁ ସେ କହିଥିଲେ। ଏହାସହ ଆସନ୍ତା ପଞ୍ଚାୟତ, ମ୍ୟୁନିସିପାଲିଟି ନିର୍ବାଚନରେ ଦଳର ପ୍ରଦର୍ଶନ ଯେପରି ଭଲ ହେବ ଏବଂ ନିର୍ବାଚନ ପୂର୍ବରୁ ଯେପରି ସବୁ ସ୍ତରରେ ସକ୍ରିୟ ସଦସ୍ୟ ହୋଇସାରିଥିବେ ସେନେଇ ସେ ଆଲୋଚନା କରିଥିବା ଜଣାପଡ଼ିଛି।

## ସୂର୍ଯ୍ୟମନ୍ଦିର ସଂରକ୍ଷଣ, ରକ୍ଷଣାବେକ୍ଷଣକୁ ଗୁରୁତ୍ୱ

- ଏଏସ୍‌ଆଇ ଆନୁକୂଲ୍ୟରେ ଜାତୀୟ କର୍ମଶାଳା ଉଦ୍‌ଘାଟିତ
- ମନ୍ଦିର ସ୍ଥିତି ପରଖିଲେ ଏଏସ୍‌ଆଇ ମହାନିର୍ଦ୍ଦେଶିକା, ବିଶେଷଜ୍ଞ

କୋଣାର୍କ, ୨୮।୨(ଡି.ଏନ୍.ଏ.)

କୋଣାର୍କ ସୂର୍ଯ୍ୟମନ୍ଦିରର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ନେଇ ଶୁକ୍ରବାର ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଆନୁକୂଲ୍ୟରେ ଦୁଇଦିନିଆ ଜାତୀୟ କର୍ମଶାଳା ଉଦ୍‌ଘାଟିତ ହୋଇଛି। କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମେଳନ କକ୍ଷରେ ଆୟୋଜିତ ଏହି କର୍ମଶାଳାକୁ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶିକା ଉଷା ଶର୍ମା ଉଦ୍‌ଘାଟନ କରିଥିଲେ। ସୂର୍ଯ୍ୟମନ୍ଦିର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଉପରେ ମହାନିର୍ଦ୍ଦେଶିକା ଶର୍ମା ଗୁରୁତ୍ୱାରୋପ କରିଛନ୍ତି। ୨୦୧୦ ମସିହା ଜାତୀୟ ସମ୍ମିଳନୀରେ ବିଶେଷଜ୍ଞ ପ୍ରତିନିଧି ଦଳ ଓ ସିବିଆରଆଇ ସଂସ୍ଥା ଦେଇଥିବା ରିପୋର୍ଟ ଭିତ୍ତିରେ ଏହି ସଂରକ୍ଷଣ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ଏଏସ୍‌ଆଇ ମହାନିର୍ଦ୍ଦେଶିକାଙ୍କ ସମେତ ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରି ସ୍ଥିତି ପରଖିଛନ୍ତି।

ସୂର୍ଯ୍ୟମନ୍ଦିରର ସ୍ଥିତାବସ୍ଥା ଅନୁଧ୍ୟାନ, ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଏନ୍.କେ. ମହାନ୍ତି କର୍ମଶାଳାରେ ଯୋଗଦେଇ ସୂର୍ଯ୍ୟମନ୍ଦିରରେ ବର୍ଷାଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା, ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ଚାରାରୋପଣ, ଗର୍ଭଗୃହରୁ ବାଲି କାଢ଼ିବା କିମ୍ବା ଦବିଯାଇଥିବା ସ୍ଥାନରେ ବାଲି ଭର୍ତ୍ତି କରିବା, ମୁଖଶାଳା ଓ ମନ୍ଦିର ଚତୁଃପାର୍ଶ୍ୱ ବେଢ଼ା ସମୂହକୁ ରାସାୟନିକ ପ୍ରଲେପ ଦ୍ୱାରା ସଂରକ୍ଷଣ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଏସବୁ ତ୍ୱରିତ କାର୍ଯ୍ୟକାରୀ କରିବାକୁ କହିଥିଲେ। ପରେ ଏଏସ୍‌ଆଇ ମହାନିର୍ଦ୍ଦେଶିକା ଶର୍ମା, ସିବିଆର୍‌ଆଇର ଜଣେ ଅଧିକାରୀ, ଚେନ୍ନାଇ ଆଇଆଇଟିର ଜଣେ ବିଶେଷଜ୍ଞ ଏବଂ ଅନ୍ୟ ଅଧିକାରୀମାନେ ସୂର୍ଯ୍ୟମନ୍ଦିର ବୁଲି ସ୍ଥିତାବସ୍ଥା ଅନୁଧ୍ୟାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ସୂର୍ଯ୍ୟମନ୍ଦିର ଗର୍ଭଗୃହ ଓ ଜଗମୋହନର ସ୍ଥିତାବସ୍ଥା କିଭଳି ରହିଛି ତାହାର ଯାଞ୍ଚ କରିଥିଲେ। ଆମିକସ୍ କ୍ୟୁରିଙ୍କ ରିପୋର୍ଟ ଏବଂ ବିଶେଷଜ୍ଞ କମିଟିର ଅନୁଧ୍ୟାନ ସଂକ୍ରାନ୍ତ ରିପୋର୍ଟ ଆଧାରରେ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ସମେତ ପାରିପାର୍ଶ୍ୱିକ ଉନ୍ନୟନ ନେଇ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଶେଷଜ୍ଞ ପଦ୍ମଶ୍ରୀ ଜି.ସି ମିତ୍ର ପ୍ରକାଶ କରିଛନ୍ତି । କର୍ମଶାଳାରେ ବିଶେଷଜ୍ଞ ମିତ୍ରଙ୍କ ସମେତ ରାଜ୍ୟ ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଆମିକସ୍ କ୍ୟୁରି ମହାନ୍ତି, ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ, ଏଏସ୍‌ଆଇର ପୂର୍ବତନ ମହାନିର୍ଦ୍ଦେଶକ ଡ. ବି. ଆର୍. ମଣି, ଏ.ବି. ତ୍ରିପାଠୀ, ସଞ୍ଜୟ ଆଚାର୍ଯ୍ୟ, ଅନିଲ ଧୀର, ପୁରୀ ଜିଲାପାଳ ବଲଓ୍ୱନ୍ତ ସିଂଙ୍କ ସମେତ ଐତିହ୍ୟସ୍ଥଳୀର ବିଶେଷଜ୍ଞମାନେ ଯୋଗଦେଇଛନ୍ତି। କର୍ମଶାଳାକୁ ସ୍ଥାନୀୟ ଏଏସ୍‌ଆଇ ଅଧିକାରୀ ନିରୋଜ ସିଂ ଏବଂ ମ୍ୟୁଜିୟମ ଅଧିକାରୀ ପ୍ରତାପ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

## ଜିଲାଟିଠି

## କୋରାପୁଟ

# ଦଲାଲଙ୍କ ମସୁଧା

କୋରାପୁଟ ଜିଲାରେ ଚାଷୀଙ୍କ ଉତ୍ପାଦିତ ଖରିଫ ଧାନକିଣା ପାଇଁ ପ୍ରଶାସନ ୪୪ଟି ମଣ୍ଡି ସ୍ଥାପନ କରିଥିଲା। ପ୍ରଥମ ପର୍ଯ୍ୟାୟରେ ସାଢ଼େ ୧୩ ଲକ୍ଷ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ୍ ଥିଲା। ପରବର୍ତ୍ତୀ ୩ଟି ପର୍ଯ୍ୟାୟକୁ ମିଶାଇ ମୋଟ ୨୦ ଲକ୍ଷ ୪୫ ହଜାର କୁଇଣ୍ଟାଲ ଧାନକିଣା ଲକ୍ଷ୍ୟ ରହିଥିଲା। କିନ୍ତୁ ଧାନ କିଣା ପରେ ଗତ ଫେବୃୟାରୀ ୬ରେ ହଠାତ ମଣ୍ଡି ବନ୍ଦ କରାଯାଇଥିଲା। ସେଯାବତ୍ ଜିଲାରେ ୨୬,୦୦୫ ଜଣ ପଞ୍ଜିକୃତ ଚାଷୀଙ୍କ ଯାଞ୍ଚ ପରେ ସେମାନଙ୍କ ମଧ୍ୟରୁ ୨୩,୪୪୧ ଜଣ ଚାଷୀଙ୍କ ୨୦ ଲକ୍ଷ ୯ ହଜାର ୬୨୪ କୁଇଣ୍ଟାଲ ୪୧ କିଲୋଗ୍ରାମ ଧାନ କିଣାଯାଇଛି। ଅବଶିଷ୍ଟ ୩୫ ହଜାର କୁଇଣ୍ଟାଲରୁ ଅଧିକ ଧାନ ମଣ୍ଡି ବନ୍ଦ ହେବା ଯୋଗୁ କିଣାଯାଇ ପାରି ନ ଥିଲା। ଅନ୍ୟପକ୍ଷରେ କାଁ ଭାଁ ଚାଷୀଙ୍କ ଧାନ ରହିଥିବା ବେଳେ ଅଧିକାଂଶଙ୍କ ଧାନ ବିକ୍ରି ହୋଇଛି। ଅବଶିଷ୍ଟ ୩୫ ହଜାର କୁଇଣ୍ଟାଲ ଧାନକିଣା ପାଇଁ ପ୍ରଶାସନ ମଣ୍ଡି ଖୋଲିଥିଲେ। କିନ୍ତୁ ଆଶାନୁସାରେ ଚାଷୀଙ୍କ ଅମଳଧାନ ମଣ୍ଡିକୁ ବିକ୍ରି ପାଇଁ ଆସୁ ନ ଥିଲା। ତେଣୁ ପ୍ରଶାସନ ଓ କ୍ରୟକାରୀ ସଂସ୍ଥାର ରିପୋର୍ଟ ଯାଞ୍ଚ ପରେ ସରକାର ମଣ୍ଡିରେ ଧାନକିଣା ବନ୍ଦ କରିଥିଲେ। ଏବେ ପୁନର୍ବାର ମଣ୍ଡି ଖୋଲାଯାଇ ଧାନକିଣା ଆରମ୍ଭ ହେଲେ ପ୍ରକୃତ ଚାଷୀଙ୍କ ବଦଳରେ ଦଲାଲ ଓ ବ୍ୟବସାୟୀଙ୍କ ଧାନ ବିକ୍ରି ହେବାର ଆଶଙ୍କା ଅଧିକ ରହିଛି। କିଛି ମଣ୍ଡି କମିଟିର ସଭାପତି ଭାବେ ମନୋନୀତ ଚାଷୀମାନେ ମଧ୍ୟ ନାମ ପ୍ରକାଶ ନ କରିବା ସର୍ତ୍ତରେ ପୁନର୍ବାର ମଣ୍ଡି ଖୋଲିବା ସହ ଚାଷୀଙ୍କ ନାମରେ ଧାନ ବିକ୍ରି କରିବାକୁ ଦଲାଲ ଓ ବେପାରୀ ମସୁଧା କରୁଥିବା ଅଭିଯୋଗ କରିଛନ୍ତି। ବିଧାନସଭାରେ ବିଧାୟକମାନେ ଚାଷୀ ଧାନ ବଳି ପଡ଼ିଥିବା ଦାବି କରିବା ପରେ ବୁଧବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କମିଶନର ୨୯ ତାରିଖରେ ଜିଲାସ୍ତରୀୟ ପ୍ରୋକ୍ୟୁରମେଣ୍ଟ କମିଟି (ଡିଏଲ୍‌ପିସି) ବୈଠକ ପୁନର୍ବାର କରିବା ପାଇଁ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କ ଧାନ ବିକ୍ରି ନ ହୋଇ ମଣ୍ଡିରେ ମହଜୁଦ ରହିଛି କି ନା, ମିଲ ମାଲିକ ମଣ୍ଡିରେ ଠିକ୍ ସମୟରେ ଉପସ୍ଥିତ ରହୁଛନ୍ତି କି ନା, କେଉଁ ମଣ୍ଡିରେ ପଞ୍ଜିକୃତ ଚାଷୀଙ୍କ ଅଧିକ ଧାନ ରହିଛି, ସେ ସବୁର ତଦାରଖ କରାଯିବ। ଏନେଇ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ କହିଛନ୍ତି, ଜିଲାରେ ପ୍ରକୃତରେ ଚାଷୀଙ୍କ ଧାନ ଥିଲେ ସରକାରଙ୍କ ନିୟମ ଓ ନିର୍ଦ୍ଦେଶ ଅନୁଯାୟୀ ମଣ୍ଡି ଖୋଲାଯାଇ ଧାନ କିଣାଯିବ।

– ସୁପ୍ରୀତ ପୂଜାରୀ


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

DIRECT JOIN
JOB LOCATION : BBSR / CTC
•CUSTOMER CARE
•DATA ENTRY
•RECEPTION
•BACK OFFICE
•SECURITY GUARD
Salary : 8000 to 20,000/-
9090758077, 9114090108

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା– 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ।
Salary : 27,000/-
Qul : 7th to 10th & above
Contact = 7606804341

ଆବଶ୍ୟକ
ଲାଇଟ ଟ୍ରାନ୍ସପୋର୍ଟ ଲାଇସେନ୍ସ ଥିବା ଡ୍ରାଇଭର–୨ଜଣ, ଇଲେକ୍ଟ୍ରି ଓ୍ୱେଲ୍ଡର–୧, କଟା ମେସିନ୍ ଚାଳକ–୨ଜଣ ଆବଶ୍ୟକ। ଦରମା ୧୦,୦୦୦/୧୨,୦୦୦, ରହିବା ସୁବିଧା ଅଛି। ଶୀଘ୍ର ଯୋଗାଯୋଗ :-
9040150146, 9238579309

Urgently Required
Diploma Civil (Fresh/Exp.) -20 Nos., Matric to Graduate - 40 Nos., Auto Cadd - 02 Nos.
(Sal - 5,000 to 50,000)
Contact : 9556880775
7873563668

1. Ayurvedic Clinic ରେ କାମ କରିବା ପାଇଁ ଝିଅ ପିଲା ଏବଂ ସ୍ତ୍ରୀ ଲୋକ ଆବଶ୍ୟକ। ବୟସ = 18-35 yrs.
2. Reception with Tele Caller (F)
Contact : 8018992510

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto
Rs. 25,000/-
Contact : Immediately
Mob : 8763257042

ଆବଶ୍ୟକ
Receptionist, Office Asst., Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

OFFICE JOB
Data Entry Operators
For Govt. / Private Organisations under agency payroll.
Qualifications- 10th,+2 & +3
Hand Speed- 15wpm
Salary-8000 to 14000
8895725158, 7327065424

COLOR CLASSIFIED DISPLAY
on Every
Tuesday and Friday

ନୋଟିସ୍
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

TEACHERS REQUIRED
● PGT: English, Mathematics, Chemistry, Economics, Accountancy, Business Studies, Sociology, Psychology, Political Science, History, Physical Education & Painting. ● TGT: Science ●PRT: English, Dance ● NTT: With knowledge of Computer.
Please Send your resume by 10th March 2020.
E-mail: takshila.bbsr@gmail.com
Address: N5/A,1697-IRC Village, Nayapalli, Bhubaneswar
Phone No.: 9937222225 / 26, 0674-2360827
BMPS TAKSHILA SCHOOL

| Dollar | Sensex | Nifty | Gold | Silver |
|---|---|---|---|---|
| 72.21 (60) | 38,297.29 (1448.37) | 11,201.75 (431.55) | 43,358 (`222) | 48,130.00 (`60) |



" ଉତ୍ତର ପ୍ରଦେଶ, ବିହାର ସମେତ ୪ ଅଧିକ ରାଜ୍ୟ ମାର୍ଚ୍ଚ ସୁଦ୍ଧା ରାଶନ କାର୍ଡ ପୋର୍ଟାବିଲିଟି କାର୍ଯ୍ୟକାରୀ କରାଇବେ।

–ରାମ ବିଳାସ ପାଶ୍ୱାନ, କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ



" ପ୍ରଥମେ କରୋନା ଭାଇରସ ବିରୋଧରେ ଲଢେଇ ଜାରି ରଖିବା ଆବଶ୍ୟକ। ଅଧିକ ଭୟଭୀତ ନ ହେବାକୁ କେନ୍ଦ୍ରୀୟ ବ୍ୟାଙ୍କ ଶିଳ୍ପ ଜଗତ ଏବଂ ବ୍ୟକ୍ତି ବିଶେଷଙ୍କୁ ବୁଝାଇବା କାମ କରିବା ଉଚିତ।

–ରଘୁରାମ ରାଜନ, ପୂର୍ବତନ ଆର୍‌ବିଆଇ ଗଭର୍ଣ୍ଣର

# ତୃତୀୟ ତ୍ରୈମାସ ଜିଡିପି ୪.୭%କୁ ଖସିଲା

ନୂଆଦିଲ୍ଲୀ,୨୮–୨

ଚଳିତ ଆର୍ଥିକ ବର୍ଷ ଅକ୍ଟୋବର–ଡିସେମ୍ବର ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ୪.୭%କୁ ହ୍ରାସ ଘଟିଛି। ଏହା ୭ ବର୍ଷର ସର୍ବନିମ୍ନ ସ୍ତର ବୋଲି ଜଣାପଡିଛି। ମାନୁଫାକ୍‌ଚରିଂ କ୍ଷେତ୍ର ଅଭିବୃଦ୍ଧି ମାନ୍ଦା ରହିବାକୁ ଏଭଳି ସ୍ଥିତି ଉପୁଜିଥିବା ସରକାର ଶୁକ୍ରବାର ଜାରି କରିଥିବା ଡାଟାରୁ ଏହା ଜଣାପଡିଛି। ୨୦୧୮–୧୯ ଆର୍ଥିକ ବର୍ଷ ସମାନ ସମୟରେ ଜିଡିପି ବିକାଶ ହାର ୫.୬% ରହିଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷ ଜୁଲାଇ–ସେପ୍ଟେମ୍ବର ତ୍ରୈମାସରେ ଅର୍ଥନୈତିକ ଅଭିବୃଦ୍ଧି ୫.୧% ରହିଥିବା ପରିବର୍ତ୍ତିତ ଆକଳନରେ କୁହାଯାଇଛି। ବିକାଶ ହାର ୪.୫% ରହିବା ନେଇ ପୂର୍ବରୁ କୁହାଯାଇଥିଲା। ଏହା ବାଦ ପ୍ରଥମ ତ୍ରୈମାସ ବିକାଶ ହାରକୁ ୫% ପରିବର୍ତ୍ତେ ୫.୬% ଧାର୍ଯ୍ୟ କରାଯାଇଛି। ୨୦୧୨–୧୩ ପରଠାରୁ ଚଳିତ ଆର୍ଥିକ ବର୍ଷ ଡିସେମ୍ବର ତ୍ରୈମାସ ବିକାଶ ହାର ସର୍ବନିମ୍ନ। ୨୦୧୨–୧୩ର ଡିସେମ୍ବର ତ୍ରୈମାସରେ ଜିଡିପି ବିକାଶ ହାର ୪.୩% ରହିଥିଲା।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଡାଟା ମୁତାବକ ମାନୁଫାକଚରିଂ କ୍ଷେତ୍ରର ଗ୍ରସ୍ ଭାଲ୍ୟୁ ଆଡେଡ (ଜିଭିଏ) ଅଭିବୃଦ୍ଧି ତୃତୀୟ ତ୍ରୈମାସରେ ୦.୨% ହ୍ରାସ ଘଟିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟରେ ୫.୨% ବୃଦ୍ଧି ଘଟିଥିଲା। ବର୍ତ୍ତମାନ ସମୟରେ କୃଷି କ୍ଷେତ୍ର ଜିଭିଏ ୩.୫% ଅଭିବୃଦ୍ଧି ଘଟିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟରେ ୨ % ରହିଥିଲା। ନିର୍ମାଣ କ୍ଷେତ୍ର ଜିଭିଏ ଅଭିବୃଦ୍ଧି ୬.୬% ରହିଥିବା ବେଳେ ଏହା ୦.୩%କୁ ଖସିଛି। ଗୋଟିଏ ବର୍ଷ ତଳେ ଖଣି କ୍ଷେତ୍ର ଅଭିବୃଦ୍ଧି ୪.୪% ଥିବା ବେଳେ ଏହା ବର୍ତ୍ତମାନ ୩.୨%କୁ ଖସିଛି। ସେହିଭଳି ଇଲେକଟ୍ରିସିଟି, ଗ୍ୟାସ୍, ଜଳ ଯୋଗାଣ ଅନ୍ୟ ୟୁଟିଲିଟି ସର୍ଭିସ ବର୍ଗରେ ଅଭିବୃଦ୍ଧି ୯.୫%ରୁ ହ୍ରାସ ଘଟି ୦.୭%କୁ ଖସିଛି। ସେହିଭଳି ବାଣିଜ୍ୟ, ହୋଟେଲ, ପରିବହନ,ଯୋଗାଯୋଗ ଏବଂ ସେବା କ୍ଷେତ୍ର ସହ ଜଡିତ ବ୍ରଡ୍‌କାଷ୍ଟିଂ ଅଭିବୃଦ୍ଧି ୭.୮%ରୁ ୫.୯%କୁ ଖସିଛି।

ଏହି ସମୟରେ ଫାଇନାସିଆଲ,ରିୟଲ ଇଷ୍ଟେଟ ଏବଂ ପ୍ରଫେଶନାଲ ସର୍ଭିସ ଅଭିବୃଦ୍ଧି ୬.୫%ରୁ ୭.୩%କୁ ବଢିଛି। ସେହିଭଳି ପବ୍ଲିକ ଆଡମିନିଷ୍ଟ୍ରେଶନ, ପ୍ରତିରକ୍ଷା ଏବଂ ଅନ୍ୟ ସେବା କ୍ଷେତ୍ରରେ ଅଭିବୃଦ୍ଧି ୮.୧%ରୁ ୯.୭%କୁ ବଢିଛି। ଏପ୍ରିଲ ଡିସେମ୍ବର ଜିଡିପି ଅଭିବୃଦ୍ଧି ୫.୧କୁ ଖସି ଆସିଛି। ଏହା ଗୋଟିଏ ବର୍ଷ ପୂର୍ବେ ସମାନ ସମୟରେ ୬.୩% ରହିଥିଲା। ୨୦୧୧–୧୨ କନ୍‌ଷ୍ଟାଣ୍ଟ ପ୍ରାଇସରେ ଜିଡିପି ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ୩୬.୬୫ ଲକ୍ଷ କୋଟି ରହିଛି। ଏହା ୨୦୧୮–୧୯ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସ ୩୫.୦୦ ଲକ୍ଷ କୋଟି ରହିଥିଲା। ମୋଟାମୋଟି ଭାବେ କହିବାକୁ ଗଲେ ଅଭିବୃଦ୍ଧି ୪.୭% ବୋଲି ଏନ୍‌ଏସ୍‌ଓ ସୂଚନା ଦେଇଛି। କରେଣ୍ଟ ପ୍ରାଇସରେ ପରକ୍ୟାପିଟା ବା ମୁଣ୍ଡ ପିଛା ଆୟ ୧.୩୪ ଲକ୍ଷ ଟଙ୍କା ରହିଛି। ଏଥିରେ ୬.୩% ବୃଦ୍ଧି ଘଟିଛି। ଏହା ୨୦୧୮–୧୯ରେ ୧.୨୬ ଲକ୍ଷ ଟଙ୍କା ରହିଥିଲା।

### ୭ ବର୍ଷର ସର୍ବନିମ୍ନ ସ୍ତରରେ




### କୋର୍ ସେକ୍ଟରରେ ଅଭିବୃଦ୍ଧି

ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ମୁତାବକ ୮ କୋର୍ ସେକ୍ଟରର ଅଭିବୃଦ୍ଧି ଜାନୁୟାରୀରେ ୨.୨% ବୃଦ୍ଧି ଘଟିଛି। କୋଇଲା ଉତ୍ପାଦନ, ରିଫାଇନେରି ଏବଂ ଇଲେକଟ୍ରିସିଟି ଉତ୍ପାଦନରେ ଉନ୍ନତି ଯୋଗୁ ଏଭଳି ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଏହି ସମୟରେ ଭିତ୍ତିଭୂମି କ୍ଷେତ୍ର ଅଭିବୃଦ୍ଧି ୧.୫% ରହିଛି। କୋଇଲା, ରିଫାଇନେରି ପ୍ରଡକ୍ଟ ଏବଂ ବିଦ୍ୟୁତ ଉତ୍ପାଦନ ଅଭିବୃଦ୍ଧି ଯଥାକ୍ରମେ ୮%, ୧.୯% ଏବଂ ୨.୮% ରହିଛି। ଏହାବାଦ ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ ଏବଂ ସାର କ୍ଷେତ୍ରରେ ଅଭିବୃଦ୍ଧି ନକାରାତ୍ମକ ରହିଛି। ଏପ୍ରିଲ ଜାନୁୟାରୀ ସମୟରେ କୋର ଇଣ୍ଡଷ୍ଟ୍ରି ଅଭିବୃଦ୍ଧି ୦.୬% ଅଭିବୃଦ୍ଧି ଘଟିଛି। ଏହା ଗୋଟିଏ ବର୍ଷ ତଳେ ସମାନ ସମୟରେ ୪.୪% ରହିଥିଲା। ଅଗଷ୍ଟ ୨୦୧୯ଠାରୁ ନଭେମ୍ବର ୨୦୧୯ ଯାଏ କୋର ସେକ୍ଟରରେ ରେକର୍ଡ ନକାରାତ୍ମକ ଅଭିବୃଦ୍ଧି ରହିଥିଲା।

### ମାନ୍ଦାବସ୍ଥା ପ୍ରଭାବ ଶେଷ ହୋଇଛିଃ ସୀତାରାମନ



ଦେଶ ମଧ୍ୟରେ ମାନ୍ଦାବସ୍ଥାର ପ୍ରଭାବ ଶେଷ ହୋଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର କହିଛନ୍ତି। ଚଳିତ ଆର୍ଥିକ ବର୍ଷ ଲାଗି ଦେଶର ବିକାଶ ହାର ୫% ରହିବା ନେଇ ଏନ୍‌ଏସ୍‌ଓ ଆକଳନରେ କହିଛି। ଏଭଳି ସ୍ଥିତିରେ କରୋନା ଭାଇରସ ଉପରେ ମତ ରଖି ସୀତାରାମନ କହିଛନ୍ତି ଯେ, ଏହି ଭାଇରସର ବିପଦକୁ ଧ୍ୟାନରେ ରଖି ତ୍ୱରିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଆଗାମୀ ୩ ସପ୍ତାହ ମଧ୍ୟରେ ଏହି ଭାଇରସର ପ୍ରଭାବକୁ ହ୍ରାସ କରିବା ଉଚିତ। ଏହାକୁ ନିୟନ୍ତ୍ରଣାଧୀନ ନ କଲେ ଏହା ଏକ ପ୍ରମୁଖ ଚ୍ୟାଲେଞ୍ଜ ହେବ। ଏହାବାଦ ଦେଶର ବିତ୍ତ ପ୍ରତିଷ୍ଠାନଗୁଡ଼ିକର ବିକାଶ ଦିଗରେ ସରକାର କାର୍ଯ୍ୟ କରୁଥିବା ସେ ମତ ଦେଇଛନ୍ତି। ଅର୍ଥନୈତିକ ବ୍ୟାପାର ସଚିବ ଅତନୁ ଚକ୍ରବର୍ତ୍ତୀ କହିଛନ୍ତି ଯେ, ମାନ୍ଦାବସ୍ଥା ପ୍ରଭାବ ଶେଷ ହୋଇଛି। ଜାନୁୟାରୀ ମାର୍ଚ୍ଚରେ କୋର ସେକ୍ଟରରେ ଅଭିବୃଦ୍ଧି ସାଧନ ହୋଇଛି। ଜାନୁୟାରୀ–ମାର୍ଚ୍ଚରେ ମାନୁଫାକଚରିଂ କ୍ଷେତ୍ରରେ ଉନ୍ନତି ଆସିଛି। କରୋନାର ପ୍ରଭାବ ବିଶ୍ୱ ଅର୍ଥନୀତି ଲାଗି ଏକ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି ବୋଲି ସେ କହିଛନ୍ତି।

# ଦଲାଲ ଷ୍ଟ୍ରିଟ୍‌କୁ କରୋନା ଝଟକା

- ନିବେଶକଙ୍କ ସମ୍ପତ୍ତି ୫ଲକ୍ଷ କୋଟି କମିଲା
- ୧୪୪୮ ପଏଣ୍ଟ ଖସିଲା ସେନସେକ୍ସ, ନିଫ୍ଟି ୪୩୧ ପଏଣ୍ଟ ତଳେ



ମୁମ୍ବାଇ,୨୮–୨

କରୋନା ଭାଇରସର ପ୍ରଭାବ ବିଶ୍ୱ ବଜାରରେ ଦିନକୁ ଦିନ ବ୍ୟାପିବାରେ ଲାଗିଛି। ଏହାର ପ୍ରଭାବରେ ଦେଶର ଦଲାଲ ଷ୍ଟ୍ରିଟର ପୁଞ୍ଜି ବଜାରକୁ କରୋନା ଭାଇରସ ଝଟକା ଲାଗିଛି। ଶୁକ୍ରବାର ବଜାରରେ ଅନିଶ୍ଚିତତା ଲାଗି ରହିବା କାରଣରୁ ଶେୟାର କାରବାର କ୍ଷତିଗ୍ରସ୍ତ ହେବା ସହ ନିବେଶକଙ୍କୁ ୫ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। ନିବେଶକଙ୍କ ସମ୍ପତ୍ତିରେ ୫ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିଥିବା ଜଣାପଡ଼ିଛି। ସେନ୍‌ସେକ୍ସ ଲଗାତର ଭାବେ ୬ଟି ଶେସନ ଲାଗି କାରବାର ନିମ୍ନରେ ରହିଛି। ଶୁକ୍ରବାର ସେନ୍‌ସେକ୍ସରେ ୧୪୪୮ ପଏଣ୍ଟ ହ୍ରାସ ଘଟିଛି। ଦିନ ମଧ୍ୟରେ କାରବାର ୧୫୨୫ ପଏଣ୍ଟ ଖସିବା ଯୋଗୁ ୩୦ ଶେୟାର ବିଶିଷ୍ଟ ସେନସେକ୍ସ କାରବାର ଶେଷ ହେବା ବେଳକୁ ୧୪୪୮.୩୭ ପଏଣ୍ଟ ବା ୩.୬୪% ନିମ୍ନରେ ରହି ୩୮,୨୯୭.୨୯ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୪୩୧.୫୫ ପଏଣ୍ଟ ବା ୩.୭୧% ଖସିବା ଯୋଗୁ ଏହା ୧୧,୨୦୧.୭୫ ସ୍ତରରେ ବନ୍ଦ ହୋଇଛି।

କରୋନାର ପ୍ରଭାବ ସାରା ବିଶ୍ୱରେ ଦ୍ରୁତ ବେଗରେ ବ୍ୟାପୁଥିବା ଆଶଙ୍କା କରି ନିବେଶକମାନେ ଭୟଭୀତ ହେବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। କରୋନା ଯୋଗୁ ବିଶ୍ୱ ସ୍ତରର ଅର୍ଥ ବ୍ୟବସ୍ଥା ଅଧିକ ମାତ୍ରାରେ ପ୍ରଭାବିତ ହେବା ନେଇ ସେମାନେ ଆଶଙ୍କା ପ୍ରକଟ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସାରା ବିଶ୍ୱରେ ଏହି ଭାଇରସ ଯୋଗୁ ୮୩,୦୦୦ ଲୋକ ଆକ୍ରାନ୍ତ ହୋଇଛନ୍ତି। ଘରୋଇ ନିବେଶକଙ୍କ ତୁଳନାରେ ବିଦେଶୀ ନିବେଶକମାନେ ସେମାନଙ୍କ ନିବେଶ ଅର୍ଥ ପ୍ରତ୍ୟାହାର କରି ନେଉଛନ୍ତି। ଷ୍ଟକ ବଜାର ଡାଟା ମୁତାବକ ଏହି ନିବେଶକମାନେ ନେଟ୍ ଭିତ୍ତିରେ ପ୍ରାୟ ୯,୩୮୯ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି। ଘରୋଇ ବଜାର ବାଦ ସାଂଘାଇ , ହଂକଂ, ସିଓଲ ଏବଂ ଟୋକିଓର ଶେୟାର ବଜାର କାରବାର ପ୍ରାୟ ୩.୭୧% ନିମ୍ନରେ ରହିଛି। ସେହିଭଳି ୟୁରୋପର ଷ୍ଟକ ବଜାର ମଧ୍ୟ ୪% ଖସିଛି। ବ୍ରେଣ୍ଟ ଅଶୋଧିତ ତୈଳ ଦର ୩.୩୮% ଖସିଥିବା ବେଳେ ଭାରତୀୟ ମୁଦ୍ରା ୫୦ ପଇସା ନିମ୍ନରେ ରହି ଡଲାର ତୁଳନାରେ ଏହାର ମୂଲ୍ୟ ୭୨.୨୧ ସ୍ତରରେ ରହିଛି। ଏହି ସମୟରେ ଅଟୋମୋବାଇଲ ଷ୍ଟକ କାରବାର ୧୧% ହ୍ରାସ ଘଟିଛି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୬୧.୨୨%

ଭୁବନେଶ୍ୱର,୨୮–୨(ବ୍ୟୁରୋ)

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ଜାନୁୟାରୀରେ ଅପରିବର୍ତ୍ତିତ ୩୩୦ ପଏଣ୍ଟ ରହିଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୪୬ ପଏଣ୍ଟ ଥିଲା। ଏଥିରେ ୩ ପଏଣ୍ଟ ବୃଦ୍ଧି ପାଇ ୩୪୯ ପଏଣ୍ଟ ହୋଇଛି। ରାଉରକେଲାରେ ଏହା ୩୪୨ ପଏଣ୍ଟ ଥିବା ବେଳେ ଏଥିରେ ୭ ପଏଣ୍ଟ ହ୍ରାସ ଘଟିଛି। ବର୍ତ୍ତମାନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ୧୫୭.୩% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୯୨ % ବୃଦ୍ଧି ଘଟି ୧୬୧.୨୨% ହୋଇଛି। ଆର୍ଥିକ ବର୍ଷ ମାର୍ଚ୍ଚ କ୍ଲୋଜିଂ ଯୋଗୁ ସେମାନେ ଏହି ବର୍ଦ୍ଧିତ ଡିଏ ଏପ୍ରିଲ ପହିଲାରୁ ପାଇବେ।

ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଜାନୁୟାରୀ ୩୧ ଏବଂ ଫେବୃଆରୀ ପହିଲାରେ ଧର୍ମଘଟ କରିଥିଲେ , ସେମାନେ ବର୍ତ୍ତମାନ ୭୫.୯% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୧.୪% ବୃଦ୍ଧି ଘଟି ୭୭.୩% ହୋଇଛି। ଏହା ମେ ମାସ ପହିଲାରୁ ଲାଗୁ ହେବ। ବୀମା କର୍ମଚାରୀମାନେ ବର୍ତ୍ତମାନ ୬୯.୨% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୧.୪% ବୃଦ୍ଧି ଘଟି ୭୦.୬ % ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ମେ ମାସ ପହିଲାରୁ ପାଇବେ। ସାରା ଦେଶର ଅବସରପ୍ରାପ୍ତ ଓ କାର୍ଯ୍ୟରତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କର୍ମଚାରୀମାନେ ବର୍ତ୍ତମାନ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଏଥିରେ ୮% ବୃଦ୍ଧି ଘଟି ୨୫% ହୋଇଛି। ଏହା ମଧ୍ୟରୁ ୪% ସେମାନେ ଜାନୁୟାରୀ ପହିଲାରୁ ପିଛିଲା ଭାବେ ପାଇବେ। ଅବଶିଷ୍ଟ ୪% ସେମାନେ ରିଜର୍ଭ ବ୍ୟାଙ୍କର ବାର୍ଷିକ ଜୁନ୍ କ୍ଲୋଜିଂ ପାଇଁ ଜୁଲାଇ ପହିଲାରେ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର, ଡେପୁଟି ଗଭର୍ଣ୍ଣର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ୨୧% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଭତ୍ତା ୪% ବଢିଛି। ସେମାନେ ୨୫% ମହଙ୍ଗା ଭତ୍ତା ଜୁଲାଇ ପହିଲାରୁ ପାଇବେ।

# ଟ୍ୟାଲି ଡଟ୍ ଇଆର୍‌ପି–୯ର ବ୍ରାଉଜର ଆକ୍ସେସ୍‌ଯୁକ୍ତ ୬.୬

ଭୁବନେଶ୍ୱର,୨୮–୨

ଟ୍ୟାଲି ସଲ୍ୟୁସନ୍ ପକ୍ଷରୁ ସଫ୍ଟୱେର ଟ୍ୟାଲି ଡଟ୍ ଇଆର୍‌ପି–୯ର ବ୍ରାଉଜର ଆକ୍ସେସ୍ ଯୁକ୍ତ–୬.୬ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହାଦ୍ୱାରା ବ୍ୟବସାୟୀମାନେ ସହଜରେ ବିଜ୍‌ନେସ୍ ଆକ୍ସେସ୍ କ୍ରିଟିକାଲ ବିଜ୍‌ନେସ୍ ଡାଟା ଯେକୌଣସି ସ୍ଥାନରେ ଯେକୌଣସି ଡିଭାଇସ୍‌ରେ ସୁରକ୍ଷିତ ଭାବେ ତଥା ବ୍ୟକ୍ତିଗତ ଭାବେ ସମ୍ପନ୍ନ କରିପାରିବେ। ଏହାଦ୍ୱାରା ବିଜ୍‌ନେସ୍ ରିପୋର୍ଟ ଏବଂ ଇନଭଏସ୍ ଆଦିର କାର୍ଯ୍ୟ ପ୍ରଣାଳୀ ସହଜ ହୋଇପାରିବ। ଏହି ଅବସରରେ ପୂର୍ବାଞ୍ଚଳ ଜୋନ୍ ଜେନେରାଲ ମ୍ୟାନେଜର ସୁଦୀପ୍ତ ଦତ୍ତ କହିଛନ୍ତି, ନୂଆ ସୁବିଧା ଶୁଭାରମ୍ଭ କରି ବେଶ୍ ଆନନ୍ଦିତ। ଏହା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ବ୍ୟବସାୟକୁ ଏକ ସୁସଙ୍ଗଠିତ ଉପାୟରେ ସହାୟତା ପ୍ରଦାନ କରିବ। ଏହା ସହିତ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ବ୍ରାଉଜର ଆକ୍ସେସ୍ ଯୁକ୍ତ–୬.୬ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। କାର୍ଯ୍ୟାଳୟ ବାହାରେ ମଧ୍ୟ ବ୍ୟବସାୟିକ ଡାଟା ସମ୍ପର୍କିତ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବ୍ରାଉଜର ଆକ୍ସେସ୍ ଯୁକ୍ତ–୬.୬ ବେଶ୍ ସହାୟକ ହୋଇପାରିବ। ଏହା ଅତ୍ୟନ୍ତ ସହଜ ତଥା ସୁରକ୍ଷିତ। ସେହିଭଳି ଏହା ନୂତନ ବ୍ୟବସାୟିକ ଅଭିଜ୍ଞତା ପ୍ରଦାନ କରିବାକୁ ସକ୍ଷମ ହୋଇପାରିବ। ଏହାଦ୍ୱାରା ବାଲାନ୍ସ ଶିଟ୍, ଲାଭ–କ୍ଷତି, ଷ୍ଟକ୍ ସମ୍ପର୍କିତ ତଥ୍ୟ ବିଲ୍ ପୈଠ, ଗ୍ରହଣ ଆଦି ରିପୋର୍ଟ ସହଜରେ ସମ୍ପନ୍ନ ହୋଇପାରିବ। ପ୍ରତି ରିପୋର୍ଟ ପିଡିଏଫ୍‌ରେ ପରିବର୍ତ୍ତିତ ହେବା ସହିତ ବିଭିନ୍ନ ଲୋକଙ୍କ ପାଖକୁ ବ୍ୟକ୍ତିଗତ ଭାବେ ପଠାଯାଇପାରିବ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

INDUS TOWER LTD
କୌଣସି ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱାର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

FINANCE FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ। *T&C
2% ସୁଧ 40%ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ରଃ 75992-54565 89012-71684 94506-10896

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
9992204863

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ |50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday

# ମନୀଷାଙ୍କୁ ସ୍ୱର୍ଣ୍ଣିମ ସଫଳତା

ଭୁବନେଶ୍ୱର, ୨୮।୨(କ୍ରୀଡ଼ା ପ୍ରତିନିଧି)- ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆଥଲେଟିକ୍ସ ଇଭେଣ୍ଟର ପ୍ରଥମ ଦିବସରେ ଓଡ଼ିଶା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ମନୀଷା ମେରେଲ। ପ୍ରତିଯୋଗିତାର ମହିଳା ଲଙ୍ଗଜମ୍ପ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଅର୍ଜନ କରି ନିଜ ପ୍ରତିଭା ଦେଖାଇଛନ୍ତି। ଗତ ୧ ବର୍ଷ ଧରି କିଟ୍‌ରେ ସଞ୍ଜୟ ଗଡ଼ନାୟକଙ୍କଠାରୁ ପ୍ରଶିକ୍ଷଣ ନେଉଥିବା ମନୀଷା ନିଜ ୪ର୍ଥ ଉଦ୍ୟମରେ ୬.୨୨ ମିଟର କ୍ଲିୟର କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ଉଦ୍ୟମରେ ୫.୮୧, ଦ୍ୱିତୀୟରେ ୫.୯୫, ତୃତୀୟରେ ୬.୦୪ ମିଟର ଡେଇଁଥିବା ମନୀଷା ୪ର୍ଥ ଉଦ୍ୟମରେ ହିଁ ଶ୍ରେଷ୍ଠତ୍ୱ ଲାଭ କରିଥିଲେ। ୫ମ ତଥା ଅନ୍ତିମ ଉଦ୍ୟମରେ ସେ ୬.୧୨ ମିଟର ଡେଇଁ ଅଭିଯାନ ଶେଷ କରିଥିଲେ। ମାଡ୍ରାସ ବିଶ୍ୱବିଦ୍ୟାଳୟର ହର୍ଷିନୀ ସର୍ବାନନ ୫.୮୯ ଓ ମହାତ୍ମାଗାନ୍ଧୀ ବିଶ୍ୱବିଦ୍ୟାଳୟର ଅନୁପମା ବିଜୁ ୫.୮୬ ମିଟର କ୍ଲିୟର କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ।

## ରେକର୍ଡ ଭାଙ୍ଗିବା ଆଶା ଥିଲା

ମୁଁ ଏଠାରେ ରେକର୍ଡ ଭାଙ୍ଗିବା ପାଇଁ ଆଶା ରଖିଥିଲି । ମାତ୍ର ବେଳେବେଳେ ଯାହା ଆଶା ଥାଏ ସେପରି ଫଳ ମିଳି ନ ଥାଏ ବୋଲି ଖେଲୋ ଇଣ୍ଡିଆ ସ୍କୋଲାର ତାଲିକାରେ ଥିବା ମନୀଷା ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ବହୁତ ଟପ୍ ଥିଲା। ତେଣୁ ମୁଁ ମୋ ପ୍ରଦର୍ଶନରେ ବହୁତ ଖୁସି ବୋଲି କହିଛନ୍ତି ଏହି ୧୯ ବର୍ଷୀୟା ରାଜନୀତି ବିଜ୍ଞାନ ଛାତ୍ରୀ। କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ତଡୁଆବାଲ ଗ୍ରାମରେ ୨୦୦୧ ଜୁଲାଇ ୫ରେ ମନୀଷାଙ୍କ ଜନ୍ମ। ସେ ନିଜ ପରିବାରର ୬ ଜଣଙ୍କ ମଧ୍ୟରୁ ୫ମ ସନ୍ତାନ। ଛୋଟ ବେଳରୁ ସେ ଖେଳ ସହ ଜଡ଼ିତ ରହି ଆସିଛନ୍ତି। ଫୁଟବଲ ଓ ଖୋ ଖୋର ସ୍ୱାଦ ଚାଖିବା ପରେ ସେ ଶେଷରେ ଆଥଲେଟିକ୍ସକୁ ହିଁ କ୍ୟାରିୟର କରିଥିଲେ। ବିଭିନ୍ନ ସ୍ତରରେ ଏକାଧିକ କୋଚଙ୍କ ଦ୍ୱାରା ତାଙ୍କ ପ୍ରତିଭାକୁ ଚିହ୍ନଟ କରାଯାଇ ସୁନ୍ଦରଗଡ଼ ସାଇ ଏକାଡେମୀରେ ଟ୍ରେନିଂ ପାଇଁ ବ୍ୟବସ୍ଥା କରାଯାଇଥିଲା। ୧୩ ବର୍ଷର ହୋଇଥିବାବେଳେ ସେ ଲଙ୍ଗଜମ୍ପ କରି ଆସୁଛନ୍ତି। ମୁଁ ୧୦୦ ମିଟର ରେସ୍ ମଧ୍ୟ କରିଥାଏ। ମାତ୍ର କୋଚ୍‌ମାନେ ଲଙ୍ଗଜମ୍ପରେ ମୁଁ ଭଲ କରିପାରିବି ବୋଲି କହିବାପରେ ମୁଁ ଏଥିରେ ଧ୍ୟାନ କେନ୍ଦ୍ରିତ କରୁଛି ଏବଂ ପ୍ରତିଯୋଗିତା ଗୁଡ଼ିକରେ ଏହି ଇଭେଣ୍ଟରେ ହିଁ ଭାଗ ନେଉଛି ବୋଲି ମନୀଷା କହିଛନ୍ତି। ନିଜ ପ୍ରତିଭା ଯୋଗୁ ମନୀଷା ୨୦୧୯ରେ ଖେଲୋ ଇଣ୍ଡିଆ ସ୍କୋଲାରଶିପ୍ ସ୍କିମ୍‌ରେ ସାମିଲ ହୋଇଛନ୍ତି। ସେହି ଦିନଠାରୁ ସେ କିଟ୍‌ରେ ଥିବା ଖେଲୋ ଇଣ୍ଡିଆ ଏକାଡେମୀରେ କୋଚ୍ ସଞ୍ଜୟ ଗଡ଼ନାୟକଙ୍କଠାରୁ ଟ୍ରେନିଂ କରି ଆସୁଛନ୍ତି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତି ସାରିଥିବାରୁ ମେରେଲ ଚଳିତ ବର୍ଷ ଶେଷଭାଗରେ ହେବାକୁଥିବା ଏସିଆନ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଉପରେ ନଜର ପକାଇଛନ୍ତି।




ଲଙ୍ଗଜମ୍ପ ଇଭେଣ୍ଟ ଅବସରରେ ମନୀଷା ମେରେଲ। (ଫଟୋ: ବିକାଶ ନାୟକ)



# ଲକ୍ଷ୍ୟ ଏସିଆନ ଜୁନିୟର

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୭ମ ଦିବସରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ମିଳିଛି। ଆଥଲେଟିକ୍ସ ଇଭେଣ୍ଟର ପ୍ରଥମ ଦିବସରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମନୀଷା ମେରେଲ ମହିଳା ଲଙ୍ଗଜମ୍ପ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଏହି ବିଶ୍ୱବିଦ୍ୟାଳୟର ମହିଳା ହକି ଦଳ ରୌପ୍ୟ ପଦକ ହାସଲ କରିଛି। ମହିଳା ରଗ୍‌ବୀରେ କିଟ୍ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ ପାଇଥିବାବେଳେ ପୁରୁଷ ଦଳକୁ ବ୍ରୋଞ୍ଜ ପଦକ ମିଳିଛି।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ଲଙ୍ଗଜମ୍ପରେ ସ୍ୱର୍ଣ୍ଣ ପଦକ ଜିତିବାପରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ମନୀଷା ମେରେଲ। ଆହତ ସମସ୍ୟା ଯୋଗୁ ସେ ୧୦୦ ମିଟରରେ ଭଗ ନ ନେଇ କେବଳ ଲଙ୍ଗଜମ୍ପ ଉପରେ ହିଁ ଏକାଗ୍ର ରହିଥିଲେ। ତା'ର ଫଳ ମଧ୍ୟ ତାଙ୍କୁ ମିଳିଛି। ଆଗକୁ ଆସୁଥିବା ଏସିଆନ ଜୁନିୟର ଆଥଲେଟିକ୍ସ ମିଟ୍‌ରେ ପଦକ ଜିତିବା ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି ।**

**ପ୍ର: କଳିଙ୍ଗ ଷ୍ଟାଡିୟମରେ ସ୍ୱର୍ଣ୍ଣ ପଦକ ଜିତିବାର ଅନୁଭବ କିପରି ରହିଛି ?**
ଉ: କୌଣସି ଜାତୀୟ ପ୍ରତିଯୋଗିତାରେ ପ୍ରଥମଥରପାଇଁ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ବହୁତ ଖୁସି ଲାଗୁଛି। ଏହା ନିଶ୍ଚିତ ସବୁଦିନେ ମନେ ରହିବ। ଷ୍ଟାଡିୟମର ଭିତ୍ତିଭୂମି ବହୁତ ଭଲ।

**ପ୍ର: ପ୍ରତିଦ୍ୱନ୍ଦ୍ୱିତା କେତେ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା ?**
ଉ: ପ୍ରତିଯୋଗିତା ବହୁତ ଟପ୍ ଥିଲା। ଭଲ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ମୁଁ ପୂର୍ବରୁ ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିଲି, ମାତ୍ର ସ୍ୱର୍ଣ୍ଣ ପଦକ କେବେ ପାଇ ନ ଥିଲି। ଏଠାରେ ସମସ୍ତଙ୍କୁ ପଛରେ ପକାଇ ଦେଇଥିବାରୁ ଖୁସି।

**ପ୍ର: ଟ୍ରେନିଂ କିପରି ଚାଲିଛି ?**
ଉ: ମୁଁ ଏବେ ଖେଲୋ ଇଣ୍ଡିଆ ଏକାଡେମୀରେ କିଟ୍‌ରେ ରହୁଛି। ସେଠାରେ ସଞ୍ଜୟ ଗଡ଼ନାୟକଙ୍କଠାରୁ ଟ୍ରେନିଂ ନେଉଛି। ଏଠାରେ ଟ୍ରେନିଂ ନେବାଦ୍ୱାରା ମୋ ପ୍ରଦର୍ଶନରେ ବହୁତ ଉନ୍ନତି ହୋଇଛି।

**ପ୍ର: ଖେଳ ଜୀବନ କେବେ ଆରମ୍ଭ ହୋଇଥିଲା ?**
ମୁଁ ୧୩ ବର୍ଷ ହୋଇଥିବାବେଳେ ଖେଳ ଆରମ୍ଭ କରିଥିଲି। ପ୍ରଥମେ ରାଜ୍ୟ ପ୍ରତିଯୋଗିତା ଗୁଡ଼ିକରେ ଭାଗ ନେଇଥିଲି। କଟକରେ ୨୦୧୩ରେ ଅନୁଷ୍ଠିତ ରାଜ୍ୟ ମିଟ୍‌ରେ ଭଲ ପ୍ରଦର୍ଶନ ପାଇଁ ସାଇ ହଷ୍ଟେଲ ଟ୍ରାଏଲରେ ଭାଗ ନେବାକୁ ମନୋନୀତ ହୋଇଥିଲି। ପ୍ରତିଭା ଚୟନରେ ମନୋନୀତ ହୋଇ ସାଇ ସୁନ୍ଦରଗଡ଼ରେ ରହୁଥିଲି।

**ପ୍ର: ଏଠାରେ କେବଳ ଲଙ୍ଗଜମ୍ପ କାହିଁକି ?**
ଉ: ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଅବସରରେ ଡାହାଣ ପାଦରେ ଆଘାତ ଲାଗିଥିଲା। ଫଳରେ ପ୍ରତିଯୋଗିତା ଅଧାରୁ ଛାଡ଼ିବାକୁ ପଡ଼ିଥିଲା। ମୁଁ ଆହତାବସ୍ଥାରୁ ମୁକୁଳି ଥିବାରୁ କେବଳ ଲଙ୍ଗଜମ୍ପ କରିବି ବୋଲି କୋଚ୍‌ଙ୍କୁ ଜଣାଇଥିଲି। କାରଣ ପ୍ରତିଯୋଗିତା ଗୁଡ଼ିକରେ ୧୦୦ ମିଟର ଓ ଲଙ୍ଗଜମ୍ପ ଇଭେଣ୍ଟ ମଧ୍ୟରେ ବେଶୀ ଦିନ ବ୍ୟବଧାନ ନ ଥାଏ।

**ପ୍ର: ଫେଭରାଇଟ ଇଭେଣ୍ଟ ?**
ଉ: ଲଙ୍ଗଜମ୍ପ ମୋର ଫେଭରାଇଟ। ଏଥିରେ ଆଗକୁ ବଢ଼ିବା ମୋର ଲକ୍ଷ୍ୟ।

**ପ୍ର: ଖେଲୋ ଇଣ୍ଡିଆ ଏକାଡେମୀକୁ ଆସିବାପରେ କ'ଣ ଫାଇଦା ମିଳିଛି ?**
ଉ: ଏଠାରେ ସଞ୍ଜୟ ଗଡ଼ନାୟକଙ୍କ ନିକଟରେ ପ୍ରଶିକ୍ଷଣ ନେବାପରେ ଯାଇ ମୁଁ ସ୍ୱର୍ଣ୍ଣ ପଦକ ଜିତିବା ସମ୍ଭବ ହୋଇଛି। ତେଣୁ ସଞ୍ଜୟ ସାର୍‌ଙ୍କୁ ଧନ୍ୟବାଦ ଜଣାଇବାକୁ ଚାହିଁବି।

**ପ୍ର: ଘରୁ କେମିତି ସମର୍ଥନ ମିଳିଛି ?**
ଉ: ମା' ପାନା ମେରେଲ, ବାପା ତୁଙ୍ଗାଲ ମେରେଲ ମୋତେ ବହୁତ ସମର୍ଥନ କରିଛନ୍ତି। ବାପା ଜଣେ ଚାଷୀ ହୋଇଥିଲେ ହେଁ କେବେ ମୋତେ ନିରାଶ କରିନାହାନ୍ତି। ତେଣୁ ମା' ବାପାଙ୍କୁ ଏହି ଅବସରରେ ମୁଁ ଧନ୍ୟବାଦ ଜଣାଉଛି।

**ପ୍ର: ପୂର୍ବରୁ କାହା ନିକଟରୁ କୋଚିଂ ନେଉଥିଲେ ?**
ଉ: ପୂର୍ବରୁ ମୁଁ ସାଇ ହଷ୍ଟେଲରେ ସନ୍ତୋଷ କୁମାର ମହନ୍ତଙ୍କଠାରୁ କୋଚିଂ ନେଉଥିଲି। ପୁଣି ଉମା ପ୍ରସାଦ ରାଓ, ବରୁଣ କୁମାର ଗୁହା, ସୁରଜ ସାର୍‌ଙ୍କଠାରୁ ମୁଁ ଟ୍ରେନିଂ ନେଇଛି।

**ପ୍ର: ଆଗାମୀ ଲକ୍ଷ୍ୟ କ'ଣ ?**
ଉ: ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ମେ ୧୪ରୁ ୧୭ ପର୍ଯ୍ୟନ୍ତ ହେବାକୁଥିବା ଏସିଆନ ଜୁନିୟର ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ପଦକ ଜିତିବା ମୋର ପରବର୍ତ୍ତୀ ଲକ୍ଷ୍ୟ। ଏଥିପାଇଁ ମୁଁ କଠିନ ପରିଶ୍ରମ କରିବି।

-ସାକ୍ଷାତ: ତପନ ସ୍ୱାଇଁ

## 'ଭବିଷ୍ୟତ ଉଜ୍ଜ୍ୱଳ'



''ମନୀଷାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ତେବେ ହଠାତ୍ ଅଧିକ କିଛି ଆଶା କରିବା ମଧ୍ୟ କ୍ଷତିକାରକ ହୋଇପାରେ। ସେ ଜଣେ ଯୁବ ପ୍ରତିଭା। ତାଙ୍କ ପ୍ରତିଭାର ବିକାଶ ପର୍ଯ୍ୟାୟକ୍ରମେ ହେବ। ଗତ ୧ ବର୍ଷ ମଧ୍ୟରେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନରେ ୧୦ରୁ ୧୪ ସେଣ୍ଟିମିଟର ଉନ୍ନତି ହୋଇଛି। ଏବେ ସେ ଲଙ୍ଗଜମ୍ପରେ ଫୋକସ କରିବା ଉଚିତ ଏବଂ ନିୟମିତ ପ୍ରତିଯୋଗିତା ଗୁଡ଼ିକରେ ଭାଗନେବାଦ୍ୱାରା ପ୍ରଦର୍ଶନରେ ଆପେ ଉନ୍ନତି ହେବ'' ବୋଲି ଖେଲୋ ଇଣ୍ଡିଆ ଏକାଡେମୀ କୋଚ୍ ସଞ୍ଜୟ ଗଡ଼ ନାୟକ ପ୍ରକାଶ କରିଛନ୍ତି।

## ଖେଲୋ ଇଣ୍ଡିଆ ଟିଟି

କଟକ ଅଫିସ, ୨୮।୨-ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଶୁକ୍ରବାର ଟେବୁଲ ଟେନିସ୍ ଇଭେଣ୍ଟର ଦ୍ୱିତୀୟ ଦିବସ ଖେଳ ଶେଷହୋଇଛି। ଏଠାରେ ଖେଳାଯାଇଥିବା ପୁରୁଷ ବର୍ଗର ଦୁଇଟି ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ଶେଷ ହୋଇଥିଲା। ଟେବୁଲ ୪ରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ମହାରାଜ ଗଙ୍ଗ ସିଂ ବିଶ୍ୱବିଦ୍ୟାଳୟ ୩-୨ ସେଟ୍‌ରେ ଓସ୍‌ମାନିଆ ବିଶ୍ୱବିଦ୍ୟାଳୟକୁ ହରାଇଛି। ଟେବୁଲ ୧ରେ ଖେଳାଯାଇଥିବା ଅନ୍ୟ ଏକ ରୋମାଞ୍ଚକର ମ୍ୟାଚ୍‌ରେ ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟ ୩-୨ ସେଟ୍‌ରେ ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ ହରାଇଛି ।

ମହିଳା ବର୍ଗରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କାଉନସିଲ ୩-୧ ସେଟ୍‌ରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟକୁ, ବମ୍ବେ ୩-୦ କାଲିକଟ୍‌କୁ, ଓସମାନିଆ ୩-୦ ସେଟ୍‌ରେ ରାଜସ୍ଥାନ, ନର୍ଥ ବେଙ୍ଗଲ ୩-୦ ସେଟ୍‌ରେ ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ, ମାଡ୍ରାସ୍ ୩-୦ ସେଟ୍‌ରେ ଏଲ୍‌ଏନ୍‌ଆଇପିଇକୁ, କାଲିକଟ୍ ୩-୦ ସେଟ୍‌ରେ ପଞ୍ଜାବ ବିଶ୍ୱବିଦ୍ୟାଳୟକୁ, ଏ. ଫୁଲେ ବିଶ୍ୱବିଦ୍ୟାଳୟ ୩-୧ ସେଟ୍‌ରେ ଯାଦବପୁରକୁ, ଏସ୍‌ଆର୍‌ଏମ୍ ୩-୦ ସେଟ୍ କୁମାଉନ୍ ବିଶ୍ୱବିଦ୍ୟାଳୟକୁ ହରାଇଛି । ସେହିପରି ପୁରୁଷ ବର୍ଗରେ ବର୍ଦ୍ଧମାନ ୩-୧ସେଟ୍‌ରେ ମହାରାଜା କ୍ରିଷ୍ଣ କୁମାର ସିଂଜୀ ବିଶ୍ୱବିଦ୍ୟାଳୟକୁ, ସାବିତ୍ରୀ ବାଇ ଫୁଲେ ୩-୦ସେଟ୍‌ରେ ମିଜୋରାମକୁ, ଦିଲ୍ଲୀ ୩-୧ ସେଟ୍‌ରେ ମହାରାଜା ଗଙ୍ଗସିଂ, ଚିତ୍କାର ବିଶ୍ୱବିଦ୍ୟାଳୟ ୩-୦ ସେଟ୍‌ରେ ମାଡ୍ରାସ, ମହାରାଜା କ୍ରିଷ୍ଣ କୁମାର ସିଂଜୀ ୩-୦ସେଟ୍‌ରେ କୁରୁକ୍ଷେତ୍ର, ଓସମାନିଆ ୩-୧ ସେଟ୍‌ରେ କଲିକତା, ଏସ୍‌ଆର୍‌ଏମ୍ ୩-୦ ସେଟ୍‌ରେ ବର୍ଦ୍ଧମାନ, ଆହିଲ୍ୟ ୩-୧ସେଟ୍‌ରେ କର୍ନାଟକ , ଦିଲ୍ଲୀ ବିଶ୍ୱବିଦ୍ୟାଳୟ ୩-୦ ସେଟ୍‌ରେ କଲିକତା ବିଶ୍ୱବିଦ୍ୟାଳୟକୁ ହରାଇଛି।




ମହିଳା ୧୫୦୦ ମିଟର ରେସ୍ ଅବସରରେ ହର୍ମିଲାନ ବେନ୍ସ

## ରେକର୍ଡ ଭାଙ୍ଗିଲେ ହର୍ମିଲାନ

ପଞ୍ଜାବୀ ବିଶ୍ୱବିଦ୍ୟାଳୟର ହର୍ମିଲାନ ବେନ୍ସ ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ୧୫୦୦ ମିଟର ଇଭେଣ୍ଟରେ ନୂଆ ରେକର୍ଡର ଅଧିକାରିଣୀ ହୋଇଛନ୍ତି। ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରେସ୍‌ରେ ସେ ୪:୧୬.୬୮ ସେକେଣ୍ଡ ସମୟ ନେଇ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ରେକର୍ଡ ଭାଙ୍ଗିଛନ୍ତି। ପୂର୍ବରୁ ଏହି ରେକର୍ଡ କାଲିକଟ ବିଶ୍ୱବିଦ୍ୟାଳୟର ପି.ୟୁ. ଚିତ୍ରା(୪:୨୪.୮୭ ସେକେଣ୍ଡ)ଙ୍କ ନାମରେ ଥିଲା। ଏହି ଇଭେଣ୍ଟରେ ସାବିତ୍ରୀବେନ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟର ଦୁର୍ଗା ପ୍ରମୋଦ ଦେଓରେ(୪:୨୪.୨୬) ରୌପ୍ୟ ଓ ଏମଜେପି ରୋହିଖଣ୍ଡ ବିଶ୍ୱବିଦ୍ୟାଳୟର ଉଜାଲା(୪:୨୬.୪୦) ବ୍ରୋଞ୍ଜ ପଦକ ପାଇଥିଲେ।

# କିଟ୍ ମହିଳା ରଗ୍‌ବୀ ଦଳକୁ ସ୍ୱର୍ଣ୍ଣ ପଦକ



ସମର୍ଥକଙ୍କ ଗହଣରେ ସ୍ୱର୍ଣ୍ଣ ବିଜୟୀ କିଟ୍ ମହିଳା ରଗ୍‌ବି ଦଳ।

ଭୁବନେଶ୍ୱର, ୨୮।୨(କ୍ରୀଡ଼ା ପ୍ରତିନିଧି) ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ରଗ୍‌ବୀରେ ଆୟୋଜକ କିଟ୍ ବାଜି ମାରିଛି। କିଟ୍ ମହିଳା ଦଳ ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ କିଟ୍ ୩୧-୭ ଗୋଲରେ ପାଟଳିପୁତ୍ର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। କିଟ୍ ପକ୍ଷରୁ ପ୍ରଥମାର୍ଦ୍ଧରେ ରଜନୀ ଓ ବାସନ୍ତି ୫ଟି ଲେଖାଏ ଏବଂ ଦୁମିନି ୨ଟି ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ କିଟ୍ ୧୨-୭ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧରେ ବିଜୟୀ ଦଳ ପକ୍ଷରୁ ହୁପି ମାଝି ୧୦(୫+୫) ଏବଂ ଦୁମିନି ୯(୨+୫+୨) ଗୋଲ ସ୍କୋର କରିଥିଲେ। ଟାଇଟଲ ଜିତିବାପରେ ମହିଳା ଖେଳାଳିମାନେ କିଟ୍‌ର ଅନ୍ୟ ପିଲାଙ୍କ ସହ ଖୁସି ମନାଇଥିଲେ। ଲଭ୍‌ଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟକୁ ବ୍ରୋଞ୍ଜ ପଦକ ମିଳିଥିଲା।

### ପୁରୁଷ ଦଳକୁ ବ୍ରୋଞ୍ଜ

କିଟ୍ ପୁରୁଷ ଦଳ କିନ୍ତୁ ଏହି ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ପ୍ଲେ-ଅଫ୍‌ରେ କିଟ୍ ଦଳ ୩୨-୦ ଗୋଲରେ ଏଲପିୟୁ ଫଗୱାରାକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ପ୍ରଥମାର୍ଦ୍ଧରେ ଅଜିତ କୁମାର, ସୁଗୁଦା ୫ ଓ ଗୌରାଙ୍ଗ ୫ଟି ଲେଖାଏ ଗୋଲ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ଗୌରାଙ୍ଗ ୫ ଏବଂ ଅଜିତ କୁମାର ୧୨(୫+୫+୨) ଗୋଲ ସ୍କୋର କରିଥିଲେ। ଫାଇନାଲରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟକୁ ୨୪- ୧୯ ଗୋଲରେ ହରାଇ ଶିବାଜୀ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା।

**ପଦକ ତାଲିକା (ଟପ୍-୧୦)**

| ବିଶ୍ୱବିଦ୍ୟାଳୟ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ୍ |
|---|---|---|---|---|
| ସାବିତ୍ରୀ ଫୁଲେ ପୁନେ | ୧୫ | ୭ | ୭ | ୨୯ |
| ପଞ୍ଜାବ | ୧୧ | ୧୩ | ୮ | ୩୨ |
| ଜୈନ | ୮ | ୬ | ୨ | ୧୬ |
| ପଞ୍ଜାବୀ | ୮ | ୫ | ୯ | ୨୨ |
| ଏମଡିୟୁ | ୭ | ୬ | ୫ | ୧୮ |
| ଗୁରୁ ନାନକ ଦେବ | ୬ | ୪ | ୭ | ୧୭ |
| ମୁମ୍ବାଇ | ୫ | ୭ | ୭ | ୧୯ |
| ଦିଲ୍ଲୀ | ୫ | ୫ | ୯ | ୧୯ |
| ଲଭ୍‌ଲି ପ୍ରଫେଶନାଲ | ୫ | ୨ | ୪ | ୧୧ |
| ଶିବାଜୀ | ୪ | ୪ | ୬ | ୧୪ |
| କିଟ୍ | ୨ | ୧ | ୨ | ୫ |
| ସମ୍ବଲପୁର | ୧ | ୧ | ୦ | ୨ |
| ବ୍ରହ୍ମପୁର | ୧ | ୧ | ୦ | ୨ |

# ପରୀକ୍ଷାରେ ଭାରତୀୟ ବ୍ୟାଟିଂ

**ଖ୍ରୀଷ୍ଟଚର୍ଚ୍ଚ,୨୮।୨ (ପି.ଟି.)**

ସ୍ଥାନୀୟ ହାଗ୍‌ଲି ଓଭାଲ ଗ୍ରାଉଣ୍ଡରେ ଶନିବାରଠାରୁ ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ଆରମ୍ଭ ହେବ। ପ୍ରଥମ ଟେଷ୍ଟରେ ଭାରତୀୟ ବ୍ୟାଟ୍ସମ୍ୟାନ ସାଂଘାତିକ ଭାବେ ବିଫଳ ହୋଇଥିଲେ। ଫଳରେ ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରଙ୍କୁ ସମ୍ମୁଖୀନ ହେବାରେ ଭାରତୀୟ ବ୍ୟାଟ୍ସମ୍ୟାନ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ପ୍ରତିକୂଳ ପରିସ୍ଥିତିରେ ଭାରତୀୟ ବ୍ୟାଟିଂର ଦୁର୍ବଳତା ପଦାରେ ପଡ଼ିଛି। ବ୍ୟାଟ୍ସମ୍ୟାନଙ୍କ ଟେକ୍‌ନିକରେ ମଧ୍ୟ ତ୍ରୁଟି ପରିଲକ୍ଷିତ ହୋଇଛି। ଘରୋଇ ବୋଲରଙ୍କ ଶର୍ଟବଲ୍ ରଣନୀତିକୁ ଭାରତୀୟ ବ୍ୟାଟ୍ସମ୍ୟାନ ବୁଝିବାରେ ସମର୍ଥ ହୋଇନାହାନ୍ତି।

ପ୍ରଥମ ମ୍ୟାଚ୍‌ରେ ଭାରତ ମାତ୍ର ୩ ଦିନ ମଧ୍ୟରେ ପରାସ୍ତ ହୋଇଥିଲା। ଭାରତୀୟ ବ୍ୟାଟିଂ କଥାକୁ କୋଚ୍ ରବି ଶାସ୍ତ୍ରୀ ସ୍ୱୀକାର କରିଥିଲେ। ଏହା ଅବଶ୍ୟ ଭଲ କଥା। ଖ୍ରୀଷ୍ଟଚର୍ଚ୍ଚର ସବୁଜ ଉଇକେଟରେ ଶନିବାର ଅଧିନାୟକ ବିରାଟ କୋହଲି, ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେ ପରୀକ୍ଷାର ସମ୍ମୁଖୀନ ହେବେ। ଏହି ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡର ରେକର୍ଡ ବେଶ୍ ଉଚ୍ଚକୋଟୀର ରହିଛି।

ଦ୍ରୁତ ବୋଲର ଟିମ୍ ସୌଦି, ଟ୍ରେଣ୍ଟ ବୋଲ୍ଟ ଓ କାଏଲ ଜେମିସନ ସହ ବୋଲିଂ ବିଭାଗରେ ଏବେ ନିଲ ୱାଗନର ଯୋଗଦେବେ। ଫଳରେ ଭାରତର ସମସ୍ୟା ଆହୁରି ବୃଦ୍ଧି ପାଇବ। ବ୍ୟାଟିଂରେ ଭାରତ ପକ୍ଷରୁ ରାହାନେ, ହନୁମା ବିହାରୀ ଓ ଚେତେଶ୍ୱର ପୂଜାରା ଘରୋଇ ବୋଲରଙ୍କୁ ସମ୍ମୁଖୀନ ହେବାରେ ସାମାନ୍ୟ ସାହସ ଦେଖାଇଛନ୍ତି। ଏହା ଅବଶ୍ୟ କୋହଲିଙ୍କ ଉପରେ ଚାପ ପ୍ରୟୋଗ କରିବ। ଯୁବ ଓପନର ପୃଥ୍ୱୀ ଶ ନେଟ୍ସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କୋଚ୍ ଓ ଅଧିନାୟକ ତାଙ୍କୁ କେତେକ ମୂଲ୍ୟବାନ ଟିପ୍ସ ପ୍ରଦାନ କରୁଥିବାର ଦେଖାଯାଇଛି। ଏହା ଭାରତ ପାଇଁ ଏଭ ଭଲ ଖବର ସାବ୍ୟସ୍ତ ହୋଇଛି। ପୃଥ୍ୱୀ ଏବେ ଓପନିଂ କରିବାକୁ ପୂରା ଫିଟ୍ ବୋଲି ଶାସ୍ତ୍ରୀ ଘୋଷଣା କରିସାରିଛନ୍ତି। ତେବେ ସିନିୟର ଦ୍ରୁତ ବୋଲର ଈଶାନ୍ତ ଶର୍ମା ଆହତ ହୋଇ ଦଳରୁ ବଦ୍ ପଡ଼ିବା ଦଳ ପାଇଁ ଚିନ୍ତା ସୃଷ୍ଟି କରିଛି। ଗତମାସ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବା ଅବସରରେ ସେ ଡାହାଣ ଗୋଇଠିରେ ଆଘାତ ପାଇଥିଲେ। ଭାରତୀୟ ଦଳରେ ଦୁଇଟ ପରିବର୍ତ୍ତନ ହେବା ଆଶା କରାଯାଉଛି। ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ବଦଳରେ ରବୀନ୍ଦ୍ର ଜାଡେଜା ଓ ଈଶାନ୍ତଙ୍କ ସ୍ଥାନରେ ଉମେଶ ଯାଦବ କିମ୍ବା ନବଦୀପ ସଇନି ଖେଳିବା ସମ୍ଭାବନା ରହିଛି। ଜାଡେଜା ଓ ଅଶ୍ୱିନଙ୍କ ସଂକ୍ରାନ୍ତରେ ମ୍ୟାଚ୍ ପୂର୍ବରୁ ନିଷ୍ପତ୍ତି ନିଆଯିବ ବୋଲି ଶାସ୍ତ୍ରୀ କହିଛନ୍ତି। ଜାଡେଜା ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ ପରୋକ୍ଷରେ ସୂଚନା ଦେଇଛନ୍ତି। ଅଶ୍ୱିନ ଜଣେ ବିଶ୍ୱସ୍ତରୀୟ ବୋଲର ହୋଇଥିଲେ ମଧ୍ୟ ତାଙ୍କ ବ୍ୟାଟିଂ ଆଶାନୁରୂପ ହୋଇପାରିନାହିଁ ବୋଲି ଶାସ୍ତ୍ରୀ କହିଛନ୍ତି।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରଙ୍କୁ ନେଇ ପଡିଆକୁ ଓହ୍ଲାଇବ ବୋଲି ଆଶା କରାଯାଉଛି। ସ୍ପେଶାଲିଷ୍ଟ ବାମହାତୀ ସ୍ପିନର ଅଜାଜ ପଟେଲ ଏହି ଗ୍ରାଉଣ୍ଡରେ ବୋଧହୁଏ ସେତେଟା ପ୍ରଭାବୀ ସାବ୍ୟସ୍ତ ହେବେ ନାହିଁ। ୱାଗନର ଦଳକୁ ଫେରିବା ନିଶ୍ଚିତ ହୋଇଛି। ତେବେ ପଦାର୍ପଣ ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିବା କାଏଲ ଜେମିସନଙ୍କୁ ବେଞ୍ଚ୍ ବସାଇବାକୁ ନ୍ୟୁଜିଲାଣ୍ଡ ଟିମ୍ ମ୍ୟାନେଜମେଣ୍ଟ ଚାହିଁବ ନାହିଁ। ଜେମିସନ ଓ ପଟେଲଙ୍କୁ ଖେଳାଇବା ନେଇ ନ୍ୟୁଜିଲାଣ୍ଡ ଦ୍ୱିଧାରେ ରହିବ। ଏହି ସବୁଜ ଉଇକେଟରେ ବଲ୍ ବାଉନ୍ସ ହେବା ସହିତ କ୍ୟାରି ହେବ ବୋଲି କ୍ୟୁରେଟର କହିଛନ୍ତି। ବୋଲ୍ଟ ମଧ୍ୟ ଏହା ଚାହାନ୍ତି। ଆକାଶରେ ବାଦଲ ଥିବା ବେଳେ ଏଭଳି ଉଇକେଟରେ ବଲ ସିମ୍ ହେବା ସହ ସୁଇଙ୍ଗ କରିବ ବୋଲି ବୋଲ୍ଟ କହିଛନ୍ତି।

ଭାରତ ବ୍ୟାଟିଂ ନେଇ ଚିନ୍ତିତ ରହିଛି। ଏଥି ସହିତ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମିଙ୍କ ପ୍ରଦର୍ଶନ ନେଇ ମଧ୍ୟ ମ୍ୟାନେଜମେଣ୍ଟ ବେଶ୍ ଚିନ୍ତାରେ ପଡିଛି। ଟେଲଏଣ୍ଡରଙ୍କୁ ଆଉଟ କରିବାରେ ଏହି ଦୁଇ ବୋଲର ସଫଳ ହୋଇପାରି ନ ଥିଲେ। ଖାସ୍ କରି ବୁମ୍‌ରାଙ୍କ ପ୍ରଦର୍ଶନ ଆଶାନୁରୂପ ହୋଇପାରିନାହିଁ। ଗତ ୫ବର୍ଷର କ୍ୟାରିୟରରେ ସେ ପ୍ରଥମଥର ପାଇଁ ଏଭଳି ଖରାପ ସମୟର ସମ୍ମୁଖୀନ ହୋଇଛନ୍ତି। ତେବେ ଏହି ମ୍ୟାଚ୍‌ରେ ବୁମ୍‌ରା ପ୍ରତ୍ୟାବର୍ତ୍ତନ କରି ୫ ରୁ ୬ ଉଇକେଟ ହାସଲ କରିବେ।

**ଭାରତୀୟ ଦଳ (୧୬):** ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ହନୁମା ବିହାରୀ, ରିଷଭ ପନ୍ତ (ଉଇକେଟ କିପର), ଈଶାନ୍ତ ଶର୍ମା, ରବୀନ୍ଦ୍ର ଜାଡେଜା, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ଶୁବମନ ଗିଲ୍, ଉମେଶ ଯାଦବ, ନବଦୀପ ସଇନି ଓ ରିଦ୍ଧିମାନ ଶାହା।

**ନ୍ୟୁଜିଲାଣ୍ଡ ଦଳ (୧୨)–** କେନ୍ ୱିଲିୟମସନ (ଅଧିନାୟକ), ଟମ୍ ବ୍ଲଣ୍ଡେଲ, ଟମ୍ ଲଥାମ, ହେନରୀ ନିକୋଲ୍ସ, ରସ୍ ଟେଲର, କଲିନ ଡି ଗ୍ରାଣ୍ଡହୋମ, ବିଜେ ୱାଟଲିଂ (ଉଇକେଟକିପର), କାଏଲ ଜେମିସନ, ଟିମ୍ ସୌଦି, ଟ୍ରେଣ୍ଟ ବୋଲ୍ଟ, ନିଲ ୱାଗନର ଓ ଅଜାଜ ପଟେଲ।


ଅଭ୍ୟାସ ଅବସରରେ ଉମେଶ ଯାଦବ ଓ ଯଶପ୍ରୀତ ବୁମ୍‌ରା।

**ଦ୍ୱିତୀୟ ଟେଷ୍ଟ ଆଜିଠାରୁ**
- ମ୍ୟାଚ୍ ଆରମ୍ଭ: ଭୋର ୪ଟା
- ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### ଅଲିମ୍ପିକ ସ୍ୱର୍ଣ୍ଣ ବିଜୟୀ ୮ବର୍ଷ ବାସନ୍ଦ

ଲାଉସାନେ, ୨୮।୨ (ଏଏଫ୍‌ପି)- ଚାଇନାର ୩ଥର ଅଲିମ୍ପିକ ସୁଇମିଂ ସ୍ୱର୍ଣ୍ଣ ପଦକ ବିଜୟୀ ସନ୍ ୟାଙ୍ଗ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେ ଡୋପିଂ ସାମ୍ପଲ ଦେବାକୁ ମନା କରି ଦେଇଥିବାରୁ ତାଙ୍କୁ ୮ବର୍ଷ ବାସନ୍ଦ ଦଣ୍ଡ ଭୋଗିବାକୁ ପଡ଼ିବ। କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍) ଶୁକ୍ରବାର ବହୁ ପ୍ରତୀକ୍ଷିତ ରାୟ ପ୍ରଦାନ ପରେ ଏହା ସ୍ପଷ୍ଟ ହୋଇଛି। ସନ୍ ହେଉଛନ୍ତି ଚାଇନାର ଜଣେ ଜଣାଶୁଣା ଆଥ୍‌ଲେଟ। ପୂର୍ବରୁ ଥରେ ୨୦୧୪ରେ ଡୋପିଂ ପାଇଁ ଥରେ ବାସନ୍ଦ ହୋଇସାରିଛନ୍ତି। ୨୦୧୮ରେ ଏକ ଟେଷ୍ଟିଂ ସେସନରେ ସନ୍ ନିଜର ରକ୍ତ ସାମ୍ପଲକୁ ଏକ ହାମରରେ ପିଟି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଆବଶ୍ୟକ ପ୍ରମାଣ ନ ଥିବା ଦର୍ଶାଇ ଇଣ୍ଟରନ୍ୟାଶନାଲ ସୁଇମିଂ ଫେଡେରେଶନ (ଫିନା) ଏହି ଚାଇନିଜ ଆଥଲେଟଙ୍କୁ ଆଣ୍ଟି ଡୋପିଂ ନିୟମ ଉଲ୍ଲଂଘନ ଅଭିଯୋଗରୁ ଦୋଷମୁକ୍ତ ବୋଲି ଘୋଷଣା କରିଥିଲା। ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ଏଥିରେ ସନ୍ତୁଷ୍ଟ ନ ଥିଲା, ବରଂ ଫିନାର ଏହି ରୁଲିଂକୁ କାସ୍‌ରେ ଚ୍ୟାଲେଞ୍ଜ କରିଥିଲା। ପ୍ରତିଯୋଗିତା ବାହାରେ ଅନୁଷ୍ଠିତ ଡୋପ୍ ଟେଷ୍ଟରୁ ନିଜକୁ ଦୂରେଇ ରଖିଥିବାରୁ ସନ୍‌ଙ୍କୁ ୨ରୁ ସର୍ବାଧିକ ୮ ବର୍ଷ ପର୍ଯ୍ୟନ୍ତ ବାସନ୍ଦ କରିବା ଲାଗି କ୍ରୀଡ଼ାର ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲା। ଚାଇନାର ଏହି ଷ୍ଟାର ସନ୍ତରଣକାରୀ ଡୋପିଂ ନିୟମ ଉଲ୍ଲଂଘନ କରି ପୂର୍ବରୁ ଥରେ ଦଣ୍ଡିତ ହୋଇସାରିଛନ୍ତି। ସେ ଆଉଥରେ ଏହି ଅପରାଧ କରିଥିବାରୁ ତାଙ୍କୁ କଠୋର ଦଣ୍ଡ ଦିଆଯିବା ଉଚିତ ବୋଲି ୱାଡା କହିଥିଲା। ସନ୍ କିନ୍ତୁ ନିଜକୁ ନିର୍ଦ୍ଦୋଷ ବୋଲି ଦର୍ଶାଇବା ସହ କାସ୍‌ର ଏହି ରୁଲିଂ ବିରୋଧରେ ସୁଇସ୍ ଫେଡେରାଲ କୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି।

### ଅଲିମ୍ପିକ୍ ଜାଭେଲିନ ଥ୍ରୋୟରଙ୍କ ମୃତ୍ୟୁ

ବୁଏନ୍ସଏରିଜ,୨୮।୨- ଟୋକିଓ ଅଲିମ୍ପିକ୍ସକୁ ମାତ୍ର ୫ ମାସ ବାକିଥିବାବେଳେ ଆର୍ଜେଣ୍ଟିନାର ୨୬ ବର୍ଷୀୟ ଜାଭେଲିନ ଥ୍ରୋୟର ବ୍ରାଏନ ଟୋଲେଡୋ ଏକ ବାଇକ୍ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ରାଜଧାନୀ ବୁଏନ୍ସଏରିଜ ନିକଟସ୍ଥ ମାର୍କୋସ ପାଜଠାରେ ଦୁର୍ଘଟଣା ହୋଇଥିଲା। ଆମେ ଜଣେ ଭଲ ଆଥ୍‌ଲେଟଙ୍କୁ ହରାଇଛୁ ବୋଲି ଆର୍ଜେଣ୍ଟିନା ଅଲିମ୍ପିକ୍ କମିଟି ସଭାପତି ଗେରାର୍ଡ ୱାର୍ଥିନ କହିଛନ୍ତି। ସେ ୧୮ ବର୍ଷ ବୟସରେ ୨୦୧୨ରେ ଲଣ୍ଡନ ଅଲିମ୍ପିକ୍ସରେ ଖେଳିଥିଲେ। ସେଠାରେ ସେ ୩୦ତମ ସ୍ଥାନରେ ରହିଥିଲେ। ୪ ବର୍ଷ ପରେ ରିଓ ଅଲିମ୍ପିକ୍ସରେ ବ୍ରାଏନ ପ୍ରଦର୍ଶନରେ ଉନ୍ନତି କରି ଦଶମ ସ୍ଥାନ ଅଧିକାର କରିଥିଲେ।

# ଶୁଟିଂ ବିଶ୍ୱକପ୍‌ରେ ଭାଗ ନେବ ନାହିଁ ଭାରତ

**କରୋନା ଭାଇରସ ପ୍ରଭାବ**

**ନୂଆଦିଲ୍ଲୀ, ୨୮।୨(ପି.ଟି.)**

କରୋନା ଭାଇରସ ସଂକ୍ରମଣର ଆଶଙ୍କା ଦର୍ଶାଇ ଆସନ୍ତା ମାସରେ ସାଇପ୍ରସରେ ହେବାକୁଥିବା ଶୁଟିଂ ବିଶ୍ୱକପ୍‌ରୁ ଭାରତ ଓହରିଯାଇଛି। ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍ଏସ୍ଏଫ୍) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ଶଟ୍‌ଗନ୍ ବିଶ୍ୱକପ୍ ସାଇପ୍ରସ ରାଜଧାନୀ ନିକୋସିଆରେ ମାର୍ଚ୍ଚ ୪ରୁ ୧୩ ପର୍ଯ୍ୟନ୍ତ ହେବ। ସରକାରଙ୍କ ପରାମର୍ଶକ୍ରମେ ଭାରତୀୟ ଦଳ ଟୁର୍ନାମେଣ୍ଟରୁ ଓହରି ଯାଇଥିବା ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍ଆର୍ଏଆଇ) ସୂତ୍ରରୁ ପ୍ରକାଶ। ଚାଇନାର ଉହାନ ସହର ହେଉଛି ଘାତକ କରୋନା ଭାଇରସ୍‌ର ଉତ୍ପତ୍ତି ସ୍ଥଳ। ଏହି ଭାଇରସ ଦ୍ୱାରା ପ୍ରାୟ ୩୦୦୦ ଲୋକ ପ୍ରାଣ ହରାଇଥିବାବେଳେ ସମଗ୍ର ବିଶ୍ୱରେ ୮୦,୦୦୦ ପାଖାପାଖି ଲୋକ ଆକ୍ରାନ୍ତ ହୋଇଛନ୍ତି। ସାଇପ୍ରସ୍‌ରେ କୌଣସି ଲୋକ ଏପର୍ଯ୍ୟନ୍ତ ମୃତ୍ୟୁବରଣ କରିଥିବା ସ୍ପଷ୍ଟ ହୋଇନାହିଁ। ତେବେ ପ୍ରତିଷେଧମୂଳକ ପଦକ୍ଷେପ ସ୍ୱରୂପ କେତେଜଣଙ୍କର ଚିକିତ୍ସା ଚାଲିଛି। କରୋନା ଭାଇରସ ଆତଙ୍କ ଯୋଗୁ ସମଗ୍ର ବିଶ୍ୱରେ ବହୁ ପ୍ରମୁଖ କ୍ରୀଡ଼ା ଇଭେଣ୍ଟକୁ ସ୍ଥଗିତ ରଖାଯାଇଛି ଅବା ବାତିଲ କରାଯାଇଛି। ଜାପାନ ଓ ଇଟାଲୀ ବ୍ୟତୀତ ଅନ୍ୟ କେତେକ ଦେଶରେ ବହୁ ଫୁଟ୍‌ବଲ ମ୍ୟାଚ ପ୍ରଭାବିତ ହୋଇଛି। ବକ୍ସିଂ ଅଲିମ୍ପିକ କ୍ୱାଲିଫାୟର୍ସ ସମେତ କେତେକ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଓ ଆର୍ଚେରୀ ଇଭେଣ୍ଟକୁ ମଧ୍ୟ ସ୍ଥଗିତ ରଖାଯାଇଛି। ୟୁରୋପା ଲିଗ୍ ସମେତ ଅନ୍ୟ କେତେକ ମ୍ୟାଚ ବିନା ଦର୍ଶକରେ ରୁଦ୍ଧଦ୍ୱାରରେ ଖେଳାଯାଉଛି। ଅଲିମ୍ପିକ କ୍ୱାଲିଫାୟର୍ସ ଉହାନରୁ ଜୋର୍ଡାନକୁ ସ୍ଥାନାନ୍ତର କରାଯାଇଛି। ମାରାତ୍ମକ କରୋନା ଭାଇରସ ପାଇଁ ନୂଆଦିଲ୍ଲୀରେ ହେବାକୁ ଥିବା ଶୁଟିଂ ବିଶ୍ୱକପ୍ ମଧ୍ୟ ପ୍ରଭାବିତ ହୋଇଛି। ଚାଇନା, ତାଇୱାନ, ହଂକଂ, ମାକାଓ, ଉତ୍ତର କୋରିଆ, ତୁର୍କମେନିସ୍ତାନ ଏବଂ ବାହାରିନ୍‌ରେ ଏହି ଭାଇରସର ପ୍ରକୋପ ଦେଖାଦେଇଥିବାରୁ ସେମାନେ ଶୁଟିଂ ବିଶ୍ୱକପ୍‌ରୁ ଓହରି ଯାଇଛନ୍ତି।

# ଦୁବାଇରେ ଏସିଆ କପ୍: ଭାରତ,ପାକିସ୍ତାନ ଖେଳିବେ

**କୋଲକାତା, ୨୮।୨ (ପି.ଟି.)**

ପରବର୍ତ୍ତୀ ଏସିଆ କପ୍ କ୍ରିକେଟ ଦୁବାଇରେ ହେବ। ଏହି ମହାଦେଶୀୟ ଟୁର୍ନାମେଣ୍ଟରେ ଉଭୟ ଭାରତ ଓ ପାକିସ୍ତାନ ଅଂଶଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ। ଦୁବାଇରେ ଏସିଆନ କ୍ରିକେଟ କାଉନ୍‌ସିଲ ବୈଠକ ମାର୍ଚ୍ଚ ୩ରେ ହେବ। ଏଥିରେ ଯୋଗଦେବା ଲାଗି ଯିବା ପୂର୍ବରୁ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଶୁକ୍ରବାର ଏକଥା ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତା ପ୍ରକୃତରେ ସେପ୍ଟେମ୍ବରରେ ପାକିସ୍ତାନରେ ହେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ସୁରକ୍ଷାଜନିତ କାରଣରୁ ଭାରତୀୟ ଦଳ ପଡୋଶୀ ପାକିସ୍ତାନ ଗସ୍ତ କରିବାକୁ ରାଜି ହୋଇ ନ ଥିଲା। ବର୍ତ୍ତମାନ ଏହି ଇଭେଣ୍ଟ ନିରପେକ୍ଷ ଭେନ୍ୟୁ ଦୁବାଇକୁ ସ୍ଥାନାନ୍ତର ହୋଇଛି। ସୂଚନାଯୋଗ୍ୟ, ୨୦୧୨–୧୩ରେ ଏକ ଦିନିକିଆ ସିରିଜ ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ ଖେଳାଯାଇ ପାରିନାହିଁ। ଦୁଇ ଦେଶ ମଧ୍ୟରେ ରାଜନୈତିକ ଉତ୍ତେଜନା ଯୋଗୁ ଭାରତ ଓ ପାକିସ୍ତାନ ୨୦୧୩ ପ୍ରଥମ ଭାଗରେ ଏକମାତ୍ର ପ୍ରମୁଖ ଆଇସିସି ପ୍ରତିଯୋଗିତାରେ ପରସ୍ପରକୁ ଭେଟିଛନ୍ତି।

**Happy Wedding**

Mohini Weds Kiron
Daughter of B.Anand Rao, Golapalli Street, BAM, (GM)
-:Best WishesFrom:-
Dharitri Parivar, BAM
D-66636

## ଓଡ଼ିଶା କବାଡ଼ି ଦଳ ଘୋଷିତ

**କଟକ ଅଫିସ,୨୮।୨**

ମାର୍ଚ୍ଚ ୨ରୁ ୬ ତାରିଖ ପର୍ଯ୍ୟନ୍ତ ଜୟପୁରଠାରେ ୬୭ତମ ଜାତୀୟ ସିନିୟର କବାଡ଼ି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ରାଜ୍ୟର ଉଭୟ ମହିଳା ଓ ପୁରୁଷ ଦଳ ଶୁକ୍ରବାର ଜୟପୁର ଗସ୍ତ କରିଛନ୍ତି। ବସନ୍ତ କୁମାର ସାହୁଙ୍କୁ ପୁରୁଷ ଦଳର ଅଧିନାୟକ କରାଯାଇଛି। ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ସୁଶାନ୍ତ ରାୟ, ଅନନ୍ତ ଚରଣ ନାଥ, ଦ୍ୱିଜରାଜ ପ୍ରଧାନ, ରବି ମୁଖୀ, ଜୀବନଜ୍ୟୋତି ଦାସ, ବିନୋଦ କୁମାର ସତନାମୀ, ଏମ୍. ଶ୍ରୀନିବାସ ଡୋରା, ପ୍ରିୟବ୍ରତ ସାମଲ, ଅନୁଜ ଅଗ୍ରୱାଲ, ଲକ୍ଷ୍ମୀଧର ଜେନା ଓ ଶିବ କୁମାର ଜେନା। ଦୀପକ କୁମାର ମଲିକ ଏହି ଦଳର କୋଚ୍ ଥିବାବେଳେ ମନୋଜ କୁମାର ଦାସ ମ୍ୟାନେଜର ଭାବେ ଓ ପ୍ରଦୀପ ସାହୁ ଟିମ୍ ଅଫିସିଆଲ ଭାବେ ଦଳ ସହ ଯାତ୍ରା କରିଛନ୍ତି। ଘୋଷିତ ମହିଳା ଦଳର ଅଧିନାୟିକା ଅଛନ୍ତି ଫୁଲ ବିଶ୍ୱାଳ। ଏହି ଦଳରେ ସସ୍ମିତା ସାହୁ, ସୁମିତ୍ରା ଓରାମ୍, ରିଙ୍କି ବେହେରା, ନିତୁ ଦେବୀ, ଲିଜାରାଣୀ ମହାନ୍ତି, ଝୁନୁବାଲା ବିନ୍ଧାଣୀ, ଗାୟତ୍ରୀପ୍ରଭା ସେଠୀ, ଦେବଜାନି ମାଝି, ସ୍ୱପ୍ନା ପାଣ୍ଡେ, କାଫି, ମିତ୍ରାଣୀ ମଲିକ ରହିଛନ୍ତି। ଶୁଭାଙ୍ଗୀ ରାୟ ରାଜ୍ୟ ମହିଳା ଦଳର କୋଚ୍ ଦାୟିତ୍ୱରେ ଅଛନ୍ତି। କେ. ମାଧବ ରାୟ ମ୍ୟାନେଜର ଓ ମନସ୍ୱିନୀ ସାହୁ ଟିମ୍ ଅଫିସିଆଲ ଭାବେ ଦଳ ସହ ଯାତ୍ରା କରିଛନ୍ତି।

## ରେକର୍ଡ ଭାଙ୍ଗିଲା ଦକ୍ଷିଣ ଆଫ୍ରିକା

**କାନ୍‌ବେରା,୨୮।୨**

ଦକ୍ଷିଣ ଆଫ୍ରିକା ମହିଳା ଟି୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ ଦଳଗତ ସ୍କୋର କରିଛି। ଅପେକ୍ଷାକୃତ ଦୁର୍ବଳ ଥାଇଲାଣ୍ଡକୁ ୧୧୩ ରନ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୧୯୫ ରନ୍ କରିଥିଲା। ଓପନର ଲିଜେଲ ଲି ୧୦୧ ରନ୍‌ର ଶତକୀୟ ଇନିଂସ ଖେଳିଥିଲେ। ଜବାବରେ ଥାଇଲାଣ୍ଡ ମାତ୍ର ୮୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ଲାଗି ଶାବନିମ ଇସମାଇଲ ହ୍ୟାଟ୍ରିକ ଉଇକେଟ ହାସଲ କରିଥିଲେ। ଏହା ଟୁର୍ନାମେଣ୍ଟ ଇତିହାସର ସର୍ବବୃହତ୍ ଦଳଗତ ସ୍କୋର। ଏଥିପୂର୍ବରୁ ଏହି ରେକର୍ଡ ଭାରତ ନାମରେ ଥିଲା। ୨୦୦୮ ସଂସ୍କରଣରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୫ ଉଇକେଟ ହରାଇ ୧୯୪ ରନ୍ କରିଥିଲା।


ମହିଳା ୧୦୦ ମିଟର ହର୍ଡଲ୍ସର କୃତୀ ପ୍ରତିଯୋଗୀମାନେ ଅତିଥି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ରାଜ୍ୟ କ୍ରୀଡା ବିଭାଗ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପାଣିଙ୍କ ସହ।

## ମହିଳା ହକିରେ ସମ୍ବଲପୁରକୁ ରୌପ୍ୟ

ଭୁବନେଶ୍ୱର, ୨୮।୨(କ୍ରୀଡ଼ା ପ୍ରତିନିଧି) ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ହକିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରୌପ୍ୟ ପଦକ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସମ୍ବଲପୁର ୧–୪ ଗୋଲରେ ଆଇଟିଏମ୍ ବିଶ୍ୱବିଦ୍ୟାଳୟଠାରୁ ହାରି ଯାଇଛି। ଏହି ଇଭେଣ୍ଟରେ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ବ୍ରୋଞ୍ଜ ପଦକ ପାଇଛି।



# ରୋମାଞ୍ଚକ ହେବ

**ବାଇଚୁଙ୍ଗ୍ ଭୂଟିଆ**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ପ୍ରତିଯୋଗିତାରେ ଏବେ ଶ୍ରେଷ୍ଠ ଦଳଗୁଡ଼ିକ ବାକି ରହିଛନ୍ତି। ଏବେ ଡବଲ୍– ଲେଗ୍ ସେମିଫାଇନାଲ ବେଶ୍ ରୋମାଞ୍ଚକ ତଥା ସଂଘର୍ଷପୂର୍ଣ୍ଣ ହେବା ନିଶ୍ଚିତ ମନେହେଉଛି। ଚେନ୍ନାଇନ୍ ଏଫ୍‌ସି ଓ ଗୋଆ ଏଫ୍‌ସି ମଧ୍ୟରେ ମୁକାବିଲା ବେଶ୍ ଉପଭୋଗ୍ୟ ହେବ। ଗୋଆ ତା'ର ଗତ ୫ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ସେହିପରି ଚେନ୍ନାଇନ୍ ଗତ ୮ଟି ମୁକାବିଲାରୁ ୬ଟିରେ ବିଜୟୀ ହୋଇଥିବା ବେଳେ ଦୁଇଟି ମ୍ୟାଚ୍ ଡ୍ର ରଖିଛି। ଏହି ମୁକାବିଲା ଫାଇନାଲ ସଦୃଶ ହେବ।

ଗୋଆ କୋଚ୍ ପଦରୁ ସର୍ଗିଓ ଲୋବେରା ବିଦା ହେବା ପରେ କ୍ଲିଫର୍ଡ ମିରାଣ୍ଡା କାମଚଳା ଦାୟିତ୍ୱରେ ରହିଛନ୍ତି। ଏହାପରେ ଗୋଆ ଅବଶ୍ୟ ଉନ୍ନତ ପ୍ରଦର୍ଶନ କରିଛି। ତେବେ ଦଳର ଭଲ ପ୍ରଦର୍ଶନ ପାଇଁ ତାଙ୍କୁ ସେପରି ଶ୍ରେୟ ଦିଆଯାଇ ନାହିଁ। ଗୋଆ ତା'ର ବିଜୟଧାରା ବଜାୟ ରଖିବାକୁ ଚାହିଁବ। ଭଲ ଖେଳି ଗୋଆ ଏସିଆନ ଚାମ୍ପିୟନ୍ସ ଲିଗ (ଏସିଏଲ୍) ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଏଟିକେ ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟ ଭଲ ପ୍ରଦର୍ଶନ କରିବାକୁ ଚାହିଁବେ। ଘରୋଇ ପରିବେଶରେ ଏହି ଦୁଇ ଦଳ ଖେଳିବାକୁ ଯାଉଥିବାରୁ ପଏଣ୍ଟ ଅର୍ଜନ କରିବାକୁ ଚାହିଁବେ।

ଚେନ୍ନାଇନ୍ଏଫ୍‌ସି ଗୋଆ ବଦଳରେ ଫାଇନାଲରେ ଏଟିକେକୁ ଭେଟିବାକୁ ଚାହିଁବ। ଚେନ୍ନାଇନ୍‌ର ମିଡ୍‌ଫିଲ୍ଡ ବେଶ୍ ଶକ୍ତିଶାଳୀ ମନେହେଉଛି। ଡିଫେନ୍ସରେ ମଧ୍ୟ ଚେନ୍ନାଇନ ପଛରେ ପଡିନାହିଁ। ଦଳ ମଧ୍ୟ ବହୁସଂଖ୍ୟାକ ଗୋଲ ସ୍କୋର କରିଛି। ଅନ୍ୟପଟେ ଗୋଆ ଡିଫେନ୍ସରେ ଅସ୍ଥିରତା ପରିଲକ୍ଷିତ ହୋଇଛି। ଚେନ୍ନାଇନ୍ ଏକାଧିକ ସୁଯୋଗ ହାସଲ କରିବ ବୋଲି ଭାବୁଛି।

ବେଙ୍ଗାଲୁରୁ ଏଫ୍‌ସି ଓ ଏଟିକେ ମଧ୍ୟରେ ଖେଳ ବେଶ୍ ରୋମାଞ୍ଚକ ହେବ। ଉଭୟ ଦଳ ସୁପର ଫର୍ମରେ ରହିଛନ୍ତି। ଉଭୟ ଦଳରେ କେତୋଟି ଦୁର୍ବଳତା ଓ ସବଳତା ରହିଛି। ସୁନୀଲ ଛେତ୍ରୀ ଫ୍ୟାକ୍ଟର ଏହି ମ୍ୟାଚ୍‌ରେ ପ୍ରଭାବ ପକାଇବ। ତେବେ ଛେତ୍ରୀ ସମ୍ପୂର୍ଣ୍ଣ ରୂପେ ଫିଟ୍ ହେବା ଆବଶ୍ୟକ। ଛେତ୍ରୀଙ୍କ ବିନା ବେଙ୍ଗାଲୁରୁ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଛି। ଯଦି ସେ ଫିଟ୍ ହୁଅନ୍ତି ତେବେ ଦଳ ପାଇଁ ଏହା ଏକ ବଡ଼ ସୁଯୋଗ ସୃଷ୍ଟି କରିବ। ତେଣୁ ବେଙ୍ଗାଲୁରୁ ପାଇଁ ଛେତ୍ରୀ ଅପରିହାର୍ଯ୍ୟ ହୋଇପଡ଼ିଛନ୍ତି। ୩ ପଏଣ୍ଟ ସହ ବେଙ୍ଗାଲୁରୁ ସେକେଣ୍ଡ ଲେଗ୍ ମ୍ୟାଚ ପାଇଁ କୋଲକାତା ଯାତ୍ରା କରିବ। ବେଙ୍ଗାଲୁରୁ ଯେଉଁଭଳି ଛେତ୍ରୀଙ୍କ ଉପରେ ନିର୍ଭରଶୀଳ, ଠିକ୍ ସେହିପରି ଏଟିକେ ପାଇଁ ଷ୍ଟ୍ରାଇକର ରଏ କ୍ରିଷ୍ଣାଙ୍କ ଗୁରୁତ୍ୱ ରହିଛି। ଛେତ୍ରୀଙ୍କ ଭଳି କ୍ରିଷ୍ଣା ମଧ୍ୟ ନିଜ ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ମ୍ୟାଚ୍‌ର ମୋଡ଼ ବଦଳାଇପାରନ୍ତି। ଏସିଏଲ୍‌ରେ ସ୍ଥାନ ହାସଲ କରିପାରି ନ ଥିବାରୁ ଏଟିକେ ତ୍ରୁଟି ସୁଧାରି ଭଲ ପ୍ରଦର୍ଶନ କରିବାକୁ ଚାହିଁବ।

(ଗେମ୍‌ପ୍ଲାନ)

#WhatDrivesYou
EXIDE

# ଭାରତ ଆଜି ଶ୍ରୀଲଙ୍କାକୁ ଭେଟିବ

**ମହିଳା ଟି୨୦ ବିଶ୍ୱକପ୍**

**ମେଲବୋର୍ନ,୨୮।୨(ପି.ଟି.)**

ଚଳିତ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତ ଗ୍ରୁପ୍ ଏ'ରେ ଏହାର ଅନ୍ତିମ ମ୍ୟାଚ ଶନିବାର ଶ୍ରୀଲଙ୍କା ବିପକ୍ଷରେ ଖେଳିବ। ଭାରତ ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରିସାରିଛି। ତେବେ ନିଜ ଦୋଷ ଓ ଦୁର୍ବଳତା ସଜାଡ଼ିବା କ୍ଷେତ୍ରରେ ଏହି ମ୍ୟାଚ ସହାୟକ ହେବ। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଭାରତ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ଦୁଇଟି ମ୍ୟାଚରେ ପରାଜୟ ଯୋଗୁ ଶ୍ରୀଲଙ୍କା ସେମିଫାଇନାଲ ଦୌଡ଼ରୁ ବିଦାୟ ନେଇସାରିଛି। ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଟୁର୍ନାମେଣ୍ଟରେ ଏହାର ଓପନିଂ ମ୍ୟାଚରେ ୧୭ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଦଳ ପରେ ବାଂଲାଦେଶକୁ ୧୮ ଏବଂ ଗୁରୁବାର ନ୍ୟୁଜିଲାଣ୍ଡକୁ ୪ ରନରେ ପରାସ୍ତ କରିଛି। ଟୁର୍ନାମେଣ୍ଟରେ କେତେକ କ୍ଷେତ୍ରରେ ଭାରତର ଦୋଷ ଦୁର୍ବଳତା ଲକ୍ଷ୍ୟ କରାଯାଇଛି। ବିଶେଷ କରି ବ୍ୟାଟିଂରେ ଦଳ ଆଶାନୁରୂପ ପ୍ରଦର୍ଶନ କରିପାରିନାହିଁ। ଅଷ୍ଟ୍ରେଲିଆ ବିପକ୍ଷରେ ଦଳ ମାତ୍ର ୧୩୨, ବାଂଲାଦେଶ ବିପକ୍ଷରେ ୧୪୨ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୩୩ ରନ କରିଛି। କିନ୍ତୁ ଟୁର୍ନାମେଣ୍ଟରେ ଭାରତୀୟ ବୋଲରମାନଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି। କହିବାକୁ ଗଲେ ଭାରତର ସେମିଫାଇନାଲ ପ୍ରବେଶରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଲେଗ୍ ସ୍ପିନର ପୁନମ ଯାଦବ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ସେ ୮ ଉଇକେଟ ଅକ୍ତିଆର କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ସେ ମ୍ୟାଚ ବିଜୟୀ ବୋଲିଂ କରି ମାତ୍ର ୧୯ ରନରେ ୪ ଉଇକେଟ ହାସଲ କରିଛନ୍ତି। ରାଜେଶ୍ୱରୀ ଗାଏକ୍ୱାଡ, ଦୀପ୍ତି ଶର୍ମା ଏବଂ ପେସ୍ ବୋଲର ଶିଖା ପାଣ୍ଡେଙ୍କ ପକ୍ଷରୁ ତାଙ୍କୁ ଉପଯୁକ୍ତ ସହାୟତା ମିଳିଥିଲା। ୧୬ ବର୍ଷୀୟା ଏହି ଖେଳାଳି ଗୋଟିଏ ମ୍ୟାଚରେ ୩୪ ବଲ୍‌ରେ ଦ୍ରୁତ ୪୬ ରନ ସଂଗ୍ରହ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ତାଙ୍କଠାରୁ ଆଗକୁ ଭଲ ପ୍ରଦର୍ଶନ ଆଶା କରାଯାଉଛି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଜଗନ୍ନାଥ ଦାଶ**
ଅବସରପ୍ରାପ୍ତ ଓ.ଆଇ.ଏସ୍.
E2, BJB Nagar, Bhubaneswar
ଆବିର୍ଭାବ: ୦୨।୦୧।୧୯୩୧
ତିରୋଧାନ: ୧୯।୦୨।୨୦୨୦
ଆପଣଙ୍କର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ଆପଣଙ୍କର ସେ ଶ୍ରଦ୍ଧା, ଆଶୀର୍ବାଦ ଆମପାଇଁ ଚିର ପାଥେୟ ହେଉ। ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଛୁ।
–:ଆପଣଙ୍କ ଶୋକସନ୍ତପ୍ତ:–
ପୁତ୍ର, ପୁତ୍ରବଧୂ: ଆଲୋକ ରଞ୍ଜନ-ନିରୁପମା, ସନ୍ଦୀପ-ଶାରଦା, କନ୍ୟା-ଜାମାତା: ଶିପ୍ରା-ଡଃ. ଲୋକନାଥ ମିଶ୍ର, ନାତି-ନାତୁଣୀ: ସୁବ୍ରତ, ସୁଜିତ, ଅମିତାଂଶୁ, ଅବିନାଶ, ଆଦିତି, ଆକାଂକ୍ଷା, ବନ୍ଧୁ ଓ ପରିବାରବର୍ଗ।
ଧ-୬୭୨୯୫

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଲକ୍ଷ୍ମୀବାଳା ମହାନ୍ତି**
ସ୍ୱାମୀ: ବାଙ୍କନିଧି ମହାନ୍ତି
କୁଦିଆରୀ, ଜଟଣୀ
ଆବିର୍ଭାବ: ୦୭।୦୧।୧୯୩୬
ତିରୋଧାନ: ୨୦।୦୨।୨୦୨୦
ଚାହୁଁ ଚାହୁଁ ଦଶଦିନ ବିତିଗଲାଣି। ତଥାପି ଲାଗୁଛି ବୋଉ ତୁମେ ଆମ୍ଭମାନଙ୍କ ଗହଣରେ ରହିଛ। ତୁମର ସ୍ନେହ, ତ୍ୟାଗ, ଉତ୍ସର୍ଗୀକୃତ ମନୋଭାବ ଆମକୁ ସବୁଦିନ ପ୍ରେରଣା ଦେଉ। ତୁମ ଅମର ଆତ୍ମା ସଦା ଈଶ୍ୱରଙ୍କଠାରେ ଶାନ୍ତିରେ ରହୁ ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର: ଶିବ, ଗୁଲୁ, ଟିଲୁ, ପୁତ୍ରବଧୂ, ନାତି, ନାତୁଣୀ, ଝିଅ-ଜ୍ୱାଇଁ ଓ ଆତ୍ମୀୟସ୍ୱଜନ।
ଧ-୧୬୯୪୩

# ବିଦ୍ୟୁତ୍ ଆଘାତରେ ଟ୍ରକ୍ ହେଲ୍‌ପରଙ୍କ ମୃତ୍ୟୁ

**କୋଲାବିରା,୨୮।୨(ଡି.ଏନ.ଏ.):** ଝାରସୁଗୁଡା ଜିଲା କୋଲାବିରା ଥାନା ଅନ୍ତର୍ଗତ କପାଗୁଡାରେ ଥିବା ଅପାର କେବୁଲ କାରଖାନାରେ ଶୁକ୍ରବାର ରାତିରେ ବିଦ୍ୟୁତ୍ ଆଘାତରେ ଜଣେ ଟ୍ରକ୍ ହେଲପରଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ଜଣା ପଡିନାହିଁ। ଗାଡି ଚାଳକ ଫେରାର ହୋଇ ଯାଇଛନ୍ତି। ହେଲେ କାରଖାନା କର୍ତ୍ତୃପକ୍ଷ ଏ ସମ୍ପର୍କରେ ଖବର ଦେଇ ନ ଥିବା ପୋଲିସ କହିଛି। ସୂଚନା ଅନୁସାରେ ଅପାର କାରଖାନାକୁ ୟୁପି ୬୪ ଏଟି ୭୭୫୫ ନମ୍ବର ବିଶିଷ୍ଟ ଏକ ଟ୍ରକ୍‌ରେ କିଛି ସାମଗ୍ରୀ ଆସିଥିଲା। ଫାଟକ ବାହାରେ ଗାଡି ଠିଆ ହୋଇ ରହିଥିଲା। ଟ୍ରକ୍‌ର ହେଲପର ଗାଡି ଉପରକୁ ଚଢି ପାଲ ଖୋଲୁଥିଲେ। ଏହି ସମୟରେ ଉପରେ ଥିବା ୩୩କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ତଳକୁ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତୁରନ୍ତ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ।

## ଘୋଷଣା।

୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ ନ୍ୟୁଜ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ଦୈନିକ ଧରିତ୍ରୀର ବିବରଣୀ

(ଚତୁର୍ଥ ଫର୍ମ ଅଷ୍ଟମ ଧାରା)

| | | | |
|---|---|---|---|
| ୧. | ପ୍ରକାଶ ସ୍ଥାନ | – | ସମ୍ବଲପୁର |
| ୨. | ପ୍ରକାଶ ସମୟ | – | ପ୍ରତ୍ୟହ ପ୍ରଭାତ |
| ୩. | ମୁଦ୍ରାକରଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୪. | ପ୍ରକାଶକଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୫. | ସମ୍ପାଦକଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | – | ନବଜାତ ପ୍ରିଣ୍ଟର୍ସ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ |
| | ଠିକଣା | – | ୧୦୭, ସୂର୍ଯ୍ୟ ନଗର ଭୁବନେଶ୍ୱର–୭୫୧୦୦୩ |

ଆମ୍ଭେ ତଥାଗତ ସତପଥୀ ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି।

ତଥାଗତ ସତପଥୀ
ପ୍ରକାଶକ, ଧରିତ୍ରୀ
୨୯।୨।୨୦୨୦




# ସେମିରେ ରାଉରକେଲା ଜଲଦା ଫୁଟବଲ ଏକାଡେମୀ



ରାହୁଲ ମୁଣ୍ଡାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

**ରବି ଆଣ୍ଡ ଅନାଦି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ**

**ସୋନପୁର,୨୮।୨(ନି.ପ୍ର.):** ରାମଧୂନ କ୍ଲବ ପକ୍ଷରୁ ସୋନପୁର ଗାନ୍ଧୀ ପଡିଆରେ ଚାଲିଥିବା ଅଲ ଓଡିଶା ରବି ଆଣ୍ଡ ଅନାଦି ମୋମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସ ମ୍ୟାଚ୍‌ରେ ରାଉରକେଲାର ଜଲଦା ଫୁଟବଲ ଏକାଡେମୀ ବିଜୟ ହୋଇଛି। ଶୁକ୍ରବାର ରାଉରକେଲା ଜଲଦା ଫୁଟବଲ ଏକାଡେମୀ ଓ ଭୁବନେଶ୍ୱର ଜଗା ୟୁନାଇଟେଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଭୁବନେଶ୍ୱର ଗୋଟିଏ ଗୋଲ ଦେଇଥିଲା। ଦ୍ୱିତୀୟାର୍ଦ୍ଧରେ ରାଉରକେଲା ଗୋଟିଏ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲା। ତେବେ ନିର୍ଦ୍ଧାରିତ ସମୟରେ ଆଉ କୌଣସି ଦଳ ଗୋଲ ଦେବାକୁ ସକ୍ଷମ ହୋଇ ନଥିଲେ। ଟାଇବ୍ରେକର ପଦ୍ଧତିରେ ରାଉରକେଲା ୫–୪ ଗୋଲରେ ବିଜୟୀ ହୋଇଥିଲା। ଏହି ବିଜୟ ଫଳରେ ରାଉରକେଲା ସେମି ଫାଇନାଲରେ ପ୍ରବେଶ କରିଛି । ରାଉରକେଲାର ରାହୁଲ ମୁଣ୍ଡାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଫେରି ଦେବାଶିଷ ବାଗ, ସଲିଳ ବେହେରା, ସୁରେନ୍ଦ୍ର ବେହେରା ଓ ଅରୁଣ ଭୋଇ ଖେଳ ପରିଚାଳନା କରିଥିଲେ। ସୁବାସ ବିଶ୍ୱାଳ ଓ ମନୋରଞ୍ଜନ ତ୍ରିପାଠୀ ଧାରା ବିବରଣୀ ପ୍ରଦାନ କରିଥିଲେ। ବିଶିଷ୍ଟ କ୍ରୀଡାବିତ୍ ଶରତ ଚନ୍ଦ୍ର ମହାନ୍ତି, ଜିଲା କ୍ରିକେଟ୍ ସଂଘର ସମ୍ପାଦକ ପ୍ରଦୀପ ସେଠୀ ଓ ପ୍ରମୋଦ ମହାନ୍ତି ଅତିଥି ଭାବେ ଯୋଗଦାନ କରିଥିଲେ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଚାରେ ନାହିଁ।

-ଭଲ୍‌ଟାୟାର



## ସଂକ୍ଷେପରେ...

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମ୍ପନ୍ନ

ବରପାଲି, ୨୮।୨ (ଡି.ଏନ.ଏ)

ବରପାଲି ବ୍ଲକ ସିକିର୍ଡି ଗ୍ରାମରେ ୫ ଦିନ ଧରି ଚାଲିଥିବା ଶ୍ରୀ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଶୁକ୍ରବାର ସମ୍ପନ୍ନ ହୋଇଛି । ଏହି ଅବସରରେ ସକାଳେ ଦେବଦେବୀ ପୂଜନ ସହ ଅଭିଷେକ, ନବଯୌବନ ଦର୍ଶନ, ନୀଳଚକ୍ର ସ୍ଥାପନ ପୂର୍ବକ ସମସ୍ତ ବିଗ୍ରହଙ୍କ ମନ୍ଦିର ପ୍ରବେଶ ହୋଇଛି । ପଣ୍ଡିତ ଶୁକଦେବ ତ୍ରିପାଠୀ, ଟଙ୍କଧର ଦେବତା, ସିଦ୍ଧେଶ୍ୱର ସାବତ, ରଜତ ଦାଶ ଓ ସୁମିତ ଷଡଙ୍ଗୀ ପ୍ରମୁଖ ସସ୍ତ୍ରୀକ ପୂଜାକର୍ତ୍ତାମାନଙ୍କ ଗ୍ରହଣରେ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ କରିଥିଲେ। ବ୍ୟାସ ବନ୍ଦିତା ନାଏକ ଓ ସାଧୀଙ୍କ ନାଟକ ପରିବେଷଣ ହୋଇଥିଲା। ଏଥିରେ ମନ୍ଦିର କମିଟି ସଭାପତି ବିନୋଦ ସାହୁଙ୍କ ସମେତ ଗ୍ରାମର ଯୁବ ଭକ୍ତ ମଣ୍ଡଳୀ ସହଯୋଗ କରିଥିଲେ ।

### କୃଷକ ସଚେତନତା ଶିବିର

ବରପାଲି, ୨୮।୨ (ଡି.ଏନ.ଏ)

ବରପାଲି ବ୍ଲକ କୁମ୍ଭାରୀ ଅନ୍ତର୍ଗତ ସମଲେଇପଦର ଗ୍ରାମରେ ସ୍ଥାନୀୟ କୃଷି ବିଭାଗ ଆନୁକୂଲ୍ୟରେ ଚାଷୀମାନଙ୍କୁ ନେଇ କୃଷକ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ କୃଷି ଅଧିକାରୀ ବାବାଜୀ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଷାକ୍ତ କୀଟନାଶକ ଓ ମାଟି ପରୀକ୍ଷା ବିଧି ଉପରେ ଆଲୋକପାତ କରିଥିଲେ । କୃଷି ବିଶେଷଜ୍ଞ ସାରକୁ କିଭଳି ବ୍ୟବହାର କରାଯିବ ସେ ଦିଗରେ ପରାମର୍ଶ ଦେଇଥିଲେ । ଏଥିରେ କୃଷି ଅଧୀକ୍ଷକ ଶୁକଦେବ ମହାରଣା, ନବ ଦାଶ, ଧୃରେନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ । ସଂଯୁକ୍ତା ପଣ୍ଡା ଶିବିର ପରିଚାଳନା କରିଥିଲେ ।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ଜାମଟିକ୍ରା, ୨୮।୨ (ଡି.ଏନ.ଏ)

ଅତାବିରା ବ୍ଲକ କୁଲୁଣ୍ଡା ଜଗନ୍ନାଥ ମନ୍ଦିର ଚତୁର୍ବର୍ଷୀୟ ପ୍ରତିଷ୍ଠା ମହୋତ୍ସବ ଶୁକ୍ରବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସକାଳ ୭ଟାରେ ଗାଁର ମହିଳାମାନେ ନିକଟସ୍ଥ ଏକ ପୋଖରୀରୁ ପୂର୍ଣ୍ଣ ଜଳ କଳସ ଆଣି ପୂଜାସ୍ଥଳରେ ସ୍ଥାପନ କରିଥିଲେ। କଳସ ଶୋଭାଯାତ୍ରାରେ ଦୁଲଦୁଲି, ଶଙ୍ଖ ଓ ହୁଳହୁଳିରେ ଗାଁ କମ୍ପି ଉଠିଥିଲା। ସନ୍ଧ୍ୟାରେ ମହାଆଳତୀ, ପୁଷ୍ପାଞ୍ଜଳି ଦିଆଯାଇଥିଲା। ରାତିରେ ବନ୍ଦିତା ନାୟକ ରାମାୟଣ ପାରାୟଣ କରିଥିଲେ। ଶନିବାର ପୂର୍ଣ୍ଣାହୁତି ପଡିବ । ସେହି ରାତିରେ ଭଗବାନ ପାର୍ଟିର ନାଟକ ଯମ ନୁରୁଛେ ଆଧାର କାର୍ଡ ମଞ୍ଚସ୍ଥ ହେବ । ଜଗଦୀଶ ପାଣିଗ୍ରାହୀ, ନିରଞ୍ଜନ ପାଣିଗ୍ରାହୀ ଓ ବଂଶିଧର ମିଶ୍ର ପୂଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସାଇବର ଅପରାଧ ରୋକିବାକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୨୮।୨




ସଚେତନତା ଶିବିରରେ ଅତିଥିବୃନ୍ଦ ।

ବରଗଡ଼ର ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଅନୁଷ୍ଠାନ ସମୂହରେ ଶୁକ୍ରବାର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସାଇବର ଅପରାଧ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଜିଲା ଆଇନ ପ୍ରାଧିକରଣ ସେବା ସଚିବ ନୀଳିମା ପଣ୍ଡା ଉଦଘାଟନ କରିବା ସହିତ ଆଇନ ପ୍ରାଧିକରଣ ସେବାର ଅର୍ଥ, ତାର ଆଭିମୁଖ୍ୟ ତଥା ସାଇବର ଅପରାଧ ଓ ତାର ନିରାକରଣ ଆଇନ ଉପରେ ବିବରଣୀ ପ୍ରଦାନ କରିଥିଲେ । ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ଯାଇ ସାମ୍ପ୍ରତିକ ସମାଜରେ ଇଣ୍ଟରନେଟ ତଥା ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମର ବ୍ୟବହାର କୋମଳମତି ଶିଶୁ ତଥା ବିପଥଗାମୀ ଯୁବପୀଢ଼ିଙ୍କୁ ରସାତଳଗାମୀ କରି ସାରିଛି, ସେ ଉପରେ ସଚେତନାତ୍ମକ ଆଲୋଚନା କରି ନୂତନ ଦିଗଦର୍ଶନ ଦେଇଥିଲେ । ସେହିପରି ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟରୁ ମିଳୁଥିବା ସୁବିଧା ଉପରେ ଆଲୋଚନା କରାଯାଇଥିଲା । ଅନୁଷ୍ଠାନ ସମୂହର ସମ୍ପାଦକ ତଥା ପଦ୍ମଶ୍ରୀ କୃତାର୍ଥ ଆଚାଯର୍ୟ ଇନଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜିର ଅଧ୍ୟକ୍ଷ ତରୁଣ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା । ବିଳାସପ୍ରିୟ ଜୀବନକୁ ପରିହାର ତଥା ଆଧୁନିକତାର ବଶବର୍ତ୍ତୀ ନ ହେବା ପାଇଁ ଷଡ଼ଙ୍ଗୀ ବର୍ତ୍ତମାନର ଯୁବପୀଢ଼ିଙ୍କୁ ପରାମର୍ଶ ଦେଇଥିଲେ । ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ କଲେଜ ଅଫ ଇଞ୍ଜିନିୟରିଂର ଅଧ୍ୟକ୍ଷ ଭରତ ଭୂଷଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନର ଅଧ୍ୟାପକ ଈଶ୍ୱରଧର ବଡ଼ଙ୍ଗାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ମହେଶ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୀରସୁରେନ୍ଦ୍ର ସାଏ ଥିଲେ ଅନନ୍ୟ ସଂଗ୍ରାମୀ

ଅମ୍ବାଭୋନା, ୨୮।୨ (ଡି.ଏନ.ଏ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ କର୍ଲା ଗ୍ରାମରେ ପ୍ରତିଭା ପରିପ୍ରକାଶ ସଂସଦ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ପାଳିତ ହୋଇଛି। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ତିଳତର୍ପଣ ଓ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଅଲେଖ ପଧାନ ଅଧ୍ୟକ୍ଷତା କରିଥିଲେ । ଡୁଙ୍ଗୁରୀ ଚୂନପଥର ଖଣିର ମୁଖ୍ୟ ପରିଚାଳକ ପି. ତାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଗ୍ରାମୀଙ୍କ ଦେଶପ୍ରେମ ଉପରେ ମତ ରଖିଥିଲେ। ଗାନ୍ଧୀ ମେମୋରିଆଲ କଲେଜର ଅଧ୍ୟକ୍ଷ ମୋହନ ସାହୁ ମୁଖ୍ୟବକ୍ତା ଏବଂ ପଦ୍ମଶ୍ରୀ ହଳଧର ନାଗ, ରାମଚନ୍ଦ୍ର ଆଚାର୍ଯ୍ୟ, ଫାଉଣ୍ଡେସନର ଅଧ୍ୟକ୍ଷା ସିନ୍ଧୁନନ୍ଦିନୀ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୀର ସୁରେନ୍ଦ୍ର ସାଏଙ୍କୁ ଜଣେ ଅନନ୍ୟ ସଂଗ୍ରାମୀ ବୋଲି ଅଭିହିତ କରିଥିଲେ । ଅନ୍ୟତମ ଅତିଥି ଭାବେ ସମ୍ବରଧରା ଫରେଷ୍ଟର ବିଶ୍ୱେଶ୍ୱର ସାହୁ, ବଳରାମ ଭୁଏ, ଚୂଡାମଣି ପଧାନ, ଭୁବନ ଭୋଇ, ନୀଳାଞ୍ଚଳ ସେଠ, ମହେନ୍ଦ୍ର ପଧାନ, ବ୍ୟଙ୍ଗକବି ଦେବେନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ରହି ବୀର ସୁରେନ୍ଦ୍ର ସାଏଙ୍କ କର୍ମଭୂମି ପାଲଟିଥିବା ଡେବ୍ରିଗଡ ଉପରେ ଆଲୋଚନା କରିଥିଲେ। ସୁରେନ୍ଦ୍ର ସାଏଙ୍କ ଯୋଗୁ ଐତିହାସିକ ବୀରଭୂମି ଡେବ୍ରିଗଡ ଆଜିବି ଗର୍ବିତ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ବ୍ରଜେଶ୍ୱରୀ ଗଣନାଟ୍ୟ, ଭଗବାନ ପାର୍ଟି ଦ୍ୱାରା ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଧାରିତ ନାଟକ ପରିବେଷଣ କରାଯାଇଥିଲା ।

# ଗାଡ଼ି ଧକ୍କାରେ ଜଣେ ମୃତ

ବରଗଡ଼ ଅଫିସ୍,୨୮।୨

ବରଗଡ଼-ଭେଡ଼େନ ରାସ୍ତାର ସାହୁଟିକ୍ରା ଛକ ନିକଟରେ ଶୁକ୍ରବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତାଳଶ୍ରୀଗିଡ଼ା ଗ୍ରାମର ବୁଦ୍ଧଦେବ ଦୀପ। ବ୍ୟବଚ୍ଛେଦ ପାଇଁ ତାଙ୍କ ମୃତଦେହକୁ ସ୍ଥାନୀୟ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ବୁଦ୍ଧଦେବଙ୍କୁ କୌଣସି ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ସେ ଗୁରୁତର ଅବସ୍ଥାରେ ଘଟଣାସ୍ଥଳରେ ପଡ଼ିଥିଲେ । ଖବର ପାଇ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ନିଷ୍ଠା ପରିବାରର ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚିଥିଲେ ଏବଂ ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଟୁକୁର୍ଲା(ଖେଦାପାଲି) ସ୍ଥିତ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଦ୍ଧଦେବଙ୍କ ମୃତ୍ୟୁ ହୋଇଥିଲା ।

# ବିକାଶରେ ଜାତୀୟ ବିଜ୍ଞାନ ଦିବସ



ଅତିଥିମାନେ ପ୍ରକଳ୍ପ ଗୁଡ଼ିକୁ ପରିଦର୍ଶନ କରୁଛନ୍ତି ।



ମୁଖ୍ୟବକ୍ତାଙ୍କୁ ବିକାଶ ପକ୍ଷରୁ ସ୍ମୃତିଫଳକ ପ୍ରଦାନ କରାଯାଉଛି ।

ବରଗଡ଼ ଅଫିସ୍,୨୮।୨

ବିକାଶ ଶିକ୍ଷାନୁଷ୍ଠାନ ସମୂହ ଅନ୍ତର୍ଗତ ବରଗଡ଼ର ବିକାଶ ଡିଗ୍ରୀ କଲେଜରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା ମୁଖ୍ୟଅତିଥି ଭାବେ ଯୋଗଦେଇ ସାଇନ୍ସ ଫେଷ୍ଟକୁ ଉଦ୍‌ଘାଟନ କରିଥିଲେ । ଆଧୁନିକ ଯୁଗର ବିଜ୍ଞାନ ସହିତ ପୁରାତନ ଯୁଗର କଳା, କୌଶଳକୁ ସେ ନିଜ ଅଭିଭାଷଣରେ ତୁଳନା କରିଥିଲେ । ଏହି ଅବସରରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜମେଣ୍ଟ, ଭୁବନେଶ୍ୱରର ପ୍ରିନ୍ସିପାଲ ତଥା ବୈଜ୍ଞାନିକ ଡଃ ପ୍ରମୋଦ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଜ୍ଞାନର ପରିଭାଷା, ଦୂରଦୃଷ୍ଟି ଏବଂ ଏକବିଂଶ ଶତାବ୍ଦୀର ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଗ୍ରୁପର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଅତିଥି ପରିଚୟ ପ୍ରଦାନ ସହିତ ଦୈନନ୍ଦିନ ଜୀବନରେ ବିଜ୍ଞାନର ଉପଯୋଗିତା ଉପରେ ଆଲୋକପାତ କରିଥିଲେ ।

ଡଃ ଦୟାସାଗର ସାହୁଙ୍କ ଦ୍ୱାରା ପରିଚାଳିତ ଜାତୀୟ ବିଜ୍ଞାନ ଦିବସର ଟେକ୍ନିକାଲ ସେସନରେ ଡିଗ୍ରୀ କଲେଜର ଛାତ୍ରୀଛାତ୍ରମାନେ ବିଭିନ୍ନ ବିଭାଗରୁ ୨୮ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେଥିରୁ ପ୍ରାଣୀବିଜ୍ଞାନ ବିଭାଗର ଦି ଜଙ୍ଗଲ୍ କଲ୍ (ଡେବ୍ରିଗଡ଼ ୱାଇଲ୍ଡ ଲାଇଫ ସେଂକ୍‌ଚୁଆରୀ), ମଡ଼େଲ ଅଫ୍ ନ୍ୟୁରନ୍, ଉଦ୍ଭିଦ ବିଜ୍ଞାନ ବିଭାଗର ଡେଣ୍ଡ୍ରୋକ୍ରୋନୋଲୋଜି, ୱାଟର ଇରିଗେଶନ ଟେକ୍ନିକ୍, ପଦାର୍ଥ ବିଜ୍ଞାନ ବିଭାଗର ସ୍ମାର୍ଟ ହାଉସ୍, ଆଡୁରୁନୋ ହ୍ୟୁମାନ ଫୋଲୋଇ ରୋବୋଟ୍, ଗଣିତ ବିଭାଗର ସର୍ଟେଷ୍ଟ ପାଥ୍, ପ୍ରିଡେଟରି ପ୍ରି ମଡ଼େଲ, ରସାୟନ ବିଜ୍ଞାନ ବିଭାଗର ପିଙ୍କ୍ ଫ୍ୟୁମ୍ ଇଭୋଲ୍ୟୁଶନ, ଫାୟାର୍ ୱିଦ୍ ଅଉଟ୍ ମ୍ୟାଚଷ୍ଟିକ୍ ପ୍ରକଳ୍ପ ଅନ୍ୟତମ ରହିଥିଲା ।

ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରମାନେ ଗବେଷଣ ଏବଂ ବିଜ୍ଞାନ ଉପରେ ଆଧାରିତ ଖେଳ ପ୍ରଦର୍ଶନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ କୁମାର ମହାପାତ୍ର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ଆଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର, ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଆଡ଼ମିନିଷ୍ଟ୍ରେଟର ଆର.ଏସ.ଭି କ୍ରୀଷ୍ଣା ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପରିଦର୍ଶନ କରି ନୂତନ ଜ୍ଞାନକୌଶଳ ଆହରଣ କରିଥିଲେ। ଅଧ୍ୟାପକ ଅବଦୁଲ୍ ଫରିଦ୍ ଖାନ୍, ଦେବାଶିଷ ରଥ, ଡଃ ଶୁଭେନ୍ଦୁ ତ୍ରିପାଠୀ, ଚାନ୍ଦିନୀ ପ୍ରଧାନ, ରୀମା ଗଡ଼ତିଆ, ତ୍ରିଭୁଜ ମହାଲିଙ୍ଗ, ସ୍ମିତାମୟୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଜୀବବିଜ୍ଞାନ ବିଭାଗର କୋର୍ଡ଼ିନେଟର ସୁଦାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସଡ଼କ ସୁରକ୍ଷା ବୈଠକ

ବରଗଡ଼ ଅଫିସ୍,୨୮।୨

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ସଡ଼କ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦୁର୍ଘଟଣା, ହେଲମେଟ ବ୍ୟବହର, ଷ୍ଟାଣ୍ଡାର୍ଡ଼ ଅପରେଶନ ପ୍ରଣାଳୀ, ନିଶାସକ୍ତ ଗାଡ଼ି ଚାଳକ ଉପରେ ଆଲୋଚନା ହୋଇଥିଲା। ନିଶା ସେବନ କରି ଗାଡ଼ି ଚଳାଉଥିବା ଡ୍ରାଇଭରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବୈଠକରେ ମତପ୍ରକାଶ ପାଇଥିଲା। ସେହିପରି ବରଗଡ଼ ସହରର ଟ୍ରାଫିକ ସମସ୍ୟା ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ସହରର ଏହି ପ୍ରମୁଖ ସମସ୍ୟାକୁ କିଭଳି ଏଡ଼ାଯାଇ ପାରିବ, ସେ ନେଇ ଉପସ୍ଥିତ ସଭ୍ୟମାନେ ମତପ୍ରକାଶ କରିବା ସହିତ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବୁଲା ଗାଈଗୋରୁଙ୍କ ଯୋଗୁ ବିଭିନ୍ନ ସମୟରେ ସହରରେ ଟ୍ରାଫିକ ସମସ୍ୟା ଉପୁଜୁ ଥିବାରୁ ଲୋକେ ସହର ମଧ୍ୟକୁ ଗାଈଗୋରୁ ନ ଛାଡ଼ିବା ପାଇଁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ବରଗଡ଼ ଆର୍‌ଟିଓ କେଶବ ଚନ୍ଦ୍ର ନାଏକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲା ସଡ଼କ ସୁରକ୍ଷା ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ ।

# ଦଶାବତାର ମନ୍ଦିର ପ୍ରତିଷ୍ଠା ଆରମ୍ଭ

ଭେଡ଼େନ,୨୮।୨(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ରୁଷୁଡ଼ା ଗ୍ରାମପଞ୍ଚାୟତର ହାଟଗାଁଠାରେ ଦଶାବତାର ଏବଂ ଶନି ମନ୍ଦିର ପ୍ରତିଷ୍ଠା ଅବସରରେ ଶୁକ୍ରବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶତାଧିକ ମହିଳା ପୁରୁଷ ଶୋଭାଯାତ୍ରାରେ ଯାଇ କଳସ ଆବାହନ କରିବା ସହ ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଏଥିରେ ଗୁଣନିଧି ବଘାର, ଅନ୍ତର୍ଯାମୀ ନାୟକ, ଚନ୍ଦ୍ରଶେଖର ଦେହେରୀ, ଶୁକଦେବ ମହାଲିଙ୍ଗ, ଗଣେଷ ପଧାନ, ଅକ୍ରୁର ମେହେର, ଧନମାଳି ଭୁଏ, ରାଜିନ୍ଦ୍ର ମେହେର, ଅଶୋକ ମେହେର, ସରୋଜ ବାରିକ ଏବଂ ରଞ୍ଜନ ଭୁଏ ପ୍ରମୁଖ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି । ପଣ୍ଡିତ ବଳରାମ ପଣ୍ଡା, ଆଶିଷ ମିଶ୍ର, ଗୋବିନ୍ଦ ରଥ, ଜ୍ଞାନରଞ୍ଜନ ମହାପାତ୍ର ପ୍ରମୁଖ ପୂଜାର୍ଚ୍ଚନା କରୁଛନ୍ତି। ମନ୍ଦିର ପ୍ରତିଷ୍ଠା କର୍ମର ମୁଖ୍ୟ ଉଦ୍ୟୋକ୍ତା ପାର୍ବତୀ ଦୀପଙ୍କ ଉଦ୍ୟମକ୍ରମେ ଗ୍ରାମବାସୀ ସହଯୋଗ କରୁଛନ୍ତି। ଶନିବାର ପ୍ରତିଷ୍ଠା କର୍ମ ଆରମ୍ଭ ହେବା ସହ ଅନାଧିବାସ କାର୍ଯ୍ୟକ୍ରମ ହେବ ବୋଲି ପୂଜା କମିଟି ସୂତ୍ରରୁ ପ୍ରକାଶ ।

# ନୃସିଂହନାଥରେ ଆଦର୍ଶ ବିବାହ

ପାଇକମାଳ, ୨୮।୨ (ଡି.ଏନ.ଏ)

ପାଇକମାଳର ନୃସିଂହନାଥ ଯାତ୍ରୀନିବାସରେ ଏକ ଆଦର୍ଶ ବିବାହ ଅନୁଷ୍ଠିତ ହୋଇଛି। ବାଙ୍ଗାଲୋରର ଜଣେ ଅନାଥ ଝିଅକୁ ପାଇକମାଳ ଅଞ୍ଚଳର ଯୁବକ ଜୀବନ ସାଥୀ ଭାବେ ଗ୍ରହଣ କରିଛନ୍ତି। ଝିଅ ଅନାଥ ହୋଇଥିବାରୁ ପାଇକମାଳର ଦିଲୀପ କୁମାର ପାଣିଗ୍ରାହୀ ଓ ସଂଯୁକ୍ତା ପାଣିଗ୍ରାହୀ କନ୍ୟାର ମାତା ପିତା ଦାୟିତ୍ୱ ତୁଲାଇଥିଲେ। ପାଇକମାଳ ବ୍ଲକ ପୁରେନା ଗ୍ରାମର ଜଗବନ୍ଧୁ ରାଉତରାଏଙ୍କ ପୁଅ ଲକ୍ଷ୍ମୀନାରାୟଣ ବାଙ୍ଗାଲୋରର ଏହି ଅନାଥ ଝିଅ ତିଳୋତ୍ତମାଙ୍କୁ ପରିବାରର ସହମତିକ୍ରମେ ନୃସିଂହନାଥ ଯାତ୍ରୀନିବାସରେ ବିବାହ କରିଛନ୍ତି। ପଣ୍ଡିତ ହାରାଧର ଦାଶ ବିବାହ କାର୍ଯ୍ୟ କରିଥିବା ବେଳେ ଦୁଃଶାସନ କୁମ୍ଭାର, ଡା. ଦେବଦତ୍ତ ମହାନ୍ତି, ଡା. ଗୌରିକାନ୍ତ ପ୍ରଧାନ, ମୋହନ ଜଗତ, ଜନ୍ମଜୟ ଭୋଇ, ବିଶ୍ୱନାଥ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।



ନୃସିଂହନାଥ ଯାତ୍ରୀ ନିବାସରେ ବିବାହ ଉତ୍ସବ ଚାଲିଛି ।

# ଆଜି ଘରକୁ ପହଞ୍ଚିବେ ଦାଦନ ଶ୍ରମିକ

ବରଗଡ଼ ଅଫିସ୍,୨୮।୨

ତେଲେଙ୍ଗାନା ରାଜ୍ୟ ପଇଦାପଲ୍ଲୀ ଜିଲା ରାମଗିରି ଥାନା ଅନ୍ତର୍ଗତ ପାଣ୍ଡୁଲାପଲ୍ଲୀର ଦାଦନ ଖଟିବାକୁ ଯାଇ ସେଠାରେ ବନ୍ଧା ପଡ଼ିଥିବା ବରଗଡ଼ ଜିଲାର ଶ୍ରମିକମାନେ ଇଟାଭାଟି ମାଲିକଙ୍କ କବଳରୁ ମୁକ୍ତ ହେବା ପରେ ନିଜ ଘର ଅଭିମୁଖେ ବାହାରିଛନ୍ତି। ଖବର ଲେଖାହେବା ସୁଦ୍ଧା (ରାତ୍ରି ୧୦ଟା)ରେ ସେମାନେ ରାୟପୁର ରେଳଷ୍ଟେଶନରେ ପହଞ୍ଚି ସାରିଥିବା ଜଣାପଡ଼ିଛି। ସେଠାରୁ ଟ୍ରେନରେ ଖରିଆର୍ ଆସିବେ ଏବଂ ବସ୍ କିମ୍ବା ଅନ୍ୟ କୌଣସି ଯାତ୍ରୀବାହୀ ଗାଡ଼ି ଯୋଗେ ସଡ଼କପଥରେ ଶ୍ରମିକମାନେ ଶନିବାର ନିଜ ଘରକୁ ପହଞ୍ଚିବେ ବୋଲି ସୂଚନା ମିଳିଛି । ତେବେ ନିଜ ପିଲାଛୁଆଙ୍କ ସମେତ ୩୩ଜଣ ଘରକୁ ଫେରୁଥିବାବେଳେ ଏବେ ମଧ୍ୟ ଅନ୍ୟ ୨ଜଣ ନୂଆପଡ଼ାର ଜଳନ୍ଧର ଏବଂ ପାଇକମାଳ ବ୍ଲକ ଝିଟକି ପଞ୍ଚାୟତ ପଥରେଲ ଗ୍ରାମର କୁଳମଣି ବରିହା ସମ୍ପୃକ୍ତ ଇଟାଭାଟି ମାଲିକଙ୍କ କବ୍‌ଜାରେ ରହିଛନ୍ତି। ସେମାନଙ୍କୁ ମଧ୍ୟ ଉଦ୍ଧାର କରିବା ପାଇଁ ଉଦ୍ୟମ ଜାରି ରହିଥିବା ସାମାଜିକ କର୍ମୀ ଦିବସ କୁମାର ସାହୁ କହିଛନ୍ତି ।



ଫେରିବା ବାଟରେ ନାଗପୁର ରେଳଷ୍ଟେଶନରେ ଦାଦନ ଶ୍ରମିକ ।

ପ୍ରକାଶଥାଉକି, ଗତ ଜୁଲାଇ ମାସରୁ ପାଇକମାଳ ବ୍ଲକ ଯୋଗିନ୍ଦ୍ରନାଥପୁର, ଝିଟକି ଅଞ୍ଚଳର ୩୫ଜଣ ଦାଦନ ଖଟିବାକୁ ତେଲେଙ୍ଗାନାକୁ ଯାଇଥିଲେ। ସେମାନଙ୍କ ମଧ୍ୟରେ ୧୧ଜଣ ଶିଶୁ ମଧ୍ୟ ରହିଥିଲେ। ସେଠାକାର ଇଟାଭାଟି ମାଲିକ ପାରିଶ୍ରମିକ ବଦଳରେ ସେମାନଙ୍କୁ ନିର୍ଯାତନା ଦେଉଥିବା ନେଇ ଜଣେ ନିର୍ଯାତିତ ଶ୍ରମିକ ଗତ ୧୬ତାରିଖରେ ସାମାଜିକ କର୍ମୀ ସାହୁଙ୍କୁ ଫୋନ କରିବା ସହିତ ଏକ ଭିଡ଼ିଓ କ୍ଲିପିଂ ପଠାଇଥିଲେ। ଏହାପରେ ସାମାଜିକ କର୍ମୀ ସାହୁ ଟ୍ୱିଟ୍ ଯୋଗେ ଓଡ଼ିଶା ଏବଂ ତେଲେଙ୍ଗାନା ରାଜ୍ୟର ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ସହିତ ଯୋଗାଯୋଗ କରି ସେମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଚଳାଇଥିଲେ ।



ଯେଉଁମାନେ ଦେଖିଶୁଣି ସମାଜରେ ଅନ୍ୟାୟକୁ ନୀରବରେ ସହିଯାଆନ୍ତି, ସେଇମାନେ ହିଁ ଭବିଷ୍ୟତରେ ଅନ୍ୟାୟ କାର୍ଯ୍ୟ କରିବାକୁ ଲୋକଙ୍କୁ ପ୍ରବର୍ତ୍ତାନ୍ତି । - ଷ୍ଟାଲିନ୍



## ସଂକ୍ଷେପରେ

### ନନ୍ଦନକାନନକୁ ଆସିଲା ହିମାଳୟ ଶାଗୁଣା

**ବାରଙ୍ଗ,୨୮।୨(ଡି.ଏନ.ଏ):** ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଆସିଛି ନୂଆ ଅତିଥି। ଶୁକ୍ରବାର ଗୋଟିଏ ୩ ବର୍ଷର ହିମାଳୟ ଶାଗୁଣା ଉଦ୍ଧାର ହୋଇ ନନ୍ଦନକାନନକୁ ଆସିଛି। ପ୍ରଥମରୁ ଶାଗୁଣାଟି ଅସୁସ୍ଥ ଥିବାରୁ ନନ୍ଦନକାନନ ଡାକ୍ତରଖାନାରେ ରଖାଯାଇ ତା'ର ଚିକିତ୍ସା କରାଯାଉଛି। ଗତ ୨୧ତାରିଖରେ ଖୋର୍ଦ୍ଧା ରଣପୁର ଡିଭିଜନରୁ ଏହି ଶାଗୁଣାକୁ ଉଦ୍ଧାର କରାଯାଇଥିଲା। ତେବେ ସେ ଅସୁସ୍ଥ ଥିବାରୁ ୨୪ତାରିଖରେ ଚିକିତ୍ସା ପାଇଁ ଓୟୁଏଟିକୁ ପଠାଯାଇଥିଲା। ସେଠାରେ ଟିକେ ସୁସ୍ଥ ହେବାରୁ ଶୁକ୍ରବାର ଶାଗୁଣାଟିକୁ ନନ୍ଦନକାନନକୁ ଅଣାଯାଇ କ୍ୱାରେଣ୍ଟାଇନରେ ରଖାଯାଇଥିବାର ଜଣାପଡିଛି। ଏହି ଶାଗୁଣା ଆସିବାପରେ ନନ୍ଦନକାନନରେ ଏହି ପ୍ରଜାତି ସଂଖ୍ୟା ବୃଦ୍ଧିପାଇ ୩ରେ ପହଞ୍ଚିଛି।

### କଳସ ଶୋଭାଯାତ୍ରା

**ସଇଁତଲା, ୨୮।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବେଲଗାଁଠାରେ ୫୬ ପ୍ରହର ନାମଯଜ୍ଞ ତଥା ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଶୁକ୍ରବାର ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ଘଣ୍ଟଘଣ୍ଟା, ବାଜା, ସଂକୀର୍ତ୍ତନ୍ୟ ମାଧମରେ ସ୍ଥାନୀୟ ତେଲନଦୀରୁ ପୂର୍ଣ୍ଣ ଜଳ କଳସ ଆଣିଥିଲେ ।

# ବିଳମ୍ବ ହେଉଛି ପୋର୍ଟାଲ ଫ୍ରେମ୍ ବ୍ରିଜ୍ ନିର୍ମାଣ

**ସୋନପୁର,୨୮।୨(ନି.ପ୍ର.)**

ସୁବର୍ଣ୍ଣପୁର ସହରର ବହୁ ପ୍ରତୀକ୍ଷିତ ରିଂ ରୋଡ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେଉଛି। ସରକାରଙ୍କ ଅନୁଦାନ ସତ୍ତ୍ୱେ କାର୍ଯ୍ୟ ଧିମେଇ ଚାଲିଛି। ଅବଧି ସରିଥିଲେ ମଧ ରିଂ ରୋଡର ଉଭୟ ପାର୍ଶ୍ୱ ପିଚୁ କାମ ସରିନି। ପ୍ରକଳ୍ପର ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପୋର୍ଟାଲ ଫ୍ରେମ୍ ବ୍ରିଜ୍ ନିର୍ମାଣ ଆରମ୍ଭ ହୋଇପାରୁନି। ବିଳମ୍ବକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହି ପ୍ରାଚୀନ ସହରର ତିନିପାର୍ଶ୍ୱକୁ ଘେରି ରହିଛି ମହାନଦୀ ଓ ତେଲନଦୀ। ବର୍ଷାଋତୁରେ ଏହି ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ନଦୀବନ୍ଧ ତଥା ରିଂ ରୋଡ ନିର୍ମାଣ ସକାଶେ ମହାରାଜା ବୀରମିତ୍ରୋଦୟ ସିଂହଦେବ ସଙ୍କଳ୍ପ ନେଇଥିଲେ। ଏଥିପାଇଁ ସେହି ସମୟରେ ପାଣ୍ଠିର ବ୍ୟବସ୍ଥା କରିଥିଲେ। ଉଭୟ ନଦୀରେ ପଥର ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ତାହା ସମ୍ପୂର୍ଣ୍ଣ ହୋଇପାରି ନଥିଲା। ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରିଂ ରୋଡ ନିର୍ମାଣ ପାଇଁ ବିଧିବଦ୍ଧ ନିଷ୍ପତ୍ତି ନେଇଥିଲେ। ସ୍ଥାନୀୟ ବିଧାୟକ ତଥା ବର୍ତ୍ତମାନର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଉଦ୍ୟମକ୍ରମେ ୨୦୧୧ ମସିହାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମଝିରେ ସରକାର ଅନୁଦାନ ନ ଦେବା ଓ ପୋର୍ଟାଲ ବ୍ରିଜ୍‌ର ଡିଜାଇନିଂ ହୋଇ ନ ପାରିବା କାରଣରୁ ୩ବର୍ଷ କାମ ବନ୍ଦ ଥିଲା। ସହରର ଲାଇଫ ଲାଇନ୍ କୁହାଯାଉଥିବା ଏହି କାର୍ଯ୍ୟର ମନ୍ଥରତା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ରିଂ ରୋଡର ମହାନଦୀ ବ୍ରିଜ୍‌ରୁ ୧୫୦୦ ମିଟର ରାସ୍ତା ପିଚୁ ପାଇଁ ୩ କୋଟି ୩ ଲକ୍ଷ ୯୭ ହଜାର ଟଙ୍କାର ଟେଣ୍ଡର ହୋଇଛି। ୨୦୧୮ ଡିସେମ୍ବର ୨୪ ତାରିଖରେ ଠିକାଦାର ପୂର୍ତ୍ତ ବିଭାଗ ସହିତ ଚୁକ୍ତିନାମା କରିଛନ୍ତି। ୨୦୧୯ ନଭେମ୍ବର ୨୩ ତାରିଖରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା।



କାମ ନ ହୋଇ ପଡ଼ିରହିଥିବା ସୋନପୁର ରିଂ ରୋଡ।

**ସୋନପୁର ରିଂ ରୋଡ୍**

- ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଚୁକ୍ତିନାମା କରୁନି
- ଟେଣ୍ଡର ପାଇବାର ସାଢେ ୩ ମାସ ବିତିଲା

ଅବଧିର ୩ମାସ ଅତିକ୍ରାନ୍ତ ହୋଇଥିଲେ ହେଁ ପିଚୁ କାମ ତ ଦୂର ମାଟି ସମତଳରେ ହିଁ କାମ ଅଟକିଛି। ସେହିପରି ୫କୋଟି ୯୧ ଲକ୍ଷ ୭୧ ହଜାର ଟଙ୍କା ବ୍ୟୟରେ ତେଲ ନଦୀ ବ୍ରିଜ୍‌ରୁ ବଡବଜାର ପର୍ଯ୍ୟନ୍ତ ୨୪୦୦ମିଟର ରାସ୍ତା ପିଚୁ, ରିଟେନିଂ ୱାଲ ଓ ୨ଟି ପୋଲ ନିର୍ମାଣ ହେବ। ଟେଣ୍ଡର ପ୍ରକ୍ରିୟା ପରେ ଠିକାଦାର ୨୦୧୯ ଫେବୃୟାରୀ ୬ ତାରିଖରେ ଚୁକ୍ତିନାମା କରିଛନ୍ତି । ଜୁନ୍ ୫ ତାରିଖ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା । କିନ୍ତୁ ପିଚୁ କାମ ଆଦୌ ଆରମ୍ଭ ହୋଇନି। କାମ ମନ୍ଥର ଗତିରେ ଚାଲିଛି । ଜିଲା ପ୍ରଶାସନ ଏହି କାର୍ଯ୍ୟର ସମୀକ୍ଷା କରୁ ନ ଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷେ ରିଂ ରୋଡର ମିସିଂ ଲିଙ୍କ କୁମ୍ଭାରପଡାରୁ ଦଶମତି ଘାଟ ୩୯୩ ମିଟର ଲମ୍ବ ରାସ୍ତା ପୋର୍ଟାଲ ଫ୍ରେମ୍ ବ୍ରିଜ୍ ହେବ । ନଦୀ ପାର୍ଶ୍ୱରେ କଂକ୍ରିଟ୍ ରିଟେନିଂ ୱାଲ ନିର୍ମାଣ କରାଯିବ। ଏଥିପାଇଁ ୫୬ କୋଟି ୯ ଲକ୍ଷ ୮୩ ହଜାର ଟଙ୍କାର ଟେଣ୍ଡର ହୋଇଛି। ଏଆରଏସଏସ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରୁ ଟେଣ୍ଡର ପାଇଲାଣି। କିନ୍ତୁ ଏହି ଠିକା ସଂସ୍ଥା କାର୍ଯ୍ୟ କରିବା ପାଇଁ ଇଏମଡି ଓ ଆଇଏସଡି ଏବଂ ଏପିଏସ(ଆଡିଶନାଲ ପରଫର୍ମାନ୍ସ ସିକ୍ୟୁରିଟି) ଜମା କରୁନି। ପୂର୍ତ୍ତ ବିଭାଗ ସହିତ ଚୁକ୍ତିନାମା କରିବା ପାଇଁ ସମୟ ଗଡାଇ ଚାଲିଛି । ଏଭଳି ସ୍ଥିତିରେ ଏହି ପ୍ରକଳ୍ପ କାର୍ଯ୍ୟ ବହୁ ବିଳମ୍ବିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଅସିତ କୁମାର ବଡପଣ୍ଡା କୁହନ୍ତି ପୋର୍ଟାଲ ଫ୍ରେମ୍ ବ୍ରିଜ୍ ଠିକା ପାଇଥିବା ଏଆରଏସଏସ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ ଆମ ସହିତ ଚୁକ୍ତିନାମା କରିନି। ଏ ସମ୍ପର୍କରେ ନାବାର୍ଡର ମୁଖ୍ୟଯନ୍ତ୍ରୀଙ୍କୁ ଆମେ ଅବଗତ କରି ସାରିଛୁ । ସରକାର ଏ ଦିଗରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

### ଆଇନ ସଚେତନତା ଶିବିର

**ବିନିକା, ୨୮।୨(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ଓକିଲ ସଂଘ ସଭାଗୃହରେ ଶୁକ୍ରବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଶାନ୍ତ ଚନ୍ଦ୍ର ଦଣ୍ଡସେନାଙ୍କ ପରିଚାଳନାକ୍ରମେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ବିନିକା ଜେଏମ୍‌ଏଫ୍‌ସି ଜଗଦୀଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ । ସମ୍ମାନୀତ ଅତିଥିଭାବେ ବିନିକା ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ଦାଶ ଓ ସମ୍ପାଦକ ହରିବଂଶ ମେହେର ଉପସ୍ଥିତ ଥିଲେ । ଶିବିରରେ ସାଇବର ଅପରାଧ ରୋକିବା ଲାଗି ଉଦ୍ଦିଷ୍ଟ ଆଇନ ଉପରେ ଆଲୋଚନା କରାଯାଇଥିଲା। ଏଥିସହିତ ବରଷ୍ଠ ନାଗରିକଙ୍କ ଅଧିକାର, ବୃଦ୍ଧାଶ୍ରମମାନଙ୍କରେ ଆଶ୍ରିତ ବୟୋଜ୍ୟେଷ୍ଠଙ୍କ ଅଧିକାର, ନିରାଶ୍ରୟମାନଙ୍କର ଅଧିକାର ନେଇ ଥିବା ଆଇନ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ଆଇନଜୀବୀ ବୃନ୍ଦାବନ ମିଶ୍ର ସାଇବର ଆଇନ ବିଷୟରେ ଆଲୋଚନା କରିକରିଥିବା ବେଳେ ଉମାଶଙ୍କର ସାହୁ ଓ ଚନ୍ଦ୍ର ଶେଖର କର୍ଣ୍ଣ ଶିବିର ଆୟୋଜନରେ ସହଯୋଗ କରିଥିଲେ ।



ବ୍ଲକସ୍ତରୀୟ ନିଯୁକ୍ତି ମେଳା ତଥା ପରାମର୍ଶ ଶିବିର ମଞ୍ଚାସୀନ ଅତିଥି ।

# ବ୍ଲକସ୍ତରୀୟ ନିଯୁକ୍ତି ମେଳା, ପରାମର୍ଶ ଶିବିର

**ଅମରପାଲି, ୨୮।୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲ୍ୟାଣ ମଣ୍ଡପରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ତରଫରୁ ଏକ ବ୍ଲକସ୍ତରୀୟ ନିଯୁକ୍ତି ମେଳା ତଥା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ଓରମାସର ଡେପୁଟି ସିଇଓ ଯୁବରାଜ ସାହୁ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା (ତାଲିମ) ଶୈବାଳିନୀ ପଟ୍ଟନାୟକ, ଓରମାସ ଜିଲା ସଂଯୋଜକ ବିଶ୍ୱମ୍ଭର ପରିଡା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଅତିଥିମାନେ ଏହି ଯୋଜନାର ସୁବର୍ଣ୍ଣ ସୁଯୋଗ ନେଇ ନିଜର ଦକ୍ଷତାକୁ ବିକାଶ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । ଜିଲା ସଂଯୋଜକ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସମସ୍ତ ପିଆଇଏମାନଙ୍କର ତାଲିମ ବିଭାଗ, କର୍ମ ନିଯୁକ୍ତି ସ୍ଥାନ ଓ ଦରମା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ଏହି ଶିବିରରେ ମୋଟ ୩୭୫ ଜଣ ପିଲା ପଞ୍ଜିକୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨୮୦ ଜଣ ପିଲା ମୋଟ ୯ଜଣ ପିଆଇଏ ମାନଙ୍କ ସହିତ ତାଲିମ ପାଇଁ ସଂଯୋଗ ସ୍ଥାପନ କରିଥିଲେ । ଶେଷରେ ବିପିଏମ ସ୍ୱପ୍ନାରାଣୀ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଏଲସି ରମାକାନ୍ତ ହରିପାଲ ଏବଂ ଦକ୍ଷତା ବିକାଶ ସଂଯୋଜକ ରଞ୍ଜିତ ଖମାରୀ ଓ ବ୍ଲକର ସମସ୍ତ ଏମବିକେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କଇରାଝୁଲି ୟୁପିସ୍କୁଲରେ ଜାତୀୟ ବିଜ୍ଞାନ ଦିବସ

## ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ

**ଉଲୁଣ୍ଡା, ୨୮।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜାଲୋଏ କ୍ଲଷ୍ଟର କଇରାଝୁଲି ୟୁପିସ୍କୁଲରେ ଜାତୀୟ ବିଜ୍ଞାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରେଶ ପଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ହିଙ୍ଗମା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ବୀଣାଦେବୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛୋଟ ଛୋଟ ଘଟଣାରୁ କିପରି ବଡବଡ ଆବିଷ୍କୃତ ହୋଇପାରେ ତାହା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ସାମାଜିକ ଅନୁଷ୍ଠାନ ଗ୍ରାମୋଥାନର ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରତାପ ପଧାନ ଯୋଗଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କିଶୋର ସାହୁ ବିଜ୍ଞାନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବିଭୀଷଣ ଧରୁଆ ଓ ଚୈତନ୍ୟ ଜଗଦଲାଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ଶ୍ରେଷ୍ଠ ତିନୋଟି ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ଏଥିରେ ଉଦିତ କୁମାର ସାଗର ପ୍ରଥମ, ଅରୂପ କୁମାର ସାଗର ଦ୍ୱିତୀୟ ଓ ସଞ୍ଜୟ କୁମାର ସାଗର ତୃତୀୟ ହୋଇଥିଲେ। ସେହିପରି କୁଇଜରେ ସଞ୍ଜୟ ମେଣ୍ଡଲୀ ପ୍ରଥମ, ଦୀପକ ମେଣ୍ଡଲୀ ଦ୍ୱିତୀୟ, ସୁବ୍ରତ ଭୋଇ ତୃତୀୟ, ବିଜ୍ଞାନ ଉପକରଣ ଚିହ୍ନଟରେ ସଞ୍ଜୟ ପଧାନ ପ୍ରଥମ, ଦେବାନନ୍ଦ ଭୋଇ ଦ୍ୱିତୀୟ, ଶ୍ରୀୟା କୁମାରୀ ସାଗର ତୃତୀୟ ସ୍ଥାନରେ ରହିଥିଲେ। ଶିକ୍ଷକ ହୃଷିକେଶ ଚାନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ପର୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ପାଟଣାଗଡ, ୨୮।୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଭକ୍ତବନ୍ଧୁ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳମାଧବ ସୁନା ସମ୍ମାନୀତ ଅତିଥିଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯିବ ତାହା ଉପରେ ମତାମତ ରଖିଥିଲେ। ଏହି ଶିବିରରେ ତିନିଚକିଆ ସାଇକେଲ ୯ଟି, ହ୍ୱିଲ ଚେୟାର ୮ଟି ଏବଂ ଶ୍ରବଣ ଯନ୍ତ୍ର ୭ଗୋଟି ଦିବ୍ୟାଙ୍ଗମାନଙ୍କୁ ପ୍ରଦାନ କରାଯାଇଥିଲା। ତେବେ ବ୍ଲକ ପ୍ରଶାସନ ତରଫରୁ ଅନୁଷ୍ଠିତ ହୋଇଥିବା ଏହି ଶିବିର ସମ୍ପର୍କରେ ଆବଶ୍ୟକ ପ୍ରଚାର ପ୍ରସାର ଅଭାବରୁ ବହୁ ଭିନ୍ନକ୍ଷମ ଜାଣି ପାରି ନ ଥିବା ଅଭିଯୋଗ ହୋଇଛି। ଶିବିରରେ କମ୍‌ଲୋକଙ୍କ ଉପସ୍ଥିତି ବିଷୟରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଧବଳେଶ୍ୱର ଦଳପତିଙ୍କୁ ପଚାରିବାରୁ ଏ ଦିଗରେ ଅଧିକ ସକ୍ରିୟ ହେବାର ଆବଶ୍ୟକତା ଥିଲା। ଆଉ ଥରେ ଏହି ଶିବିର ଆୟୋଜନ କରାଯିବାକୁ ଜିଲା ପ୍ରଶାସନକୁ ପ୍ରସ୍ତାବ ଦିଆଯିବ ବୋଲି ସେ କହିଥିଲେ।

# ଜାତୀୟ ବିଜ୍ଞାନ ଦିବସ ପାଳିତ

**ବିନିକା, ୨୮।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ପଲସାପାଲି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଜ୍ଞାନଭିତ୍ତିକ ଚିତ୍ରାଙ୍କନ, ପ୍ରଶ୍ନୋତ୍ତର ଓ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଅଧ୍ୟୟନରତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଜମିଦାର ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ରାଜକୁମାର ମହାକୁର ଓ ରୋହିତାଶ୍ୱ ପଧାନ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ହୃଦାନନ୍ଦ ପଧାନ, ଶିକ୍ଷୟିତ୍ରୀ ମୁଲତା ଭୂଏ, ରାଜକୁମାର ବଡପଣ୍ଡା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ୩ରୁ ଗ୍ରାମପଞ୍ଚାୟତ କର୍ମଚାରୀ ସଂଘର ଆନ୍ଦୋଳନ

**ଭୁବନେଶ୍ୱର, ୨୮।୨(ବ୍ୟୁରୋ)**

ଚଳିତବର୍ଷ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ପୂରଣ ନିମନ୍ତେ ଆସନ୍ତା ୩ ତାରିଖରୁ ବିଶାଳ ଗଣଧାରଣା ଅନୁଷ୍ଠିତ ହେବ। ଏନେଇ ସଂଘର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସେନାପତି ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଲୋୟର ପିଏମ୍‌ଜିଠାରେ ହେବାକୁ ଥିବା ଏହି ଆନ୍ଦୋଳନରେ ପିଅନ, ରାତ୍ର ଜଗୁଆଳି ଓ ଝାଡୁଦାର ଭଳି ଗ୍ରାମପଞ୍ଚାୟତ କର୍ମଚାରୀମାନେ ସାମିଲ ହେବେ। ଏଥିରେ ଓଡ଼ିଶାର ସମସ୍ତ ୬,୭୯୮ ପଞ୍ଚାୟତରେ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ ସାମିଲ୍ ହେବାକୁ ରାଜ୍ୟ ସଂଘ ତରଫରୁ ଆହ୍ୱାନ ଦିଆଯାଇଛି।

# ସାଧାରଣ ବିଜ୍ଞାନରେ କପି, ୫ ଧରାପଡ଼ିଲେ

**ସୋନପୁର,୨୮।୨(ନି.ପ୍ର.)**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସୁବର୍ଣ୍ଣପୁର ଜିଲାର ୪୭ଟି କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ଶୁକ୍ରବାର ମୋଟ ୮୬୯୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୪୭୬ ଜଣ ସାଧାରଣ ବିଜ୍ଞାନରେ ପରୀକ୍ଷା ଦେଇଥିଲା। ତେବେ ଜିଲାର ୨୧୭ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସେହିଭଳି ସାଧାରଣ ବିଜ୍ଞାନରେ କପି କରିବା ଅଭିଯୋଗରେ ୫ ପରୀକ୍ଷାର୍ଥୀ ଫ୍ଲାଇଁ ସ୍କ୍ୱାଡ ଓ ସୋଶାଲ ସ୍କ୍ୱାଡ ଟିମ୍ ହାତରେ ଧରା ପଡିଛନ୍ତି ।

# କୋବ୍ରାକୁ ହରାଇଲା ଏସ୍‌ଡିସିଏ ଲାୟନ୍ସ

**ଉଲୁଣ୍ଡା, ୨୮।୨(ଡି.ଏନ.ଏ.)**

**ଓସିଏର ଭିଜନ ୨୦୨୪**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କଲେଜ ପଡିଆଠାରେ ଚାଲିଥିବା ବରିଷ୍ଠ ବିଭାଗର ଭିଜନ-୨୦୨୪ ପ୍ରତିଯୋଗିତାର ଶୁକ୍ରବାର ଖେଳରେ ଏସଡିସିଏ ଲାୟନ୍ସ ଦଳ ଏସଡିଏ କୋବ୍ରାକୁ ୪ ଉଇକେଟରେ ପରାସ୍ତ କରିଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି କୋବ୍ରା ଦଳ ୩୪.୫ ଓଭରରେ ୧୯୫ ରନ କରି ସମସ୍ତ ଉଇକେଟ ହରାଇଥିଲେ। ଦଳ ପକ୍ଷରୁ ସୁନୀଲ ସେବକ ସର୍ବାଧିକ ୪୨ ରନ କରିଥିବା ବେଳେ ବିପକ୍ଷ ଦଳର ବୋଲର ପ୍ରିତମ ପାଣିଗ୍ରାହୀ ୫ ଉଇକେଟ ହାସଲ କରିଥିଲେ। ଏହାର ଜବାବରେ ଲାୟନ୍ସ ଦଳ ୩୭.୫ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ରନ ହାସଲ କରି ନେଇ ବିଜୟୀ ହୋଇଥିଲା। ଲାୟନସ ପକ୍ଷରୁ ମହମ୍ମଦ ଇବ୍ରାହିମ ଖାନ ୪୭ ଓ ରାକେଶ ସାହୁ ୩୭ ସଂଗ୍ରହ କରିଥିଲେ। ଆଜିର ଖେଳକୁ ଶିବନ୍ତ କୁମାର ନାଏକ ଓ ସତ୍ୟାନାରାୟଣ ପଧାନ ପରିଚାଳନା କରିଥିଲେ। ସରୋଜ କୁମାର ମିଶ୍ର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାରର ଖେଳରେ ଅତିଥିଭାବେ ଉଲୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୁନୁରାମ ମହାକୁର ଅତିଥି ଭାବରେ ଯୋଗଦେଇ ପ୍ରିତମ ପାଣିଗ୍ରାହୀଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଓଡିଶା କ୍ରିକେଟ ଆସୋସିଏଶନ, ଏସଡିସିଏ ସୋନପୁର ଏବଂ ଉଲୁଣ୍ଡା ବିସିଏ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଛି।



ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

# ଆନ୍ଦୋଳନର ପଞ୍ଚମ ଦିନରେ ଚାଷୀଙ୍କ ନିଆରା ପ୍ରତିବାଦ

**ତରଭା, ୨୮।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଆଞ୍ଚଳିକ କୃଷକ ସଂଗଠନ ଆନୁକୂଲ୍ୟରେ ଚାଲିଥିବା ଚାଷୀ ଆନ୍ଦୋଳନ ପଞ୍ଚମ ଦିନରେ ପହଞ୍ଚିଛି। ଶୁକ୍ରବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ତରଭା ବ୍ଲକର ଚାଷୀମାନେ ନିଆରା ଢଙ୍ଗରେ ପ୍ରତିବାଦ କରିଥିଲେ। ଜିଲା ପ୍ରଶାସନର ସଂସ୍କାର କରିଥିଲେ। ଶେଷ ଚାଷୀଠାରୁ ଶେଷ ବସ୍ତା ଧାନ ନ ଉଠିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚାଷୀମାନେ ବ୍ଲକ ସମ୍ମୁଖରେ ହିନ୍ଦୁରୀତି ଅନୁଯାୟୀ ଏକ କୁଶପୁତ୍ତଳିକା କରି ତାହାକୁ ପ୍ରଶାସନର ଆଖ୍ୟାଦେଇ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । ପରେ ପୁଣି ବ୍ଲକ ଅଫିସ ସମ୍ମୁଖକୁ ଆସି ସେଠାରେ ଅଗ୍ନି ସଂଯୋଗ କରି ପ୍ରଶାସନର ସଂସ୍କାର କରିଥିଲେ। ଅଞ୍ଚଳର ଚାଷୀ ସରକାରଙ୍କ ମାରଣା ନୀତିରେ ଟୋକନ ଲାପ୍‌ସ ହୋଇଯିବା ଯୋଗୁଁ ସେମାନଙ୍କର ଧାନବିକ୍ରି କରିପାରି ନାହାନ୍ତି। ଆଉ କେତେକ ଅନଲାଇନରେ ପଞ୍ଜିକୃତ ହୋଇଥିଲେ ମଧ ଟୋକନ ପାଇନାହାନ୍ତି। ଫଳରେ ଧାନ ଚାଷୀ ନିଜଘରେ ରଖିବାକୁ ବାଧ ହୋଇଛନ୍ତି । ସଂସ୍କାର କାର୍ଯ୍ୟକ୍ରମ ପରେ ଜିଲା ପ୍ରଶାସନ ପକ୍ଷରୁ ସିଏସଓ ବିବେକାନନ୍ଦ କେର୍କେରା ଘଟଣାସ୍ଥଳରେ ପହଞ୍ଚି ଯେତେ ଚାଷୀ ଧାନ ବାହାରେ ରଖିଛନ୍ତି ତାଙ୍କର ତାଲିକା ଦେଲେ ଉଠିବାର ବ୍ୟବସ୍ଥା ମୁଁ ନିଜେ କରିବି ବୋଲି ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ୟାକ୍ସରେ ଥିବା ଧାନଗୁଡିକ ଗୁରୁବାରଠାରୁ ବିଭିନ୍ନ ମିଲ୍‌କୁ ଯାଉଥିବା ଜଣାପଡିଛି । ଚାଷୀମାନେ ସିଏସଓ କେର୍କେରାଙ୍କ ଆଗରେ ଶେଷ ଚାଷୀଠାରୁ ଶେଷ ବସ୍ତା ଧାନ ନ ଉଠିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ପୁଣି ଦୋହରାଇଥିଲେ। ଏହି ଶୋଭାଯାତ୍ରା ସମୟରେ ଜିଲା କୃଷକ ସଂଘଠନ ସଭାପତି ରାଜେନ୍ଦ୍ର ନାଏକ, ଉଲୁଣ୍ଡା ବ୍ଲକ ଉପସଭାପତି ସୁଧିର ବଘାର, ସମ୍ପାଦକ ସତ୍ୟ ପଧାନ, ଉପେନ୍ଦ୍ର ଡାଙ୍ଗ, ବୀରମହାରାଜପୁର ଉପଖଣ୍ଡ କୋଷାଧ୍ୟକ୍ଷ ନରୋତ୍ତମ ପଧାନ, ମିତ୍ରବ୍ରତ ମିଶ୍ର, ପୁରନ୍ଦର ବାଗ, ସଦାନନ୍ଦ ପାଣିଗ୍ରାହୀ, ମନୋଜ ମନହୀରା, କାର୍ତ୍ତିକ ନାଗ, ପରମାନନ୍ଦ ମିଶ୍ରଙ୍କ ସମେତ ସଂଗଠନର ଉପସଭାପତି କଙ୍ଗାଲୁ ବରାଡ, ଭବାନୀଶଙ୍କର ମିଶ୍ର, ନିଳାଦ୍ରି ମେହେରଙ୍କ ସମେତ ଅନେକ ଚାଷୀ ଧାରଣା ଓ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।



ଚାଷୀମାନେ ପ୍ରଶାସନର ଆଖ୍ୟା ଦେଇ ତିଆରି କରିଥିବା କୁଶପୁତ୍ତଳିକାକୁ ପୋଡୁଛନ୍ତି।

> ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ, ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ।
> - ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ୧୧ବର୍ଷ ପରେ ମାରପିଟ ମାମଲାର ଅଭିଯୁକ୍ତଙ୍କୁ ଜରିମାନା

ନୂଆପଡା ଅଫିସ/ଖଡିଆଳ,୨୮।୨ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ଥାନା ଚିନ୍ଦାଗୁଡା ଗାଁରେ ଏକ ମାରପିଟ ମାମଲାରେ ଜେଏମଏଫସି ଦୀର୍ଘ ୯ ବର୍ଷ ପରେ ଅଭିଯୁକ୍ତଙ୍କୁ ୫ ଶହ ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶ ଯେ ଗାଁର ଜଣେ ଯୁବକ ଶୌଚ ପାଇଁ ଯାଉଥିବା ସମୟରେ ବାଟରେ ଅଟକାଇ ସେହି ଗାଁର ଧର୍ମେନ୍ଦ୍ର କୁମାର ବିଶି (୫୦) ମାରପିଟ କରିଥିଲେ ଏହାକୁ ନେଇ ଅଭିଯୋଗକାରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏକ ମାମଲା (ନଂ. ୫୬/୨୦୦୯) ରୁଜୁ କରିଥିଲା । ଦୀର୍ଘ ବର୍ଷ ଧରି କୋର୍ଟରେ ମାମଲାର ବିଚାର ଚାଲିଥିଲା । ଶେଷରେ ଶୁକ୍ରବାର ଜେଏମଏଫସି ହବିବୁର ରହେମାନ ସିଦ୍ଦିକି ଅଭିଯୁକ୍ତଙ୍କୁ ୫ ଶହ ଟଙ୍କାର ଜରିମାନା କରିଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ କ୍ୟାଡର ପିପି ଅଖମଲ ସରିଫ, ଆଦିତ୍ୟ ମହାପାତ୍ର ପରିଚାଳନା କରଥିଲେ।



ଜାତୀୟ ବିଜ୍ଞାନ ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।


ଜାତୀୟ ବିଜ୍ଞାନ ଦିବସରେ ଯୋଗଦେଇଥିବା ଛାତ୍ରୀଛାତ୍ର।

# ବିଜ୍ଞାନର ଅପବ୍ୟବହାର କଲେ ବିନାଶ ହେବ

ନୂଆପଡା ଅଫିସ,୨୮।୨

**ଜାତୀୟ ବିଜ୍ଞାନ ଦିବସ**
- ଛାତ୍ରୀଙ୍କ ବିଜ୍ଞାନଭିତ୍ତିକ ନାଟକ ପ୍ରଦର୍ଶନ

ଭାରତ ବର୍ଷ ବିଜ୍ଞାନର ଦେଶ । ଏଠାରେ ଆଧ୍ୟାତ୍ମିକତା ମଧ୍ୟରେ ମଧ୍ୟ ବିଜ୍ଞାନ ସମ୍ମତ କାରଣ ସବୁ ଲୁଚିରହିଛି ।ଆଜିଆମେ ବିଜ୍ଞାନ ପାଇଁ ଜିଇଁଛୁ ଏବଂ ଆମ ପାଇଁ ବିଜ୍ଞାନ ମଧ୍ୟ। ଏହାର ସଦବିନିଯୋଗ କରି ଆମେ ଉନ୍ନତିର ଚରମ ସୀମାରେ ପହଞ୍ଚିପାରିବୁ। ସେହିଭଳି ଏହାର ଦୁରୁପଯୋଗ କଲେ ବିନାଶ ଅବସ୍ୟମ୍ଭାବି ବୋଲି ମତ ପ୍ରକାଶ ପାଇଛି । ସ୍ଥାନୀୟ ଡୁମେରପାଣି ଉନ୍ନୀତ ସରକାରୀ ଉଚ୍ଚବିଦ୍ୟାଳୟରେ ଆୟୋଜିତ ଜାତୀୟ ବିଜ୍ଞାନ ଦିବସ ପାଳନରେ ଅତିଥିମାନେ ଏହି ମତ ରଖିଥିଲେ। ଶୁକ୍ରବାର ମଧ୍ୟାହ୍ନ ଗୋଟାଏରେ ହାଇସ୍କୁଲସ୍ଥିତ ବିଜ୍ଞାନ ପରୀକ୍ଷଣ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ କୌସ୍ତୁଭ ସାହୁ ସଭାପତିତ୍ୱ କରିଥିବାବେଳେ ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ ମୁଖ୍ୟଅତିଥି, ନ୍ୟାଶନାଲ କଲେଜ ବିଜ୍ଞାନ ଅଧ୍ୟାପକ କପିଳଦେବ ପାଣିଗ୍ରାହୀ ମୁଖ୍ୟବକ୍ତା, ଖରିଆରରୋଡ ସରକାରୀ ନୋଡାଲ ହାଇସ୍କୁଲର ବରିଷ୍ଠ ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ଯୋଷୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସୁଶାନ୍ତ ଯୋଷୀ ବିଜ୍ଞାନ କାହିଁକି, କିପରି ଏବଂ କ'ଣ ସେ ଉପରେ ବିଷଦ ଭାବେ ବର୍ଣ୍ଣନା କରିଥିଲେ। ଏହାର ସୁବିନିଯୋଗ କଲେ କ'ଣ ଲାଭ ମିଳିଥାଏ ଏବଂ ଦୁରୁପ ଯୋଗ କଲେ କିପରି କ୍ଷତିସାଧନ ହୋଇଥାଏ ତାହା ଉପସ୍ଥାପନ କରିଥିଲେ। ସେହିଭଳି ଅଧ୍ୟାପକ ପାଣିଗ୍ରାହୀ ବିଜ୍ଞାନ କ'ଣ ଏବଂ ଏହାର ଉତ୍ପତି, ଉଦ୍ଭାବନ, ଆବିଷ୍କାର କିପରି ହୋଇଥାଏ ବିଭିନ୍ନ ଉଦାହରଣ ଦେଇ କହିଥିଲେ। ସେହିଭଳି ଅଶ୍ୱିନୀ ଭୋଇ ପିଲାଙ୍କ ମଧ୍ୟରେ ବିଜ୍ଞାନ ପ୍ରତି କିପରି ରୁଚି ବଢିବ ସେଥିପାଇଁ ଉଭୟ ଅଭିଭାବକ, ଛାତ୍ରୀଛାତ୍ରଙ୍କୁ ମିଳିତ ପ୍ରୟାସ ଆବଶ୍ୟକ। ଏଥିପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଯାଉଛି ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ଅତିଥିମାନେ ବୁଲି ଦେଖିଥିଲେ। ଶେଷରେ ଛାତ୍ରୀମାନେ ସଙ୍ଗୀତ ଭିତିକ ବିଜ୍ଞାନର ଏକ ନାଟକ ପରିବେଷଣ କରିଥିଲେ। ଏହାକୁ ଛାତ୍ରୀଛାତ୍ର, ଅତିଥିମାନେ ମନଭରି ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ମନୋହର ସାହୁ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ଗଜେନ୍ଦ୍ର ସିଂ, ରୁନିପମା ଜେନା, ସୁନୀତା ପାଣିଗ୍ରାହୀ, ମିନତୀ ମହାନ୍ତି, ଜୟତରାମ ରଣା ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର, କାରଣ ଅସ୍ପଷ୍ଟ

କୋମନା,୨୮।୨ (ଡି.ଏନ.ଏ.)

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

ନୂଆପଡା ଜିଲା କୋମନା ଥାନା ଅନ୍ତର୍ଗତ ଧରମପୁର ୩୫୩ ନଂ. ଜାତୀୟ ରାଜପଥ ଗୋହିରାପଦର ଛକ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ କୋମନା ବ୍ଲକ ଦାନୋଖୋଲା ଗ୍ରାମର ଜୟନ୍ତ କୁମାର ନାଗ (୨୦) । ସୂଚନା ଅନୁସାରେ ଯୁବକ ଜଣକ ଗୁରୁବାର ରାତିରେ ମାମୁଁଘର ଧରମପୁର ଗାଁକୁ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆସିଥିଲେ। ରାତିରେ ମାମୁଁ ଅଜାଙ୍କ ସହ ଏକାଠି ଶୋଇଥିଲେ। ଭୋରରୁ ଅଜା ଉଠି ଶୌଚ ପାଇଁ ଧରମପୁର ପୋଖରୀ ପଟେ ଯିବା ବେଳେ ଜୟନ୍ତ ମଧ୍ୟ ତାଙ୍କ ସହିତ ଯାଇଥିଲେ।

ପୋଖରୀ ନିକଟରେ ଅଜାଙ୍କୁ ପ୍ରାତଃ ଭ୍ରମଣରେ ଯାଉଥିବା କହି ରାସ୍ତାରେ ଚାଲି ଚାଲି ଯାଇଥିଲେ। ସକାଳ ୬ଟାରେ ରାଜପଥରେ ଯାତାୟାତ କରୁଥିବା ଲୋକେ ଗୋହିରାପଦର ଛକ ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ମାମୁଘର ଲୋକେ ପହଞ୍ଚି ତାହା ଜୟନ୍ତଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ। ଜୟନ୍ତଙ୍କ ଏକ ହାତରେ କଟା ଚିହ୍ନ ଓ ଛକ ନିକଟରେ ଥିବା ବିଶ୍ରାମ ଘରେ ରକ୍ତ ପଡିଥିବା ଦେଖି ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ମୃତଦେହ ପଡିଥିବା ସ୍ଥାନରେ କିଛି ଚାରିଚକିଆ ଗାଡି ଚିହ୍ନ ଦେଖିବାକୁ ମିଳିଛି । ଫଳରେ କୌଣସି ଅଜଣା ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ମଧ୍ୟ ସନ୍ଦେହ କରାଯାଉଛି। ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ପରିବାର ଲୋକେ ଘଟଣା ଉପରେ ଠିକ ନ ହେବାରୁ ସନ୍ଧାନୀ କୁକୁର ଆଣି ତଦନ୍ତ କରିବାକୁ ଦାବି କରିଥିଲେ। ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ପୋଲିସ ରକ୍ତ ନମୁନା ସଂଗ୍ରହ କରିଥିଲା। ପରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ କୋମନା ପୋଲିସ ଧାରା ୨୭୯, ୩୦୪ (ଏ)ରେ ଏକ ମାମଲା (ନଂ. ୫୦/୨୦) ରୁଜୁ କରିଛି। ଘଟଣାର ତଦନ୍ତ କରୁଥିବା ତରବୋଡ ଫାଣ୍ଡି ଅଧିକାରୀ ଲଛିନ୍ଦ୍ର ଚଲାନ କହିଛନ୍ତି ।

# ନ୍ୟାଶନାଲ କଲେଜର ବାର୍ଷିକ ଉତ୍ସବ

ନୂଆପଡା ଅଫିସ,୨୮।୨



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ସ୍ଥାନୀୟ ନ୍ୟାଶନାଲ କଲେଜର ୪୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ସମରେନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ଜିଲାପାଳ ତଥା କଲେଜ ପରିଚାଳନା କମିଟି ସଭାପତି ସୀତାରାମ ପଟେଲ ମୁଖ୍ୟଅତିଥି, ଡ.ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା, କବିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସାଂସ୍କୃତିକ ପରିଷଦର ଉପସଭାପତି ଦୁର୍ଲଭ ଚରଣ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କଲେଜ ଅଧ୍ୟକ୍ଷ ଦାସ କଲେଜର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ କଲେଜ ବିଭିନ୍ନ ବ୍ୟବସ୍ଥା ସହ ଛାତ୍ରୀଛାତ୍ରଙ୍କ କୃତୀତ୍ୱ ଉପରେ ବିଶେଷ ପ୍ରଶଂସା କରିଥିଲେ । ନୂଆପଡା ଭଳି ଉପାନ୍ତ ଅଞ୍ଚଳରେ ନ୍ୟାଶନାଲ କଲେଜ ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିପାରିଛି। ଏହା ଶିକ୍ଷାର ଏକ ସୌଧ କହିଲେ ଅତୁକ୍ତି ହେବନାହିଁ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ର ମୂଳଚାନ୍ଦ ରଣାଙ୍କୁ ଶ୍ରେଷ୍ଠ ସାଂସ୍କୃତିକ ବିଜେତା ଓ ଶୁଭଲକ୍ଷ୍ମୀ ସାହୁଙ୍କୁ ଉପବିଜେତା ଭାବେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ରକ୍ତଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତବର୍ଷ ଯୁକ୍ତ ଦୁଇ ଏବଂ ଯୁକ୍ତ ତିନି କଳା, ବାଣିଜ୍ୟ ଓ ବିଜ୍ଞାନରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ସଚିନ ରଞ୍ଜନ ବାବୁ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଶିବ ପ୍ରସାଦ ସା ଧନ୍ୟବାଦ ଜ୍ଞାପନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାକୁ ଅଧ୍ୟାପିକା ନନ୍ଦିନୀ ମଞ୍ଜରୀ ହୋତା, ବୈଦ୍ୟନାଥ ଗଡତିଆ, ପ୍ରକାଶ କୁମାର ସାହୁ, କପିଳଦେବ ପାଣିଗ୍ରାହୀ, ଈଶ୍ୱର ପଟେଲ ପ୍ରମୁଖ ପରିଚାଳନା କରିଥିଲେ।

# କୃଷକ ସଚେତନତା ଶିବିର

ବରପାଲି, ୨୮।୨ (ଡି.ଏନ.ଏ)

ବରପାଲି ବ୍ଲକ କୁମ୍ଭାରୀ ସମଲେଇପଦର ଗ୍ରାମରେ ସ୍ଥାନୀୟ କୃଷି ବିଭାଗ ଆନୁକୂଲ୍ୟରେ ଚାଷୀମାନଙ୍କୁ ନେଇ କୃଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ କୃଷି ଅଧିକାରୀ ବାବାଜୀ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଷାକ୍ତ କୀଟନାଶକ ଓ ମାଟି ପରୀକ୍ଷା ବିଧି ଉପରେ ଆଲୋକପାତ କରିଥିଲେ । କୃଷି ବିଶେଷଜ୍ଞ ସାରକୁ କିଭଳି ବ୍ୟବହାର କରାଯିବ ସେ ଦିଗରେ ପରାମର୍ଶ ଦେଇଥିଲେ । ଏଥିରେ କୃଷି ଅଧୀକ୍ଷକ ଶୁକଦେବ ମହାରଣା ପ୍ରମୁଖ ସହଯୋଗ କରିଥିଲେ ।

# ଭେଡ଼େନ କଲେଜର ବାର୍ଷିକୋତ୍ସବ

ଭେଡ଼େନ,୨୮।୨ (ଡ଼ି.ଏନ.ଏ)

ଭେଡ଼େନ ସ୍ଥିତ ଆଞ୍ଚଳିକ କିଶାନ କଲେଜର ୩୯ ତମ ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ଗଜାନନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପୋ ମୁଖ୍ୟଅତିଥି, ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି ସମ୍ମାନିତ ଅତିଥି, ବରଗଡ଼ ମହିଳା କଲେଜ ଅଧାପିକା ସଂଘମିତ୍ରା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଛାତ୍ର ସଂସଦ ସଭାନେତ୍ରୀ ମିତ୍ରବିନ୍ଦା ସୁନା ବିବରଣୀ ପଠନ ଏବଂ ସଂସଦ ଉପଦେଷ୍ଟା ଅଧାପକ ରଞ୍ଜନ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


ଜାତୀୟ ବିଜ୍ଞାନ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସାଗୁନଭାଡି ୟୁ.ପି. ସ୍କୁଲରେ ଜାତୀୟ ବିଜ୍ଞାନ ଦିବସ

ସିନାପାଲି,୨୮।୨ (ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ୍ ଚଟିଆଗୁଡା ପଞ୍ଚାୟତ ଅନ୍ତର୍ଗତ ସାଗୁନଭାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାମାନଙ୍କ ଦ୍ୱାରା ବିଭିନ୍ନ ବିଷୟ ଉପରେ ଆଧାରିତ ପ୍ରାୟ ୨୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଅତିଥିବୃନ୍ଦ ସମସ୍ତ ବିଜ୍ଞାନ ପ୍ରକଳ୍ପକୁ ପରିଦର୍ଶନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ବେଲାରାଣୀ ଉଚ୍ଚ ବିଦ୍ୟାପୀଠ ପ୍ରଧାନଶିକ୍ଷକ ସୁପୁଚ୍ଛ ମଉଳି ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ବିଜ୍ଞାନ ଶିକ୍ଷକ ତୁଳସୀରାମ ମେହେର, ମୁଖ୍ୟବକ୍ତା ତ୍ରିବିକ୍ରମ ପାତ୍ର, ସମ୍ମାନିତ ଅତିଥି ସିଆରସିସି ରାକେଶ ମିଶ୍ର, ଶୋଭାରାମ ମହାନନ୍ଦ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଭାତ ନଳିନୀ ବେହେରା ସଂଯୋଜନା କରିଥିଲେ। ମଞ୍ଚାସୀନ ଅତିଥିବୃନ୍ଦ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ପ୍ରତି ଆକୃଷ୍ଟ ହେବା ସହ ଭବିଷ୍ୟତରେ ସିଭି ରମଣଙ୍କ ଭଳି ଜଣେ ଜଣେ ବୈଜ୍ଞାନିକ ହେବା ପାଇଁ ଲକ୍ଷ୍ୟ ନେଇ ଆଗାଇବାକୁ ପରାମର୍ଶ ଦେଇଥିଲେ । ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସାଗୁନଭାଡି ଟେକନ୍ ଓଭର୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଜିତେନ୍ଦ୍ର କୁମାର ଠାକୁର, ସୁପ୍ରିୟା ପାତ୍ର, ମୁକ୍ତେଶ୍ୱର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

**PARADIP PORT TRUST**
**E-AUCTION NOTICE**
NO.EM/MM/SCRAP-12-2019/55
Dtd. 20.02.2020
Paradip Port Trust intent to dispose off **Spillage Iron Ore on "as is where is basis"** by e-auction through M/s. MSTC. For details interested bidders may log on to MSTC website **www.mstcindia.co.in/ www.mstcecommerce.com**
Sr. Dy. Materials Manager
PPT/PR/691/19-20 Dt. 28.02.2020

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMSBP2020015, ତା: 24.02.2020
**କାର୍ଯ୍ୟର ନାମ :** ତାଳଚେର ରୋଡ଼ ଠାରେ ଫ୍ଲାଇ ଓଭର ସହିତ ଜରପଡ଼ା ଏବଂ ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ : ଜରପଡ଼ା ଷ୍ଟେସନ ଠାରୁ ତାଳଚେର ରୋଡ଼ ଷ୍ଟେସନ ପର୍ଯ୍ୟନ୍ତ ତୃତୀୟ ଏବଂ ଚତୁର୍ଥ ଲାଇନ୍ ଏବଂ ତାଳଚେର ରୋଡ଼ ଠାରୁ ତାଳଚେର ଚତୁର୍ଥ ଲାଇନ୍ : ଟ୍ରାକ୍ ସଂଯୋଗ (Linking of Track), ପଏଣ୍ଟ ଏବଂ କ୍ରସିଂଗୁଡ଼ିକର ଅନ୍ତଃସ୍ଥାପନ (Insertion) ଏବଂ ବିଛାଇବା, ଟ୍ରାକ୍ର ଆଲୁମିନା ଥର୍ମିକ(AT) ୱେଲ୍ଡିଂ, P.Way ସାମଗ୍ରୀଗୁଡ଼ିକର ପରିବହନ, ବାଲାଷ୍ଟକୁ ଗୋଟିଏ ସ୍ଥାନରୁ ଉଠାଇ ଅନ୍ୟ ସ୍ଥାନ ପର୍ଯ୍ୟନ୍ତ ନେଇଯିବା (Leading & Spreading) ଏବଂ ବିଛାଇବା କାର୍ଯ୍ୟ, ଲେଭେଲ କ୍ରସିଂଗୁଡ଼ିକ ଠାରେ ଲିଫ୍ଟିଂ ବାରିଅର (Lifting Barriers)ଗୁଡ଼ିକର ଯୋଗାଣ ଏବଂ ସ୍ଥାପନ ଭଳି P.Way କାର୍ଯ୍ୟ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹ 2339.12 ଲକ୍ଷ, EMD (ଟଙ୍କାରେ) : ₹ 13,19,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 24(ଚବିଶି)ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.03.2020ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ଟେଣ୍ଡର ମୂଲ୍ୟ ତୁଳନାରେ 10% ରୁ କମ୍ ମୂଲ୍ୟର ପ୍ରସ୍ତାବ ପ୍ରଦାନ କରୁଥିବା ଟେଣ୍ଡରଦାତାମାନଙ୍କୁ ପ୍ରସ୍ତାବ ସ୍ୱୀକୃତ ହେବା ସ୍ଥିତିରେ ସେହି ମାତ୍ରାରେ ପ୍ରତିଶତ ଅତିରିକ୍ତ ପରଫରମାନ୍ସ ଗ୍ୟାରେଣ୍ଟି ଦାଖଲ କରିବାକୁ ହେବ, ଯେଉଁ ମାତ୍ରାରେ 10 ପ୍ରତିଶତରୁ କମ୍ ପ୍ରସ୍ତାବ ଦିଆଯାଇଛି ।
**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-128/CC/19-20

**ପୂର୍ବ ତଟ ରେଳପଥ**
**ଯୁଯୁମୁରା-ଘରମାଲ ଏବଂ ଜରପଡ଼ା-କେରେଜାଙ୍ଗ ଷ୍ଟେସନ ମଧ୍ୟରେ ଜଗୁଆଳୀଥିବା ଲେଭେଲ କ୍ରସିଙ୍ଗ୍ ଫାଟକକୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନିକ ସୂଚନା**

ଏହି ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗଗୁଡ଼ିକ ଠାରେ ରୋଡ଼ ଅଣ୍ଡର ବ୍ରିଜ୍ (RUB) ର ନିର୍ମାଣ ହୋଇ ସାରିଥିବା କାରଣରୁ ସଡ଼କ ବ୍ୟବହାରକାରୀମାନଙ୍କ ନିମନ୍ତେ ନିମ୍ନଲିଖିତ "C" ଶ୍ରେଣୀ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗଗୁଡ଼ିକୁ ସଡ଼କ ଯାତାୟାତ ନିମନ୍ତେ ସ୍ଥାୟୀ ରୂପେ ବନ୍ଦ କରି ଦିଆଯିବ । **ତେଣୁ ତା.29.02.2020 ରିଖ ଠାରୁ ନିମ୍ନ ବର୍ଣ୍ଣିତ ପ୍ରହରୀଯୁକ୍ତ ଲେଭେଲ କ୍ରସିଙ୍ଗ ଗୁଡ଼ିକୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ବନ୍ଦ କରି ଦିଆଯିବ ।**

| କ୍ର. ସଂ. | ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ୍ କ୍ରସିଙ୍ଗ୍ ସଂଖ୍ୟା | LCର ରେଳ କିଲୋମିଟର |
|---|---|---|---|---|
| 1. | ସମ୍ବଲପୁର-ଅନୁଗୋଳ | ଯୁଯୁମୁରା-ଘରମାଲ | ST-32 | 54/8-9 |
| 2. | ସମ୍ବଲପୁର-ଅନୁଗୋଳ | ଜରପଡ଼ା-କେରେଜାଙ୍ଗ | ST-92 | 140/7-8 |

ପତ୍ର ସଂ.1149/Judl, ତା.20.06.2012 ରିଖ (କ୍ରମ ସଂ.1 ପାଇଁ) ଏବଂ ପତ୍ର ସଂ.1004/G&M, ତା.27.05.2010 ରିଖ (କ୍ରମ ସଂ.2 ପାଇଁ) ଦ୍ୱାରା କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ, ସମ୍ବଲପୁର ଏବଂ ଅନୁଗୋଳ ତାଙ୍କର ଅନୁମତି ପ୍ରଦାନ କରିଛନ୍ତି ।
PR-744/K/19-20 — ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ପୂର୍ବ)/ସମ୍ବଲପୁର

**ଆନ୍ଧ୍ର ବ୍ୟାଙ୍କ** (ଭାରତ ସରକାରଙ୍କ ଏକ ଉପକ୍ରମ)
ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର ହଂସିନୀ ଟାୱାର, ଅଇଁଠାପାଲ୍ଲୀ, ସମ୍ବଲପୁର-୭୬୮୦୦୪, ଫୋନ୍ ନଂ.: ୦୬୬୩-୨୫୪୧୯୭୧

ଆନ୍ଧ୍ର ବ୍ୟାଙ୍କ, ସମ୍ବଲପୁର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ବିକ୍ରୟର ସୂଚନା ନିମନ୍ତେ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ଉପଯୁକ୍ତ ଭାବେ ପ୍ରଦାନ କରାଯାଇନପାରିବାରୁ ଏହା ଖବରକାଗଜ ମାଧ୍ୟମରେ ପ୍ରକାଶନ କରାଯାଉଅଛି।
**ବିକ୍ରୟର ସୂଚନା ନିମନ୍ତେ ଋଣଗ୍ରହୀତାଙ୍କୁ ନୋଟିସ୍ (୩୦ ଦିନିଆ ନୋଟିସ୍)**
**{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}**
**ପ୍ରାପ୍ତେଷ୍ଟୁ, ଋଣଗ୍ରହୀତା:** ମେସର୍ସ **ଶ୍ରୀ ରବି ବ୍ରିକ୍ସ,** ସା: ଖୁଣ୍ଟପାଲି, ଟାମ୍ପରକେଲା, ଥାନା: ଶାସନତହସିଲ, ରେଙ୍ଗାଲି, ଜିଲ୍ଲା: ସମ୍ବଲପୁର, **ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଆନନ୍ଦ ବଲ୍ଲଭ ଯୋଶି,** ପିତା: ଶ୍ରୀ ଗୋବିନ୍ଦ ବଲ୍ଲଭ ଯୋଶି, ବାସସ୍ଥାନ ଠିକଣା- ଆଦର୍ଶ ମାର୍ଗ, ଅଇଁଠାପାଲି, ସମ୍ବଲପୁର-୭୬୮୦୦୪, **କୋ-ଓବ୍ଲିଗାଣ୍ଟ: ଶ୍ରୀମତୀ ମୀରା ଯୋଶି,** ସ୍ୱାମୀ: ଆନନ୍ଦ ଯୋଶି, ସା: ଆଦର୍ଶ ମାର୍ଗ, ଅଇଁଠାପାଲି, ସମ୍ବଲପୁର-୭୬୮୦୦୪
**ବିଷୟ:** ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (୨୦୦୨ର ଆକ୍ଟ ୫୪) ଅନୁଯାୟୀ ଆନ୍ଧ୍ର ବ୍ୟାଙ୍କର ବକେୟା ଋଣ ଆଦାୟ ନିମନ୍ତେ ଆପଣଙ୍କ ସମ୍ପତ୍ତି ବିକ୍ରୟ।
ଧାରା ୧୩(୨) ଅନୁସାରେ ତା.୦୨.୦୫.୨୦୧୯ରିଖ ଡିମାଣ୍ଡ ନୋଟିସ୍ ମାଧ୍ୟମରେ ମୋ/ବ୍ୟାଙ୍କ ଦ୍ୱାରା ଦାବି କରାଯାଇଥିବା ବକେୟା ରାଶି ପଇଠ କରିବାରେ ଆପଣ ବିଫଳ ହୋଇଛନ୍ତି। ମୁଁ, ଉପରକଥିତ ଆକ୍ଟ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଦର୍ଶିତ ସମ୍ପତ୍ତିକୁ **ତା.୨୩.୧୦.୨୦୧୯**ରିଖରେ ଦଖଲକୁ ନେଇଛି। ସମ୍ପତ୍ତି ଦଖଲକୁ ନେବାପରେ ମଧ ଆପଣ ଆନ୍ଧ୍ର ବ୍ୟାଙ୍କକୁ ବକେୟା ଋଣ ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ତାରିଖ ଠାରୁ **୩୦** ଦିନ ପରେ ଟେଣ୍ଡର/ ସର୍ବସାଧାରଣରେ ନିଲାମ/ ଇ-ନିଲାମ/ ଘରୋଇ ଚୁକ୍ତି ମାଧ୍ୟମରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ସଂରକ୍ଷିତ ମୂଲ୍ୟ **ଟ.୧୪,୮୩,୫୬୦/- (ଚଉଦ ଲକ୍ଷ ତେୟାଅଶି ହଜାର ପାଞ୍ଚ ଶହ ଷାଠିଏ ଟଙ୍କା ମାତ୍ର)**ରୁ ଉର୍ଦ୍ଧ୍ୱରେ ବିକ୍ରୟ କରିବା ଆବଶ୍ୟକ ହୋଇପଡିଛି । ନିଲାମ ତାରିଖ ଓ ସମୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ବିକ୍ରୟ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯିବ ଯାହାକି ପୃଥକ ଭାବେ ଜାରି କରାଯିବ ଏବଂ ସର୍ବୋଚ୍ଚ ବିକ୍ରୟ ମୂଲ୍ୟ ପ୍ରଦାନ କରୁଥିବା ବ୍ୟକ୍ତିଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। ଯେହେତୁ ସମ୍ପତ୍ତି ଘରୋଇ ବିକ୍ରୟ ପ୍ରକ୍ରିୟା ମାଧ୍ୟମରେ ବିକ୍ରୟ କରାଯାଇପାରେ କିମ୍ବା ସେଥିପାଇଁ ବ୍ୟକ୍ତି ବିଶେଷଙ୍କଠାରୁ ମୂଲ୍ୟ ସୂଚୀ ମଧ ଗ୍ରହଣ କରାଯାଇପାରେ ଯାହାକି ବ୍ୟାଙ୍କ ଏବଂ ଇଚ୍ଛୁକ କ୍ରେତାଙ୍କ ଦ୍ୱାରା ଗ୍ରହଣ ଯୋଗ୍ୟ ନିୟମ ଓ ସର୍ତ୍ତାବଳୀ ସାପେକ୍ଷ ଅଟେ। ଯଦି ଆପଣଙ୍କ ନିକଟରେ ଏହି ସମ୍ପତ୍ତି ଘରୋଇ ବିକ୍ରୟ ପାଇଁ କୌଣସି ବ୍ୟକ୍ତିଙ୍କର ପ୍ରସ୍ତାବ ରହିଛି କିମ୍ବା କୌଣସି ବ୍ୟକ୍ତିଙ୍କ ଠାରୁ ମୂଲ୍ୟ ସୂଚୀ ପାଇଛନ୍ତି ତେବେ ତାହାକୁ ଏହି ନୋଟିସ୍/ପ୍ରକାଶନ ପ୍ରାପ୍ତି ତାରିଖର **୩୦** ଦିନ ମଧ୍ୟରେ ମୋତେ/ବ୍ୟାଙ୍କକୁ ଜଣାନ୍ତୁ। ଅନ୍ୟଥା ଏହା ବୁଝାଯିବ ଯେ ଆପଣଙ୍କ ନିକଟରେ ଏପରି କୌଣସି ପ୍ରସ୍ତାବ ନାହିଁ ଏବଂ ମୁଁ/ବ୍ୟାଙ୍କ ତଦାନୁସାରେ ଉପର ବର୍ଣ୍ଣିତ ସମ୍ପତ୍ତିର ଇ-ନିଲାମ ମାଧ୍ୟମରେ ବିକ୍ରୟ ପାଇଁ ଅଗ୍ରସର ହେବୁ। ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଅବଗତ କରାଇଦିଆଯାଉଅଛି କି ଯଦି ଆପଣ **ତା.୦୨.୦୫.୨୦୧୯ରିଖ** ଡିମାଣ୍ଡ ନୋଟିସ୍‌ରେ ଦର୍ଶିତ ବକେୟା ରାଶି ସେବାବଦ ପରବର୍ତ୍ତୀ ସୁଧ ସହିତ ଦେୟ ଏବଂ ଖର୍ଚ୍ଚ ଯାହା ନିଲାମ ନିମନ୍ତେ ପ୍ରକାଶିତ ବିଜ୍ଞପ୍ତି ପ୍ରକାଶନ ତାରିଖ ପୂର୍ବରୁ ସର୍ବସାଧାରଣରେ ନିଲାମ କିମ୍ବା କୋଟେସନ୍ କିମ୍ବା ଟେଣ୍ଡର ସର୍ବସାଧାରଣଙ୍କ ଠାରୁ ଆହ୍ୱାନ ତାରିଖ ପୂର୍ବରୁ କିମ୍ବା ସୁରକ୍ଷିତ ସମ୍ପତ୍ତି ଲିଜ୍, ଆସାଇନମେଣ୍ଟ କିମ୍ବା ଘରୋଇ ଚୁକ୍ତି ମାଧ୍ୟମରେ ବିକ୍ରୟ ତାରିଖ ପୂର୍ବରୁ ବ୍ୟାଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା ସମସ୍ତ ଖର୍ଚ୍ଚ ଓ ଆଇନଗତ ଖର୍ଚ୍ଚ ପଇଠ କରନ୍ତି ତେବେ ନିମ୍ନଦର୍ଶିତ ସମ୍ପତ୍ତି ବିକ୍ରୟ ପାଇଁ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନାହିଁ। {କଥିତ ଆକ୍ଟର ଧାରା ୧୩(୮)ର ବ୍ୟବସ୍ଥା ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରିବା ପାଇଁ ଉପଲବ୍ଧ ଅଛି}
**ସମ୍ପତ୍ତିର ବିବରଣୀ**
**ସ୍ଥାବର ସମ୍ପତ୍ତି:** ଜମି ଏବଂ କାରଖାନା ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଆପାତତଃ ପରିମିତ କ୍ଷେତ୍ର: ୯୪,୯୬୦ ବର୍ଗଫୁଟ, ଯାହାକି ପ୍ଲଟ୍ ନଂ.: ୧୬୯, ୧୬୯/୫୮୨୩, ଖାତା ନଂ.: ୪୨୯/୧୪୨, ଖୁଣ୍ଟପାଲି, ଟାମ୍ପରକେଲା, ସମ୍ବଲପୁର-୭୬୮୨୧୨ ରେ ଅବସ୍ଥିତ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୧୬୮, ପଶ୍ଚିମ: ପ୍ଲଟ୍ ନଂ. ୫୦୯୪, ଉତ୍ତର: ପ୍ଲଟ୍ ନଂ. ୪୯୪୮, ଦକ୍ଷିଣ: ପ୍ଲଟ୍ ନଂ. ୧୬୭
ତାରିଖ: ୧୯.୦୨.୨୦୨୦ ସ୍ଥାନ: ସମ୍ବଲପୁର
ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ଆନ୍ଧ୍ର ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର (ସମ୍ବଲପୁର ଶାଖା ତରଫରୁ)

**ଆନ୍ଧ୍ର ବ୍ୟାଙ୍କ** (ଭାରତ ସରକାରଙ୍କ ଏକ ଉପକ୍ରମ)
ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର ହଂସିନୀ ଟାୱାର, ଅଇଁଠାପାଲ୍ଲୀ, ସମ୍ବଲପୁର-୭୬୮୦୦୪, ଫୋନ୍ ନଂ.: ୦୬୬୩-୨୫୪୧୯୭୧

**ଦଖଲ ନୋଟିସ୍** {ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ନିୟମ-୮(୧)} (ସ୍ଥାବର ସମ୍ପତ୍ତି ନିମନ୍ତେ)
ନିମ୍ନ ସ୍ୱାକ୍ଷରକାରୀ **ଆନ୍ଧ୍ର ବ୍ୟାଙ୍କ,** ସମ୍ବଲପୁର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି **ଋଣଗ୍ରହୀତା: ଶ୍ରୀ ଓକିଲ ମେହେର,** ପିତା: ମଙ୍ଗଳୁ ମେହେର, ଗଣେଶ ନଗର, ସା/ପୋ: ମାନେଶ୍ୱର, ସମ୍ବଲପୁର-୭୬୮୦୦୫, **କୋ-ଓବ୍ଲିଗାଣ୍ଟ: ଶଙ୍କର ମୁଣ୍ଡା,** ତାଳପାଲି, ରାସନପୁର, ପୋ: ମାନେଶ୍ୱର, ସମ୍ବଲପୁର-୭୬୮୦୦୫ଙ୍କୁ **ତା.୦୨.୧୨.୨୦୧୯**ରିଖରେ ଆନ୍ଧ୍ର ବ୍ୟାଙ୍କ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ସମସ୍ତ ଅର୍ଥ **ତା.୦୨.୧୨.୨୦୧୯ରିଖ ସୁଦ୍ଧା ଟ.୯,୫୩,୨୯୨/- (ନଅ ଲକ୍ଷ ତେପନ ହଜାର ଦୁଇ ଶହ ବୟାନବେ ଟଙ୍କା ମାତ୍ର)** କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦** ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା ବକେୟା ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ **ତା.୨୭.୦୨.୨୦୨୦ରିଖ**ରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ଦଖଲ** ନେଇଛନ୍ତି।
ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।
ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତାଙ୍କୁ ଏବଂ ସବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ତା.୦୨.୧୨.୨୦୧୯ରିଖ ସୁଦ୍ଧା ଟ.୯,୫୩,୨୯୨/- (ନଅ ଲକ୍ଷ ତେପନ ହଜାର ଦୁଇ ଶହ ବୟାନବେ ଟଙ୍କା ମାତ୍ର)** ଏବଂ ସେବାବଦ ପରବର୍ତ୍ତୀ ସୁଧ ନିମନ୍ତେ **ଆନ୍ଧ୍ର ବ୍ୟାଙ୍କ, ସମ୍ବଲପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ।
**ସ୍ଥାବର ସମ୍ପତ୍ତିର ବିବରଣୀ**
ଜମି ଏବଂ ବାସପୋଯୋଗୀ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଆପାତତଃ ପରିମିତ କ୍ଷେତ୍ର: ୨୧୭୮ ବର୍ଗଫୁଟ, ପ୍ଲଟ୍ ନଂ.: ୨୬୮/୭୦୧, ଖାତା ନଂ.: ୧୮୦/୧୦୭, ମୌଜା: ମାନେଶ୍ୱର, ସମ୍ବଲପୁର ଏବଂ ଏହାର ଚାରିପାର୍ଶ୍ୱରେ- ପୂର୍ବ: ଜୟଦେବ ନାଏକ ଏବଂ ଅନ୍ୟମାନେ, ପଶ୍ଚିମ: ପ୍ରସ୍ତାବିତ ରାସ୍ତା, ଉତ୍ତର: ଚିତ୍ତରଞ୍ଜନ ଜେନା ଏବଂ ଅନ୍ୟମାନେ, ଦକ୍ଷିଣ: ପ୍ରଦୀପ କୁମାର ପ୍ରଧାନ
ତାରିଖ: ୨୮.୦୨.୨୦୨୦ ସ୍ଥାନ: ସମ୍ବଲପୁର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ ଓ ମୁଖ୍ୟ ପ୍ରବନ୍ଧକ ଆନ୍ଧ୍ର ବ୍ୟାଙ୍କ (ସମ୍ବଲପୁର ଶାଖା ତରଫରୁ)

**ଆନ୍ଧ୍ର ବ୍ୟାଙ୍କ** (ଭାରତ ସରକାରଙ୍କ ଏକ ଉପକ୍ରମ)
ଆଞ୍ଚଳିକ କାର୍ଯ୍ୟାଳୟ: ସମ୍ବଲପୁର, ହଂସିନୀ ଟାୱାର, ଅଇଁଠାପାଲ୍ଲୀ, ସମ୍ବଲପୁର-୭୬୮୦୦୪, ଫୋନ୍ ନଂ.: ୦୬୬୩-୨୫୪୧୯୭୧
**ଡ଼ିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ଆକ୍ଟ ୫୪ ର ୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍**
**ଆନ୍ଧ୍ର ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ **ଆନ୍ଧ୍ର ବ୍ୟାଙ୍କ, କଣ୍ଟାବାଞ୍ଜି ଶାଖା**ର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରି ନଥିବାରୁ ସେଗୁଡ଼ିକର ବିଷୟ ବସ୍ତୁ ସହିତ ବକେୟା ଦେୟ, ଋଣ ପରିମାଣ ଏବଂ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଶାଖା/NPA ତାରିଖ/ ଡିମାଣ୍ଡ ନୋଟିସ୍ ତାରିଖ | ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ବକେୟା ପରିମାଣ (ଚୁକ୍ତି ଅନୁସାରେ ପରବର୍ତ୍ତୀ ସୁଧ) | ସୁରକ୍ଷିତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **କଣ୍ଟାବାଞ୍ଜି ଶାଖା** / ୩୧.୦୧.୨୦୨୦ / ୦୩.୦୨.୨୦୨୦ | **ଋଣଗ୍ରହୀତା: ସୁଷମା ପାନ୍ ମସାଲା, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସୁଷମା ଅଗ୍ରୱାଲ,** ସା: ୱାର୍ଡ ନଂ. ୩, ଡ଼େଲି ମାର୍କେଟ, କଣ୍ଟାବାଞ୍ଜି, ଜିଲ୍ଲା: ବଲାଙ୍ଗିର / **ଜାମିନ୍‌ଦାର: ଶ୍ରୀ ମୋତିଲାଲ ଜୈନ,** ପିତା: ମକରଲାଲ ଜୈନ, ସା: ଭୋଜନ ଚୌକ, ୱାର୍ଡ ନଂ. ୨, କଣ୍ଟାବାଞ୍ଜି, ଜିଲ୍ଲା: ବଲାଙ୍ଗିର | ୧୩୬୮୧୩୧୦୦୦୦୮୦୯୦ ଓସିସିଓପି / ଟ.୩,୦୦,୦୦୦/- | ୦୩.୦୨.୨୦୨୦ ସୁଦ୍ଧା ଟ.୩,୦୬,୩୯୬/- + ତତପରବର୍ତ୍ତୀ ସୁଧ | ଶ୍ରୀମତୀ ସୁଷମା ଅଗ୍ରୱାଲ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ଜମି ଏବଂ ବାସପୋଯୋଗୀ ଗୃହ ଯାହାର ଖାତା ନଂ.: ୨୨୭/୧୫୪, ପ୍ଲଟ୍ ନଂ.: ୬୭୬, କ୍ଷେତ୍ର: ଏକର୦.୦୨୬ଡିସିମିଲି, କିସମ: ଘରବାରି, ୱାର୍ଡ ନଂ.-୩, ଡ଼େଲି ମାର୍କେଟ, କଣ୍ଟାବାଞ୍ଜି ଏବଂ ଏହାର ଚାରିପାର୍ଶ୍ୱରେ- ପୂର୍ବ: ଡ଼େଲି ମାର୍କେଟ, ପଶ୍ଚିମ: ରୁପେଶ କୁମାର ଜୈନ, ଉତ୍ତର: ରୁପେଶ କୁମାର ଜୈନ, ଦକ୍ଷିଣ: ମୋତିରାମ ଜୈନ |

ଉପରଦର୍ଶିତ କଣ୍ଟାବାଞ୍ଜି ଶାଖାର ଋଣଗ୍ରହୀତା ମୂଳଋଣ/କିସ୍ତି ସୁବିଧା/ସୁଧ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ସେମାନଙ୍କର ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି **(NPA)** ରେ ବିଭାଗୀଭୁକ୍ତ ହୋଇଯାଇଛି, ତେଣୁ ଚୁକ୍ତି ଅନୁସାରେ ସେମାନେ ସେମାନଙ୍କ ଆକାଉଣ୍ଟ ନିମନ୍ତେ ଉପରଦର୍ଶିତ ଦେୟ ରାଶି ଓ ତତ୍‌ପରବର୍ତ୍ତୀ ସୁଧ ଦର୍ଶିତ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଦାୟୀ ଅଟନ୍ତି। ସେମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ବର୍ତ୍ତମାନ ସୁଦ୍ଧା ସୁଧ ସହିତ ଉପରୋକ୍ତ ବକେୟା ରାଶି ଏହି ନୋଟିସ୍ ପ୍ରକାଶନର **୬୦** ଦିନ ମଧ୍ୟରେ ପ୍ରଦାନ କରନ୍ତୁ, ଅନ୍ୟଥା ବ୍ୟାଙ୍କ ନିମ୍ନଲିଖିତ ଯେକୌଣସି ଗୋଟିଏ କିମ୍ବା ତତୋଧିକ କାର୍ଯ୍ୟାନୁଷ୍ଠାନ ଉପରଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତି ଉପରେ ଗ୍ରହଣ କରି ଅଦାଲତର ବିନା ହସ୍ତକ୍ଷେପରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (୨୦୦୨ ର ୫୪) ଅନୁଯାୟୀ ଉପର କଥିତ ଦେୟରାଶି ଆଦାୟ କରିବେ। ଯଥା: **୧.** ଋଣଗ୍ରହୀତାଙ୍କ ବନ୍ଧକ ସମ୍ପତ୍ତିକୁ ଦଖଲ, ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରି କରାଯାଇ ଋଣ ରାଶି ଆଦାୟ କରିପାରିବେ। **୨.** ଋଣଗ୍ରହୀତାଙ୍କ ବନ୍ଧକ ସମ୍ପତ୍ତିର ପରିଚାଳନା ଭାର ଗ୍ରହଣ କରି ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରୟ କରି ଋଣ ରାଶି ଆଦାୟ କରିପାରିବେ। **୩.** ବନ୍ଧକଧାରୀ ଋଣଦାତା ଭାବେ ବ୍ୟାଙ୍କ ବନ୍ଧକପ୍ରାପ୍ତ ସମ୍ପତ୍ତିର ପରିଚାଳନା ପାଇଁ ଯେକୌଣସି ବ୍ୟକ୍ତିଙ୍କୁ (ଏହାପରେ ପରିଚାଳକ ଭାବେ ଦର୍ଶିତ ହେବେ) ନିଯୁକ୍ତି କରିପାରିବେ। **୪.** କୌଣସି ବ୍ୟକ୍ତିଙ୍କୁ ଯିଏ କି ଋଣଗ୍ରହୀତାଙ୍କ ଠାରୁ ସୁରକ୍ଷିତ ସମ୍ପତ୍ତିକୁ ଅଧିକାର କରିଛନ୍ତି ଏବଂ ଯାହାଙ୍କ ଠାରୁ ଅର୍ଥରାଶି ପ୍ରାପ୍ତ ହେବାକୁ ଅଛି କିମ୍ବା ଯାହାଙ୍କର ଋଣଗ୍ରହୀତାଙ୍କୁ ଦେୟ ପ୍ରଦାନ କରିବାକୁ ଅଛି, ତାଙ୍କୁ ଲିଖିତ ନୋଟିସ୍ ମାଧ୍ୟମରେ ବ୍ୟାଙ୍କକୁ ଉକ୍ତ ଅର୍ଥରାଶି ଯାହାକି ସୁରକ୍ଷିତ ଋଣ ନିମନ୍ତେ ଯଥେଷ୍ଟ ତାହା ପ୍ରଦାନ କରିବାକୁ କୁହାଯିବ।
ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି, ନୋଟିସ୍ ପ୍ରାପ୍ତ ପରେ ଆପଣ ନୋଟିସ୍ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବ୍ୟାଙ୍କର ପୂର୍ବ ଲିଖିତ ଅନୁମତି ବିନା ବିକ୍ରି, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ହସ୍ତାନ୍ତରିତ କରିପାରିବେ ନାହିଁ। ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦେୟ, ଖର୍ଚ୍ଚ ଇତ୍ୟାଦି ବିକ୍ରି ଲବ୍ଧ ଅର୍ଥରେ ଭରଣା କରାଯିବ। ଯଦି ବ୍ୟାଙ୍କର ସମସ୍ତ ଦେୟ ନିମନ୍ତେ ବିକ୍ରି ଲବ୍ଧ ରାଶି ପର୍ଯ୍ୟାପ୍ତ ନ ହୁଏ, ତେବେ ସରଫେସୀ ଆକ୍ଟ, ୨୦୦୨ର ୫୪ ଅନୁସାରେ କିମ୍ବା ଆବଶ୍ୟକୀୟ କୌଣସି ପ୍ରଯୁଜ୍ୟ ଆଇନ ଅନୁସାରେ ଆପଣଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଅବଶିଷ୍ଟ ରାଶି ନିମନ୍ତେ ଗ୍ରହଣ କରାଯିବ। ସେବାବଦ ସମସ୍ତ ଆଇନଗତ ଖର୍ଚ୍ଚ ଏବଂ ଫଳାଫଳ ନିମନ୍ତେ ଆପଣ ସମସ୍ତେ ଏକତ୍ର ଏବଂ ପୃଥକ ଭାବେ ଦାୟୀ ରହିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ କିମ୍ବା ସର୍ବସାଧାରଣରେ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ କୋଟେସନ୍ କିମ୍ବା ଟେଣ୍ଡର ଆହ୍ୱାନ କିମ୍ବା ଘରୋଇ ଚୁକ୍ତି ମାଧ୍ୟମରେ ଲିଜ୍ ଆସାଇନମେଣ୍ଟ ଦ୍ୱାରା ସମ୍ପତ୍ତି ହସ୍ତାନ୍ତରିତ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶନ ତାରିଖର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କର ସମସ୍ତ ଦେୟ ସହିତ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ପ୍ରଦାନ କରି ଋଣମୁକ୍ତ ହେବାର ଅଧିକାର ଆପଣଙ୍କ ପାଇଁ ଉପଲବ୍ଧ ରହିଛି।
**ଏହି ବିଜ୍ଞପ୍ତି କୌଣସି ଆଇନ ବଳରେ ବ୍ୟାଙ୍କ ଅଧିକାର କ୍ଷୁର୍ଣ୍ଣ ନକରି ଜାରି କରାଯାଇଛି।**
ସ୍ଥାନ: ସମ୍ବଲପୁର, ତାରିଖ: ୨୮.୦୨.୨୦୨୦ — ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ଆନ୍ଧ୍ର ବ୍ୟାଙ୍କ



ଯେଉଁ ଲୋକ ଗୋଟିଏ ନିର୍ଦ୍ଦିଷ୍ଟ କାମରେ ଲାଗି ରହିବା କଳା ଶିଖି ନାହିଁ, ସେ ଲୋକ କ୍ରମେ ଦୁର୍ବଳମନା ହୋଇଯାଏ।
- ରସ୍କିନ୍

## ସଂକ୍ଷେପରେ

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ସଇଁତଲା, ୨୮।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବେଲଗାଁଠାରେ ୫୬ ପ୍ରହର ନାମଯଜ୍ଞ ତଥା ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଶୁକ୍ରବାର ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ଘଣ୍ଟଘଣ୍ଟା, ବାଜା, ସଂକୀର୍ତ୍ତନ୍ୟ ମାଧମରେ ସ୍ଥାନୀୟ ତେଲନଦୀରୁ ପୂର୍ଣ୍ଣ ଜଳ କଳସ ଆଣିଥିଲେ । ମହନ୍ତ ଅଦ୍ୱୈତ ଚରଣ ଦାଶ ମହାରାଜଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । କମିଟିର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା, ଯୁବରାଜ ମାଝୀ, ଶିର ରଣା, ଶେଷ ରଣା, ସନ୍ତୋଷ ଅଗ୍ରୱାଲ, ପ୍ରେମରାଜ ଥପା, ସତ୍ୟନାରାୟଣ ସାହୁ, ପଦ୍ମଲୋଚନ ମାଝୀ ସସ୍ତ୍ରୀକ ପୂଜା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହା ସହ ପ୍ରତ୍ୟହ ପ୍ରବଚନ ସହ ୫୬ ପ୍ରହର ନାମଯଜ୍ଞ, ଭାଗବତ ପାରାୟଣ, ହୋମଯଜ୍ଞ, କଂସ ଦରବାର ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମୀନାବଜାର ଆୟୋଜିତ ହେବ ବୋଲି କମିଟି ଜଗନ୍ନାଥ ମନ୍ଦିର କମିଟି ସୂତ୍ରରୁ ପ୍ରକାଶ ।

# ବୈଠକ ବେଳେ ତାଲା ପକାଇଲେ ଲୋକେ

- କମେଇମୁଣ୍ଡା ପଞ୍ଚାୟତ
- ପୋଲିସର ହସ୍ତକ୍ଷେପ ପରେ ତାଲା ଖୋଲିଲା
- ୨ଘଣ୍ଟା ପରେ ବାହାରିଲେ ଜନ ପ୍ରତିନିଧି, ସରକାରୀ କର୍ମଚାରୀ

**କଣ୍ଟାବାଞ୍ଜି, ୨୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅନ୍ତର୍ଗତ କମେଇମୁଣ୍ଡା ପଞ୍ଚାୟତର ସରପଞ୍ଚ ଉନ ବାଗ ଗତ ଦୁଇବର୍ଷ ହେଲା ଏକ ହତ୍ୟା ମାମଲାରେ ଜେଲ ହାଜତରେ ଅଛନ୍ତି। ନାଏବ ସରପଞ୍ଚ ଜ୍ୟୋସ୍ନା ମାଝି ଦାୟିତ୍ୱ ତୁଲାଉଛନ୍ତି। ଏହି ପରିସ୍ଥିତିରେ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାମରେ ଅନିୟମିତତା ହେଉଥିବା ପଞ୍ଚାୟତବାସୀ ଅଭିଯୋଗ କରି ଆସୁଛନ୍ତି। ହିତାଧିକାରୀ ଚୟନରେ ବ୍ୟାପକ ଅବ୍ୟବସ୍ଥା ହେଉଛି। ଅଭିଯୋଗ କଲେ ମଧ ସ୍ଥିତିରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାକୁ ନେଇ ଜନସାଧାରଣଙ୍କ ମଧରେ ଗଭୀର ଅସନ୍ତୋଷ ଦେଖାଦେଇଛି। ଏଥି ସହିତ ନାଏବ ସରପଞ୍ଚ ମାତ୍ର ୬ମାସ ପାଇଁ ଦାୟିତ୍ୱରେ ରହିବାର ବିଧିଥିବା ବେଳେ ସେ ଏଠାରେ ଅଧିକ ଦିନ ହେଲା ସରପଞ୍ଚ ଦାୟିତ୍ୱରେ ରହି ଆସିଛନ୍ତି। ଉପନିର୍ବାଚନ କରାଯାଉନାହିଁ। ଏ ନେଇ ତୁରେକେଲା ପଞ୍ଚାୟତ ସମ୍ପ୍ରସାରଣ





କମେଇମୁଣ୍ଡା ପଞ୍ଚାୟତର ମାସିକ ବୈଠକ ବେଳେ ପଡିଥିବା ତାଲାକୁ ପୋଲିସ ଭାଙ୍ଗୁଛି।

ଅଧିକାରୀ, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଓ ଜିଲାପାଳଙ୍କୁ ଜଣାଇ ଥିଲେ ବି କୌଣସି ସୁଫଳ ମିଳୁନାହିଁ। ଏହିସବୁ ଅଭିଯୋଗ ଆଣି ପଞ୍ଚାୟତ ଅଧୀନ ୬ଗାଁର କେତେକ ଲୋକେ ଶୁକ୍ରବାର ପଞ୍ଚାୟତ ଅଫିସ ପରିସରରେ ଥିବା ରାଜୀବ ସେବାକେନ୍ଦ୍ରରେ ବୈଠକ ଚାଲୁଥିବା ବେଳେ ତାଲା ପକାଇ ଦେଇଥିଲେ। ନାଏବ ସରପଞ୍ଚ ଏବଂ ନିର୍ବାହୀ ଅଧିକାରୀ ତୁରେକେଲା ପୋଲିସକୁ ଫୋନ ଯୋଗେ ଜଣାଇଲା ପରେ ସବ୍ ଇନ୍ସପେକ୍ଟର ଡୁଙ୍ଗଡୁଙ୍ଗ ବାବୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ପୋଲିସ ତାଲା ଭାଙ୍ଗି ଅଫିସ ଭିତରେ ଥିବା ନାଏବ ସରପଞ୍ଚ ମାଝୀ, ନିର୍ବାହୀ ଅଧିକାରୀ ସତ୍ୟ ଝାଙ୍କର, ସମିତି ସଭ୍ୟ ଦୁର୍ଯ୍ୟୋଧନ ନାଗ, ଯୋଗାଣ ସହାୟକ ଅମୃତ କୁମ୍ଭାର, ଜିଓଟେକ ବଳଦେବ ଖର୍ସେଲ, ଏସଇଏମ ଇନ୍ଦୁର ଭୋଇ, ଧନେଶ୍ୱର ପନିକା, ପିଅନ ଖଗେଶ୍ୱର ବନଛୋର, ରାତ୍ର ଜଗୁଆଳି ଅମନସିଂ ମାଝି, ୱାର୍ଡମେମ୍ବର ବିଳାସିନୀ ମାଝି, ପଦ୍ମା ହାତୀ, ବିଳାସ ମାଝି, ବିନୋଦିନୀ ନାଗ, ମଞ୍ଜୁଳା ଭୋଇ, ମମିତା ନିଆଳ ପ୍ରମୁଖଙ୍କୁ ବାହାରକୁ ଆଣିଥିଲା।

## ଜାତୀୟ ବିଜ୍ଞାନ ଦିବସ ପାଳିତ

**ବିନିକା, ୨୮।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ପଲସାପାଲି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧରେ ବିଜ୍ଞାନଭିତ୍ତିକ ଚିତ୍ରାଙ୍କନ, ପ୍ରଶ୍ନୋତ୍ତର ଓ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଅଧ୍ୟୟନରତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଜମିଦାର ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ରାଜକୁମାର ମହାକୁର ଓ ରୋହିତାଶ୍ୱ ପଧାନ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ହୃଦାନନ୍ଦ ପଧାନ, ଶିକ୍ଷୟିତ୍ରୀ ମୁଲତା ଭୂଏ, ରାଜକୁମାର ବଡପଣ୍ଡା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।





ଜିଲାସ୍ତରୀୟ ବିଜ୍ଞାନ ଦିବସରେ ମଞ୍ଚାସୀନ ଅତିଥି ।

# ବିଜ୍ଞାନ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବାକୁ ପରାମର୍ଶ

**ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ**

**ବଲାଙ୍ଗୀର ଅଫିସ, ୨୮।୨**

ବିଶ୍ୱବିଖ୍ୟାତ ବୈଜ୍ଞାନିକ ଡା. ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କ ସ୍ମୃତିଚାରଣ ଦିବସରେ ବାଲାଜୀ ଉଚ୍ଚ ମାଧମିକ ବିଦ୍ୟାଳୟ ଠାରେ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଜିଲାସ୍ତରୀୟ ବିଜ୍ଞାନ ଦିବସ ପାଳିତ ହୋଇଛି । ଉକ୍ତ ବିଦ୍ୟାଳୟର ଅଧକ୍ଷ ଡ. ଏସ.କେ. ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଜିଲା ବିଜ୍ଞାନ ସୋସାଇଟି ନିର୍ଦ୍ଦେଶକ ସନାତନ ଠାକୁର ଯୋଗଦେଇଥିଲେ। ମୁଖ୍ୟବକ୍ତା ପୁଇଁତଲା ବ୍ଲକ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ ତାଙ୍କ ବକ୍ତବ୍ୟରେ ବର୍ତ୍ତମାନ ଦେଶରେ ବିଜ୍ଞାନ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବା ଓ ବିଜ୍ଞାନ ଶିକ୍ଷା ପ୍ରତି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ପାଠ୍ୟକ୍ରମର ଆବଶ୍ୟକତା ଉପରେ କହିଥିଲେ। କୁଇନ୍ ଇଣ୍ଟରନ୍ୟାଶନାଲର ନିର୍ଦ୍ଦେଶିକା ସୁଜାତା ଅଗ୍ରୱାଲ ଚଳିତ ବର୍ଷ ପାଇଁ ଏହି ଦିବସର ସ୍ଲୋଗାନ୍ ବିଜ୍ଞାନରେ ମହିଳା ଶୀର୍ଷକରେ ବକ୍ତବ୍ୟ ରଖିଥିଲେ। ସମାଜକୁ ପ୍ରଗତିଶୀଳ ତଥା ପ୍ରୟୋଗବାଦୀ କରିବା ପାଇଁ ମହିଳାମାନେ ବିଜ୍ଞାନର ଜୟଯାତ୍ରାରେ ସାମିଲ ହେବା ଉଚିତ୍ ବୋଲି ସେ କହିଥିଲେ । ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ ବିଜ୍ଞାନ ଦିବସର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ବାଲାଜୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ନିର୍ଦ୍ଦେଶକ କୈଳାଶ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ । ଜନ୍ ସୁନ୍ଦର କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ଅଭିଳାଷ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ । ସଭା ପୂର୍ବରୁ ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କ ଫଟୋଚିତ୍ରରେ ଧୂପ, ଦୀପ ଓ ପୁଷ୍ପମାଲ୍ୟ ଦିଆଯାଇଥିଲା। ସଭାରେ ଅନୀଲ କୁମାର ନନ୍ଦ, ଅଶ୍ୱିନୀ ଷଡଙ୍ଗୀ, ଭକ୍ତ ନାଏକ, ଶିବ ତ୍ରିପାଠୀ, ବିଶ୍ୱଜିତ ପଧାନ ଓ ରଞ୍ଜିତ ମିଶ୍ର ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ବିଜ୍ଞାନ ଦିବସ ଓ ମେଳା: ୧୫୦ ପ୍ରକଳ୍ପ ପ୍ରଦର୍ଶିତ

**ଦେଓଗାଁ, ୨୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ଓ ମେଳା ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପ୍ରାକ୍ ଶିଶୁବର୍ଗ ଓ ଶିଶୁବର୍ଗରେ ମୋଟ ୧୫୦ଟି ବିଜ୍ଞାନଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଜ୍ଞାନ ପ୍ରମୁଖ ସମ୍ବିତ କୁମାର ସାଙ୍କ ପରିଚାଳନା ତଥା ପ୍ରଧାନ ଆଚାର୍ଯ୍ୟ ସୁଶୀଲ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ମଧୁମଙ୍ଗଳ ସାହୁ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପରିଚାଳନା କମିଟି ସଭାପତି ସୂର୍ଯ୍ୟ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ । ଏ ଅବସରରେ ଶିଶୁ ଭଉଣୀ ଭାଇଙ୍କ ମଧରେ ବିଜ୍ଞାନ ପ୍ରଶ୍ନମଞ୍ଚ, ପ୍ରକଳ୍ପ ପ୍ରଦର୍ଶନୀ, ବିଜ୍ଞାନ ଆଲୋଚନାଚକ୍ର, ପିକଆଣ୍ଡ ଟକ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ପ୍ରାକ୍ଶିଶୁବର୍ଗରେ ରିଦ୍ଧି ସାହୁ ପ୍ରଥମ ସ୍ନୋଗ୍ଧମୟୀ ଦଲାଇ ଦ୍ୱିତୀୟ ଓ ପ୍ରେମ ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶିଶୁବର୍ଗରେ ପ୍ରାଞ୍ଜଳ ନାୟକ ପ୍ରଥମ, ଶୃତିରାଣୀ ବେହେରା ଦ୍ୱିତୀୟ ଓ ଗଣେଷ ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପିକଆଣ୍ଡ ଟକରେ ସୁନୀଲ ମେହେର ପ୍ରଥମ, ପିୟୁଶ ପଧାନ ଦ୍ୱିତୀୟ ଓ ମୌସୁମୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଆଲୋଚନାଚକ୍ରରେ ପ୍ରଜ୍ଞାପରିମିତା ସାହୁ ପ୍ରଥମ ହୋଇଥିଲେ। ପ୍ରଶ୍ନମଞ୍ଚରେ ସ୍ୱାଗତିକା ସାହୁ, ମଧୁସ୍ମିତା ସାହୁ, ସିଖା ପରୁଆ, ଶୁଭଶ୍ରୀ ସାହୁ ପ୍ରଥମ, ଶୃତିକା ପୋଡ଼, ପ୍ରତୀକ୍ଷା ନାୟକ, ଓଁକାର ବୁଡେକ ଓ ଲକ୍ଷ୍ମୀପ୍ରିୟା ଭୋଇ ଦ୍ୱିତୀୟ, ଆଲୋକ ଚନ୍ଦନ, ପିୟୁଶ ପଧାନ, ବୈଷ୍ଣବୀ ଧରୁଆ ଓ ମୌସୁମୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ ।



ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରକଳ୍ପ ପ୍ରଦର୍ଶିତ ହେଉଛି।





ନ୍ୟାଶନାଲ ସେମିନାର ଉଦ୍‌ଘାଟନୀ ସଭାରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

# ‘ବିଶ୍ୱସ୍ତରୀୟ ମେଟେରିଆଲ ଲାବରେଟୋରି ପ୍ରତିଷ୍ଠା ହେଉ’

## ସେଞ୍ଚୁରିଆନ୍ ପକ୍ଷରୁ ନ୍ୟାଶନାଲ ସେମିନାର

**ବଲାଙ୍ଗୀର ଅଫିସ,୨୮।୨**

ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ବଲାଙ୍ଗୀର କ୍ୟାମ୍ପସଠାରେ ଶୁକ୍ରବାରଠାରୁ ଦୁଇଦିନିଆ ନ୍ୟାଶନାଲ ସେମିନାର ଆରମ୍ଭ ହୋଇଛି। ପଦର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ନ୍ୟାଶନାଲ ସେମିନାରକୁ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଦୀପ କୁମାର ଷଡଙ୍ଗୀ ଉଦ୍ଘାଟନ କରିଥିଲେ । ଏହି ସେମିନାରରେ ସମ୍ମାନିତ ଅତିଥି ଭାବେ ଆଇଆଇଟି ଖଡକପୁରର ଅବସରପ୍ରାପ୍ତ ମେଟ୍ରିଆଲ ସାଇନ୍ସ ପ୍ରଫେସର ଡ ସି.କେ .ଦାସ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ପି.ନାଏକ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ଆବାହକ ଡ ଶ୍ରୀକାନ୍ତ ମହାରଣା, ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ ବିଜୟ ମହାନ୍ତି, ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ ରାଜେଶ ମିଶ୍ର ମଞ୍ଚାସୀନ ହୋଇଥିଲେ । ସଭା କାର୍ଯ୍ୟକୁ ସାଗରିକା ମିଶ୍ର ଓ ଜାଗୃତି ମେହେର ପରିଚାଳନା କରିଥିଲେ । ବଲାଙ୍ଗୀରରେ ବିଶ୍ୱସ୍ତରୀୟ ମେଟେରିଆଲ ଲାବରେଟୋରୀ ପ୍ରତିଷ୍ଠା କରିବା ପାଇଁ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ତଥା ସେମିନାର ଉଦ୍ଘାଟକ ପ୍ରଦୀପ ଷଡଙ୍ଗୀ ମତବ୍ୟକ୍ତ କ୧ରିଥିଲେ । ନ୍ୟାଶନାଲ ସେମିନାର ଉପଲକ୍ଷେ ପ୍ରସ୍ତୁତ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି ସ୍ମରଣିକାରେ ୧୨୬ଟି ଗବେଷଣାଭିତ୍ତିକ ସନ୍ଦର୍ଭ, ବିଭିନ୍ନ ଦେଶର ବୈଜ୍ଞାନିକ ଓ ଛାତ୍ରୀଛାତ୍ରଙ୍କ ଲେଖା ପ୍ରକାଶିତ ହୋଇଛି। ସଭା ଶେଷରେ ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସେମିନାରର ପ୍ରଥମ ଅଧିବେଶନରେ ରାଉରକେଲା ଏନ୍ଆଇଟିର ପ୍ରଫେସର ନିରଞ୍ଜନ ପଣ୍ଡା, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ଅମରେନ୍ଦ୍ର ମିଶ୍ର, ରାୟପୁର ଏନ୍ଆଇଟି ପ୍ରଫେସର ଟି ମହାରଣା ଆଲୋଚନାଚକ୍ରରେ ଯୋଗଦାନ କରିଥିଲେ । ସେମିନାର ପରେ ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କଅତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧାପିକା, ଅଧାପକ, ଷ୍ଟାଫ ସହଯୋଗ କରିଥିଲେ ।

# ନିର୍ଦ୍ଦେଶ କାର୍ଯ୍ୟକାରିତାରେ ବିଳମ୍ବକୁ ନେଇ ଅସନ୍ତୋଷ

**ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ଅର୍ଥ ହେରଫେର ପ୍ରସଙ୍ଗ**

**ଦେଓଗାଁ,୨୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ସରକାରୀ ଅର୍ଥ ହେରଫେର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ଏଦିଗରେ ବିଭାଗୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାପାଇଁ ଗ୍ରାମ୍ୟ ଉନ୍ନୟନ କମିଟି କର୍ମକର୍ତ୍ତା ତଥା କେତେକ ଗ୍ରାମବାସୀଙ୍କ ତରଫରୁ ବିଭାଗୀୟ ଉଚ୍ଚ ଅଧିକାରୀ, ଉପଜିଲାପାଳ ତଥା ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଏ ନେଇ ବିଧାୟକ ମିଶ୍ର କଲେଜ ପରିଦର୍ଶନ ପରେ ସମ୍ବଲପୁର ରିଜିଓନାଲ ଡାଇରେକ୍ଟର ଅଫ ଏଜୁକେସନ ତରଫରୁ ବିଭାଗୀୟ ତଦନ୍ତ ହୋଇଥିଲା । ଏହାକୁ ଅଧାର କରି ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷାବିଭାଗ ତରଫରୁ ବିଭାଗୀୟ ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର କୁମାର ପଣ୍ଡାଙ୍କ ପତ୍ର ସଂଖ୍ୟା ୫୧୪୧/ତା୪।୨।୨୦୨୦ ରିଖରେ ବର୍ତ୍ତମାନର କଲେଜ ଅଧକ୍ଷ ଦାୟିତ୍ୱରେ ଥିବା ସୁରେଶ ଚନ୍ଦ୍ର ବାରିକଙ୍କଠାରୁ ଡିଡିଓ ପାୱାର ହଟାଇ ବରିଷ୍ଠ ଅଧ୍ୟାପକଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶନାମା ହୋଇଛି। ତେବେ ଆଜକୁ ୨୦ଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କୁ ପଚାରିବାରୁ ବିଭାଗୀୟ ପତ୍ର ଆସିଛି। କାର୍ଯ୍ୟବ୍ୟସ୍ତତା ଯୋଗୁଁ ପଦକ୍ଷେପ ନିଆଯାଇପାରିନାହିଁ। ଦିନେ ଦୁଇଦିନ ମଧରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ ।

# ଆଇନ ସଚେତନତା ଶିବିର

**ଟିଟିଲାଗଡ, ୨୮।୨ (ଡି.ଏନ.ଏ.)**

ତାଲୁକ ଆଇନ ସେବା କମିଟି ଟିଟିଲାଗଡ ପକ୍ଷରୁ ଆଇନଜୀବୀ, ପୋଲିସ ପ୍ରଶାସନକୁ ନେଇ ମୋଡିଫାୟାଡ କ୍ଲେମ୍ସ ଟ୍ରିବ୍ୟୁନାଲ ଏଗ୍ରିଡ ପ୍ରୋସିଡ୍ୟୁର(ଏମସିଟିଏପି) ସମ୍ପର୍କରେ ଏକ କର୍ମଶାଳା ସ୍ଥାନୀୟ ବାର ଆସୋସିଏଶନ ହଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତାଲୁକ ସେବା କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜ୍ ରାଜେଶ ନାୟାର, ସବଜଜ୍ ରାଜୀବ ଲୋଚନ ସାହୁ, ଏସ୍‌ଡିଜେଏମ ନମିତା ସାହୁ, ଜେଏମଏଫସି ସୁଧାବାଇ ଅଗ୍ରୱାଲ, ବାର ସଭାପତି କୃଷ୍ଣଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଯାନବାହାନ ଦୁର୍ଘଟଣା ନେଇ ସହାୟତା ଦାବି ଆଇନର ନୂତନ ବ୍ୟବସ୍ଥା ଉପରେ ବିଚାରପତି ଅବଗତ କରାଇଥିଲେ। ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢୀ, ରବିକିରଣ ସ୍ୱାଇଁ, କୃଷ୍ଣଚନ୍ଦ୍ର ପଣ୍ଡା (କନିଷ୍ଠ), ସୁଧିର ମିଶ୍ର, ରଘୁନାଥ ରଥ, ବିଶ୍ୱଜିତ ପାତ୍ର, ଦେବେନ୍ଦ୍ର ମିଶ୍ର, ଦିଲିପ ବିଶି, ରାଜେଶ ବାବୁଙ୍କ ସହ ବହୁ ଆଇନଜୀବୀ, ପୋଲିସ ଅଧିକାରୀ ସଭାରେ ସାମିଲ ହୋଇଥିଲେ। କମିଟିର ରିଟେନର ଫ୍ରଣ୍ଟ ଅଫିସ ସୁରେନ ପଣ୍ଡା ସଭା ପରିଚାଳନା କରିଥିବା ବେଳେ କମିଟି କନିଷ୍ଠ କିରାଣୀ ଜିବର୍ଦ୍ଧନ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।





ତାଲୁକ ଆଇନ ସେବା କମିଟି ପକ୍ଷରୁ ଆୟୋଜିତ ଶିବିରରେ ମଞ୍ଚାସୀନ ବିଚାରପତିବୃନ୍ଦ।

# ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଗସ୍ତକୁ ବିରୋଧ

**ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ**

**ବଲାଙ୍ଗୀର ଅଫିସ,୨୮।୨**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡିଶା ଗସ୍ତକୁ ବିରୋଧ କରି ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବଲାଙ୍ଗୀର ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନଗର କଂଗ୍ରେସ ସଭାପତି ବୁଲୁ ଦାନିଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ କେନ୍ଦ୍ର କ୍ଷମତାସୀନ ଭାଜପା ସରକାରକୁ ତୀବ୍ର ସମାଲୋଚନା କରାଯାଇଥିଲା ।

ନିଜର ଅର୍ଥନୈତିକ ବିଫଳତା ଲୁଚାଇବାକୁ ଯାଇ ମୋଦୀ ସରକାର ଦେଶରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରିବାରେ ଲାଗିଛି ବୋଲି ଅଭିଯୋଗ କରାଯାଇଥିଲା। ବରିଷ୍ଠ କଂଗ୍ରେସ ନେତା ଅସୀମ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଗୁଜୁରାଟର ଗୋଧ୍ରା ଭଳି ଦିଲ୍ଲୀରେ ମଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଯୋଡି ହିନ୍ଦୁ-ମୁସଲିମ ଦଙ୍ଗାର ପୁନରାବୃତ୍ତି କରିଛନ୍ତି ବୋଲି କହିଥିଲେ । ଅନ୍ୟମାନଙ୍କ ମଧରେ କଂଗ୍ରେସ ନେତା ଉମାଶଙ୍କର ପଣ୍ଡା, ଅଜୟ ବାଲି, ସାନନ୍ଦ ମିଶ୍ର, ଅସିତ ମିଶ୍ର, ପ୍ରେମ ପ୍ରକାଶ ମିଶ୍ର ଓ ଅଙ୍କିତ ସାହୁ ମୋଦି-ଶାହଙ୍କ ବିଫଳତାକୁ ନେଇ ବିଷୋଦ୍‌ଗାର କରିଥିଲେ । ଦେଶରେ ବେକାରୀ ବୃଦ୍ଧି, ଅର୍ଥନୀତି ମାନ୍ଦାବସ୍ଥା ଓ ନାରୀ ନିର୍ଯ୍ୟାତନା ବୃଦ୍ଧି ଘଟଣାରୁ ଲୋକଙ୍କର ଧ୍ୟାନ ହଟାଇବାକୁ ଯାଇ କେନ୍ଦ୍ର ସରକାର ଦେଶ ଭିତରେ ଧର୍ମ ଓ ଜାତି ମଧରେ ବିଭେଦ ସୃଷ୍ଟି କରୁଛନ୍ତି ବୋଲି କହିଥିଲେ। ଦିଲ୍ଲୀରେ ସାମ୍ପ୍ରଦାୟିକ ଦଙ୍ଗାରେ ୪୨ଜଣ ନିରୀହ ପ୍ରାଣ ହରାଇଥିବାବେଳେ ଶାହାଙ୍କ ଓଡିଶା ଗସ୍ତ ଏକ ନାଟକବାଜି ବୋଲି କହିଥିଲେ। ଏଠାରେ ଉଭୟ ପ୍ରଧାନମନ୍ତ୍ରୀ ମୋଦୀ ଓ ଗୃହମନ୍ତ୍ରୀ ଶାହାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ବିକ୍ଷୋଭ କାର୍ଯ୍ୟକ୍ରମରେ ମନୀଷ ମିଶ୍ର, ସନ୍ତକ ବହିଦାର, ସୁଦାମ ସାହୁ, ଚନ୍ଦ୍ରମଣି ତ୍ରିପାଠୀ, ଝୁଲୁ ପଟ୍ଟନାୟକ, ପବିତ୍ର ବେହେରା, ସୌମ୍ୟଦୀପ ସରାଫ, ସଞ୍ଜୟ ମିଶ୍ର, ହିମାଂଶୁ ନାୟକ, ସଞ୍ଜୀବ ଗୁରୁ, ମଙ୍ଗଲୁ ପାଣି, ରାଜେଶ ପାତ୍ର, ଟୁନା ସାହୁ, ସୁଦର୍ଶନ ମିଶ୍ର, ଅନନ୍ତ ବେହେରା, ଅନନ୍ତ ମଛଖଣ୍ଡ, କୈଳାସ ମିଶ୍ର, ବ୍ରଜ ସେଠୀ, ପବିତ୍ର ନେପାକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ବଲାଙ୍ଗୀର ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଜାତୀୟ ବିଜ୍ଞାନ ଦିବସ ପାଳିତ

ପର୍ଲା, ୨୮।୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ଅଧୀନ ଜ୍ଞାନ କମ୍ପ୍ୟୁଟର ଅନୁଷ୍ଠାନ ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନ ଶିକ୍ଷକ କମଳାକାନ୍ତ ବିହାରୀଙ୍କ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଯୁଗେଶ ତାଣ୍ଡି ଓ ମୁଖ୍ୟବକ୍ତା ଭାବେ ବିଜ୍ଞାନ ଶିକ୍ଷକ ଟିକେଶ୍ୱର ନାଏକ ଓ ସମ୍ମାନିତ ଅତିଥି ଭାବେ ଟଙ୍କଧର ତାଣ୍ଡି, ସାମାଜିକ କର୍ମୀ ଧୃମାନ ଢ଼ଗ ନାଏକ ମଞ୍ଚାସୀନ ହୋଇଥିଲେ। ବିଜ୍ଞାନ ମଣିଷ ଆଖିରୁ ଅନ୍ଧକାର ଦୂର କରି ନୂତନ ଆଶା, ବିଶ୍ୱାସ ଓ ପ୍ରେରଣା ସୃଷ୍ଟି କରିପାରୁଛି, ତେଣୁ ତାର ଅବଦାନକୁ ଜନସାଧାରଣ ହାତଛଡା କରିବା ଉଚିତ ନୁହେଁ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ଧନଞ୍ଜୟ ବାଗ ପରିଚାଳନା କରିଥିବା ବେଳେ ପୁରୁଷୋତ୍ତମ ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଆୟୋଜନ ଚୁନି ସାହୁ, ମାମିନା ଗହୀର, ପୁରୁଷୋତ୍ତମ ସୁନାନୀ, ଶୁଭେନ୍ଦୁ ହଂସ, ଦିପ୍ତିରେଖା ପଣ୍ଡା କରିଥିବା ବେଳେ ରାନୁ ଭାଟି, ଗୀତାଞ୍ଜଳି ରାଉତ, ସଞ୍ଜୀବ ନାଗ, ମୁକେଶ ଦୀପ ପ୍ରମୁଖ ସହଯୋଗ କରିଥିଲେ।

# ସାଇବର ଅପରାଧ ରୋକିବାକୁ ଗୁରୁତ୍ୱ

ବରଗଡ଼ ଅଫିସ୍, ୨୮।୨

ବରଗଡ଼ର ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଅନୁଷ୍ଠାନ ସମୂହରେ ଶୁକ୍ରବାର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସାଇବର ଅପରାଧ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲା ଆଇନ ପ୍ରାଧିକରଣ ସେବା ସଚିବ ନୀଳିମା ପଣ୍ଡା ଉଦଘାଟନ କରିବା ସହିତ ଆଇନ ପ୍ରାଧିକରଣ ସେବାର ଅର୍ଥ, ତାର ଆଭିମୁଖ୍ୟ ତଥା ସାଇବର ଅପରାଧ ଓ ତାର ନିରାକରଣ ଆଇନ ଉପରେ ବିବରଣୀ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ଯାଇ ସାମ୍ପ୍ରତିକ ସମାଜରେ ଇଣ୍ଟରନେଟ ତଥା ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମର ବ୍ୟବହାର କୋମଳମତି ଶିଶୁ ତଥା ବିପଥଗାମୀ ଯୁବପୀଢ଼ିକୁ ରସାତଳଗାମୀ କରି ସାରିଛି, ସେ ଉପରେ ସଚେତନାତ୍ମକ ଆଲୋଚନା କରି ନୂତନ ଦିଗଦର୍ଶନ ଦେଇଥିଲେ। ସେହିପରି ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟରୁ ମିଳୁଥିବା ସୁବିଧା ଉପରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନ ସମୂହର ସମ୍ପାଦକ ତଥା ପଦ୍ମଶ୍ରୀ କୃତାର୍ଥ ଆଚାଯର୍ୟ ଇନଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜିର ଅଧ୍ୟକ୍ଷ ତରୁଣ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ବିଳାସପ୍ରିୟ ଜୀବନକୁ ପରିହାର ତଥା ଆଧୁନିକତାର ବଶବର୍ତ୍ତୀ ନ ହେବା ପାଇଁ ଷଡ଼ଙ୍ଗୀ ବର୍ତ୍ତମାନର ଯୁବପୀଢ଼ିଙ୍କୁ ପରାମର୍ଶ ଦେଇଥିଲେ। ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ କଲେଜ ଅଫ ଇଞ୍ଜିନିୟରିଂର ଅଧ୍ୟକ୍ଷ ଭରତ ଭୂଷଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନର ଅଧ୍ୟାପକ ଈଶ୍ୱରଧର ବଡ଼ଙ୍ଗାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ମହେଶ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




ସଚେତନତା ଶିବିରରେ ଅତିଥିବୃନ୍ଦ।




କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ଉପରେ ନାଟକ ପରିବେଷଣ କରାଯାଉଛି।

# ବାଲ୍ୟ ବିବାହ ରୋକିବା, ସ୍ୱଚ୍ଛ ଶୌଚ, ସ୍ୱଚ୍ଛ ବିଚାର ଓ ସ୍ୱଚ୍ଛ ପରିବେଶ କାର୍ଯ୍ୟକ୍ରମ

ଭବାନୀପାଟଣା, ୨୮।୨ (ଡି.ଏନ.ଏ.)

ମହିଳା ଓ ଶିଶୁ ବିକାଶ ବିଭାଗ ଭାରତ ସରକାର ଓ ଚାଇଲ୍ଡ ଲାଇନ ଇଣ୍ଡିଆ ଫାଉଣ୍ଡେଶନ୍ ସହାୟତାରେ ଦାପ୍ତା ଚାଇଲ୍ଡ ଲାଇନ୍ କଳାହାଣ୍ଡି ଦ୍ୱାରା ସ୍ୱଚ୍ଛ ଭାରତ ମିଶନର ସ୍ୱଚ୍ଛ ଶୌଚ, ସ୍ୱଚ୍ଛ ବ୍ୟବହାର, ସ୍ୱଚ୍ଛ ପରିବେଶ ଓ ସୁରକ୍ଷିତ ସମାଜ ଉପରେ ପର୍ଯ୍ୟବେଶିତ ୨ ଦିନିଆ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଗତ ୨୭ ତାରିଖରେ କାମଠଣା ଉଚ୍ଚ ବିଦ୍ୟାଳୟ, ଘୁମେରଗୁଡା ବିଦ୍ୟାଳୟ ଓ ଡୁମାଲ ବିଦ୍ୟାଳୟରେ ସ୍ୱଚ୍ଛତା ଉପରେ ପର୍ଯ୍ୟବେଶିତ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଉକ୍ତ ୩ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନ ଶୋଭାଯାତ୍ରାର ଆୟୋଜନ କରି ସ୍ୱଚ୍ଛତାର ବାର୍ତ୍ତା ଓ ବାଲ୍ୟ ବିବାହ ରୋକିବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଆୟୋଜିତ ସଚେତନତା ସାଧାରଣ ସଭାରେ କାମଠଣା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ରଥ ଅଧକ୍ଷତା କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଘୁମେରଗୁଡା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶେଷଦେବ ମିଶ୍ର, ଡୁମାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମମତା ଚାନ୍ଦ, ଶିକ୍ଷକ ବିକାଶ କର, ସିଡିପିଓ ତଥା ଶିଶୁ ସୁରକ୍ଷା ଅଧିକାରୀ ଭବାନୀପାଟଣା ପୌରାଞ୍ଚଳ ଯାଜ୍ଞସେନୀ ବେହେରା, ଡାଇରେକ୍ଟ ଆସୋସିଏଶନ୍ ଅଧ୍ୟକ୍ଷ ଗୁପ୍ତେଶ୍ୱର ସାହୁ ଉପସ୍ଥିତ ରହି ସୁଚିନ୍ତିତ ମତାମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କରାଯାଇଥିବା ଶୋଭାଯାତ୍ରାକୁ ରୂପେଶ ହୋତା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦାପ୍ତାର ସମ୍ପାଦକ ତଥା ଡାଇରେକ୍ଟର ଚାଇଲ୍ଡଲାଇନ କଳାହାଣ୍ଡି ରାଜୁ ଶର୍ମା ପରିଚାଳନା କରିଥିବା ବେଳେ ଚାଇଲ୍ଡ ଲାଇନ ସଂଯୋଜକ କରିସ୍ମା ଦେବୀ, ସୋନାଲୀ, ସୌମ୍ୟ, ସହଦେବ, ଲୋହିଲ, ପୁଷ୍ପା, ଥିରୋଜ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବାଲ୍ୟ ବିବାହ ଉପରେ ପର୍ଯ୍ୟବେଶିତ ନାଟକର କଳାକାର ଓ ବକ୍ତୃତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୁବାଷ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଭବାନୀପାଟଣା, ୨୮।୨ (ଡି.ଏନ.ଏ.)

ଭବାନୀପାଟଣାଠାରୁ ପ୍ରାୟ ୨୨ କି.ମି. ଦୂରବର୍ତ୍ତୀ କର୍ଲାପଡା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟଠାରେ ଗତ ୧୧ ତାରିଖଠାରୁ ଚାଲିଥିବା ୧୫ ଦିନିଆ ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଆତ୍ମରକ୍ଷା ତାଲିମ ଶିବିର ମୁଖ୍ୟ ଅଧିକାରୀ ରଶ୍ମିରେଖା ଦେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଶିବିରରେ ମହାବିଦ୍ୟାଳୟର ୬୦ ଜଣ ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରୁଥିଲେ। ଆତ୍ମରକ୍ଷା ତାଲିମଦାତ୍ରୀ ଭାବେ ରିକିନା ରାଉତ ଓ ଶ୍ରଦ୍ଧାଞ୍ଜଳି ମାଝି ତାଲିମ ପ୍ରଦାନ କରିଥିଲେ। ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟ କର୍ଲାପଡା ଅଧକ୍ଷ ବିନୋଦ ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଲିଆମାଲ ଗ୍ରା.ପ.ର ସରପଞ୍ଚ ସୁରେନ୍ଦ୍ର ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କର୍ଲାପଡା ମହାବିଦ୍ୟାଳୟ ଅଧ୍ୟାପକ ସରୋଜ ମିଶ୍ର ଉପସ୍ଥିତ ରହି ଛାତ୍ରୀମାନେ ଏହି ଶିବିରରୁ ଶିକ୍ଷା କରିଥିବା ଜ୍ଞାନକୌଶଳକୁ ଉପଯୁକ୍ତ ସମୟରେ ବିନିଯୋଗ କରି ନିଜକୁ ସୁରକ୍ଷିତ ରଖିବା ସହ ଅସାମାଜିକ ବ୍ୟକ୍ତିମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇପାରିବେ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ କଶ୍ୟପ ପ୍ରଧାନ ସଂଯୋଜନା କରିଥିଲା ବେଳେ ପିଇଟି ବିଭୁତି ଭୂଷଣ ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍‌ସିସି ଅଫିସର ଅଞ୍ଜନ ବାଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଛାତ୍ରୀଙ୍କୁ ତାଲିମ ଦିଆଯାଉଛି।

# ୩ ଆର୍‌ଟିଓ ଦଲାଲ କୋର୍ଟଚାଲାଣ

ଭବାନୀପାଟଣା, ୨୮।୨ (ଡି.ଏନ.ଏ.)

ସ୍ଥାନୀୟ ଆରଟିଓଙ୍କ କାର୍ଯ୍ୟାଳୟ ସାମନାରୁ ଗୁରୁବାର ୩ ଦଲାଲଙ୍କୁ ପୋଲିସ ଗିରଫ କରିଥିବା ଜିଲା ଏସ୍‌ପିଙ୍କ ସୂତ୍ରରୁ ଜଣାପଡିଛି। ଗିରଫ ୩ ଜଣ ହେଲେ ଚିନ୍ତାମଣି ସାହୁ (୪୫), ବିମ୍ବାଧର ବୈଠାର, ଅଶୋକ କୁମାର ରତେ। ସେମାନଙ୍କ ବିରୋଧରେ ଭବାନୀପାଟଣା ସଦର ଥାନାରେ ଦଫା ୪୧୭/୪୧୯/୪୨୦ ଆଇପିସି ଧାରାରେ ୩ ପୃଥକ ଏକ ମାମଲା (ନଂ. ୬୯, ୭୦ ଓ ୭୧) ରୁଜୁ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଗିରଫ ୩ ଜଣଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଆରଟିଓଙ୍କ କାର୍ଯ୍ୟାଳୟ ସାମନାରେ କିଛି ଲୋକଙ୍କୁ ଏକଜୁଟ କରାଇ ନିଜକୁ ଆରଟିଓଙ୍କ ଏଜେଣ୍ଟ ବୋଲି ପରିଚୟ ଦେଇ ଗାଡି ରେଜିଷ୍ଟ୍ରେଶନ୍, ଡ୍ରାଇଭିଙ୍ଗ ଲାଇସେନ୍ସ ଓ ପଲ୍ୟୁଶନ ସାର୍ଟିଫିକେଟ ଆଦି କରିଦେବାକୁ କହି ସରକାରୀ ଧାର୍ଯ୍ୟ ଅର୍ଥଠାରୁ ପ୍ରାୟ ୩ ଗୁଣରୁ ଅଧିକ ଟଙ୍କା ଆଦାୟ କରି ସାଧାରଣ ଲୋକଙ୍କୁ ଠକୁଥିଲେ। ଏହି ଅଭିଯୋଗରେ ସଦର ଥାନା ଅନ୍ତର୍ଗତ ଥୁଆପଦର ଗ୍ରାମର



ଗିରଫ ୩ ଦଲାଲଙ୍କୁ ପୋଲିସ ହାଜର କରୁଛି।

### ନଗଦ ଟଙ୍କା, ମୋବାଇଲ, ଆଧାରକାର୍ଡ ଜବତ

ଚିନ୍ତାମଣିଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ନଗଦ ୩ ହଜାର ୬୦୦ ଟଙ୍କା, ଗୋଟିଏ ମୋବାଇଲ ଓ ଟିକେରାମ ସାହୁଙ୍କ ଏଲ୍‌ଏଲ୍ ଓ ଆଧାରକାର୍ଡ ଏବଂ ଜେମନ୍ତ ରଣା ନାମକ ବ୍ୟକ୍ତିଙ୍କ ଗୋଟିଏ ଆଧାରକାର୍ଡ ଜବତ କରାଯାଇଛି। ଜୁନାଗଡ ଥାନା ଅନ୍ତର୍ଗତ ପଳାସ ଗ୍ରାମର ବିମ୍ବାଧରଙ୍କୁ ଗିରଫ କରି ତାଙ୍କଠାରୁ ନଗଦ ୪ ହଜାର ୨୮୦ ଟଙ୍କା, ଗୋଟିଏ ମୋବାଇଲ, ଗୋଟିଏ କିପେଡ ମୋବାଇଲ ଏବଂ ଜଳେଶ୍ୱର ମେହେରଙ୍କ ଗୋଟିଏ ଆରସି ସ୍ମାର୍ଟ କାର୍ଡ ଜବତ୍ କରାଯାଇଛି। ଭବାନୀପାଟଣାର ଅଶୋକଙ୍କୁ ଗିରଫ କରି ତାଙ୍କ ନିକଟରେ ନଗଦ ୩ ହଜାର ୯୦ ଟଙ୍କା ଫୋନ, କାଳି ମନ୍ଦିରପଡାର ଗଜିନ ମେହେରଙ୍କ ଏଲ୍‌ଏଲ୍ ଓ ଅନ୍ୟ ୬ ଜଣଙ୍କ ଦରଖାସ୍ତ ପୋଲିସ ଜବତ୍ କରିଥିବା ଜଣାପଡିଛି।

# ସଡ଼କ ସୁରକ୍ଷା ବୈଠକ

ବରଗଡ଼ ଅଫିସ୍, ୨୮।୨

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ସଡ଼କ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦୁର୍ଘଟଣା, ହେଲମେଟ ବ୍ୟବହର, ଷ୍ଟାଣ୍ଡାର୍ଡ଼ ଅପରେଶନ ପ୍ରଣାଳୀ, ନିଶାସକ୍ତ ଗାଡ଼ି ଚାଳକ ଉପରେ ଆଲୋଚନା ହୋଇଥିଲା। ନିଶା ସେବନ କରି ଗାଡ଼ି ଚଳାଉଥିବା ଡ୍ରାଇଭରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବୈଠକରେ ମତପ୍ରକାଶ ପାଇଥିଲା। ସେହିପରି ବରଗଡ଼ ସହରର ଟ୍ରାଫିକ ସମସ୍ୟା ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ସହରର ଏହି ପ୍ରମୁଖ ସମସ୍ୟାକୁ କିଭଳି ଏଡ଼ାଯାଇ ପାରିବ, ସେ ନେଇ ଉପସ୍ଥିତ ସଭ୍ୟମାନେ ମତପ୍ରକାଶ କରିବା ସହିତ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବୁଲା ଗାଈଗୋରୁଙ୍କ ଯୋଗୁ ବିଭିନ୍ନ ସମୟରେ ସହରରେ ଟ୍ରାଫିକ ସମସ୍ୟା ଉପୁଜୁ ଥିବାରୁ ଲୋକେ ସହର ମଧ୍ୟକୁ ଗାଈଗୋରୁ ନ ଛାଡ଼ିବା ପାଇଁ ଅନୁରୋଧ କରାଯାଇଥିଲା।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ

ବରପାଲି, ୨୮।୨ (ଡି.ଏନ.ଏ)

ବରପାଲି ବ୍ଲକ ସିକିର୍ଡି ଗ୍ରାମରେ ୫ ଦିନ ଧରି ଚାଲିଥିବା ଶ୍ରୀ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଶୁକ୍ରବାର ସମ୍ପନ୍ନ ହୋଇଛି। ଏହି ଅବସରରେ ସକାଳେ ଦେବଦେବୀ ପୂଜନ ସହ ଅଭିଷେକ, ନବଯୌବନ ଦର୍ଶନ, ନୀଳଚକ୍ର ସ୍ଥାପନ ପୂର୍ବକ ସମସ୍ତ ବିଗ୍ରହଙ୍କ ମନ୍ଦିର ପ୍ରବେଶ ହୋଇଛି। ପଣ୍ଡିତ ଶୁକଦେବ ତ୍ରିପାଠୀ, ଟଙ୍କଧର ଦେବତା, ସିଦ୍ଧେଶ୍ୱର ସାବତ, ରଜତ ଦାଶ ଓ ସୁମିତ ଷଡଙ୍ଗୀ ପ୍ରମୁଖ ସସ୍ତ୍ରୀକ ପୂଜାକର୍ତ୍ତାମାନଙ୍କ ଗ୍ରହଣରେ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ କରିଥିଲେ। ବ୍ୟାସ ବନ୍ଦିତା ନାଏକ ଓ ସାଧୀଙ୍କ ନାଟକ ପରିବେଷଣ ହୋଇଥିଲା। ଏଥିରେ ମନ୍ଦିର କମିଟି ସଭାପତି ବିନୋଦ ସାହୁଙ୍କ ସମେତ ଗ୍ରାମର ଯୁବ ଭକ୍ତ ମଣ୍ଡଳୀ ସହଯୋଗ କରିଥିଲେ।

# ଜିଲାପାଳଙ୍କୁ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ

ଭବାନୀପାଟଣା, ୨୮।୨ (ଡି.ଏନ.ଏ.)

### ଆନ୍ଧ୍ରପ୍ରଦେଶ ଇଟାଭାଟିରେ ଶ୍ରମିକ ବନ୍ଧା ପଡ଼ିବା ଘଟଣା

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ହାବସପୁର ଗ୍ରାମର ୮ ଜଣ ଓ କଳମପୁର ବ୍ଲକ ଖଣ୍ଡିଡଙ୍ଗରୀଗୁଡାର ୯ ଜଣ ଶ୍ରମିକ ଆନ୍ଧ୍ରପ୍ରଦେଶ ମେହବୁବନଗର ଜିଲା ମେରକୁଲଠାରେ ଇଟାଭାଟିରେ ବନ୍ଧା ଥିବା ନେଇ ପ୍ରାୟ ଦେଢବର୍ଷ ବିତି ଯାଇଥିଲେ ମଧ ସେହି ଶ୍ରମିକମାନଙ୍କ ବାବଦରେ ଏ ପର୍ଯ୍ୟନ୍ତ କଳାହାଣ୍ଡି ଜିଲାପାଳ ତାଙ୍କ ରିପୋର୍ଟ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଦାଖଲ କରିନାହାନ୍ତି। ସେହିଭଳି ମେହବୁବନୀର ଜିଲାପାଳ ମଧ ତାଙ୍କ ରିପୋର୍ଟ ଦାଖଲ କରି ନ ଥିବାରୁ କମିଶନ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ୨୧ତାରିଖରେ ପୁନଶ୍ଚ ନୋଟିସ ଜାରି କରି ୪ ସପ୍ତାହ ମଧରେ ଶ୍ରମିକମାନଙ୍କ ଠିକଣା ଓ ସେମାନେ ଯଦି ଫେରି ଆସିଛନ୍ତି, ସେହି ଶ୍ରମିକମାନଙ୍କ ବୟାନ ରେକର୍ଡ କରି କମିଶନଙ୍କ ନିକଟରେ ଦାଖଲ କରିବାକୁ କଳାହାଣ୍ଡି ଜିଲାପାଳଙ୍କୁ ତାଗିଦ୍ କରିଛନ୍ତି। ୧୮ ଏପ୍ରିଲ ୨୦୧୯ ନୋଟିସ ଅନୁଯାୟୀ ୧୮ଟି ବିଷୟ ଉପରେ ତଦନ୍ତ କରି ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ମେହବୁବ ନଗର ଜିଲାପାଳଙ୍କୁ ପୁନଶ୍ଚ ନୋଟିସ ଜାରି କରିଛନ୍ତି।

# ନୃସିଂହନାଥରେ ଆଦର୍ଶ ବିବାହ

ପାଇକମାଳ, ୨୮।୨ (ଡି.ଏନ.ଏ)

ପାଇକମାଳର ନୃସିଂହନାଥ ଯାତ୍ରୀନିବାସରେ ଏକ ଆଦର୍ଶ ବିବାହ ଅନୁଷ୍ଠିତ ହୋଇଛି। ବାଙ୍ଗାଲୋରର ଜଣେ ଅନାଥ ଝିଅକୁ ପାଇକମାଳ ଅଞ୍ଚଳର ଯୁବକ ଜୀବନ ସାଥୀ ଭାବେ ଗ୍ରହଣ କରିଛନ୍ତି। ଝିଅ ଅନାଥ ହୋଇଥିବାରୁ ପାଇକମାଳର ଦିଲୀପ କୁମାର ପାଣିଗ୍ରାହୀ ଓ ସଂଯୁକ୍ତା ପାଣିଗ୍ରାହୀ କନ୍ୟାର ମାତା ପିତା ଦାୟିତ୍ୱ ତୁଲାଇଥିଲେ। ପାଇକମାଳ ବ୍ଲକ ପୁରେନା ଗ୍ରାମର ଜଗବନ୍ଧୁ ରାଉତରାଏଙ୍କ ପୁଅ ଲକ୍ଷ୍ମୀନାରାୟଣ ବାଙ୍ଗାଲୋରର ଏହି ଅନାଥ ଝିଅ ତିଲୋତ୍ତମାଙ୍କୁ ପରିବାରର ସହମତିକ୍ରମେ ନୃସିଂହନାଥ ଯାତ୍ରୀନିବାସରେ ବିବାହ କରିଛନ୍ତି। ପଣ୍ଡିତ ହାରାଧର ଦାଶ ବିବାହ କାର୍ଯ୍ୟ କରିଥିବା ବେଳେ ଦୁଃଶାସନ କୁମ୍ଭାର, ଡା. ଦେବଦତ୍ତ ମହାନ୍ତି, ଡା. ଗୌରିକାନ୍ତ ପ୍ରଧାନ, ମୋହନ ଜଗତ, ଜନ୍ମଜୟ ଭୋଇ, ବିଶ୍ୱନାଥ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ଯୋଜନା କମିଟି ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଉଛି।

# କଳାହାଣ୍ଡି ଜିଲା ଯୋଜନା କମିଟି ବୈଠକ

ଭବାନୀପାଟଣା, ୨୮।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲ୍ଲା ପ୍ଲାନିଂ ୱିଙ୍ଗ୍ କନଫେରେନ୍ସ ହଲଠାରେ ଜିଲା ଯୋଜନା କମିଟି ବୈଠକ ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଅନୁଷ୍ଠିତ ହୋଇଥିଲା। କମିଟି ଅଧକ୍ଷ ତଥା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବକିଶୋର ଦାସ, ଗୃହ, ଶକ୍ତି, ଶିଳ୍ପମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ ବିଧାନସଭା ମଣ୍ଡଳୀର ବିଧାୟକ ପ୍ରଦୀପ କୁମାର ଦିସାରୀ, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଧର୍ମଗଡ ବିଧାୟକ ମୌଷଧି ବାଗ, କଳାହାଣ୍ଡି ଲୋକ ସଭା ସଦସ୍ୟ ବସନ୍ତ ପଣ୍ଡା, ଜିଲା ଯୋଜନା କମିଟି ସଦସ୍ୟ, ଜିଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ, କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ, ଡେପୁଟି ଡାଇରେକ୍ଟର (ପି ଏଣ୍ଡ ଏସ୍), ଡିପିଏନ୍‌ୟୁ କଳାହାଣ୍ଡି, ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ ତଥା ବିଡିଓମାନେ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟତଃ ଜିଲାର କୃଷି ବିଭାଗ ଓ ଉଦ୍ୟାନ ବିଭାଗ, ରାସ୍ତା ଏବଂ ଯୋଗାଯୋଗ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଏବଂ ଜଳସେଚନ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ୨୦୧୯-୨୦୨୦ ବିଜୁ କେବିକେ ଯୋଜନା ଓ ସମଗ୍ର ଜିଲାର ୨୦୧୯-୨୦୨୦ ଆର୍ଥିକ ବର୍ଷ ଅର୍ଥରାଶିର ଅନୁମୋଦନ କରାଯାଇଥିଲା।

# ବିଜ୍ଞାନ ଭିତରେ ଆଧାତ୍ମିକ, ଆଧାତ୍ମିକ ଭିତରେ ବିଜ୍ଞାନ

ଭବାନୀପାଟଣା, ୨୮।୨ (ଡି.ଏନ.ଏ.)

### ୩୪ତମ ଜାତୀୟ ବିଜ୍ଞାନ ଦିବସ ପାଳିତ

ସ୍ଥାନୀୟ ବ୍ରଜମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ଶତବାର୍ଷିକି ସମ୍ମିଳନୀ କକ୍ଷଠାରେ କଳାହାଣ୍ଡି ଜିଲା ବିଜ୍ଞାନ ସାଧାନ କେନ୍ଦ୍ର ପକ୍ଷରୁ ୩୪ ତମ ଜାତୀୟ ବିଜ୍ଞାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଖ୍ୟାତ ପଦାର୍ଥ ବିଜ୍ଞାନୀ ନୋବେଲ ବିଜେତା ସାର ଚନ୍ଦ୍ର ଶେଖର ଭେଙ୍କଟ ରମଣ ଆଜିର ଦିନରେ 'ରମଣ ପ୍ରଭାବ'କୁ ସମଗ୍ର ପୃଥିବୀରେ ବୈଜ୍ଞାନିକ ସ୍ୱୀକୃତୀ କରାଇଥିଲେ। ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ଭାରତ ସରକାରଙ୍କ ତରଫରୁ ଶୁକ୍ରବାର ବିଜ୍ଞାନ ଦିବସରୂପେ ପାଳନ କରାଯାଇଛି। ଚଳିତବର୍ଷ ଏହି ଉତ୍ସବରେ ଜିଲାର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ମିଳିତ ହୋଇ ଏହି ଉତ୍ସବ ପାଳନ କରିଥିଲେ। ଉତ୍ସବରେ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର ସଭାପତିତ୍ୱ କରିଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ହିମାଂଶୁ ଶେଖର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଭବାନୀପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ଜଗନ୍ନାଥ ପୁରୋହିତ ତଥା ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ କୁମାର ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କର୍ଲାମୁଣ୍ଡା ବ୍ଲକ ବରିଷ୍ଠ ବିଜ୍ଞାନ ଶିକ୍ଷକ ପବିତ୍ର ମୋହନ ପଶାଙ୍କୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ମାନପତ୍ର ତଥା ଉପଢୌକନ ଦେଇ ଅତିଥିବୃନ୍ଦ ସମ୍ମାନିତ କରିଥିଲେ। ବିଜ୍ଞାନ ଶିକ୍ଷକ ଅମରେଶ ନେଗୀ ମାନପତ୍ର ପାଠ କରିଥିବା ବେଳେ ଅତିଥିଙ୍କ ଦ୍ୱାରା କଳାହାଣ୍ଡି ଜିଲାର ବିଜ୍ଞାନ ସାଧନ କେନ୍ଦ୍ର ତରଫରୁ 'ବିଜ୍ଞାନ ସ୍ମରଣିକା-୨୦୨୦' ଉନ୍ମୋଚୀତ ହୋଇଥିଲା। ମୁଖ୍ୟବକ୍ତା ଡା. ପଣ୍ଡା ବିଜ୍ଞାନ ଓ ଆଧାତ୍ମିକତା ଉପରେ ଏକ ତୁଳନାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ। ଠିକ ଭାବେ ଅନୁଶିଳନା ହେଲେ ବିଜ୍ଞାନ ଭିତରେ ଆଧାତ୍ମିକତା ଓ ଆଧାତ୍ମିକତା ଭିତରେ ବିଜ୍ଞାନ ଥାଏ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ମୋ ସ୍କୁଲ ସଂଯୋଜକ ସୁକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନିଶଙ୍କ ମଞ୍ଚ ପରିଚାଳନା କରିଥିଲେ।



ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ପୁସ୍ତିକା ଉନ୍ମୋଚନ କରାଯାଉଛି।



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



## ସଂକ୍ଷେପରେ

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର:ପ୍ରଚାର, ପ୍ରସାର ଅଭାବରୁ ଉପସ୍ଥାନ କମିଲା

**ପାଟଣାଗଡ, ୨୮।୨ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଭକ୍ତବନ୍ଧୁ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳମାଧବ ସୁନା ସମ୍ମାନୀତ ଅତିଥିଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯିବ ତାହା ଉପରେ ମତାମତ ରଖିଥିଲେ। ଏହି ଶିବିରରେ ତିନିଚକିଆ ସାଇକେଲ ୯ଟି, ହ୍ୱିଲ ଚେୟାର ୮ଟି ଏବଂ ଶ୍ରବଣ ଯନ୍ତ୍ର ୭ଗୋଟି ଦିବ୍ୟାଙ୍ଗମାନଙ୍କୁ ପ୍ରଦାନ କରାଯାଇଥିଲା। ତେବେ ବ୍ଲକ ପ୍ରଶାସନ ତରଫରୁ ଅନୁଷ୍ଠିତ ହୋଇଥିବା ଏହି ଶିବିର ସମ୍ପର୍କରେ ଆବଶ୍ୟକ ପ୍ରଚାର ପ୍ରସାର ଅଭାବରୁ ବହୁ ଭିନ୍ନକ୍ଷମ ଜାଣି ପାରି ନ ଥିବା ଅଭିଯୋଗ ହୋଇଛି। ଶିବିରରେ କମ୍ ଲୋକଙ୍କ ଉପସ୍ଥିତି ବିଷୟରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଧବଳେଶ୍ୱର ଦଳପତିଙ୍କୁ ପଚାରିବାରୁ ଏ ଦିଗରେ ଅଧିକ ସକ୍ରିୟ ହେବାର ଆବଶ୍ୟକତା ଥିଲା। ଆଉ ଥରେ ଏହି ଶିବିର ଆୟୋଜନ କରାଯିବାକୁ ଜିଲା ପ୍ରଶାସନକୁ ପ୍ରସ୍ତାବ ଦିଆଯିବ ବୋଲି ସେ କହିଥିଲେ।

# 'ଜନସାଧାରଣଙ୍କ ଆସ୍ଥାଭାଜନ ହୋଇ କାର୍ଯ୍ୟ କର'

**ମୋ ସରକାର ଯୋଜନା ଉପରେ ଗୁରୁତ୍ୱ**

**ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ବଲାଙ୍ଗୀର ଗସ୍ତ**

ବଲାଙ୍ଗୀର ଅଫିସ,୨୮।୨

ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆରଡିସି) ନିରଞ୍ଜନ ସାହୁ ଶୁକ୍ରବାର ବଲାଙ୍ଗୀର ଜିଲା ଗସ୍ତରେ ଆସି ଖପ୍ରାଖୋଲ ବ୍ଲକ ପରିଦର୍ଶନ କରିବା ସହ ବଲାଙ୍ଗୀର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ । ସମୀକ୍ଷା ବୈଠକ ପ୍ରାରମ୍ଭରେ ଜିଲାପାଳ ଅରିନ୍ଦମ ଡ଼ାକୁଆ ଆରଡିସି ସାହୁ ଓ ଅନ୍ୟ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ ଜଣାଇଥିଲେ । ସମୀକ୍ଷା ବୈଠକରେ ଏସ୍‌ପି ସନ୍ଦୀପ ମାଡକର, ଡିଆରଡିଏ ପିଡି ଡ ମହେଶ୍ୱର ସ୍ୱାଇଁ, ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ, ପାଟଣାଗଡ ଉପଜିଲାପାଳ ସୋମନାଥ ପ୍ରଧାନଙ୍କ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ତହସିଲଦାରମାନେ ଯୋଗଦାନ କରିଥିଲେ । ଆରଡିସି ସାହୁ, ବିଭିନ୍ନ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ଲୋକାଭିମୁଖୀ ଯୋଜନାଗୁଡ଼ିକର ସୁଫଳ ଯେପରି ତୃଣମୂଳସ୍ତରର ଜନସାଧାରଣ ପାଇପାରିବେ ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ନିଷ୍ଠାପର ଉଦ୍ୟମ କରିବା ଓ ପାରଦର୍ଶିତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ମୋ ସରକାର ଯୋଜନା ଜରିଆରେ ଜନସାଧାରଣ ଯେପରି ସମସ୍ତ ଯୋଜନାର ସୁଯୋଗ ନେଇ ପାରିବେ ସେନେଇ ଗୁରୁତ୍ୱାରୋପ କରିଥିଲେ । ଜନସାଧାରଣଙ୍କ ଆସ୍ଥାଭାଜନ ହେବା ପାଇଁ ବିଭାଗୀୟ ଅଧିକାରୀମାନେ ପ୍ରସ୍ତୁତ ରହି କାର୍ଯ୍ୟ କରିବା, ସରକାରଙ୍କ ୫-ଟି ସୂତ୍ର ଆଧାରରେ ପ୍ରତ୍ୟେକ ବିଭାଗ କାର୍ଯ୍ୟଗୁଡ଼ିକୁ କାର୍ଯ୍ୟାନ୍ୱୟନ କରିବାକୁ ସେ ପରାମର୍ଶ ଦେଇଥିଲେ । ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ତଥା ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ ନିମନ୍ତେ ବିଭାଗ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଆରଡିସି ସାହୁ ବିଭାଗ ୱାରି କାର୍ଯ୍ୟାବଳୀର ସବିଶେଷ ସମୀକ୍ଷା କରିଥିଲେ। ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ନିଜ ନିଜ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକର ରୂପରେଖ, କାର୍ଯ୍ୟକାରିତା ଓ ଅଗ୍ରଗତି ତଥା କାର୍ଯ୍ୟ ଖସଡ଼ା ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ । ସମୀକ୍ଷା ବୈଠକରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଉଦ୍ୟାନ, କୃଷି, ପରିବହନ, ଜିଲା ସାମାଜିକ ସୁରକ୍ଷା ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ମଧୁବାବୁ ପେନସନ୍, ଭିନ୍ନକ୍ଷମ ଭତ୍ତା, ଭୀମଭୋଇ ସାମର୍ଥ ଶିବିର, ଆଧାର ସଂଯୋଗୀକରଣ, ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା, ଜିଲା ଜଳ ଓ ପରିମଳ ବିଭାଜନ ଜରିଆରେ କାର୍ଯ୍ୟକାରୀ ହେଉଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପ, ଶିକ୍ଷା, ସର୍ବଶିକ୍ଷା ଯୋଜନା, ପାଠ୍ୟପୁସ୍ତକ ଯୋଗାଣ, ମହିଳା ଓ ଶିଶୁ ବିକାଶ ବିଭାଗ ଜରିଆରେ ମିଶନ ଶକ୍ତି, ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ଓ ପରିଚାଳନା, ସ୍ୱତନ୍ତ୍ର ପୁଷ୍ଟି ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀ, ଜିଲାରେ ଧାନ ସଂଗ୍ରହର ସ୍ଥିତି, ଖାଦ୍ୟ ନିରାପତ୍ତା ଇତ୍ୟାଦି ଯୋଜନା ଇତ୍ୟାଦି ସମ୍ପର୍କରେ ସବିଶେଷ ସମୀକ୍ଷା କରିଥିଲେ । ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସାହୁ ଗ୍ରାମ୍ୟ ଜଳ ଯୋଗାଣ, ସହରାଞ୍ଚଳ ଜଳ ଯୋଗାଣ, ରାସ୍ତା ଓ ଗୃହ ନିର୍ମାଣ, ବିଦ୍ୟୁତକରଣ, ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ଭିତ୍ତିଭୂମିର ବିକାଶ ଦିଗରେ ନିର୍ମାଣ କରାଯାଉଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଆକାଂକ୍ଷୀ ଜିଲା ବଲାଙ୍ଗୀରର ବିଭିନ୍ନ ବିଭାଗର ଉନ୍ନତି ନିମନ୍ତେ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ସେ ସମୀକ୍ଷା କରିଥିଲେ । ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିବା ସହ ମୋ ସରକାର ଯୋଜନା ଜରିଆରେ ଜନସାଧାରଣ ଯେପରି ସୁଫଳ ପାଇବେ ସେଥିପ୍ରତି ରାଜସ୍ୱ ଅଧିକାରୀ ତହସିଲଦାରମାନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ ।



ବଲାଙ୍ଗୀର ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଆରଡିସି ନିରଞ୍ଜନ ସାହୁ ବିଭିନ୍ନ ଯୋଜନାର ସମୀକ୍ଷା କରୁଛନ୍ତି ।

## କୋବ୍ରାକୁ ହରାଇଲା ଏସ୍‌ଡିସିଏ ଲାୟନ୍ସ

ଉଲୁଣ୍ଡା, ୨୮।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କଲେଜ ପଡିଆଠାରେ ଚାଲିଥିବା ବରିଷ୍ଠ ବିଭାଗର ଭିଜନ-୨୦୨୪ ପ୍ରତିଯୋଗିତାର ଶୁକ୍ରବାର ଖେଳରେ ଏସଡିସିଏ ଲାୟନ୍ସ ଦଳ ଏସଡିଏ କୋବ୍ରାକୁ ୪ ଉଇକେଟରେ ପରାସ୍ତ କରିଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି କୋବ୍ରା ଦଳ ୩୪.୫ ଓଭରରେ ୧୯୫ ରନ କରି ସମସ୍ତ ଉଇକେଟ ହରାଇଥିଲେ। ଦଳ ପକ୍ଷରୁ ସୁନୀଲ ସେବକ ସର୍ବାଧିକ ୪୨ ରନ କରିଥିବା ବେଳେ ବିପକ୍ଷ ଦଳର ବୋଲର ପ୍ରିତମ ପାଣିଗ୍ରାହୀ ୫ ଉଇକେଟ ହାସଲ କରିଥିଲେ। ଏହାର ଜବାବରେ ଲାୟନ୍ସ ଦଳ ୩୭.୫ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ରନ ହାସଲ କରି ନେଇ ବିଜୟୀ ହୋଇଥିଲା। ଲାୟନସ ପକ୍ଷରୁ ମହମ୍ମଦ ଇବ୍ରାହିମ ଖାନ ୪୭ ଓ ରାକେଶ ସାହୁ ୩୭ ସଂଗ୍ରହ କରିଥିଲେ। ଆଜିର ଖେଳକୁ ଶିବନ୍ତ କୁମାର ନାଏକ ଓ ସତ୍ୟାନାରାୟଣ ପଧାନ ପରିଚାଳନା କରିଥିଲେ। ସରୋଜ କୁମାର ମିଶ୍ର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାରର ଖେଳରେ ଅତିଥିଭାବେ ଉଲୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୁନୁରାମ ମହାକୁର ଅତିଥି ଭାବରେ ଯୋଗଦେଇ ପ୍ରିତମ ପାଣିଗ୍ରାହୀଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।

## ସପକ୍ଷବାଦୀ-ବିପକ୍ଷବାଦୀ ମୁହାଁମୁହିଁ

- ସୋଲାର ପ୍ଲାଣ୍ଟ ପ୍ରତିଷ୍ଠା ପ୍ରସଙ୍ଗ
- ଡୁମେରମୁଣ୍ଡାରେ ଲାଗି ରହିଛି ଚାପା ଉତ୍ତେଜନା

ସଇଁତଲା, ୨୮।୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କଅଁସର ପଞ୍ଚାୟତ ଅନ୍ତର୍ଗତ ଡୁମେରମୁଣ୍ଡା ଗ୍ରାମରେ ଗ୍ରୀଡ଼କୋ ତରଫରୁ ପ୍ରସ୍ତାବିତ ସୋଲାର ପ୍ଲାଣ୍ଟ ପ୍ରତିଷ୍ଠାକୁ ନେଇ ସପକ୍ଷବାଦୀ ଓ ବିପକ୍ଷବାଦୀ ମୁହାଁମୁହିଁ ହୋଇଛନ୍ତି। ଏ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି । ଗ୍ରୀଡ଼କୋ ତରଫରୁ ଡୁମେରମୁଣ୍ଡା ଗ୍ରାମ ନିକଟରେ ଶହେ ଏକର ସରକାରୀ ଜମି ଉପରରେ ଏକ ସୋଲାର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ହୋଇଛି । ଏଥିପାଇଁ କଅଁସର ପଞ୍ଚାୟତର ୮୦ଏକର ଓ ଘୁନସର ପଞ୍ଚାୟତର ୨୬ଏକର ସରକାରୀ ଜମି ଗ୍ରୀଡ଼କୋକୁ ହସ୍ତାନ୍ତର କରାଯିବା ପାଇଁ କୁହାଯାଇଛି । ସେହିଭଳି ଉକ୍ତ ପ୍ଲାଣ୍ଟ ନିର୍ମାଣ ପାଇଁ ୫୦କୋଟି ବିନିଯୋଗ ହେଉଥିବାବେଳେ ୨୫ମେଗାୱାଟ ବିଦ୍ୟୁତ ଉତ୍ପାଦନ ହୋଇପାରିବ ବୋଲି ଉପସ୍ଥିତ କମ୍ପାନୀର ଅତିରିକ୍ତ ମ୍ୟାନେଜର ସୁବାଶିଷ ଭଟ୍ଟାଚାର୍ଯ୍ୟ କହିଛନ୍ତି। ପ୍ଲାଣ୍ଟ ହେବା ଜଣାପଡ଼ିବା ପରେ ସମ୍ପୃକ୍ତ ଜମି ନିକଟରେ ଥିବା ଚାଷ ଜମିର ମାଲିକମାନେ ବିରୋଧ କରି ୨୫ତାରିଖ ଦିନ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସଇଁତଲା ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ ଶୁକ୍ରବାର ଗ୍ରାମକୁ ଆସିବେ ବୋଲି କହିଥିଲେ। ଏହିକ୍ରମରେ ଅପରାହ୍ନରେ ସେ ଡୁମେରମୁଣ୍ଡା ଆସିଥିଲେ। ଗ୍ରାମ ମଣ୍ଡପଠାରେ ତହସିଲଦାର ଡୁଙ୍ଗଡୁଙ୍ଗ, କଅଁସର ସରପଞ୍ଚ ସନାତନ ଦୀପ, ସମିତି ସଭ୍ୟ କେଶବ ଚନ୍ଦ୍ର ନାଏକ, ୱାର୍ଡ଼ ସଭ୍ୟା ହେମ ବୁଡେକ, ଧନମତୀ ମାଝୀ, ପୂର୍ବତନ ସରପଞ୍ଚ ପ୍ରତିମା ଭୋଇଙ୍କ ସମେତ ଗ୍ରାମର ତିନିଟି ୱାର୍ଡ଼ର ଶତାଧିକ ମହିଳା ପୁରୁଷ ପ୍ଲାଣ୍ଟ ପ୍ରତିଷ୍ଠାକୁ ନେଇ ଆଲୋଚନା କରିଥିଲେ। ତହସିଲଦାର ପ୍ଲାଣ୍ଟ ପାଇଁ ସରକାରୀ ଜମି କାର୍ଯ୍ୟରେ ଲାଗୁଥିବା କହିଥିଲେ। ପ୍ରସ୍ତାବିତ ପ୍ଲାଣ୍ଟ ହେଲେ ସେମାନଙ୍କ ଚାଷ ଜମିକୁ ଯିବା ଆସିବା କରିବା ପାଇଁ ରାସ୍ତା ମିଳିବ ନାହିଁ ବୋଲି କେତେକ ଗ୍ରାମବାସୀ କହିଥିଲେ। ଏହାପରେ ପ୍ଲାଣ୍ଟ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ସଭାସ୍ଥଳରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ତହସିଲଦାର ବଲାଙ୍ଗୀରଠାରେ ଏକ ସରକାରୀ ବୈଠକ ଥିବା ଯୋଗୁ ସେଠାରୁ ଚାଲି ଯାଇଥିଲେ। ସରପଞ୍ଚ ଦୀପ ପୁନର୍ବାର ଗ୍ରାମସଭା କରି ସୋଲାର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ସହମତି କରାଇବେ ବୋଲି କହିଛନ୍ତି। ତେବେ ଏହାକୁ ନେଇ ଡୁମେରମୁଣ୍ଡାରେ ଚାପା ଉତ୍ତେଜନା ଲାଗି ରହିଛି ।

## ପରିବେଶ ସୁରକ୍ଷା, ଜୈବ ବିବିଧତା ସଂରକ୍ଷଣ ଆଲୋଚନାଚକ୍ର

ଦେଓଗାଁ,୨୮।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ବିଜ୍ଞାନ ବିଭାଗ ତରଫରୁ ଶୁକ୍ରବାର ପରିବେଶ ସୁରକ୍ଷା ଓ ଜୈବ ବିବିଧତା ସଂରକ୍ଷଣ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ଅଧକ୍ଷତା ତଥା ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ରିଙ୍କି ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଉଦ୍ଭିଦବିଜ୍ଞାନ ପ୍ରାଧ୍ୟାପକ ଯଜ୍ଞେଶ୍ୱର ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ପ୍ରାଧ୍ୟାପକ ପ୍ରୋଫେସର ମଦନ ମୋହନ ପ୍ରଧାନ, ସମ୍ମାନୀତ ଅତିଥିଭାବେ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ.ସୁରେଶ ପ୍ରସାଦ ଷଡଙ୍ଗୀ ଯୋଗଦେଇ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଇପସିତା ମହାନ୍ତି, ଟିଙ୍କି ସାହୁ, କମଳାକାନ୍ତ ସାହୁ, ହିମାଂଶୁ ଶେଖର ବାଗ ଓ ସୌମ୍ୟ ରଞ୍ଜନ ବେହେରା ପ୍ରମୁଖ ଛାତ୍ରୀଛାତ୍ର ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଶେଷରେ ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।





ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ବିଜ୍ଞାନ ବିଭାଗ ତରଫରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।



ଶିବିରରେ ନିଜ ନାମ ପଞ୍ଜୀକରଣ କରିବାକୁ ଲମ୍ବା ଧାଡି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗୁଡଭେଲା,୨୮।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ସାମର୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଡିଓ ସୂର୍ଯ୍ୟକୁମାର ନାୟକ ଉଦ୍‌ଘାଟନ କରିଥିଲେ। ଶିବିରରେ ବିଶେଷଜ୍ଞଙ୍କ ଦ୍ୱାରା ୮୪ଜଣ ଶାରୀରିକ, ୧୩ଜଣ ମାନସିକ ଅନଗ୍ରସର, ୨୬ଜଣ ଦୃଷ୍ଟିବାଧିତ,୧୪ଜଣ ମୂକବଧିର ଏହିପରି ମୋଟ ୧୩୭ଜଣଙ୍କୁ ଚିହ୍ନଟ କରାଯାଇଛି। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ହିମାଂଶୁ ଶୋଖର ମିଶ୍ର, ବ୍ଲକ ସାମାଜିକ କଲ୍ୟାଣ ଅଧିକାରୀ ଦୀପକ ମାରଣ୍ଡି ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ନାମ ସାନଗୁର୍ଜିଭଟା ଏଏନ୍‌ଏମ ସେଣ୍ଟର, ପ୍ରାଣୀ ସହାୟକ କେନ୍ଦ୍ର : କାମ କରୁଛି କରୁଆଁଝରରେ

ଲାଠୋର, ୨୮।୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅନ୍ତର୍ଗତ ସାନଗୁର୍ଜିଭଟାରେ ଥିଲା ଏଏନଏମ ସେଣ୍ଟର ଓ ପ୍ରାଣୀ ସହାୟକ କେନ୍ଦ୍ର। ଦୀର୍ଘଦିନ ଧରି ଏହି ଦୁଇ କେନ୍ଦ୍ରରୁ ଲୋକେ ସୁବିଧା ପାଉଥିଲେ। ହେଲେ କିଛିବର୍ଷ ତଳେ ଏହି ଦୁଇ କେନ୍ଦ୍ରକୁ କରୁଆଁଝରକୁ ସ୍ଥାନାନ୍ତର କରି ଦିଆଯାଇଛି। ଏ ନେଇ ସରକାରୀ ସ୍ତରର ସାନଗୁର୍ଜିଭଟା ଗ୍ରାମବାସୀଙ୍କୁ କୌଣସି ସୂଚନା ଦିଆଗଲା ନାହିଁ। ହେଲେ ଆଶ୍ଚର୍ଯ୍ୟର ବିଷୟ ଏହି ଦୁଇଟି କେନ୍ଦ୍ର କରୁଆଁଝର ସ୍ଥାନାନ୍ତର ହୋଇଥିଲେ ମଧ୍ୟ ସରକାରୀ କାଗଜପତ୍ର ଓ ନାମ ଫଳରେ କେନ୍ଦ୍ରର ନାମ ସାନଗୁର୍ଜିଭଟା ହିଁ ରହିଛି। ତେବେ କାହା ସ୍ୱାର୍ଥରେ ଏପରି କରାଯାଇଛି ବୋଲି ସାନଗୁର୍ଜିଭଟାର ସୁଶାନ୍ତ ନାଗ, ଜଗବନ୍ଧୁ ନାଗ, ରୁକ୍ଷଚନ୍ଦ୍ର ଧରୁଆ, ଘନଶ୍ୟାମ ସରାପ, ପରମାନନ୍ଦ ନାଗ, ଭୁବନେଶ୍ୱର ଧୁବଲ, କିଶୋର ରାଉତ, ସନ୍ତୋଷ ନାଗ, ହରି କୁମ୍ଭାର, ମୋହନ ତାଣ୍ଡି, ହରିପାଲ ନାଗ, ମୋହନ କୁମ୍ଭାର, ସୁବିଦା କୁମ୍ଭାର, ନାରାୟଣ ସୂର୍ଯ୍ୟ, ଶିବ ଚରଣ ସୂର୍ଯ୍ୟ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହାର ଏକ ତଦନ୍ତ କରି ସାନଗୁର୍ଜିଭଟା ଗ୍ରାମରେ ଉଭୟ କେନ୍ଦ୍ର ପୂର୍ବପରି ସ୍ଥାପନ କରି ସେବା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି।



କରୁଆଁଝରରେ ଚାଲିଥିବା ପ୍ରାଣୀ ସହାୟକ କେନ୍ଦ୍ର ।

## ସାଧାରଣ ବିଜ୍ଞାନରେ କପି, ଧରାପଡିଲେ ୫ ପରୀକ୍ଷାର୍ଥୀ

ସୋନପୁର,୨୮।୨(ନି.ପ୍ର.)

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସୁବର୍ଣ୍ଣପୁର ଜିଲାର ୪୭ଟି କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ଶୁକ୍ରବାର ମୋଟ ୮୬୯୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୪୭୬ ଜଣ ସାଧାରଣ ବିଜ୍ଞାନରେ ପରୀକ୍ଷା ଦେଇଥିଲା। ତେବେ ଜିଲାର ୨୧୭ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ।

## ବଲାଙ୍ଗୀର ପୋଲିସ ପକ୍ଷରୁ ମେଗା ରକ୍ତଦାନ ଶିବିର

- ୧୫୨ ୟୁନିଟ୍ ରକ୍ତ ସଂଗ୍ରହ
- ରକ୍ତଦାନ କଲେ ସ୍ୱାମୀ-ସ୍ତ୍ରୀ, ବାପପୁଅ
- ପୋଲିସ ପକ୍ଷରୁ ସୁରକ୍ଷା ଓ ସେବା କାର୍ଯ୍ୟ ଜାରି ରହିବ: ଏସ୍‌ପି

ବଲାଙ୍ଗୀର ଅଫିସ,୨୮।୨

ବଲାଙ୍ଗୀର ପୋଲିସ ବିଭାଗ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଆଦର୍ଶ ଟାଉନ୍ ଥାନା ପରିସରରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ୧୫୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । ଏସପି ସନ୍ଦୀପ ମାଡକର ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଆଡିସ୍‌ନାଲ ଏସପି ମନୋରଞ୍ଜନ ପ୍ରଧାନ, ସାମାଜିକ କର୍ମୀ ଲଳିତ କୁମାର ନାୟକ, ନାଗରିକ କମିଟି ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ, ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ଡିଏସପି ପୁରୁଷୋତ୍ତମ ସେଠୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୁମୁଦ ସେଠ, ଟାଉନ୍ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଓ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀ, ବିଡିଜିଏ କ୍ଲବ୍‌ର ସଂଗ୍ରାମ ବହିଦାର ଓ ଅନ୍ୟ ସଦସ୍ୟ, ଜିଲା କରଣ ସମାଜର ସଦସ୍ୟମାନେ ଉପସ୍ଥିତ ଥିଲେ । ସାଧାରଣତଃ ପୋଲିସ ଆଇନଶୃଙ୍ଖଳା ପରିଧିରେ କାର୍ଯ୍ୟ କରୁଥାଏ । ରାଜ୍ୟ ସରକାର ପୋଲିସ ବିଭାଗକୁ ମୋ ସରକାର ଯୋଜନା ପରିସରଭୁକ୍ତ କରିଥିବାରୁ ଅଧିକ ଲୋକାଭିମୁଖୀ ହେବା ଓ ଜନସେବାରେ ନିୟୋଜିତ କରିବା ଉଦ୍ଦେଶ୍ୟରେ ବଲାଙ୍ଗୀର ପୋଲିସ ପକ୍ଷରୁ ଏଭଳି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଛି ବୋଲି ଏସ୍‌ପି ମାଡକର କହିଥିଲେ । ଆଗକୁ ପୋଲିସ ବିଭାଗ ଜିଲାର ଅନ୍ୟାନ୍ୟ ଥାନାରେ ମଧ୍ୟ ଏଭଳି ରକ୍ତଦାନ ଶିବିର ଆୟୋଜନ କରିବ ବୋଲି ସେ ସୂଚନା ଦେଇଥିଲେ। ଶିବିରରେ ପୋଲିସ ଅଧିକାରୀ, କର୍ମଚାରୀଙ୍କ ସହ ଜନସାଧାରଣ ଓ ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ରକ୍ତଦାନ କରିଥିଲେ । ଏହି ଶିବିରରେ ଟାଉନ୍ ଥାନା ଆଇସିସି ପଟ୍ଟନାୟକ, ନାଗରିକ କମିଟି ସମ୍ପାଦକ କେଡିଆ, ଓଡିଶା ହୋମଗାର୍ଡର ସୁଧୀର କୁମାର ଜାଲ, ପୋଲିସ କର୍ମଚାରୀ ଅମୀର ଖାନ୍, ତାଙ୍କ ପୁଅ ଅରମାନ୍‌ଉଦ୍ଦିନ ଖାନ୍, ସରକାରୀ ଆୟୁର୍ବେଦ କଲେଜରେ ଅଧ୍ୟୟନରତ ମହାରାଷ୍ଟ୍ରର ଛାତ୍ରୀ ସନ୍ଧ୍ୟା ସୋରେନ୍, ଛତିଶଗଡର ପ୍ରୀତି ହଲଧର, ରାମନାରାୟଣ ପ୍ରଧାନ ଓ ଅନ୍ୟମାନେ ରକ୍ତଦାନ କରିଥିଲେ । ବିଡିଜିଏ କ୍ଲବ୍ ସଦସ୍ୟ, କରଣ ସମାଜ ସଦସ୍ୟମାନେ ମଧ୍ୟ ରକ୍ତଦାନ କରିଥିଲେ । ସାମାଜିକ କର୍ମୀ ନାୟକ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଭୀମଭୋଇ ମେଡିକାଲ ପରିସରସ୍ଥ ରକ୍ତଭଣ୍ଡାର ଦାୟିତ୍ୱରେ ଥିବା ଡାକ୍ତର ସନ୍ଧ୍ୟାରାଣୀ ସାହୁ, ଲାବରୋଟରୀ ଟେକ୍‌ନିସିଆନ୍ ଲକ୍ଷ୍ମୀଧର ସାହୁ, ରଞ୍ଜନ ବରାଡ, ରିପୁରାଜ ମେହେର, ତାପସ ରଞ୍ଜନସାହୁ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଶୈଖ ଅବଦୁଲ ଅସରଫ ଓ କର୍ମଚାରୀମାନେ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ।



ବଲାଙ୍ଗୀର ପୋଲିସ ବିଭାଗ ପକ୍ଷରୁ ଅନୁଷ୍ଠିତ ମେଗା ରକ୍ତଦାନ ଶିବିରରେ ରକ୍ତଦାତାଙ୍କ ଗହଣରେ ଏସପି ସନ୍ଦୀପ ମାଡକର ଓ ଅନ୍ୟ ଅତିଥିମାନେ ।



ଅନ୍ୟ ଅଧିକାରୀଙ୍କ ସହ ଆରଡିସି ନିରଞ୍ଜନ ସାହୁ ହରିଶଙ୍କର ପୀଠ ପରିଦର୍ଶନ କରୁଛନ୍ତି।

## ତହସିଲ କାର୍ଯ୍ୟାଳୟରେ କଲେ ସମୀକ୍ଷା, ବୁଲି ଦେଖିଲେ ହରିଶଙ୍କର

**ଆରଡିସିଙ୍କ ଖପ୍ରାଖୋଲ ଗସ୍ତ**

ଖପ୍ରାଖୋଲ, ୨୮।୨(ଡି.ଏନ.ଏ)

ଉତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି)ନିରଞ୍ଜନ ସାହୁ ଶୁକ୍ରବାର ଖପ୍ରାଖୋଲ ବ୍ଲକ ଗସ୍ତ କରିଥିଲେ। ହରିଶଙ୍କର ପରିଦର୍ଶନ କରିବା ସହିତ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଏହି ଅବସରରେ ଜିଲାପାଳ ଅରିନ୍ଦମ ଡାକୁଆ, ପାଟଣାଗଡ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୋମନାଥ ପ୍ରଧାନ, ଖପ୍ରାଖୋଲ ବିଡିଓ ତରଣୀ ସୁନା ଏବଂ ଇଂ ସୌମ୍ୟ କିଶୋର ଜୟପୁରିଆ, ତହସିଲଦାର ନିରଞ୍ଜନ ନାଏକ, ସହକାରୀ ଜିଲାପାଳ ପଦ୍ମନାଭ ପୁରୋହିତ, ବ୍ଲକ ମିଶନ ଶକ୍ତି ସଂଯୋଜିକା ପଙ୍କଜିନି ମିଶ୍ର, ଆଇସିଡିଏସ୍ ସୁପରଭାଇଜର ସୁମିତ୍ରା ମାଝୀ, ଜିପିଇଓ ସୁଶାନ୍ତ କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶାର ପ୍ରମୁଖ ପର୍ଯ୍ୟଟନ ତଥା ଧର୍ମପୀଠ ହରିଶଙ୍କରର ଭିତ୍ତିଭୂମିର ବିକାଶ ଏବଂ ଏହାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ପାଇଁ ଆରଡିସି ସାହୁ ଜିଲା ପ୍ରଶାସନ ତଥା ଦେବୋତ୍ତର ବିଭାଗକୁ ପରାମର୍ଶ ଦେଇଥିଲେ। ପରେ ଆରଡିସି ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟକୁ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ



### କଳାହାଣ୍ଡି ପୋଲିସର ଜନସମ୍ପର୍କ ଶିବିର

**କେଗାଁ,୨୮।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କେଗାଁ ଥାନା କରକୋଟ ଶିବ ମନ୍ଦିର ପରିସରରେ କଳାହାଣ୍ଡି ପୋଲିସ ପକ୍ଷରୁ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୋପୀନାଥ ମଣିପାତ୍ର, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ରମେଶ ଚନ୍ଦ୍ର ସେଠୀ ଓ ନୂଆଗାଁ ସରପଞ୍ଚ ଶ୍ୟାମ ସୁନ୍ଦର ଛତ୍ରିଆ ପ୍ରମୁଖ ଉପସ୍ଥିତ ରହିଥିଲେ। କୌଣସି ଅସୁବିଧା ପଡିଲେ ତରୁନ୍ତ ପୋଲିସର ସହାୟତା ନେବା ସହିତ ସଦାସର୍ବଦା ପୋଲିସ ଜନସାଧାରଣଙ୍କ ପାଇଁ ଅଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ବୃଦ୍ଧବୃଦ୍ଧାଙ୍କୁ ଶାଢି, କମ୍ବଳ, ଧୋତି, ପୋଷାକ, ଛତା, ଲାଇଟ ଆଦି ସାମଗ୍ରୀ ବଣ୍ଟନ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ, ଖାତା, ପେନସିଲ, କଲମ ବଣ୍ଟନ କରାଯାଇଥିଲା । ଆୟୋଜିତ ଭଲିବଲ ପ୍ରତିଯୋଗିତାରେ କେଗାଁ ମା' ଦୁଆରସନୀ ଭଲିବଲ ଟିମ ବିଜୟୀ ଲାଭ କରିଥିଲା। ଅତିଥିମାନେ ବିଜୟୀ ଦଳ ସମସ୍ତ ଖେଳାଳିଙ୍କୁ ବିଜୟୀ ଟ୍ରଫି ସହିତ, ଜର୍ସି, ଗୋଟିଏ ଭଲିବଲ ଓ ନେଟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ରିଜର୍ଭ ପୋଲିସ ଇନିସପେକ୍ଟର ବିଘ୍ନେଶ୍ୱର ରାଓ ପରିଚାଳନା କରିଥିଲେ । କେଗାଁ ଥାନା ଭାରପ୍ରାପ୍ତ ପୋଲିସ ଅଧିକାରୀ ସୁବାସ ଚନ୍ଦ୍ର କରକରା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ଲୋକ ସଭା ନିର୍ବାଚନ ମଣ୍ଡଳୀ ଜିଲା ସଡ଼କ ସୁରକ୍ଷା କମିଟି ପ୍ରଥମ ବୈଠକରେ ଆଲୋଚନା କରାଯାଉଛି।

# ଦୁର୍ଘଟଣା ରୋକିବାକୁ ସଚେତନତା ଆବଶ୍ୟକ

- ଦୁର୍ଘଟଣା ଏଡ଼ାଇବାକୁ ୧୯ ବ୍ଲାକ୍‌ସ୍ପଟ୍ ଚିହ୍ନଟ
- ରାସ୍ତାକଡ଼ ମଦଦୋକାନ, କୁଚିଆ ମଦବିକ୍ରେତା କେନ୍ଦ୍ରକୁ ହଟାଯିବ
- ଜନସଚେତନତା ସକାଶେ ଲିଫଲେଟ୍ ବଣ୍ଟାଯିବ
- ଲୋକ ସଭା ନିର୍ବାଚନ ମଣ୍ଡଳୀ ଜିଲା ସଡ଼କ ସୁରକ୍ଷା କମିଟି ପ୍ରଥମ ବୈଠକ

**ଭବାନୀପାଟଣା, ୨୮।୨ (ଡି.ଏନ.ଏ.)**

ଜିଲା ଯୋଜନା ଓ ସମନ୍ୱୟ ଅଧିକାରୀଙ୍କ ସଭାଗୃହରେ କଳାହାଣ୍ଡି ଜିଲା ଲୋକ ସଭା ନିର୍ବାଚନ ମଣ୍ଡଳୀ ଜିଲା ସଡକ ସୁରକ୍ଷା କମିଟି ନୂତନ ଭାବେ ଗଠିତ କମିଟି ପ୍ରଥମ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଲୋକ ସଭା ସଦସ୍ୟ ବସନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲାପାଳ କଳାହାଣ୍ଡି ଡା. ଗାଭାଲି ପରାଗ ହର୍ଷଦ, ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ବିଧାୟକ ଲାଞ୍ଜିଗଡ ପ୍ରଦୀପ ଦିସାରୀ, ଅତିରିକ୍ତ ଏସ୍‌ପି ଏମ୍‌କେ ମହନ୍ତ, ଜିଲା ଅବକାରୀ ଅଧିକାରୀ ଡମ୍ବରୁଧର ଖଣ୍ଡା, ଆରଡି ଏବଂ ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ନବଗଠିତ ଜିଲା ସଡକ ସୁରକ୍ଷା କମିଟି ସଦସ୍ୟମାନେ ଯୋଗଦେଇଥିଲେ। ଆରଟିଓ ଦୀନବନ୍ଧୁ ଶୁଣ୍ଠି ସଡକ ସୁରକ୍ଷା ସଚେତନତା ସମ୍ପର୍କରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସଦସ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶୁଣ୍ଠି ୨୦୧୯-୨୦୨୦ ମଧ୍ୟରେ ବିଭିନ୍ନ ସ୍କୁଲ କଲେଜରେ ସଚେତନତା ଶିବିର କରାଯାଇଥିବା, ବିଭିନ୍ନ ସମୟରେ ପୌରସଂସ୍ଥା ଓ ଏନ୍‌ଏସି ଆଦିରେ ରାଲି କରାଯାଇ ଲିଫଲେଟ ଆଦି ବଣ୍ଟନ କରି ଜନସଚେତନତା କରାଯାଇଥିବା ବୈଠକରେ ପ୍ରକାଶ କରିଥିଲେ। ୨୦୧୯-୨୦୨୦ ବର୍ଷ ମଧ୍ୟରେ ବିଭିନ୍ନ ସ୍ଥାନରେ ଯାଞ୍ଚ ପ୍ରକ୍ରିୟାରେ ୭୭ ଜଣ ମଦୁଆ ଡ୍ରାଇଭରଙ୍କୁ ଧରାଯାଇ ୧୪ ଜଣଙ୍କ ଡ୍ରାଇଭିଙ୍ଗ ଲାଇସେନ୍ସ ରଦ୍ଦ କରାଯାଇଥିବା ବେଳେ ୪୮୦ଟି ଦ୍ରୁତଗତି ଗାଡିଚାଳନା ସକାଶେ ୨୫୦ ଜଣ ଡ୍ରାଇଭରଙ୍କ ଲାଇସେନ୍ସ ରଦ୍ଦ, ଅଧିକ ମାଲ ପରିବହନ ସକାଶେ ୧୬୬ ଗାଡି ଯାଞ୍ଚ କରାଯାଇ ୩୩ ଜଣଙ୍କ ଲାଇସେନ୍ସ ରଦ୍ଦ, ମାଲ ପରିବହନ ଗାଡିରେ ଲୋକ ବୁହା ହେଉଥିବାରୁ ୮୪ଟି ଗାଡି ଯାଞ୍ଚ କରାଯାଇ ୪୧ ଜଣ ଡ୍ରାଇଭରଙ୍କ ଲାଇସେନ୍ସ, ରାସ୍ତାର ବିପରିତ ଦିଗରେ ଗାଡିଚାଳନା ସକାଶେ ୨ ଜଣଙ୍କୁ ଧରାଯାଇଥିବା, ୬୯୭୨ ଜଣଙ୍କ ହେଲମେଟ୍ ଚ୍ୟାକିଂ କରାଯାଇଥିବା, ୭୯୩ ଜଣଙ୍କ ସିଟ୍‌ବ୍ୟାଲ୍ଟ ଚ୍ୟାକିଂ, ୧୮୪ ଜଣଙ୍କ ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର କରୁଥିବାରୁ ଧରାଯାଇଥିବା, ଅନ୍ୟାନ୍ୟ ଦୋଷତ୍ରୁଟି ସକାଶେ ୧୮ଟି ଗାଡିର ଚ୍ୟାକିଂ କରାଯାଇ ୮ ଜଣଙ୍କ ଲାଇସେନ୍ସ ସସ୍ପେଣ୍ଟ କରାଯାଇଥିବା ଆରଟିଓ ଶୁଣ୍ଠି ପ୍ରକାଶ କରିଥିଲେ। ଗତ ଜାନୁୟାରୀ ୨୦୧୯ରୁ ଜାନୁୟାରୀ ୨୦୨୦ ମଧ୍ୟରେ ୩୧୩ଟି ଦୁର୍ଘଟଣା ଘଟି ୧୫୩ ଜଣଙ୍କ ମୃତ୍ୟୁ ହୋଇଥିବା ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା। ଜିଲାରେ ଦୁର୍ଘଟଣା ଏଡାଇବା ସକାଶେ ୧୯ଟି ବ୍ଲାକ୍‌ସ୍ପଟ୍ ଚିହ୍ନଟ କରାଯାଇଛି। ସେଠାରେ ସ୍ୱତନ୍ତ୍ର ସୂଚନା ଫଳକ ମରାଯାଇଥିବା ଆରଟିଓ ଶୁଣ୍ଠି ପ୍ରକାଶ କରିଥିଲେ। ଆଗାମୀ ଦିନରେ ଜିଲାରେ ଦୁର୍ଘଟଣା ଏଡାଇବା ସକାଶେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାସ୍ତାକଡରେ ଥିବା ମଦଦୋକାନ, କୁଚିଆ ମଦବିକ୍ରେତା କେନ୍ଦ୍ରକୁ ଠାବ କରାଯାଇ ସେଗୁଡିକୁ ହଟାଇବା ସକାଶେ ପଦକ୍ଷେପ ନିଆଯିବ। ରାସ୍ତାକଡର ଜବରଦଖଲ ହଟାଯିବାକୁ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ମାର୍ଚ୍ଚରେ ହେଲମେଟ ଚ୍ୟାକିଂ ଓ ନାବାଳକମାନଙ୍କ ଗାଡି ଚାଳନା ଯୋରଶୋର ଚ୍ୟାକିଂ କରାଯିବା ସହ ଗାଡି ମଟର ଯାଞ୍ଚ କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଦୁର୍ଘଟଣା ରୋକିବାକୁ ସଚେତନତା ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଛି। ଜନସଚେତନତା ସକାଶେ ଲିଫଲେଟ୍ ବଣ୍ଟାଯିବା ସହ ଜିଲାର ପଞ୍ଚାୟତଠାରୁ ଆରମ୍ଭ କରି ଜିଲାସ୍ତରୀୟ ସମସ୍ତ ନିର୍ବାଚିତ ପ୍ରତିନିଧିମାନଙ୍କ ସାହାଯ୍ୟ ନିଆଯିବା ସକାଶେ ଆରଟିଓଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# ଅତିରିକ୍ତ ଜିଲା, ଦୌରାଜଜ୍ ତଥା ସ୍ପେଶିଆଲ କୋର୍ଟ ପୋକ୍ସୋ ଉଦ୍‌ଘାଟିତ

**ଭବାନୀପାଟଣା,୨୮।୨ (ଡି.ଏନ.ଏ.)**

ଭବାନୀପାଟଣା ଜିଲା କୋର୍ଟ ପରିସରରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ପେଶିଆଲ କୋର୍ଟ 'ପୋକ୍ସୋ' ଉଦ୍‌ଘାଟିତ ହୋଇଯାଇଛି। ସୁପ୍ରିମ କୋର୍ଟ ଓ ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟର ସବୁ ଜିଲାରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ପେସିଆଲ କୋର୍ଟ 'ପୋକ୍ସୋ' ପ୍ରତିଷ୍ଠା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ଭବାନୀପାଟଣା ଜିଲା କୋର୍ଟ ପରିସରରେ କଳାହାଣ୍ଡି ଜିଲା ଓ ଦୌରାଜଜ୍ ପ୍ରଦୀପ କୁମାର ପଟ୍ଟନାୟକଙ୍କ ଦ୍ୱାରା ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ପେସିଆଲ କୋର୍ଟ 'ପକ୍ସୋ' ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ପେସିଆଲ କୋର୍ଟ 'ପୋକ୍ସୋ' ଜଜ୍ ରଶ୍ମିତା ଦଳେଇ, ଭିଜିଲାନ୍ସ ଜଜ୍ ପ୍ରସନ୍ନ କୁମାର କର୍ଣ୍ଣ, ଫେମିଲି ଜଜ୍ ସୁଶାନ୍ତ ପଟେଲ, ସିଜିଏମ୍ କିରଣ କୁମାର ପ୍ରଧାନ, ରେଜିଷ୍ଟ୍ରେୟର ସନ୍ତୋଷ କୁମାର ମହାପାତ୍ର, ସବ୍‌ଜଜ୍ ଚିନ୍ମୟୀ ପଣ୍ଡା, ଏସ୍‌ଡି ଜେଏମ୍ ଶ୍ରଦ୍ଧାଞ୍ଜଳି ରାୟ, କୋର୍ଟ ମ୍ୟାନେଜର ଦେବାନନ୍ଦ ପଣ୍ଡା, ମୁନସିଫ ଅନୁସୟା ରାୟ ଓ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଅନୁରାଗ ଦେଓରିଙ୍କ ସମେତ ସମସ୍ତ ଆଇନଜୀବୀ ଓ କୋର୍ଟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ପେଶିଆଲ କୋର୍ଟ 'ପୋକ୍ସୋ' ଉଦ୍‌ଘାଟନ କରାଯାଉଛି।



ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ମହିଳାଙ୍କ ପରିବାରକୁ କ୍ଷତିପୂରଣ ଦିଆଯାଉଛି।

# ମୃତ ମହିଳାଙ୍କ ପରିବାରଙ୍କୁ ମିଳିଲା କ୍ଷତିପୂରଣ

**କେଗାଁ, ୨୮।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଗ୍ରାମପଞ୍ଚାୟତ ଜୟନ୍ତପୁର ଗ୍ରାମରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ମହିଳାଙ୍କ ପରିବାରକୁ ବିଦ୍ୟୁତ ବିଭାଗ ପକ୍ଷରୁ ୩ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଛି । ଗୁରୁବାର ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ମାନସ ରଞ୍ଜନ ମାଟି, କନିଷ୍ଠ ଯନ୍ତ୍ରୀ ସୁଧିର କୁମାର ମହାପାତ୍ର, ବିଦ୍ୟୁତ ବିଭାଗ କର୍ମଚାରୀ ଭାରତ ମାଝି ଓ ପ୍ରଭାତ ସାହୁ ଗ୍ରାମକୁ ଯାଇ ବିଦ୍ୟୁତ ଆଘାତରେ ମୃତ୍ୟୁ ବରଣ କରିଥିବା ମହିଳା ରସ ମାଝି (୩୨)ଙ୍କ ସ୍ୱାମୀ ନକୁଳ ମାଝିଙ୍କୁ ୩ ଲକ୍ଷ ଟଙ୍କାର ଚେକ କ୍ଷତିପୂରଣ ବାବଦକୁ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୮ ଜୁନ ୨ ତାରିଖରେ ଜୟନ୍ତପୁର ଗ୍ରାମର ନୁକଳ ମାଝିଙ୍କ ଘର ନିକଟରେ ତାଙ୍କ ଝିଅ ଖେଳୁଥିବା ସମୟରେ ବିଦ୍ୟୁତ୍ ଖୁଣ୍ଟ ଆର୍ଥିଙ୍ଗ ତାର ଉପରେ ପଡିଯାଇଥିଲେ। ଆର୍ଥିଙ୍ଗ ତାରରେ ବିଦ୍ୟୁତ ସଂଯୋଗ ହୋଇଥିବା ଦେଖି ଝିଅର ମା'ତାଙ୍କୁ ବଞ୍ଚାଇବାକୁ ଯାଇ ଉଭୟ ଗୁରୁତର ଆହତ ହୋଇଥିଲେ। ପରେ ଝିଅ ଓ ମା'ଙ୍କୁ ପରିବାର ଲୋକେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଝିଅର ମା' ରସ ମାଝି (୩୨)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଖବର ପ୍ରସାରଣ ପରେ ପଲିଥିନ ପ୍ରଦାନ

## ପବନ, ବର୍ଷାରେ ଘର ଭାଙ୍ଗିବା ଘଟଣା

**ଲାଞ୍ଜିଗଡ଼,୨୮।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦୁର୍ଗମ ଅଞ୍ଚଳରେ ଗତ ମଙ୍ଗଳବାର ରାତିରେ ଝଡ ତୋଫାନ ସହ ଘଡଘଡି ସହ ମୁଷଳ ଧାରାରେ ଅଦିନିଆ ବର୍ଷା ହୋଇଥିଲା। ଏହି ଝଡ ତୋଫାନରେ ଅନେକ ଗରିବ ଲୋକଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଅନେକ ଗଛ ଭାଙ୍ଗି ରାସ୍ତା ବନ୍ଦ ହୋଇଯାଇଥିଲା। ଝଡ ତୋଫାନରେ ଘର ଭାଙ୍ଗିପଡ଼ିଥିବା ଲୋକେ କ୍ଷତି ପୂରଣ ପାଇଁ ଲାଞ୍ଜିଗଡ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ। ତହସିଲଦାର ମୁନିନ୍ଦ୍ର ହୋନ୍ନାଗା ଘର ହରାଇଥିବା କାନକୁଟ୍ରୁ ପଞ୍ଚାୟତ କାଲସୁର ଗାଁର ମାଳତି ବିଭାର ଓ
ବଟକା ଗାଁର ଗୌରାଙ୍ଗ ବିଭାରଙ୍କୁ ପୋଲିଥିନ କି କୌଣସି କ୍ଷତିପୂରଣ ଦେବା ପାଇଁ ମନା କରିଥିଲେ। ଗତ ୨୫ତାରିଖରେ ୨୭.୪ ମିଲି ଲିଟର ବର୍ଷା ହୋଇଥିଲା ସରକାରୀ ନିୟମ ଅନୁଯାୟୀ ୩ ଦିନ ୬୪ ମିଲି ଲିଟର ବର୍ଷା ହେଲେ ପୋଲିଥିନ କି ଯେ କୌଣସି ସହାୟତା ପ୍ରଦାନ କରାଯାଇଥାଏ ବୋଲି ସେମାନଙ୍କୁ ପୋଲିଥିନ ଦେବା ପାଇଁ ମନା କରିଥିଲେ। ଶୁକ୍ରବାର ଏହି ଖବର ବିଭିନ୍ନ ଗଣମାଧ୍ୟରେ ପ୍ରକାଶ ହେବା ପରେ ବିଭିନ୍ନ ରାଜନୈତିକ ଦଳ ଓ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆ, ଲାଞ୍ଜିଗଡ ବ୍ଲକ ବିଧାୟକ ପ୍ରତିନିଧି ପ୍ରଦିପ ଘଡେଇ ଓ ବିଶ୍ୱାମିତ୍ର ଘଡେଇ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ପରେ ତହସିଲଦାରଙ୍କ ନିର୍ଦ୍ଦେଶରେ ବନ୍ଧପାରୀ ରାଜ୍ୱସ ନିରିକ୍ଷକ ରତ୍ନା ସାହୁ ଓ ଜଗଦୀଶ ବେନିଆ ଝଡତୋଫାନରେ ଘର ଭାଙ୍ଗିଥିବା ଲୋକଙ୍କୁ ପୋଲିଥିନ ବଣ୍ଟନ କରିଥିଲେ। କାଲସୁର ଗାଁର ମାଳତି ବିଭାର, ବଟକା ଗାଁର ଗୌର ବିଭାର ଓ ଧରାଭଟ୍ଟାର ଲକ୍ଷ୍ମୀଧର ସୁନାଙ୍କୁ ପୋଲିଥିନ ପ୍ରଦାନ କରାଯାଇଥିଲା। ରାଜସ୍ୱ ନିରିକ୍ଷକ ରତ୍ନା ସାହୁ କ'ଣ ସବୁ କ୍ଷତି ହୋଇଛି ତଦନ୍ତ କରିଥିବା ଜଣାପଡିଛି । ଘରଦ୍ୱାର ହରାଇଥିବା ଏହି ୩ ପରିବାର ବର୍ତ୍ତମାନ ଅସହାୟ ଅବସ୍ଥାରେ ଅଛନ୍ତି । ଏମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ବର୍ଷାରେ ଘର ଭାଙ୍ଗିଥିବା ବ୍ୟାକ୍ତିଙ୍କୁ ପୋଲିଥିନ ପ୍ରଦାନ କରାଯାଉଛି।

# ୨୦୫୪ ଚାଷୀ ବିକିଲେ ୬୦ ହଜାରରୁ ଉର୍ଦ୍ଧ୍ୱ କ୍ୱିଣ୍ଟାଲ

## କପା ମଣ୍ଡି ଉଦ୍‌ଘାଟନର ପ୍ରଥମ ବର୍ଷ

**ଭବାନୀପାଟଣା,୨୮।୨ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ଆରଏମ୍‌ସିର ପ୍ରଥମ କପା ମଣ୍ଡି ଗତ ଡିସେମ୍ବର ୧୭ ତାରିଖରେ ଗୋଲାମୁଣ୍ଡା ବ୍ଲକ ଉଛଲା ଗ୍ରାମରେ ଉଦ୍‌ଘାଟିତ ହୋଇଥିଲା। ଜୁନାଗଡ ଆରଏମସିର ଏହା ପ୍ରଥମ କପା ମଣ୍ଡି ହୋଇଥିବାରୁ ସ୍ଥାନୀୟ କପା ଚାଷୀଙ୍କ ମଧ୍ୟରେ ସେତେବେଳେ ଉତ୍ସାହ ଦେଖିବାକୁ ମିଳିଥିଲା। ପୂର୍ବରୁ ଜୁନାଗଡ ଆରଏମସି ଅଧୀନରେ ଥିବା ଜୁନାଗଡ ବ୍ଲକ ସମେତ, ଧର୍ମଗଡ ଓ ଗୋଲାମୁଣ୍ଡା ବ୍ଲକର କପା ଚାଷୀମାନେ ଅଞ୍ଚଳରେ କପା ମଣ୍ଡି ନ ଥିବାରୁ କମ୍ ଦାମରେ ବେପାରୀଙ୍କୁ କପା ବିକ୍ରି କରିଦେଇ କ୍ଷତି ସହୁଥିଲେ। ଏହି ଅଞ୍ଚଳରେ କପା ମଣ୍ଡି ସ୍ଥାପନ କରିବା ପାଇଁ ଦୀର୍ଘ ବର୍ଷ ହେଲା ସ୍ଥାନୀୟ କପା ଚାଷୀ ଦାବି କରିଆସୁଥିଲେ। ଶେଷରେ ଚାଷୀଙ୍କ ଡାକ ଶୁଣି ପ୍ରଶାସନ ପକ୍ଷରୁ ଏଠାରେ ଏକ କପା ମଣ୍ଡି ଖୋଲାଯାଇଥିଲା। କପା ମଣ୍ଡି ଉଦ୍‌ଘାଟନୀର ପ୍ରଥମ ବର୍ଷରେ ୨୦୫୪ ଜଣ ଚାଷୀ ପ୍ରାୟ ୬୦ ହଜାର ୩୮୦ କ୍ୱିଣ୍ଟାଲ ୮୨ କିଗ୍ରା କପା ବିକ୍ରି କରିଥିବା ଜୁନାଗଡ ଆରଏମସି ପକ୍ଷରୁ ଜଣାପଡିଛି। ଠିକ୍ ସମୟରେ ଓ ସରକାରୀ ମୂଲ୍ୟରେ କପା ବିକ୍ରି କରି ଚାଷୀମାନେ ଉତ୍ସାହିତ ରହିଥିବା ଓ ଆଗକୁ କିପରି ଆହୁରି ଚାଷୀମାନେ କପା ସୁବିଧାରେ ବିକ୍ରି କରିପାରିବେ ସେ ନେଇ ଚେଷ୍ଟା କରାଯାଉଛି ବୋଲି ଜୁନାଗଡ ଆରଏମସି ସମ୍ପାଦକ ଟଙ୍କଧର ନାଏକ ପ୍ରକାଶ କରିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ

**ଭବାନୀପାଟଣା,୨୮।୨ (ଡି.ଏନ.ଏ.)**

ଦେଶରେ ଅସ୍ଥିରତା ହିଂସାର ବାତାବରଣ, ସାମ୍ପ୍ରଦାୟିକ ପଦକ୍ଷେପ, ସିଏଏ, ଏନ୍‌ଆଇସି ଭଳି ଦେଶ ବିରୋଧି କାର୍ଯ୍ୟକ୍ରମ ଗ୍ରହଣ କରିଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଓଡିଶା ଗସ୍ତକୁ କଳାହାଣ୍ଡି ଜିଲା କଂଗ୍ରେସ କମିଟି ତୀବ୍ର ବିରୋଧ କରିଛି। ଶୁକ୍ରବାର ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅମିତ ଶାହଙ୍କ କୁଶପୁତ୍ତଳିକାକୁ ଜିଲାର ଶତାଧିକ କଂଗ୍ରେଶ କର୍ମୀ ଦାହ କରିଥିଲେ। ସାଧାରଣ ସମ୍ପାଦକ ବ୍ରଜମୋହନ ସାହୁ, ବରିଷ୍ଠ କଂଗ୍ରେସ ନେତା ଉଚ୍ଛବ ସାହୁ, କୁମୁଦ ପଟ୍ଟନାୟକ, ଆଦିବାସୀ ନେତା ପରମାନନ୍ଦ ମାଝି, ଦଳତ ନେତା ନିମାଞ୍ଚଳ ନାଏକ, ସୁରେଶ ପଟ୍ଟନାୟକ ସରୋଜ ବାଗ, ସରୋଜ ନାଏକ, ସୁରଥ ରାଉତ, ଜିଲା ପରିଷଦ ସଭ୍ୟ ମୁରଲୀ ନାଏକ, କୃଷ୍ଣ ନାଏକ, ମହମ୍ମଦ ସାହେବ, ତ୍ରିଲୋଚନ ପାଣିଗ୍ରାହୀ, ସୁବାସ ପ୍ରଧାନ, ସୁକାନ୍ତ ବିଶୀ, ଗିରିଧାରି ପାତ୍ର, ଜଗୁ ମାଝି, ପୁଞ୍ଜା ମାଝି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅମିତ ଶାହଙ୍କ କୁଶପୁତ୍ତଳିକାକୁ ଦାହ କରାଯାଉଛି।

# ୨ୟ କେବିକେ କନ୍ଧମାଳ ସ୍ୱୟଂଶାସିତ ପରିଷଦ ଅଞ୍ଚଳ ଗଠନ ବୈଠକ

**ଭବାନୀପାଟଣା,୨୮।୨ (ଡି.ଏନ.ଏ.)**

ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ସୁବର୍ଣ୍ଣପୁର, ବଲାଙ୍ଗୀର, ନୂଆପଡା, କନ୍ଧମାଳ ଓ ବୌଦ୍ଧ ଜିଲାକୁ ନେଇ କେବିକେ କନ୍ଧମାଳ ୧୦ଟି ରାଜସ୍ୱ ଜିଲା ସ୍ୱୟଂ ଶାସିତ ପରିଷଦ ଗଠନ କରାଗଲେ ଏହି ଅଞ୍ଚଳର ବିକାଶ ହେବ ବୋଲି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସ୍ଥାନୀୟ ଏକ ହୋଟେଲ ସଭାଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦାସ ପ୍ରକାଶ କରିଥିଲେ ଓଡିଶା ସରକାରଙ୍କ ୧୦ଟି ରାଜସ୍ୱ ଜିଲା ଆଞ୍ଚଳିକ ବୈଷମ୍ୟତା ଓ ଏହି ଜିଲାଗୁଡିକର ସାମୁହିକ ବିକାଶ ପାଇଁ କେବିକେ କନ୍ଧମାଳ ସ୍ୱୟଂଶାସିତ ପରିଷଦ ଆବଶ୍ୟକତା ଅଛି କି ନାହିଁ ସେ ଉପରେ ଗତ କିଛି ଦିନ ତଳେ ନବରଙ୍ଗପୁର ଏକ ବୈଠକ ହୋଇଥିଲା। ଏହି ବୈଠକ ଫେବୃୟାରୀ ୨୯ ତାରିଖରେ ଦ୍ୱିତୀୟ ଥର ପାଇଁ ଭବାନୀପାଟଣାର ଏସ୍‌ଏସ୍ ମ୍ୟାରେଜ ପ୍ୟାଲେସରେ ଅନୁଷ୍ଠିତ ହେବ। ଏହି ବୈଠକରେ କେବିକେ କନ୍ଧମାଳ ସ୍ୱୟଂଶାସିତ ପରିଷ ଗଠନ ଆବଶ୍ୟକତା ଅଛି କି ନାହିଁ ତାହା ଉପରେ ମତାମତ ଦେବା ପାଇଁ ସମସ୍ତ ରାଜନୈତିକ ଦଳ, ବିଭିନ୍ନ ସଙ୍ଗଠନକୁ ନିମନ୍ତ୍ରୀତ କରାଯାଉଛି। କେବିକେ କନ୍ଧମାଳ ନୂତନ ସ୍ୱୟଂଶାସିତ ପରିଷଦ ଅଞ୍ଚଳ ଗଠନ ଏକ ସମ୍ପୂର୍ଣ୍ଣ ଅଣ ରାଜନୈତିକ ସଙ୍ଗଠନ। ଏ ଅଞ୍ଚଳରେ ରହୁଥିବା ସମସ୍ତ ନାଗରିକଙ୍କୁ ସାମ୍ବିଧାନିକ ସମାନତା ଅଧିକାର ଯୋଗାଇବା ଏବଂ ଆଞ୍ଚଳିକ ବୈଷମ୍ୟତାବାଦର ମୂଳ ଉତ୍ପାଟନ କରିବା ଏହାର ମୂଳ ଲକ୍ଷ୍ୟ। ମହିଳାଙ୍କୁ ସଶକ୍ତି କରଣ ସହ ନିଶାମୁକ୍ତି ପରିଷଦ ଗଠନ, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ସୋନପୁର, କନ୍ଧମାଳ, ବୌଦ୍ଧ, ରାୟଗଡା, କୋରାପୁଟ, ମାଲନଗିରି, ନବରଙ୍ଗପୁର ଏହି ୧୦ଟି ଜିଲାର ପ୍ରାଚୀନ କଳା ସଂସ୍କୃତି ଓ ପରମ୍ପରାର ବିକାଶ, କେନ୍ଦ୍ର ଓ ରାଜ୍ୟ ସରକାର ନୂତନ ଭାବେ ଅନୁମୋହନ କରିଥିବା କ୍ଷୁଦ୍ର, ମଧ୍ୟମ ଓ ବୃହତ୍ତ ଶିଳ୍ପର ପ୍ରତିଷ୍ଠା ହେବାରେ ସହାୟକ ହେବ ବୋଲି ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ଗ୍ରୀନ କଳାହାଣ୍ଡିର ଅଧ୍ୟକ୍ଷ ତଥା ଆଇନଜୀବୀ ସିଦ୍ଧାର୍ଥ ନାୟକ, କଂଗ୍ରେସର ଶାନ୍ତନୁ କୁମାର ବେହେରା, କେବିକେ କନ୍ଧମାଳ ସ୍ୱୟଂଶାସିତ କାଉନସିଲ ନବରଙ୍ଗପୁର ସମ୍ପାଦକ ଡ. ମହମ୍ମଦ ଅଲ୍ଲି ଯୋଗଦେଇଥିଲେ।





ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଭକ୍ତଚରଣ ଦାସ ସୂଚନା ଦେଉଛନ୍ତି ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଜିଲା ପରିବହନ କାର୍ଯ୍ୟାଳୟରେ ପାନ ଗୁଟଖା ଖାଇବା ବନ୍ଦ

**ରାଉରକେଲା ଅଫିସ,୨୮।୨**- ବିଭିନ୍ନ କାମରେ ଜିଲା ପରିବହନ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ମନ ଇଚ୍ଛା କାନ୍ଥବାଡରେ ପାନ ଗୁଟଖା ଛେପ ପକାଇ ଏହାକୁ ଅସୁନ୍ଦର କରୁଛନ୍ତି। ଏହା ଦ୍ୱାରା କାର୍ଯ୍ୟାଳୟ ଅପରିଚ୍ଛନ୍ନ ହେବା ସହ ଏହାର ସୁନ୍ଦରତା ନଷ୍ଟ ହେଉଛି। ପରିବହନ ଅଧିକାରୀ ବିଶ୍ୱରଞ୍ଜନ ବେହେରା ଏକ ବିଜ୍ଞପ୍ତି ଜାରି କରି ଏହା ଉପରେ ରୋକ ଲଗାଇଛନ୍ତି। କାର୍ଯ୍ୟାଳୟର କୌଣସି ଅଧିକାରୀ କିମ୍ବା କର୍ମଚାରୀ ଅଫିସ ସମୟରେ ପାନ କିମ୍ବା ଗୁଟଖା ଆଦି ବ୍ୟବହାର କରି ପାରିବେନି କି କାନ୍ଥ ବାଡରେ ଛେପ ପକାଇ ପାରିବେନି ବୋଲି ବେହେରା କହିଛନ୍ତି। ଆଚରଣ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବେହେରା ସୂଚନା ପ୍ରଦାନ କରିଛନ୍ତି। ଇତି ମଧ୍ୟରେ ନିର୍ଦ୍ଦେଶ ଅବମାନନା କରିଥିବା ଜଣଙ୍କ ଠାରୁ ୫ଶହ ଜରିମାନା ଆଦାୟ କରାଯାଇଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ତେବେ ଅଭ୍ୟାସଗତ ପାନଗୁଟଖା ଖିଆ କର୍ମଚାରୀ ଏବେ ଅଡୁଆରେ ପଡିଥିବା ଦେଖା ଯାଇଛି। ମୁହଁ ଚାପି ପାନ ଖାଇବା ଓ ଛେପ ପକାଇବା ଏମାନଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏଭଳି ନିର୍ଦ୍ଦେଶ ଜାରି ପରେ କାର୍ଯ୍ୟାଳୟ ବାହାରେ ବିଭିନ୍ନ କାମ ନେଇ ଲମ୍ବା ଧାଡିରେ ଛିଡା ହେଉଥିବା ଲୋକେ ମଧ ପାନ ଗୁଟଖା ଛେପ ବାହାରେ ପକାଇବାକୁ ସଂକୋଚ ବୋଧ କରୁଥିବା ସୂଚନା ମିଳିଛି।

# ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି ତେଜୁଛି

ରାଉରକେଲା ଅଫିସ, ୨୮।୨




ପାନ୍ଥ ନିବାସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃମଣ୍ଡଳୀ।

**ବନ୍ଧମୁଣ୍ଡା ଘରୋଇ ସ୍କୁଲ ମାଲିକଙ୍କ ଯୁବତୀଙ୍କ ପ୍ରତି ଅସଦାଚରଣ ପ୍ରସଙ୍ଗ**

ସମ୍ପ୍ରତି ରାଜ୍ୟରେ ମହିଳା ସୁରକ୍ଷା ବିପନ୍ନ ହୋଇ ପଡିଛି। ଏଥିରୁ ରାଉରକେଲା ସମେତ ସୁନ୍ଦରଗଡ ଜିଲା ବି ବାଦ ପଡିନି। ଏଭଳି ଘଟଣା ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଥିବା ବେଳେ କଂଗ୍ରେସ ନେତୃମଣ୍ଡଳୀ ଜିଲା ଶାସନ ବ୍ୟବସ୍ଥାକୁ ଦାୟୀ କରିଛନ୍ତି। ଏନେଇ ପାନ୍ଥ ନିବାସ ଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ବନ୍ଧମୁଣ୍ଡା ଅଞ୍ଚଳରେ ରହିଥିବା ଘରୋଇ ବିଦ୍ୟାଳୟ ମାଲିକ ଯୁବତୀଙ୍କ ପ୍ରତି ଅସଦାଚରଣ ହଇଚଇ ସୃଷ୍ଟି କରିଛି। ରେଳବାଇ ଜମି ଜବରଦଖଲ କରି ନିର୍ମାଣ କରାଯାଇଥିବା ଘରୋଇ ବିଦ୍ୟାଳୟରେ ଶିକ୍ଷାଦାନ ପରିବର୍ତ୍ତେ ନିରୀହା ଯୁବତୀଙ୍କୁ ବଳାତ୍କାର ଭଳି ଘଟଣା କର୍ତ୍ତୃପକ୍ଷଙ୍କ ଅପାରଗତାକୁ ପଦାରେ ପକାଇଛି ବୋଲି ମହିଳା କଂଗ୍ରେସ ନେତ୍ରୀ ପ୍ରଭାତୀ ମିଶ୍ର ଅଭିଯୋଗ କରିଛନ୍ତି। ସେ କହିଥିଲେ, ସ୍କୁଲ ପ୍ରତିଷ୍ଠା କରିଥିବା ଗୁପ୍ତା ଶାସକ ଦଳର ଖୁବ ନିକଟତମ ବ୍ୟକ୍ତି ଭାବେ ଜଣାଶୁଣା। ଅନେକ ନେତାଙ୍କ ସହ ତାଙ୍କର ସମ୍ପୃକ୍ତି ରହିଛି। ଏହାର ସୁଯୋଗ ନେଇ ସେ ଗତ ଡିସେମ୍ବରରେ ଜଣେ ନିରୀହା ଯୁବତୀଙ୍କୁ ସ୍କୁଲ ପରିସରରେ ବଳାତ୍କାର କରିଥିଲେ। ଭୟରେ ଯୁବତୀ ଚୁପ ରହିଥିଲେ। ଏହା ସାଧାରଣରେ କିମ୍ବା ପୋଲିସ ନିକଟରେ ପ୍ରକାଶ କଲେ ହତ୍ୟା କରାଯିବ ବୋଲି କହିଥିଲେ। ଲଗାତର ଭାବେ ଗତ ଡିସେମ୍ବରରୁ ଯୁବତୀଙ୍କ ସହ ଏଭଳି ଜଘନ୍ୟ କାଣ୍ଡ କରିବା ସହ ତାଙ୍କ ମୋବାଇଲକୁ ଅଶ୍ଳୀଳ ମେସେଜ ପଠାଇ ଚାଲିଥିଲେ।

ଏବେ ଜେଲର ଚାରି କାନ୍ଥ ଭିତରେ ଥାଇ ମଧ ଯୁବତୀଙ୍କ ପରିବାରକୁ ହତ୍ୟା ଧମକ ଦିଆଯାଉଛି ବୋଲି ମହିଳା କଂଗ୍ରେସ ନେତ୍ରୀ ମିଶ୍ର ଏହି ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ। ସେ କହିଥିଲେ, ଆରମ୍ଭରୁ ସମ୍ପୃକ୍ତ ଯୁବତୀ ମୋ ସହଯୋଗରେ ପୋଲିସ ଏସ୍.ପି କେ ଶିବା ସୁବ୍ରମଣିଙ୍କୁ ଭେଟି ଅଭିଯୋଗ କରିଥିଲେ। ପୋଲିସର ଦୃଢ ଦପକ୍ଷେପ ଯୋଗୁ ଆଜି ଅଭିଯୁକ୍ତ ଜେଲ ଚାରି କାନ୍ଥ ଭିତରେ ଅଛନ୍ତି। ଏମିତି ଅବସ୍ଥାରେ ତାଙ୍କ ସମ୍ପର୍କରେ ଅଧିକ ତଦନ୍ତ କରାଯିବା ନିହାତି ଆବଶ୍ୟକ ବୋଲି ମିଶ୍ର ଦାବି କରିଥିଲେ। ଏଥିସହ ପୀଡ଼ିତାଙ୍କ ସୁରକ୍ଷା ଉପରେ ମଧ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିରେ ଅବହେଳା କରାଗଲେ ଯୁବତୀ ଜଣଙ୍କ ପରିବାର ବିପଦରେ ପଡିବା ସମ୍ଭାବନା ରହିଛି ବୋଲି ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କୀ , ବୀରେନ ସେନାପତି ପ୍ରମୁଖ କହିଥିଲେ, ଏଭଳି ଏକ ନିନ୍ଦନୀୟ ଘଟଣାରେ ଯେଉଁମାନଙ୍କ ସମ୍ପୃକ୍ତି ରହିଛି ସେମାନେ ପଦାକୁ ଆସିବା ଦରକାର। ରେଳବାଇ ଜମି ଜବର ଦଖଲ କରି ବିଦ୍ୟାଳୟ ନାଁରେ ବ୍ୟଭିଚାର ଚଳାଉଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଏହା ଅନ୍ୟମାନଙ୍କ ପାଇଁ ବିପଦର କାରଣ ପାଲଟିବ ବୋଲି ଏଥିରେ ଆଶଙ୍କା ବ୍ୟକ୍ତ କରାଯାଇ ଥିଲା। ଏମିତି ଲୋକଙ୍କୁ ରେଳବାଇ କର୍ତ୍ତୃପକ୍ଷ ଓ ଶିକ୍ଷା ଅଧିକାରୀ କେମିତି ଘଣ୍ଟ ଘୋଡାଉଛନ୍ତି ସେନେଇ ପ୍ରଶ୍ନ ଉଠାଇଥିଲେ କଂଗ୍ରେସ ନେତୃମଣ୍ଡଳୀ। ଏହାର ତଦନ୍ତ କରାଯାଉ ବୋଲି ଦାବି କରାଯାଇ ଥିଲା। ଏଥିରେ କଂଗ୍ରେସ ଯୁବ ନେତା ରୋହିତ ଯୋସେଫ ତିର୍କଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ରହ୍ମପୁରରେ ରାଜ୍ୟ ଯୁବ ସଂଘ ପକ୍ଷରୁ ୩ ଦିନିଆ ସମ୍ମିଳନୀ ଆଜି

ରାଉରକେଲା ଅଫିସ,୨୮।୨

**ସୁନ୍ଦରଗଡ଼ରୁ ଭାଗ ନେବେ ସାଂସ୍କୃତିକ ଦଳ**

ବ୍ରହ୍ମପୁରଠାରେ ଅଖିଳ ଭାରତ ଯୁବ ସଂଘ ରାଜ୍ୟ ଶାଖା ପକ୍ଷରୁ ଆଜି ଠାରୁ ୩ ଦିନ ବ୍ୟାପି ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ସୁନ୍ଦରଗଡ ଜିଲାରୁ ୧୫ ଜଣ ପ୍ରତିନିଧିଙ୍କ ସହ ଏକ ସାଂସ୍କୃତିକ ଦଳ ଭାବ ନେବାକୁ ବ୍ରହ୍ମପୁର ଯାତ୍ରା କରିଛନ୍ତି। ରାଜ୍ୟ ଯୁବ ସଂଘ ସଭାପତି ତଥା ଆଇନଜୀବୀ ସଦାନନ୍ଦ ସାହୁ ଏଥିରେ ଅଧ୍ୟକ୍ଷତା କରିବେ। ସମ୍ମିଳନୀକୁ ଶିକ୍ଷାମନ୍ତ୍ରୀ ସମୀର ଦାସ ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏଥିରେ ଦେଶର ସାମ୍ପ୍ରତିକ ସାମାଜିକ ଓ ଅର୍ଥନୈତିକ ଅବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଉପରେ ବିଶେଷ ଆଲୋକପାତ କରାଯିବ। ଏନେଇ ରାଜ୍ୟ ଯୁବ ସଂଘ ସଭାପତି ସାହୁ କହିଛନ୍ତି ଯେ ସମ୍ପ୍ରତି ଦେଶ ଓ ରାଜ୍ୟ ଏକ ଘଡିସନ୍ଧି ମୂହୂର୍ତ୍ତ ଦେଇ ଗତି କରୁଛି। ଶିକ୍ଷା ସମାପ୍ତି ପରେ ଯୁବ ସମାଜ ନିଯୁକ୍ତି ଆଶାରେ ନିରାଶ ହେଉଛନ୍ତି। ଏନେଇ ସରକାରଙ୍କ ନିର୍ଦ୍ଦିଷ୍ଟ ଯୋଜନା ନାହିଁ। ଦିନକୁ ଦିନ କଳକାରଖାନା ବନ୍ଦ ହେବାରେ ଲାଗିଛି। କେବଳ ନୂଆ କଳକାରଖାନା ପ୍ରତିଷ୍ଠା ନାଁରେ ରାଜ୍ୟ ସରକାର ଚୁକ୍ତି ସ୍ୱାକ୍ଷରିତ କରି ଜନସମାଜକୁ ବିଭ୍ରାନ୍ତ କରୁଛନ୍ତି। ପ୍ରଗତି ଆଳରେ ମିଥ୍ୟା ପ୍ରଚାର ଚାଲିଛି। କୃଷି ଓ ଶିଳ୍ପାୟନ ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦିଆଯାଉଛି। ଏମିତି ଅବସ୍ଥାରେ ସମାଜ ପାଇଁ ସରକାରଙ୍କ ଅଣଦେଖା ମନୋଭାବକୁ ଯୁବ ସମାଜ କେବେ ବରଦାସ୍ତ କରିବନି ବୋଲି ସାହୁ କହିଛନ୍ତି। ଏଭଳି ଏକ ଘଡିସନ୍ଧି ମୂହୁର୍ତ୍ତରେ ଯୁବ ସଂଘ ପକ୍ଷରୁ ଆୟୋଜିତ ୩ ଦିନିଆ ରାଜ୍ୟ ସମ୍ମିଳନୀ ଏକ ପ୍ରେରଣା ଦାୟୀ ପଦକ୍ଷେପ ହେବ ବୋଲି ସେ କହିଛନ୍ତି।



ସୁମିତ୍ରା ଓରାମ ଓ ଅନୁଜ ଅଗ୍ରୱାଲ

# କଂଗ୍ରେସର ବିକ୍ଷୋଭ, କୁଶପୁତ୍ତଳିକା ଦାହ

ରାଉରକେଲା ଅଫିସ, ୨୮।୨




ଉଦିତନଗର ଆମ୍ବେଦକର ଛକଠାରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ, କୁଶପୁତ୍ତଳିକା ଦାହ କରାଯାଉଛି।

ଦୀର୍ଘ ୫ ଦିନ ଧରି ଦିଲ୍ଲୀରେ ଚାଲିଥିବା ଦଙ୍ଗା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ କଂଗ୍ରେସ ପକ୍ଷରୁ ଦାୟୀ କରାଯାଇଛି । ଶାହାଙ୍କ ଏଭଳି ବେପରୁଆ ମନୋଭାବ ଦଙ୍ଗା ନିୟନ୍ତ୍ରଣରେ ବିଫଳତା ସାଜିଲା। ବର୍ତ୍ତମାନ ସୁଦ୍ଧା ୪୦ରୁ ଅଧିକ ପ୍ରାଣ ହରାଇଥିବା ବେଳେ ଶହଶହ ଲୋକ ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଭାଜପା ସରକାର କ୍ଷମତାରେ ଅଛି। ତାଙ୍କ ଅଧିନରେ ଦିଲ୍ଲୀ ପୋଲିସ କାମ କରୁଛି। ଏଣୁ ଦଙ୍ଗା ନିୟନ୍ତ୍ରଣରେ ପୋଲିସ, କେନ୍ଦ୍ର ସରକାର ତଥା ଗୃହମନ୍ତ୍ରୀ ଶାହା ଦାୟୀ ବୋଲି ଅଭିଯୋଗ କରାଯାଇଛି। ଏମିତି ପରିସ୍ଥିତିରେ ଶାହା ଆଉ ଗୋଟିଏ ମୂହୁର୍ତ୍ତ କ୍ଷମତାରେ ରହିବା ଉଚିତ ନୁହଁ ବୋଲି କୁହାଯାଇଛି। ଉଦିତନଗର ଆମ୍ବେଦକର ଛକଠାରେ ଶୁକ୍ରବାର ସନ୍ଧ୍ୟାରେ ବିକ୍ଷୋଭ ପ୍ରଦର୍ଶନ କରି ଦଳର ନେତୃମଣ୍ଡଳୀ ଏଭଳି ଅଭିଯୋଗ କରିଥିଲେ। ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କଂଗ୍ରେସ କର୍ମୀମାନେ କେନ୍ଦ୍ର ସରକାର ବିରୋଧି ସ୍ଲୋଗାନ ଦେଇ ଶାହାଙ୍କ ଇସ୍ତଫା ଦାବି କରିଥିଲେ। ଗୁଜରାଟ ରାଜ୍ୟ ସରକାରରେ ଅମିତ ଶାହା ଗୃହମନ୍ତ୍ରୀ ଥିଲେ।

ତାଙ୍କ ସମୟରେ ଗୁଜରାଟରେ ସାଂଘାତିକ ଦଙ୍ଗା ସୃଷ୍ଟି ହୋଇ ୬ ମାସରୁ ଉର୍ଦ୍ଧ୍ୱ ସମୟ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥିଲା । ସେହି ଦଙ୍ଗାରେ ହଜାର ହଜାର ଲୋକ ମୃତାହତ ହୋଇଥିଲେ। ଦିଲ୍ଲୀରେ ତାର ପୁନରାବୃତି ଘଟିଛି। କଂଗ୍ରେସ କର୍ମୀ ଶାହାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ତିର୍କୀଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ବୀରେନ ସେନାପତି, ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ଦେବବ୍ରତ ବିହାରୀ, ପ୍ରଭାତୀ ମିଶ୍ର, ସନ୍ତୋଷ ବିଶ୍ୱାଳ, ସେବାଦଳ ଅଧ୍ୟକ୍ଷ ବିନୋଦ ରାଉତ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାରସିଂ, ଓବିସି ଅଧ୍ୟକ୍ଷ କୈଳାସ ସାହୁ, 'ସିଦ୍ଧେଶ୍ୱର ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ଚିତ୍ତରଞ୍ଜନ ମହାନ୍ତି, କୀର୍ତ୍ତନ ଦାସ, ଆରପି ସିଂହ, ସୁକାନ୍ତ ମହାପାତ୍ର, ଏମଡି ନଜମୁଦ୍ଦିନ, ନରେନ୍ଦ୍ର ସିଂହ, ଲୋକନାଥ ଭୂମିଜ, ବିଜୟ ଆପଟ୍ଟ, ସରୋଜ ଜେନା, ଅସଲାମ ପରଭେଜ, ସୁନୀଲ ପଟ୍ଟନାୟକ, ମୋଚ୍ଚୁ ସାହୁ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ପ୍ରଦୀପ ସାହୁ, ସୁନୀଲ ସିଂହ, ରାଜେନ୍ଦ୍ର ରଜାକ, ମହେଶ୍ୱର ତନ୍ତୀ, ଦିଲ୍ଲୀପ ଲାହିରି, ରତିକାନ୍ତ ମଲ୍ଲିକ, ଭାଗିରଥି ମହଲା ପ୍ରମୁଖ ଉପସ୍ଥିତ ଥିଲେ।

# ରାଉରକେଲା ପୋଲିସ ଜିଲା ପକ୍ଷରୁ ରକ୍ତଦାନ ଶିବିର

ରାଉରକେଲା ଅଫିସ, ୨୮।୨

ରିଜର୍ଭ ପୋଲିସ ପଡିଆରେ ରାଉରକେଲା ପୋଲିସ ଜିଲା ପକ୍ଷରୁ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ ଓ ଏସ୍‌ପି କେ. ଶିବା ସୁବ୍ରମଣିଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ୧୫୧ ୟୁନିଟ ରକ୍ତ ସଂଗୃହୀତ କରାଯାଇ ଥିଲା। ଜଲାନ ଶିବିରକୁ ଉଦଘାଟନ କରି କହିଥିଲେ, ରକ୍ତଦାନ ଭଳି ମହତ କାର୍ଯ୍ୟ ପ୍ରତି ସମସ୍ତେ ଆଗ୍ରହୀ ହେବା ଉଚିତ। ପ୍ରତ୍ୟେକ ମେଡିକାଲରେ କିଭଳି ସୁବିଧାରେ ରକ୍ତ ଉପଲବ୍ଧ ହେବ ସେନେଇ ସମସ୍ତେ ଆଗକୁ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଏସ୍.ପି କେ. ଶିବା ସୁବ୍ରମଣି ମଧ ଏହି ମହତ କାର୍ଯ୍ୟ ପ୍ରତି ଯୁବ ସମାଜର ଅଗ୍ରହ ବଢିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ଏଥିରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ବିଭିନ୍ନ ଥାନା ଓ ରିଜର୍ଭ ପୋଲିସ କର୍ମଚାରୀ ସାମିଲ ହୋଇ ଏହାକୁ ସଫଳ କରିଥିଲେ।

# ରାଜ୍ୟ କବାଡ଼ି ଦଳରେ ରାଉରକେଲାର ସୁମିତ୍ରା, ଅନୁଜ

ରଉରକେଲା ଅଫିସ,୨୮।୨

ଆସନ୍ତା ୨ରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ରାଜସ୍ଥାନର ଜୟପୁର ଠାରେ ୬୭ତମ ଜାତୀୟ ସିନିୟର କବାଡି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିରେ ଓଡିଶାରୁ ଉଭୟ ମହିଳା ଓ ପୁରୁଷ ଦଳ ଭାଗ ନେବ। ପ୍ରତିଯୋଗିତାରେ ରାଉରକେଲା ଇସ୍ପାତ କାରଖାନା କବାଡି ଦଳର ସୁମିତ୍ରା ଓରାମ ଓ ଅନୁଜ ଅଗ୍ରୱାଲ ଖେଳିବାକୁ ମନୋନୀତ ହୋଇଛନ୍ତି। ସୁମିତ୍ରା ନୀଳଶୈଳ ମହାବିଦ୍ୟାଳୟରେ ଯୁକ୍ତ ୩ ଛାତ୍ରୀ ହୋଇଥିବା ବେଳେ ସେ ୨ଥର ନ୍ୟାଶନାଲ ଖେଳିବା ସହ ମୋଟ ୮ଥର ବିଭିନ୍ନ ପ୍ରତିଯୋଗିତାରେ ଖେଳିଛନ୍ତି। ସେହିଭଳି ଅନୁଜ ଗତ ୪ବର୍ଷ ଧରି ଆରଏସପି ପାଇଁ କବାଡି ଖେଳି ଆସୁଛନ୍ତି। ଏଥି ପୂର୍ବରୁ ସେ ଏକାଧିକବାର ଆନ୍ତଃ ବିଶ୍ୱବିଦ୍ୟାଳୟ କବାଡି ଖେଳି ନିଜ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଏହି ୧୨ ଜଣିଆ ରାଜ୍ୟ ଦଳରେ ଉଭୟ ସ୍ଥାନ ପାଇଥିବାରୁ କୋଚ ସୁକ୍ରୁ ତନ୍ତି ତାଙ୍କ ସଫଳତା କାମନା କରିଛନ୍ତି।

# ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ

ରାଉରକେଲା ଅଫିସ,୨୮।୨

ଓଡିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୧୩୭ତମ ତିରୋଧାନ ଦିବସ ସେକ୍ଟର- ୧୩ ପ୍ରଦର୍ଶନୀ ପଡିଆରେ ସ୍ମୃତି କମିଟି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। କମିଟି ସାଧାରଣ ସମ୍ପାଦକ ବିଜୟ ତାଣ୍ଡିଆ ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୂଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ତଥା ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ସାଧାରଣ ସମ୍ପାଦକ ସୁଧିର ମିଶ୍ର ନିଜ ବକ୍ତବ୍ୟରେ ବୀର ସୁରେନ୍ଦ୍ର ସାଏଙ୍କ ସ୍ୱାଧୀନତା ସଂଗ୍ରାମରେ ଭୂମିକା ନେଇ ବିଶେଷ ଆଲୋକପାତ କରିଥିଲେ। ଲାକ୍ଷେଘର ତନ୍ତି ପାତ୍ର ସମାଜ କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଦଶଭୟା ମୂଖ୍ୟ ବକ୍ତା ରୂପେ ଯୋଗଦେଇ ସାଏଙ୍କ କୃତୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ସେକ୍ଟର ୧୩ ପଡିଆକୁ ସୁରେନ୍ଦ୍ର ସାଏଙ୍କ୍ ନାମରେ ନାମିତ କରିବା ସହ ଏଠାରେଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତୀ ସ୍ଥାପନ କରିବାକୁ ଦାବି କରିଥିଲେ। ଏହାକୁ ସବୁ ସଙ୍ଗଠନ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଟିକେଶ୍ୱର ତାଣ୍ଡିଆ ପରିଚାଳନା କରି ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଲାକ୍ଷେଘର ସମନ୍ୱୟ ମଞ୍ଚ ସଭାପତି ସୁରଥ ବାଗ, ସଦଭାବନା ଲାକ୍ଷେଘର ସମାଜ ଉପସଭାପତି ରାମ ବୁଖୁରା, ସମଲେଶ୍ୱରୀ ୟୁଥ ଆସୋସିଏସନ ସଭାପତି ବିଜୟ କିଷାନ, ଆମ୍ବେଦକର ସ୍ମୃତି କମିଟି କର୍ମକର୍ତ୍ତା ମଚ୍ଛିନ୍ଦ୍ର କାଲେତ ଓ ସୁରେନ୍ଦ୍ର ବାଡା ପ୍ରମୁଖ ନିଜ ବକ୍ତବ୍ୟରେ ବୀର ସୁରେନ୍ଦ୍ର ସାଏଙ୍କ ସ୍ୱାଧିନତା ସଂଗ୍ରାମର ଅଭୂଲା ସ୍ମୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଶ୍ରୀକାନ୍ତ ତନ୍ତି, ଅଶୋକ ଭଇଁସା, ଅଶୋକ ମଣ୍ଡଳ, ସୁରେଶ ବାଦୀ, ହରିଶଂକର ଦୀପ, ବୃନ୍ଦାନନ୍ଦ ବୁଡ, ସୂର୍ଯ୍ୟକାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ହଳଧର ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ସେକ୍ଟର- ୧୩ ପ୍ରଦର୍ଶନୀ ପଡିଆରେ କାର୍ଯ୍ୟକ୍ରମରେ ସ୍ମୃତି କମିଟି କର୍ମକର୍ତ୍ତା।

# ଡାଲମିଆ ସିମେଣ୍ଟ ଶ୍ରମିକଙ୍କ ମଜୁରି ଚୁକ୍ତିନାମା

ରାଉରକେଲା ଅଫିସ, ୨୮।୨

ଗତ ଗୁରୁବାର ରାଉରକେଲା ଉପ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟଠାରେ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ(ସିଆଇଟିୟୁ) ସହିତ ଡାଲମିଆ ସିମେଣ୍ଟ (ଭାରତ)ଲି. ରିଫ୍ରାକ୍ଟୋରି ୱାର୍କର୍ସ ମ୍ୟାନେଜମେଣ୍ଟ ଓ ଜିଲା ଶ୍ରମ ଅଧିକାରୀଙ୍କ ଉପସ୍ଥିତିରେ କାରଖାନାର ସ୍ଥାୟୀ ଶ୍ରମିକଙ୍କ ନିମନ୍ତେ ମଜୁରି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି। ଏହି ନୂତନ ମଜୁରି ଚୁକ୍ତିନାମା ଫଳରେ ସମସ୍ତ ସ୍ଥାୟୀ ଶ୍ରମିକ ପାଉଥିବା ଦରମା ଉପରେ ୫ଶହରୁ ୬ଶହ ଅତିରିକ୍ତ ଦରମା ପାଇପାରିବେ। ଏହା କାରଖାନାର ଦୀର୍ଘ ଲମ୍ବା ଇତିହାସକୁ ଉଜ୍ଜିବୀତ କରିଛି। ବର୍ଦ୍ଧିତ ଦରମା ଉପରେ ୬୦ରୁ ୧୭୦ ପର୍ଯ୍ୟନ୍ତ ଇନକ୍ରିମେଣ୍ଟ ପ୍ରତ୍ୟେକ ବର୍ଷ ପାଇ ପାରିବେ। ଏହା ବ୍ୟତୀତ ଯେଉଁ ଶ୍ରମିକ ଦୀର୍ଘ ବର୍ଷ କାମ କରି କୌଣସି ଗ୍ରେଡ ହାସଲ କରି ନ ଥିଲେ ସେମାନେ ଉପକୃତ ହେବେ। ଏହି ଚୁକ୍ତିନାମା ବଳରେ ୬ରୁ ୧୦ବର୍ଷ କାମ କରିଥିବା ଶ୍ରମିକ ୧ଟି ଇନକ୍ରିମେଣ୍ଟ, ୧୧ରୁ ୧୫ବର୍ଷ ୨ଟି ଓ ୧୬ ବର୍ଷରୁ ଅଧିକ କାମ କରିଥିବା ଶ୍ରମିକ ସିଧାସଳଖ ୩ଟି ଇନକ୍ରିମେଣ୍ଟ ପାଇ ପାରିବେ। ପୂର୍ବ ପ୍ରଚଳିତ ୧୩ଟି ଗ୍ରେଡକୁ ବାଦ ଦେଇ ନୂତନ ଚୁକ୍ତିନାମାକୁ ୮ଟିରେ ସୀମିତ ରଖାଯାଇଛି। ଏହା ଦ୍ୱାରା ଶ୍ରମିକମାନେ ବିଶେଷ ଭାବେ ଉପକୃତ ହୋଇ ପାରିବେ ବୋଲି କୁହାଯାଇଛି। ଏହା ବ୍ୟତୀତ ନୂତନ ଚୁକ୍ତିନାମାରେ ଭିଡିଏ ରେଟକୁ ମଧ ପରିବର୍ତ୍ତନ କରାଯାଇଛି। ଏହା ଗତ ୧ଡିସେମ୍ବର ୨୦୧୯ରୁ ୧୨ଟଙ୍କା, ୧ ଡିସେମ୍ବର ୨୦୨୦ରୁ ୧୪ ଟଙ୍କା ଲାଗୁ କରାଯାଇଛି। ଏହି ଚୁକ୍ତିନାମାରେ ଶ୍ରମିକଙ୍କ ହିତ ଉଦ୍ଦେଶ୍ୟରେ ଅନେକ କିଛି ନୂତନ ବ୍ୟବସ୍ଥା କରାଯାଇଛି। ମୃତ୍ୟୁବରଣ ଜନିତ ସହଯୋଗ ରାଶି, ଘର, କ୍ୟାଂଟିନ, ମେଡିକ୍ଲେମ, କର୍ମକ୍ଷେତ୍ରରେ ଋତୁକାଳୀନ ପୋଷାକ, ସୁରକ୍ଷା ସାମଗ୍ରୀ ଆଦି ସୁବିଧା କରାଯାଇଛି, ଚୁକ୍ତିନାମା ଅବଧି ଆସନ୍ତା ୨୦୨୨ ଯାଏ ବଳବତ୍ତର ରହିବ। ଏହି ଚୁକ୍ତିନାମା ସମୟରେ ଶ୍ରମ ଅଧିକାରୀ ପ୍ରଣବ ପାତ୍ର, ମ୍ୟାନେଜମେଣ୍ଟ ପକ୍ଷରୁ ଏସ.ଆରାଶୁ, ଏଚକେ ସାହୁ, ଅଭିଷେକ ମିଶ୍ରା, ଅରବିନ୍ଦ ଚୌବେଙ୍କ ସମେତ ୟୁନିୟନ ପକ୍ଷରୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ତାଜମୁନ ନେହାର, ଯଯାତୀ ସାହୁ, ନରେଶ ସାମଲ, ପୂର୍ଣ୍ଣ ସିଂ, ବି.କେ ମହନ୍ତ, ବିପିନ ଶ୍ରୀବାସ୍ତବ, ତପନ ଦାସ, ଭରତ ଦାସ, ଅଲିଆସ ଟପୋ. ବିଜୟ ମଲ୍ଲିକ, ଜଲଦାସ ଟପୋ, ପ୍ରକାଶ ଯାଦବ ଓ ବିପି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଉପଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟଠାରେ ସିଆଇଟିୟୁ ସହିତ ଡାଲମିଆ ସିମେଣ୍ଟର ମଜୁରୀ ଚୁକ୍ତିନାମା।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୯ ଫେବୃୟାରୀ, ୨୦୨୦



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।

-ସନ୍ଥ କବୀର ଦାସ



**ସଂକ୍ଷେପରେ**

## ନୂତନ ପୋକସୋ କୋର୍ଟ ଉଦ୍‌ଘାଟିତ

**ସୁନ୍ଦରଗଡ,୨୮।୨ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା କୋର୍ଟ ପରିସରରେ ଶୁକ୍ରବାର ନୂତନ ପକସୋ କୋର୍ଟ ଉଦ୍‌ଘାଟିତ ହୋଇଛି। ଜିଲା ଦୌରାଜଜ୍ ପ୍ରଦୀପ କୁମାର ମହନ୍ତ ଆନୁଷ୍ଠାନିକ ଭାବେ ଫିତାକାଟି ଏହି କୋର୍ଟର ଉଦ୍‌ଘାଟନ କରିଛନ୍ତି। ଅତିରିକ୍ତ ଜିଲା ଜଜ୍ ପାର୍ଥସାରଥୀ ପଟ୍ଟନାୟକ ଏହି ପକସୋ କୋର୍ଟର ପିଓ ଦାୟିତ୍ୱ ନେଇଛନ୍ତି। ରେଜିଷ୍ଟ୍ରାର ସୈକତ କୁମାର ପାତ୍ର ତାଙ୍କୁ ଶପଥ ପାଠ କରାଇଥିଲେ। ଆୟୋଜିତ ଏହି ଉଦଘାଟନୀ ସମାରୋହରେ ଏଡିଜେ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅଶ୍ୱିନୀ କୁମାର ନାଏକ, ଜିଲା ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ଏଡିଜେଏମ୍, ଜେଏମଏଫସି, ସବଜଜ୍, ଜିଲା ଆଇନସେବା ପ୍ରାଧିକରଣର ସଚିବ ବିମଳ ରାଉଳ, ଜିଲା ଓକିଲ ସଂଘର ସଭାପତି ଦୁଷ୍ମନ୍ତ କୁମାର ନାଏକ, ଉପସଭାପତି ସୁରେନ୍ଦ୍ର ନାରାୟଣ ନାଏକ, ସମ୍ପାଦକ ଅଶୋକ କୁମାର ସ୍ୱାଇଁ, ବରିଷ୍ଠ ଆଇନଜୀବୀ ନିମାଇଁ ନାଏକ, ପରମେଶ୍ୱର ନାଏକ, କିଶୋର ନାଏକ, ପ୍ରଦୀପ ମହାପାତ୍ର, ନୀରଜ ସାମନ୍ତରାଏ, ସତ୍ୟଜିତ ପଣ୍ଡା, ସୁକାନ୍ତ ମହାପାତ୍ର, ପ୍ରେମ କୁମାର, ଦେବାଶୀଷ ମିଶ୍ର, ସରକାରୀ ପବ୍ଲିକ ପ୍ରସିକ୍ୟୁଟର ଅବଦୁଲ ସାମିମ ଅଖତର, ଦେବାଶୀଷ ଶିଠଙ୍କ ସମେତ ଓକିଲସଂଘର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# କାଉନସେଲିଂ କ୍ଲାସରେ ଜିଲାପାଳ

**ସୁନ୍ଦରଗଡ, ୨୮।୨ (ଡି.ଏନ୍.ଏ)**

ଦୃଢ ଇଚ୍ଛାଶକ୍ତି, ପ୍ରତିବଦ୍ଧତା, ବିଫଳତାରେ ବିବ୍ରତ ନ ହୋଇ ସଫଳତା ହାସଲ ପାଇଁ ଅବିରତ କଠୋର ପରିଶ୍ରମ ଜାରି ରଖି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର କ୍ୟାରିୟର କାଉନସେଲିଂ କ୍ଲାସରେ ଯୋଗଦେଇ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ପ୍ରଶାସନିକ ପରୀକ୍ଷା ପ୍ରସ୍ତୁତି ସମ୍ପର୍କୀତ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଆୟୋଜିତ କ୍ୟାରିୟର କାଉନସେଲିଂ କ୍ଲାସରେ ଜିଲାପାଳ କଲ୍ୟାଣ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ସେ କିଭଳି ସଫଟୱେର ଇଞ୍ଜିନିୟରରୁ କ୍ୟାରିୟର ଆରମ୍ଭ କରି ୨୦୦୭ ମସିହାରୁ ୨୦୧୧ ପର୍ଯ୍ୟନ୍ତ ନିରବିଚ୍ଛିନ୍ନ ଉଦ୍ୟମ ଓ କିଭଳି ପ୍ରଶାସନିକ ପରୀକ୍ଷା ପ୍ରସ୍ତୁତିରେ ଅବିରତ କଠୋର ପରିଶ୍ରମ କରିଥିଲେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଦକ୍ଷତା ବିକାଶ ପାଇଁ ନିଜର ସୃଜନଶୀଳତାକୁ ଯଥାର୍ଥ ମାର୍ଗରେ ଉପଯୋଗ କରିବା ପାଇଁ କହିଥିଲେ। ଛାତ୍ରୀଛାତ୍ର କେବେ ବି ଆର୍ଥିକ ମାନଦଣ୍ଡରେ ନିଜର କ୍ୟାରିୟରକୁ ଗୁରୁତ୍ୱ ନ ଦେଇ ଆତ୍ମ ସନ୍ତୁଷ୍ଟି ସମ୍ପନ୍ନ ବୃତ୍ତିରେ ନିଜକୁ ନିୟୋଜିତ କରିବାକୁ ଓ ପ୍ରଶାସନିକ ପ୍ରସ୍ତୁତି ସଂଘର୍ଷର ସମୟ ବୋଲି କହିଥିଲେ। ପ୍ରଶାସନିକ ସାକ୍ଷାତକାର ପରୀକ୍ଷାରେ ପ୍ରଶ୍ନର ଉତ୍ତରକୁ ପ୍ରତ୍ୟୁତ୍ପନ୍ନମତିତା ମାଧ୍ୟମରେ ମୁକାବିଲା କରିବାକୁ ସେ ପରାମର୍ଶ ଦେଇଥିଲେ। ସାକ୍ଷାତକାରରେ ଥିବା ବିଚାରକମାନେ ପ୍ରାର୍ଥୀର ଉପସ୍ଥିତ ବୁଦ୍ଧି, ବ୍ୟକ୍ତିତ୍ୱ ଦ୍ୱାରା ହିଁ ବିଶେଷ ଭାବେ ପ୍ରଭାବିତ ହୋଇଥାଆନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଦୃଢ ଇଚ୍ଛା ଶକ୍ତି, ସକରାତ୍ମକ ମନୋଭାବ ବଳରେ ହିଁ ସଫଳତା ସମ୍ଭବ ବୋଲି କହିବା ସହ ବିଦ୍ୟାର୍ଥୀର ଜୀବନରେ ସମ୍ପ୍ରତି ଫେସବୁକ ସମୟ ଅପଚୟର ଏକ ମାଧ୍ୟମ ବୋଲି କହି ଏଥିରୁ ନିବୃତ୍ତ ରହିବାକୁ କହିଥିଲେ। ନିଯୁକ୍ତି ଆଶାୟୀ ନ ହୋଇ ନିଜେ ନିଯୁକ୍ତି ସୃଷ୍ଟି କରିବାକୁ ସେ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲାପାଳ ମହାବିଦ୍ୟାଳୟ ପରିସରରେ ବହିବଗିଚା ଓ ବ୍ୟାୟାମଶାଳାକୁ ଉଦଘାଟନ କରିଥିଲେ। ଏହାର ଉପଯୋଗ କରି ଛାତ୍ରୀଛାତ୍ର ଶାରୀରିକ ସୁସ୍ଥତାକୁ ବଜାୟ ରଖି ନିଜର ଦକ୍ଷତା ଓ ବୌଦ୍ଧିକ ବିକାଶ ଦିଗରେ ବ୍ରତୀ ହେବାକୁ କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲାପାଳଙ୍କ ମୂଲ୍ୟବାନ ପରାମର୍ଶ ଦ୍ୱାରା ଛାତ୍ରୀଛାତ୍ର ଅନୁପ୍ରାଣୀତ ହୋଇ ନିଜର ଭବିଷ୍ୟତ ଜୀବନକୁ ଗଢିବାକୁ କହିଥିଲେ। ଜିଲାପାଳଙ୍କୁ ପାଖରେ ପାଇ ଛାତ୍ରୀଛାତ୍ର ବେଶ ଉତ୍ସାହିତ ହୋଇ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ମହାବିଦ୍ୟାଳୟ ପକ୍ଷରୁ ଜିଲାପାଳଙ୍କୁ ମହାବିଦ୍ୟାଳୟର ଚିତ୍ରଶିଳ୍ପୀ ଅଧ୍ୟାପକ ଶୀତଳ କୁମାର ମହାପାତ୍ରଙ୍କ ଦ୍ୱାରା ଅଙ୍କିତ ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ରକୁ ସ୍ମୃତିଚିହ୍ନ ଭାବେ ପ୍ରଦାନ କରାଯାଇଥିଲା। କ୍ୟାରିୟର କାଉନସେଲିଂ ସମନ୍ୱୟକାରୀ ଅଧ୍ୟାପକ ଡ. ଲଳିତ ରଂଜନ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରାଧ୍ୟାପକ ଡ. ସୁଧୀର କୁମାର ଦାଶ, ଡ. ସରୋଜ କୁମାର ପଟେଲ, ପ୍ରାଧ୍ୟାପିକା ଡ. ଜୟଶ୍ରୀ ଶୁକ୍ଳା ଓ କାର୍ଯ୍ୟାଳୟ ପ୍ରମୁଖ ପ୍ରଦୀପ ବହିଦାର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର କ୍ୟାରିୟର କାଉନସେଲିଂ କ୍ଲାସରେ ଜିଲାପାଳ।

- ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ
- ବହି ବଗିଚା, ବ୍ୟାୟାମଶାଳା କଲେ ଉଦ୍‌ଘାଟନ
- ନିଯୁକ୍ତି ଆଶାୟୀ ନ ହୋଇ ନିଯୁକ୍ତି ସୃଷ୍ଟିକର:ଜିଲାପାଳ

## ସଟ୍ଟା ଖେଳରେ ଚଢାଉ: ୩ ଗିରଫ, ଟଙ୍କା ଜବତ

**କୁଆଁରମୁଣ୍ଡା,୨୮।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ କୋଲ ଦଫେଇରେ ଶୁକ୍ରବାର ଅପରାହ୍ନ ୪ଟାରେ ସଟ୍ଟା ଖେଳ ଚାଲିଥିବା ଖବର ପାଇ ପୋଲିସ ଅଚାନକ ଚଢାଉ କରିଥିଲା। ଏହି ସମୟରେ ଘଟଣାସ୍ଥଳରୁ ବୀରମିତ୍ରପୁର ଅଞ୍ଚଳର ୩ ଜଣଙ୍କୁ ପୋଲିସ ଗିରଫ କରିବା ସହ ୧୦୬୦ଟଙ୍କା ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୧/୨୦) ରୁଜୁ ହୋଇଛି। ବୀରମିତ୍ରପୁର ଆଇଆଇସି ଆନନ୍ଦ ଚନ୍ଦ୍ର ମାଝିଙ୍କ ନିର୍ଦ୍ଦେଶମତେ ଏସ୍‌ଆଇ ଦୋଳାଗୋବିନ୍ଦ ନାଏକ ଓ ଅନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ଗଠିତ ଏକ ଟିମ୍ ଏହି ଚଢାଉ କରିଥିଲେ।

## ବଡଗାଁ ଡିଗ୍ରୀ କଲେଜରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ



କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

**ବଡଗାଁ, ୨୮।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ପରିସରରେ ଶୁକ୍ରବାର ପୂର୍ବାହ୍ନରେ କ୍ୟାରିୟର କାଉସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆରମ୍ଭରେ କଲେଜର ଅଧକ୍ଷ ବନଜାରାଣୀ ଷଡଙ୍ଗୀ ଛାତ୍ରୀଛାତ୍ରମାନଙ୍କ ଦକ୍ଷତାକୁ ନେଇ ଉଜ୍ଜଳ ଭବିଷ୍ୟତ ପରିକଳ୍ପନା କରି ଏହି କାର୍ଯ୍ୟକ୍ରମ କରାଯାଇଥିବା ସୂଚନା ଦେଇ ଏହାର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ବୁଝାଇଥିଲେ। ଆଫିନିଟି ବିଜନେସ୍ ସ୍କୁଲ ଭୁବନେଶ୍ୱରର ପ୍ରଶାସନିକ ଅଧିକାରୀ ପ୍ରକାଶ କୁମାର ମହାନ୍ତି, ଛାତ୍ରୀଛାତ୍ରମାନେ ନିଜ ଦକ୍ଷତା ଅନୁଶୀଳନ କରି ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ମହାନ୍ତି ତାଙ୍କ ଦୀର୍ଘ ଅନୁଭୂତିରୁ ସୁନ୍ଦର ଭବିଷ୍ୟତ ପ୍ରସ୍ତୁତି ଉପରେ ବୁଝାଇଥିଲେ। ଅଧ୍ୟାପକ ଜଳନ୍ଧର ପଟେଲ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ମୋ ସରକାର ସଚେତନତା ଶିବିର

**ଲହୁଣୀପଡା, ୨୮।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଫୁଲଝର ପଞ୍ଚାୟତ ଅନ୍ତର୍ଗତ ବଡଜୋଲ ଭୁଇଁଆ ସାହିଠାରେ ଶୁକ୍ରବାର ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ପକ୍ଷରୁ ମୋ ସରକାର ସଂଯୋଜନାରେ ଏକ ଜନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବଣାଇ ଉପଜିଲାପାଳ ତଥା ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରଦୀପ ଡାଙ୍ଗ ଯୋଗ ଦେଇ ଶିବିରକୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଡିପିଓ ମିନାକ୍ଷୀ ନାୟକ, ସରପଞ୍ଚ କିଶୋର ଗିରି, ଆଇଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ଭୀମଚରଣ ହେମ୍ବ୍ରମ, କନିଷ୍ଠଯନ୍ତ୍ରୀ ଜେନାମଣୀ ପାଣ୍ଡେ, ସ୍ୱତନ୍ତ୍ର ଅଧିକାରୀ ପିଟର ଟେଟେ, ମିଶନ ଶକ୍ତିର ବିପିସି ପ୍ରଜ୍ଞା ପରମିତା ସୁନ୍ଦର ରାୟ, ସୁପର ଭାଇଜର ପୁଷ୍ପମଞ୍ଜରୀ ବେହେରା, ରଞ୍ଜିତା ସାହୁ, ଖୁଣ୍ଟଗାଁ ପ୍ରାଣୀ ଚିକିତ୍ସକ, କୃଷି ବିଭାଗ, ଉଦ୍ୟାନ ବିଭାଗ ଓ ଓପିଲିପି ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ମୋ ସରକାର ତଥା ୫-ଟି ଯୋଜନା ସମ୍ବନ୍ଧରେ ବିଭାଗ ଅନୁଯାୟୀ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସମାଜର ଶେଷ ସୀମାରେ ବସବାସ କରୁଥିବା ଲୋକମାନଙ୍କ ନିକଟତର ହେବା ଏବଂ ସେମାନଙ୍କ ପାଖକୁ ସରକାରୀ ଯୋଜନାର ସୁବିଧା ସୁଯୋଗ ସରଳ ଉପାୟରେ କିଭଳି ଭାବେ ପାଇପାରିବେ ସେ ସମ୍ପର୍କରେ ବକ୍ତବ୍ୟ ମାଧ୍ୟମରେ ସଚେତନ କରାଇଥିଲେ। ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ କେଉଁମାନଙ୍କର ସାହାର୍ଯ୍ୟ ସହଯୋଗ ମିଳିପାରିବ ସେ ସମ୍ପର୍କରେ ମଧ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ପରିଚାଳକ କାଳୀଚରଣ ଦାସ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ପାରମ୍ପାରିକ ବାଦ୍ୟ ନୃତ୍ୟର ତାଳେ ତାଳେ ଅତିଥିମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ବିଭିନ୍ନ ଗ୍ରାମରୁ ଆସିଥିବା ପାରମ୍ପାରିକ ନୃତ୍ୟ ଦଳମାନେ ନୃତ୍ୟ ପରିବେଷଣ କରିଥିବା ବେଳେ ଯୋଗ୍ୟ ନୃତ୍ୟ ଦଳମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଶିବିରରେ କୃଷି, ଉଦ୍ୟାନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ବିଭିନ୍ନ ଦ୍ରବ୍ୟମାନ ପ୍ରଦର୍ଶିତ ହୋଇଥିଲା। ଏହି ଜନସମ୍ପର୍କ ଶିବିରରେ ଫୁଲଝର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ବହୁ ସଂଖ୍ୟକ ଲୋକ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।



ଲହୁଣୀପଡାରେ ମୋ ସରକାର ଜନ ସଚେତନତା ଶିବିର।

## ଫେରାର ଡକାୟତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ

**ଲହୁଣୀପଡା, ୨୮।୨ (ଡି.ଏନ.ଏ)**

ଚାନ୍ଦିପୋଷ ଥାନା ଅଞ୍ଚଳରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଡକାୟତି କରି ଫେରାର ଥିବା ତିନି ଜଣ ଡକାୟତଙ୍କୁ ଚାନ୍ଦିପୋଷ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଏ। ପ୍ରାପ୍ତ ସୂଚନା ଅନୁସାରେ ଚାନ୍ଦିପୋଷ ଥାନା ଅନ୍ତର୍ଗତ ବିଭିନ୍ନ ଦିନରେ ଭିନ୍ନ ଭିନ୍ନ ସ୍ଥାନରେ ୧୪୩ ନମ୍ବର ଜାତୀୟ ରାଜପଥ ଏବଂ ଗୁରୁଣ୍ଡିଆ, କୁଲୁଙ୍ଗା ରାସ୍ତାରେ ଏହି ଡକାୟତମାନେ ମାରଣାଅସ୍ତ୍ର ଦେଖାଇ ଗାଡି ଚାଳକ ଓ ଜନସାଧାରଣଙ୍କଠାରୁ ଡକାୟତି କରିଥିବାର ମାମଲା ରୁଜୁ ହୋଇଥିଲା। ପୋଲିସ ଗୋଟିଏ ମାମଲାରେ ଅନ୍ୟ ଡକାୟତମାନଙ୍କ ସହିତ ଏହି ତିନି ଜଣଙ୍କୁ ମଧ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଚାନ୍ଦିପୋଷ ପୋଲିସ ତଦନ୍ତ ଅନୁସାରେ କେଶ ନମ୍ବର ୫/୨୦୧୯, ୫୮/୨୦୧୮, ୫୩/୨୦୧୮, ୪୯/୨୦୧୮ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଏମାନଙ୍କୁ ଗିରଫ କରିବା ପାଇଁ ଯୋଜନା ଚଳାଇ ଆସୁଥିଲେ ମଧ ଡକାୟତମାନେ ପୋଲିସକୁ ଚକମା ଦେଖାଇ ଫେରାର ହୋଇଯାଇଥିଲେ। ତଥାପି ଚାନ୍ଦିପୋଷ ପୋଲିସ ଏମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିଲା। ଏହି ତିନି ଡକାୟତ କୌଣସି କାମରେ ବଣାଇର ବସଷ୍ଟାଣ୍ଡରେ ବୁଲାବୁଲି କରୁଥିବା ଖବରପାଇ ଚାନ୍ଦିପୋଷ ପୋଲିସ ପହଞ୍ଚି ପଚରାଉଚରା କରିବା ସହିତ ତିନି ଜଣଙ୍କୁ ଚାନ୍ଦିପୋଷ ଥାନାକୁ ଆଣି ପୁନଶ୍ଚ ତଦନ୍ତ କରିଥିଲେ। ବିଭିନ୍ନ ମାମଲାରେ ଜଡିତ ଥିବା ଅପରାଧିମାନଙ୍କ ଫଟୋ ସହିତ ଚେହେରା ମିଶାଇ ଥିଲେ। ଫଳରେ ଏହି ତିନି ଜଣ ଡକାୟତଙ୍କ ଚେହେରା ମେଳ ଖାଇଥିବାରୁ ଗିରଫ କରାଯାଇଥିଲା। ଗିରଫ ଡକାୟତମାନେ ହେଲେ ପ୍ଲାଣ୍ଟ ସାଇଟ ଥାନା ଅନ୍ତର୍ଗତ ମଧୁସୂଦନପାଲିର ଟିଙ୍କୁ ସାହୁ (୨୦), କୁତ୍ରା ଥାନା ଅନ୍ତର୍ଗତ ବିରିଙ୍ଗାଟୋଲି ବିଛାପଡାର ମାନି ରୋହିଦାସ (୨୦) ଏବଂ କନ୍ଦେଇମୁଣ୍ଡାର ସନନ୍ଦା ସାହୁ (୧୯)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପୋଲିସ ସମ୍ପୃକ୍ତ ମାମଲାରେ ଜଡିତ ଥିବା ଅନ୍ୟ ଡକାୟତମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲିପୋଲିସ ସୂଚନା ଜଣାଯାଏ।



ଗିରଫ ୩ ଅଭିଯୁକ୍ତ।

## ଶାହାଙ୍କ ଓଡ଼ିଶାଗସ୍ତକୁ ସୁନ୍ଦରଗଡ଼ ଜିଲା କଂଗ୍ରେସ ପକ୍ଷରୁ ବିରୋଧ, କୁଶପୁତଳିକା ଦାହ

**ସୁନ୍ଦରଗଡ, ୨୮।୨ (ଡି.ଏନ୍.ଏ)**

ସ୍ଥାନୀୟ ଡିଆରଡିଏ ଛକଠାରେ ଶୁକ୍ରବାର ପୂର୍ବତନ ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତଶାହାଙ୍କ ସ୍ୱେଚ୍ଛାଚାରୀ ଓ ହିଂସାସୃଷ୍ଟିକାରୀ ଶାସନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ତାଙ୍କର କୁଶପୁତଳିକା ଦାହ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ପୂର୍ବତନ ପିସିସି ସମ୍ପାଦକ ପ୍ରଫୁଲ୍ଲ ସୁନାନୀ, ଅଜିତ ପ୍ରସାଦ, ନରେଶ ପ୍ରତାପ ସିଂ, ସଞ୍ଜୟ ସାହୁ, ମନବୋଧ ପଟେଲ, ଉଦିତ କୁମ୍ଭାର, ନରେନ୍ଦ୍ର କୁମାର ସିଂ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ବଣାଇ ଓକିଲ ସଂଘର ବୈଠକ: ଆଗାମୀ ନିର୍ବାଚନ ପାଇଁ ଅଧିକାରୀ ମନୋନୀତ

**ବଣାଇ, ୨୮।୨(ସ୍ୱ.ପ୍ର.)**

ଶୁକ୍ରବାର ବଣାଇ ଓକିଲ ସଂଘ କାର୍ଯ୍ୟାଳୟରେ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଲିଙ୍ଗରାଜ ମିଶ୍ର ଅଧକ୍ଷତା କରିଥିଲେ। ଓଡ଼ିଶା ଆଇନଜୀବୀ ପରିଷଦ ଦ୍ୱାରା ସାରା ଓଡିଶାରେ ସମସ୍ତ ବାର ଆସୋସିଏସନ ମାନଙ୍କର ଗୋଟିଏ ଦିନରେ ଅର୍ଥାତ ମାର୍ଚ୍ଚ ୨୮ ତାରିଖ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ଦ୍ଦେଶ ଥିବାରୁ ଏ ଉପରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷିରେ ନିର୍ବାଚନ ଅଧିକାରୀ ଚୟନପାଇଁ ମତାମତ ନିଆଯାଇ ସଂଘର ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଦେହୁରୀଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି କରାଯାଇଛି। ସେହିପରି ତାଙ୍କୁ ସହାୟତା କରିବା ପାଇଁ ସଂଘର ଆଇନଜୀବୀ ସୁଜିତ ପାତ୍ରଙ୍କୁ ସହକାରୀ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏହି ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷତା ଅବଲମ୍ବନ କରି ନିର୍ବାଚନ ଶେଷ କରିବାକୁ ଦେହୁରୀ ସମସ୍ତଙ୍କର ସହମତି ଲୋଡ଼ିଥିଲେ। ଏଥିରେ ଓକିଲ ସଂଘର ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଉତ୍କର୍ଷ ଶିକ୍ଷା କେନ୍ଦ୍ରର ମାନ୍ୟତା ଲାଭ କରିଥିବା କୁମ୍‌ଝରିଆ ସରକାରୀ ଯୁଜି ହାଇସ୍କୁଲ।

# କୁମ୍‌ଝରିଆ ଯୁଜି ହାଇସ୍କୁଲକୁ ମିଳିଲା ଉତ୍କର୍ଷ ଶିକ୍ଷା କେନ୍ଦ୍ରର ମାନ୍ୟତା

**କୁଆଁରମୁଣ୍ଡା,୨୮।୨(ଡି.ଏନ.ଏ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟରେ ଥିବା ବିଭିନ୍ନ ସରକାରୀ ହାଇସ୍କୁଲ ଓ ଯୁଜି ହାଇସ୍କୁଲଗୁଡିକ ମଧ୍ୟରୁ ୧୦୧ ସ୍କୁଲକୁ ଉତ୍କର୍ଷ ଶିକ୍ଷା କେନ୍ଦ୍ରଭାବେ ବଛା ଯାଇଛି। ଏଥି ମଧ୍ୟରୁ ସୁନ୍ଦରଗଡ଼ ଜିଲାରେ ଥିବା ସମସ୍ତ ଯୁଜି ହାଇସ୍କୁଲଗୁଡିକ ମଧ୍ୟରୁ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁମ୍‌ଝରିଆ ସରକାରୀ ଯୁଜି ହାଇସ୍କୁଲକୁ ଉତ୍କର୍ଷ ଶିକ୍ଷାକେନ୍ଦ୍ର ମାନ୍ୟତା ମିଳିଛି। ଗତ ସୋମବାର ୨୪ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚିଠି ନଂ ୪୩୦୬ରେ ଯୁଗ୍ମ ଶାସନ ସଚିବ ଡ.ପି.କେ ମିଶ୍ର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ସୂଚନା ପ୍ରଦାନ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଶୁକ୍ରବାର କୁମ୍‌ଝରିଆ ସରକାରୀ ଯୁଜି ହାଇସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲଙ୍କୁ ସ୍କୁଲ ପରିଚାଳନା ସମିତି ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସମଗ୍ର ବ୍ଲକ ଓ ଜିଲାସ୍ତରରେ ସରକାରୀ ଯୁଜି ହାଇସ୍କୁଲଭାବେ କୁମ୍‌ଝରିଆ ଯୁଜି ହାଇସ୍କୁଲ ଏହି ଗୌରବ ହାସଲ କରିପାରିଥିବାରୁ ଆଗାମୀ ଦିନରେ ଜାତି/ଜନଜାତି ବହୁଳ କୁଆଁରମୁଣ୍ଡା ବ୍ଲକ ସମେତ ସମଗ୍ର ଜିଲା ଓ ଜିଲା ବାହାରର ଛାତ୍ରୀଛାତ୍ର ଶିକ୍ଷା କ୍ଷେତ୍ରରେ ବିଶେଷଭାବେ ଅଗ୍ରଗତି କରିପାରିବେ। ଉତ୍କର୍ଷ ଶିକ୍ଷା କେନ୍ଦ୍ରର ମାନ୍ୟତା ଲାଭ ପରେ ଏହି ସ୍କୁଲରେ ସ୍ୱତନ୍ତ୍ର ବିଜ୍ଞାନାଗାର, ପ୍ରଗତିଶୀଳ ଇଂରାଜୀ ଶିକ୍ଷା ଓ କ୍ରୀଡା କ୍ଷେତ୍ରର ବିକାଶ ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉନ୍ନତ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ସ୍କୁଲର ଏହି ଗୌରବ ହାସଲ ପାଇଁ ସମସ୍ତ ଶିକ୍ଷୟିତ୍ରୀ/ଶିକ୍ଷକ,ପରିଚାଳନା ସମିତି ସଦସ୍ୟ ଓ ଶୁଭେଚ୍ଛୁମାନଙ୍କର ସମ୍ମିଳିତ ଉଦ୍ୟମ ଯୋଗୁ ସମ୍ଭବ ହୋଇଛି ବୋଲି ପ୍ରଧାନ ଶିକ୍ଷକ ସାମଲ ଅତ୍ୟନ୍ତ ଖୁସିରେ କହିଛନ୍ତି।